ଲେଖକ - ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା

Digitized by PPRACHIN, SOA

ନୈଶ-ସୁନ୍ଦରୀ

ଲେଖକ—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡ୍ୟା, ବି. ଏ.

Digitized by PPRACHIN, SOA

ପ୍ରକାଶକ

ଶ୍ରୀ ରବୀନ୍ଦ୍ରନାଥ ମିଶ୍ର

ଉତ୍କଳ ବାଣୀ ବିହାର, କଟକ-୨

ପ୍ରଥମ ସଂସ୍କରଣ—୧୦୦୦

ପ୍ରଚ୍ଛଦ ଶିଳ୍ପୀ—ସୁଧା

ମୁଦ୍ରାକର

ଶ୍ରୀ ଜୟନ୍ତ ଷାଠିଆ,

ଶ୍ରୀ ରାଧାନାଥ କୋ-ଅପରେଟିଭ ପ୍ରେସ, କଟକ-୨

ମୂଲ୍ୟ—ଟ ୧·୭୫ ନୂଆ ପଇସା

Digitized by PPRACHIN, SOA

ସୂଚିପତ୍ର

ବିଷୟ	ପୃଷ୍ଠା
୧ । ନୈଶ ସୁନ୍ଦରୀ	୧
୨ । ଟାଇପ୍ ଫୋର୍ ...	୧୨
୩ । କକ୍ଷଚ୍ୟୁତ	୨୦
୪ । ବଲ୍ଲୀକା ଲଡ଼୍	୨୮
୫ । ଶନିବାର ସନ୍ଧ୍ୟା	୩୮
୬ । ଛଅ ନଅ ଛେର ...	୪୬
୭ । ଭୂତପୂର୍ବ	୫୬
୮ । ପଦ୍ମଲ ପରେ	୬୪
୯ । ସାୟାହ୍ନ ସାଥୀ	୭୦
୧୦ । ସ୍ରଷ୍ଟାର ଅଭିମାନ	୮୩
୧୧ । କେଉଁ ବାଟଟି ଠିକ୍ ? ...	୯୨
୧୨ । ସେଇ ତ ହୋଇଥାନ୍ତା ମୋ ପୁଅ	୯୬
୧୩ । ରିକ୍ସା ...	୧୦୨
୧୪ । ମୋଟା କାଉଁଶ ...	୧୧୦
୧୫ । ମଣିଷ	୧୧୮
୧୬ । ଆଦର୍ଶ	୧୨୬
୧୭ । ଆବର୍ତ୍ତ	୧୩୬

ଉପରୋକ୍ତ ଗଳ୍ପଗୁଡ଼ିକରୁ ଅଧିକାଂଶ ଝଙ୍କାର, ନବଜୀବନ, ଡଗର, ଉଦୟ ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା ।

Digitized by PPRACHIN, SOA

ପଢ଼ିଛନ୍ତି କି ?

ଲେଖକଙ୍କର ଅନ୍ୟାନ୍ୟ ବହି—

ଉପନ୍ୟାସ –

୧ । ସ୍ୱର୍ଗ୍ୟଚନ୍ଦ
୨ । କୁଲି
୩ । ମୁକ୍ତ ଆକାଶର ବିହଙ୍ଗ
୪ । ନୂଆ ଦୁନିଆ

ଗଳ୍ପ—

୫ । ସଭ୍ୟତାର ତଳେ
୬ । ବାରମଜା
୭ । ମନର ଭୂତ
୮ । ତୃଣଗୁଚ୍ଛ
୯ । ପ୍ରକୃତି (ଶିଶୁଗଳ୍ପ)

ନାଟକ—

୧୦ । ଛାଗ୍‌ବାଣ

ଭ୍ରମଣ ବୃତାନ୍ତ—

୧୧ । ପାଶ୍ଚାତ୍ୟ ଅନୁଭୂତି (ଆମେରିକା ଓ ଇଉରୋପ)

କାବ୍ୟକବିତା—

୧୨ । ମନ୍ଦାରିକା
୧୩ । ଝଙ୍କାର

ପ୍ରବନ୍ଧ—

୧୪ । ସହଯୋଗ
୧୫ । ଆମେରିକାର ସହଯୋଗ ସମିତି
୧୬ । ଡେନ୍‌ମାର୍କର ସହଯୋଗ ସମିତି

ଅନୁବାଦ –

୧୭ । ଯୋଗବାଶିଷ୍ଟ ରାମାୟଣ

Digitized by PPRACHIN, SOA

ନିଜ କଥା

ଅନୁଭୂତିର ଅଭିବ୍ୟକ୍ତି ହିଁ ସାହିତ୍ୟ । ସେହି ଦୃଷ୍ଟିରୁ ଏହି ଗଳ୍ପଗୁଚ୍ଛରେ ସନ୍ନିବେଶିତ ଗଳ୍ପଗୁଡ଼ିକ ରଚିତ ହୋଇଛନ୍ତି । ଏଥିରେ ଲେଖକର ଅନୁଭୂତିର ଅଭିବ୍ୟକ୍ତି ସଙ୍ଗେ ସଙ୍ଗେ ସୂକ୍ଷ୍ମ ମନସ୍ତତ୍ତ୍ୱର ବିଶ୍ଳେଷଣ ମଧ୍ୟ ଦେଖିବାକୁ ମିଳିବ ।

ଗୋଟିଏ ଯୋଡ଼ିଏ ଗଳ୍ପକୁ ଛାଡ଼ିଦେଲେ ଅବଶିଷ୍ଟ ଗଳ୍ପଗୁଡ଼ିକ ଅଳ୍ପ ଦିନର ଲେଖା ଓ ସେଥିମଧ୍ୟରୁ ଅଧିକାଂଶ ପ୍ରକାଶ ପାଇଥିଲା 'ଝଙ୍କାର', 'ନବଜୀବନ', 'ଡଗର', 'ଉଦୟ' ପ୍ରଭୃତି ଓଡ଼ିଶାର ଲବ୍ଧପ୍ରତିଷ୍ଠ ପତ୍ରପତ୍ରିକାମାନଙ୍କରେ । କହିବା ବାହୁଲ୍ୟ ଯେ ଉକ୍ତ ଲେଖାଗୁଡ଼ିକ ପାଠକ ପାଠିକା ତଥା ସମାଲୋଚକମାନଙ୍କର ଶୁଭଦୃଷ୍ଟି ଆକର୍ଷଣ କରିବାକୁ ସମର୍ଥ ହୋଇଥିଲା । 'ଝଙ୍କାର'ରେ ପ୍ରକାଶିତ ଗଳ୍ପ ପାଇଁ ଲେଖକ ପ୍ରଜାତନ୍ତ୍ର ସାହିତ୍ୟ ପ୍ରଚାର ସମିତି ଦ୍ୱାରା ଅନୁଷ୍ଠିତ ବାର୍ଷିକ ଉତ୍ସବ ସମ୍ମିଳନରେ ପୁରସ୍କୃତ ହୋଇଥିଲା ମଧ୍ୟ । ଆଶା କରେଁ ଗଳ୍ପଗୁଡ଼ିକର ଏକତ୍ର ସମାବେଶ ପାଠକପାଠିକାମାନଙ୍କୁ ମାନସିକ ସୁଖାଦ୍ୟ ଯୋଗାଇବାରେ ନିଶ୍ଚୟ ସାହାଯ୍ୟ କରିବ ।

ଏଠାରେ କହି ରଖିବା ନିଷ୍ପ୍ରୟୋଜନ ଯେ ଗଳ୍ପର ବିଷୟବସ୍ତୁ ଜୀବନର ଅନୁଭୂତିରୁ ସଂଗୃହୀତ ହୋଇଥିଲେ ସୁଦ୍ଧା ଚରିତ୍ରଗୁଡ଼ିକ ପୂରାପୂରି କାଳ୍ପନିକ ।

ପ୍ରଚ୍ଛଦପଟର ଚିତ୍ରଟି ଆଙ୍କି ଦେଇଛନ୍ତି ମୋର କନ୍ୟା ଶ୍ରୀମତୀ ସୁଧାରାଣୀ । ସେଥିପାଇଁ ମୁଁ ତାକୁ ଅନ୍ତରର ଧନ୍ୟବାଦ ଦେଉଛି । ଆଜି ଏତିକି ।

କଟକ
ଦୋଳପୂର୍ଣ୍ଣିମା, ୧୯୫୯ } ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା

Digitized by PPRACHIN, SOA

ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା

Digitized by PPRACHIN, SOA

ଚୈନିକ ସୁନ୍ଦରୀ

ନୂଆ ରାଜଧାନୀର ପ୍ରଶସ୍ତ ରାଜପଥ ଜ୍ୟାମିତିର ସରଳରେଖା ଟାଣିଲା ପରି ଲମ୍ବି ଯାଇଛି । ଦୁଇ ପାଖରେ ଧାଡ଼ି ଧାଡ଼ି କୃଷ୍ଣଚୂଡ଼ା ଗଛ । ପେନ୍ଥା ପେନ୍ଥା ନାଲି ନାଲି ଫୁଲରେ ଲଦି ହୋଇ ପଡ଼ିଛି । ସତେ ଯେପରି ସୁଦକ୍ଷ ଚିତ୍ରକର ହାତରେ ଅଙ୍କା ସୁନ୍ଦର ଛବିଟିଏ । କିନ୍ତୁ ଏ ସୁନ୍ଦର ପରିବେଶର ମାଧୁରୀ ଉପଭୋଗ କରିବାକୁ ଯେପରି କାହାରି ସମୟ ନାହିଁ । ରାସ୍ତାରେ ଚାଲିଛନ୍ତି ଅଗଣିତ ଜନତା । ଦଳ ଦଳ କୁଲି ପୁରୁଷ ସ୍ତ୍ରୀ । ନୂଆ ରାଜଧାନୀରେ ଗଢ଼ା ହୋଇଥିବା ଅଗଣିତ କୋଠାର କାମ ସାରି ବାହୁଡ଼ୁଛନ୍ତି । ମନରେ ଆନନ୍ଦର ସୀମା ଧରୁ ନାହିଁ । ଖିଲି ଖିଲି ହସ । ଥଟ୍ଟା ଟାପରା, ହିସାବ କିତାବ, ତାଲିକା, କାମର କଳ୍ପନା, ଠିକାଦାରର ଦୁର୍ବ୍ୟବହାର—ଏମିତି ଏମିତି କେତେ କଥାବାର୍ତ୍ତାରେ ରାଜଧାନୀର ପ୍ରଶସ୍ତ ରାଜପଥ ମୁଖରିତ ହୋଇ ଉଠୁଛି । ଅଫିସ୍ ବାହୁଡ଼ା କିରାଣି ଦଳ ଅଣନିଶ୍ୱାସୀ ହୋଇ ଧାଇଁଛନ୍ତି ଯେଝା ଘର ଆଡ଼େ । ସାଇକେଲ ଘଣ୍ଟିର ଟିନ୍ ଟିନ୍ ଶବ୍ଦରେ କାନ ଅତଡ଼ା ପଡ଼ିଯାଉଛି ।

ରାସ୍ତା କଡ଼ରେ ଛିଡ଼ାହୋଇ ମିଷ୍ଟର ବେହେରା ଗୋଟିଏ କୃଷ୍ଣଚୂଡ଼ା ଗଛ ଆଡ଼କୁ ନିର୍ନିମେଷ ନେତ୍ରରେ ଚାହିଁ ରହିଛନ୍ତି । ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ କୃଷ୍ଣଚୂଡ଼ାର ଆରକ୍ତ ଶିଖର ଦେଶରେ ଚକ୍ ଚକ୍ କରୁଛି । ଆହା କି ସୁନ୍ଦର !

Digitized by PPRACHIN, SOA

ମିଷ୍ଟର ବେହେରା । ବୟସ ଷାଠିଏ କି ସତୁରୀ ହେଲାଣି । ହିସାବ ରଖିଛି କିଏ ? ମୁଣ୍ଡର ବାଳ ପାଚି ଧୋଳ ହୋଇ ଗଲାଣି । ମୁହଁର ଠାଆଁ ସା ବାଳ, ପାନଆର ବୋଲ ମାନେ ନାହିଁ । ଝିଙ୍କ କାଠି ପରି ଛିଡ଼ା ହୋଇ ରହିଛି । ପରିଧେୟ ପ୍ୟାଣ୍ଟଟିରେ ସ୍ଥାନେ ସ୍ଥାନେ ତାଳି ପଡ଼ିଛି । କିନ୍ତୁ ବେଶ୍ ସଫା ସୁତୁରା । ସାର୍ଟଟି ମଧ୍ୟ ତଦ୍ରୂପ । ମିଷ୍ଟର ବେହେରା ପୁଷ୍ପିତ କୃଷ୍ଣଚୂଡ଼ା ଗଛଟିର ସୌନ୍ଦର୍ଯ୍ୟ ଦେଖି ଏକବାରେ ବିଭୋର ହୋଇ ପଡ଼ିଛନ୍ତି । ଏଇ କୃଷ୍ଣଚୂଡ଼ା ଗଛ । ନିଜ ହାତରେ ମିଷ୍ଟର ବେହେରା ପୋତିଥିଲେ ଆଜକୁ ପାଞ୍ଚ ସାତ ବର୍ଷ ତଳେ । ସେତେବେଳେ ନୂଆ ରାଜଧାନୀର ରୂପରେଖ ସ୍ପଷ୍ଟ ହୋଇ ନ ଥିଲା । ପୂର୍ବର ବୁଦ୍‌ବୁଦିଆ ଜଙ୍ଗଲ କଟାଯାଇ ଭୂଇଁଟା ଏକବାରେ ଠାଙ୍ଗରା ନୁଖୁରା ଦିଶୁଥିଲା । ମିଷ୍ଟର ବେହେରା ସେତେବେଳେ ନିଯୁକ୍ତି ପାଇଥିଲେ ରାସ୍ତା କଡ଼ରେ ଗଛ ରୋପିବା କାମରେ । ସେତିକିବେଳେ ସେ କଳ୍ପନାରେ ମନେ ମନେ ଗଢ଼ି ଦେଇଥିଲେ ନୂଆ ରାଜଧାନୀର ଏକ ଅପରୂପ ଛବି । କେଉଁଠି କି ଗଛ ଲଗିଲେ ସୁନ୍ଦର ଦିଶିବ, ତାହା ହିଁ ଥିଲା ତାଙ୍କର ଚିନ୍ତାର ବିଷୟ । ସେତେବେଳେ ସେ ନିଜ ହାତରେ ଗଢ଼ିଥିଲେ ଗୋଟିଏ ନର୍ସରୀ । ସେଇଠାରେ ହିଁ ସେ ନିଜ ହାତରେ ତିଆରି କରିଥିଲେ କୃଷ୍ଣଚୂଡ଼ା ଗଛର ଚାରାଗୁଡ଼ିକୁ । ମୋଟେ ଦି ଚାରି ପତର ହୋଇଥିଲା । କେତେ ବିପଦ ଆପଦରୁ ବଞ୍ଚେଇ ବଢ଼େଇ ଆଜି ସେ ଏତେ ବଡ଼ କରି ପାରିଛନ୍ତି । ଫୁଲ ଫୁଟିଲାଣି । ଆଃ···, କି ସୁନ୍ଦର ସତେ ଏଇ ରଙ୍ଗୀନ୍ କୃଷ୍ଣଚୂଡ଼ା ! ବିସ୍ମୃତିର ପରଦା ଠେଲି ସତେ ଯେପରି କାହାର ଅଭୁଲା ସ୍ମୃତି ଉଙ୍କି ମାରିଲା ଏଇ ରକ୍ତାଭ କୃଷ୍ଣଚୂଡ଼ା ଭିତରେ । କଳ୍ପନାରେ ଆତ୍ମବିଭୋର ହୋଇପଡ଼ିଲେ ବୃଦ୍ଧ ମିଷ୍ଟର ବେହେରା ।

Digitized by PPRACHIN, SOA

ହଠାତ୍ ପଛଆଡ଼ୁ ଡାକ ଶୁଭିଲା—ଆଜ୍ଞା ନର୍ସରୀକୁ କିଏ ଜଣେ ବାବୁ ବୁଲି ଆସିଛନ୍ତି ଓ ତାଙ୍କ ସଙ୍ଗରେ ଝିଅଟିଏ ମଧ୍ୟ ଆସିଛନ୍ତି । ମିଷ୍ଟର ବେହେରାଙ୍କ ସ୍ୱପ୍ନ ଭାଙ୍ଗିଗଲା । ଏଁ, ତାଙ୍କ ନର୍ସରୀକୁ ଦେଖିବା ପାଇଁ କିଏ ଆସିଛନ୍ତି ? କାହିଁ କେବେ ତ କେହି ସେଆଡ଼େ ଆସନ୍ତି ନାହିଁ—କେତେ ସ୍କୁଲ ପିଲା ରାସ୍ତାରେ ଡେଇଁ ଡେଇଁ ଚାଲିଯାଆନ୍ତି । କେତେ ବାବୁଭୟା ସେଇ ରାସ୍ତାରେ ସନ୍ଧ୍ୟାବେଳେ ବୁଲି ଯାଆନ୍ତି ହାଓ୍ୱା ଖାଇବା ପାଇଁ; କିନ୍ତୁ କେହି ତ ଏବେ କେବେ ତାଙ୍କ ନର୍ସରୀ ଭିତରକୁ ଆସନ୍ତି ନାହିଁ । ଆଜି ତାଙ୍କ ନର୍ସରୀକୁ କିଏ ଜଣେ ବୁଲି ଆସିଛନ୍ତି । ମିଷ୍ଟର ବେହେରା ବ୍ୟସ୍ତବ୍ୟସ୍ତ ହୋଇ ଧାଇଁଗଲେ ନର୍ସରୀ ଭିତରକୁ ।

ମିଷ୍ଟର ବେହେରାଙ୍କ ମନ ଆନନ୍ଦରେ ଭରି ଉଠିଲା । ସେ ଧାଇଁ ଆସି ଆମକୁ ଫାଟକ ପାଖରୁ ପାଛୋଟି ନେଇ କହିଲେ—ଆଜ୍ଞା ଆସନ୍ତୁ, ମୁଁ ଆପଣମାନଙ୍କୁ ମୋ ନର୍ସରୀଟିକୁ ବୁଲାଇ ଦେଖାଇ ଦେବି । କେତେ ପ୍ରକାର ଗଛଲତା ଏଇ ନର୍ସରୀ ଭିତରେ ଅଛି ବାବୁ, କିନ୍ତୁ ଆମ ଦେଶର ଲୋକମାନଙ୍କର ତ ସେଥିପ୍ରତି ଟିକିଏ ବି ନଜର ନାହିଁ । ଆମ ଏଇ ନୂଆ ରାଜଧାନୀରେ କେତେ ବାବୁଭୟା ନାହାନ୍ତି ? କେହି କ'ଣ କେବେ ଏ ନର୍ସରୀ ଭିତରକୁ ଆସନ୍ତି ? ସ୍କୁଲ ମାଷ୍ଟର କି ଛାତ୍ରମାନେ ଭଲି ଟିକିଏ ଆସନ୍ତେ !

ବୃଦ୍ଧ ବେହେରାଙ୍କ ଆଖି ସାଙ୍ଗରେ ଥିବା ମୋ ଝିଅ ଉପରେ ପଡ଼ିଲା । ଚଷମାଟା ନାକ ଉପରକୁ ଉଠାଇ ନେଇ ମିଷ୍ଟର ବେହେରା ଟିକିଏ ତଳେଇ କରି ଚାହିଁଲେ, ଏଁ, ମିସିବାବା ବି ଆସିଛନ୍ତି ! ଆଚ୍ଛା ଖୁବ୍ ଭଲ ହୋଇଛି—ଏ ରାମୁଲୁ—ଏ ଅପ୍‌ନା କିଏ ଅଛ, ମିସିବାବାଙ୍କ ପାଇଁ ଦି'ଟା ଭଲ ଭଲ ଫୁଲ

Digitized by PPRACHIN, SOA

ଚୋଳାବୋଲି ତ, ମୁଁ ଗୋଟାଏ ଫୁଲତୋଡ଼ା କରି ଦିଏ । ମିସିବାବା ନିଶ୍ଚୟ ମୋ ଫୁଲତୋଡ଼ାଟିକୁ ଭଲ ପାଇବେ ଯେ—ଏ ଗାମୁଲୁ—ଦେଖ୍ ଦେଖ୍—ହେଇ ଯେଉଁ ନାଲି ଗୋଲାପ ଫୁଲଟି ଫୁଟି ନାହିଁ ? ସେଇଟା ନିଶ୍ଚୟ ଆଣିବୁ । ଦେଖିଲ ମିସିବାବା, ସେଇ ଗୋଲାପ ଗଛଟା ଏଠାକାର ନୁହେଁ । ଏକବାରେ ଆଦତ୍ ବସ୍ରା ଗୋଲାପ ବୁଝିଲ, ଓମରଖାଏମ୍—ଓମରଖାଏମ୍ ସେଇ ଯେ ପର୍ସିଆନ୍ ପୋଏଟ୍ ଓମରଖାଏମ ଯେଉଁ ଗୋଲାପ ବିଷୟରେ ଲେଖି ଯାଇ ନାହାନ୍ତି ? ସେ ହେଉଛନ୍ତି ଏଇ ଗୋଲାପର ପୂର୍ବପୁରୁଷ । ବୁଝିଲ ମିସିବାବା ! ଏ ଗୋଲାପଟି ଖାଲି ଯେ ଦେଖିବାକୁ ସୁନ୍ଦର ତା ନୁହେଁ—ବାସନା ମଧ୍ୟ ଚମତ୍କାର ।

ବୃଦ୍ଧ ମିଷ୍ଟର ବେହେରା ଏତେ ଗୁଡ଼ାଏ କଥା ଏକ ନିଶ୍ୱାସରେ କହିଗଲେ । କଥାଗୁଡ଼ାକ କହିଲାବେଳେ ତାଙ୍କ ଆଖି କପର ଛଳ ଛଳ ହୋଇ ଉଠୁଥିଲା । ସ୍ୱର ମଧ୍ୟ କମ୍ପି ଉଠୁଥିଲା । ଗାମୁଲୁ ନିର୍ଦ୍ଦିଷ୍ଟ ଫୁଲଟି ଆଣି ପହଞ୍ଚାଇଲା । ବୃଦ୍ଧ ମିଷ୍ଟର ବେହେରା ଫୁଲଟିକୁ ହାତରେ ଧରି ଦି ତିନିଥର ଆଉଁସି ଦେଇ କହିଲେ—ଦେଖ ମିସିବାବା, ଏ ଫୁଲଟି କେଡ଼େ ସୁନ୍ଦର ଦିଶୁଛି—ନୁହେଁ ? ଠିକ୍ ଏଇ ଫୁଲଟି ପରି । ବୁଝିଲ ମିସିବାବା ଠିକ୍ ଏଇ ଫୁଲଟି ପରି ଥିଲା ତାର ରଙ୍ଗ । ଏକବାରେ ନାଲି ନୁହେଁ କି ଏକବାରେ ଧଳା ନୁହେଁ—ନାଲି ଆଉ ଧଳା ମିଶାମିଶି । ଦୁଧ ଦେହରେ ଟିକିଏ ଅଳତା ମିଶାଇ ଦେଲେ ଯେମିତି ଦେଖାଯିବ । ବୁଝିଲ ?

ଆମେ ମିଷ୍ଟର ବେହେରାଙ୍କ କଥା ଶୁଣି ଏକବାରେ ସ୍ତମ୍ଭୀଭୂତ ହୋଇ ଯାଇଥିଲୁ । କ'ଣ ଯେ ସେ କହୁଛନ୍ତି ତାର ବିନ୍ଦୁ ବିସର୍ଗ ବି ଆମେ ବୁଝିପାରୁ ନ ଥିଲେ ସୁଦ୍ଧା ବୃଦ୍ଧଙ୍କର କହିବାର ଆଗ୍ରହ ଦେଖି ଆମେ ଏତେ ତନ୍ମୟ ହୋଇ ଯାଇଥିଲୁ ଯେ ଆମର ପାଟିରୁ

Digitized by PPRACHIN, SOA

କୌଣସି ଭାଷା ବାହାରୁ ନ ଥିଲା । ଝିଅ ମୋର ସ୍ଥିର କରି ନେଇଥିଲା ଯେ ନିଶ୍ଚୟ ବୃଦ୍ଧଙ୍କ ମସ୍ତିଷ୍କର କୌଣସି ଅଂଶ ଢିଲା ହୋଇ ଯାଇଛି ।

ଆଉ ଗୋଟିଏ ଫୁଲଗଛ ନିକଟକୁ ଆମକୁ ନେଇଯାଇ ମିଷ୍ଟର ବେହେରା ଆବେଗଭରା କଣ୍ଠରେ କହି ଉଠିଲେ—ଆଜ୍ଞା ଦେଖନ୍ତୁ—ଏଇ ଯୋଉ ଫୁଲଗଛଟି ଦେଖୁଛନ୍ତି ତାର ଫୁଲ ଫୁଟେ ଠିକ୍ ରାତି ଅଧ ବେଳେ – ପୁଣି ପାହାନ୍ତା ବେଳକୁ ମଉଳି ଆସେ । ବୁଝିଲେ ଏ ଫୁଲଟିର ବଟାନିକାଲ ନାମ ହେଉଛି—

ବୃଦ୍ଧ ଗୋଟିଏ ଦୀର୍ଘ ଲାଟିନ ନାମ କହିଲେ, ହୁଏ ତ ତାର ମାନେସେ ବୁଝୁଥିବେ । ମୁଁ ହସିଉଠି କହିଲି ଆଜ୍ଞା, ଆମେ ତ ଲେଏ ମ୍ୟାନ୍, ଏତେ ବଟାନିକେଲ ନାମ ବୁଝିବୁ କାହିଁ ? ମୁଁ ଭାବୁଛି, ଏ ଫୁଲଟିର ନାମ ନୈଶସୁନ୍ଦରୀ ରଖିଲେ ଭଲ ହୁଅନ୍ତା, ନୁହେଁ ? ମିଷ୍ଟର ବେହେରା ଠୋ ଠୋ ହସି ଉଠି କହିଲେ—ହଁ ଆଜ୍ଞା ଠିକ୍ କହିଲେ, ନୈଶ ସୁନ୍ଦରୀ, ନୈଶସୁନ୍ଦରୀ —ବାଃ ଠିକ୍ ନା ଏକା । ଏଇ ନୈଶ ସୁନ୍ଦରୀଙ୍କୁ ପ୍ରସ୍ଫୁଟିତ ଅବସ୍ଥାରେ ଦେଖିବା ପାଇଁ କେତେ ରାତି ଯେ ଉନିଦ୍ର ହୋଇ ଏଇଠି ଜଗି ବସିଛି ତାର ସୀମା ନାହିଁ । ବାବୁ, ମିଛ ନୁହେଁ—ଠିକ୍ ଯେମିତି ଘଣ୍ଟାରେ ଟଂ ଟଂ ଟଂ କରି ବାରଟା ବାଜିଯିବ ସେମିତି ଏଇ ଫୁଲର ପାଖୁଡ଼ାଗୁଡ଼ିକ ଆସ୍ତେ ଆସ୍ତେ ମେଲା ହୋଇଯିବ । ଆଉ ତାଆର ଭିତରୁ ଫୁଟି ଉଠିବ ଏଇ ଫୁଲଟିର ଅପରୂପ ରୂପ । କି ସୁନ୍ଦର ତାର ରଙ୍ଗ ! ଠିକ୍ ସେଇ ଗୋଲାପ ଫୁଲଟି ପରି—ଅଧା ନାଲି—ଅଧା ଧଳା । ଆଉ ବାସନା ? କି ଚମତ୍କାର ! ରାତି ତିନ୍ ବାଜିବାବେଳକୁ ଫୁଲଟି ଏକବାରେ ଫୁଟି ହସି ଉଠିବ । କିନ୍ତୁ ତାପରେ ଆସ୍ତେ ଆସ୍ତେ ପାଖୁଡ଼ାଗୁଡ଼ିକ ବୁଜି ବୁଜି ଆସିବ । ସକାଳ ଛଅଟା ବାଜିଲା

Digitized by PPRACHIN, SOA

ବେଳକୁ ଏକବାରେ ମୁଗ୍ଧ ହୋଇ ଯାଇଥିବ । ଆହା, ପ୍ରକୃତିର ଏହା କ ବଚିତ୍ର ଲୀଳା ! ଧନ୍ୟ ଭଗବାନ୍ ! ଧନ୍ୟ ଆପଣଙ୍କ ସୃଷ୍ଟି । ବୁଝିଲ ମିସିବାବା, ଏଇ ଫୁଲଟିକୁ ଫୁଟିଲା ଅବସ୍ଥାରେ ଦେଖି ଉପଭୋଗ କରିବା ପାଇଁ କେତେ ଯେ ରାତି ଉଜାଗରରେ କଟାଇ ଦେଇଛି ତାରସୀମା ନାହିଁ । ଆକାଶରେ ଅସଂଖ୍ୟ ତାରା ଫୁଲ ଫୁଟିଥାଏ—ଅର୍ଦ୍ଧ ରାତିର ଶୀତଳ ଶିର ଶିର ପବନରେ ଦେହ ପୁଲକ ଉଠୁଥାଏ । ଆଉ ମୁଁ ସେତେବେଳେ ଏଇ ନୈଶ ସୁନ୍ଦରୀ ଫୁଲକୁ ନିର୍ନିମେଷ ନୟନରେ ଚାହିଁ ଆତ୍ମବିସ୍ମୃତ ହୋଇପଡ଼େ । ଓଃ, କ ଯେ ଆନନ୍ଦ ସେତେବେଳେ ମୁଁ ଅନୁଭବ କରେଁ—ବୁଝିଲ ମିସିବାବା—ଏ ଫୁଲଟି କେଉଁଠୁ ଆଣିଥିଲି, ଜାଣିଛ ?

ବୃଦ୍ଧ ମିଷ୍ଟର ବେହେରା ଅନର୍ଗଳ ବକ ଯାଉଛନ୍ତି । ଆଖିରେ ତାଙ୍କର ପୁଲକର ଜ୍ୟୋତି ଝଟକ ଉଠୁଛି । ବୁଝିଲେ ଆଜ୍ଞା—ସେ ବହୁତ ଦିନ ତଳର କଥା ! ସେତେବେଳେ ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥାଏ । ମିତ୍ର ସେନାରେ ଯୋଗ ଦେଇ ମୁଁ ଯାଇଥିଲି ଇରାକର ମେସୋପୋଟେମିଆ ଅଞ୍ଚଳକୁ । ବୁଝିଲ ମିସିବାବା, ଆରବ୍ୟାନ୍ ନାଇଟ୍ ଗପ ତ ଶୁଣିଥିବ ? ସେହି ଆରବ୍ୟାନ୍ ନାଇଟ୍‌ର ଦେଶ—ଚାରିଆଡ଼େ ଧୂ ଧୂ ମରୁବାଲି—ଆଉ ସେଇ ମରୁବାଲିର ବକ୍ଷ ଚିର ଝରି ଆସିଛି ଦିଓଟି ନଦୀ—ଇଉଫ୍ରେଟିସ୍ ଓ ଟାଇଗ୍ରିସ୍ । ସେଇ ନଦୀ ଦୁଇଟିର ମଝିରେ ଖଣ୍ଡିଏ ଶସ୍ୟଶ୍ୟାମଳା ଭୂମି—ଖାଲି ଖଜୁରି ଗଛରେ ଭରା । ବଗିଚାରେ ବି ଖୁବ୍ ଅଙ୍ଗୁର ଫଳେ । ଆଉ ଫୁଲ ? ମିସିବାବା ବୁଝିଲ—ତୁମ ହାତରେ ଯେଉଁ ଗୋଲାପ ଫୁଲଟି ନାଇଁ ? ସେଇପରି କେତେ ଗୋଲାପ ଫୁଲ ଯେ ଫୁଟେ ତାର ସୀମା ନାହିଁ । ଦିନବେଳେ କିନ୍ତୁ ଯେଉଁ ମୂଣ୍ଡଫଟା ଖରା ସେଥିରେ ଗୋଲାପ ଫୁଲ ମଉଳି ଯାଏ । କିନ୍ତୁ ବିଧାତା ସେ

Digitized by PPRACHIN, SOA

ଦେଶ ପାଇଁ ଆଉ ଗୋଟିଏ ଫୁଲଗଛର ସୃଷ୍ଟି କରିଥିଲେ—ସେଇଟି ହେଉଚ୍ଛି ଏଇ—ଯାହାକୁ ତୁମେ କୈଶ ସୁନ୍ଦରୀ ଫୁଲ ବୋଲି କହୁଛ । ବୁଝିଲ ମିସିବାବା—ବିଧାତାଙ୍କର କି ବିଚିତ୍ର ସୃଷ୍ଟି ! ଠିକ୍ ରାତ୍ର ଅଧ ହୋଇ ଆସିବ । ପ୍ରକୃତି ଶାନ୍ତ ଶୀତଳ ହୋଇ ଉଠିବ । ସେତେବେଳେ ଆରବ୍ୟୋପନ୍ୟାସ୍ ନାଇଟ୍‌ର ରାଜକୁମାରୀ ଓଢ଼ଣା ଖୋଲି ତା'ର ଚାନ୍ଦ ମୁହଁଟି ବାହାର କରି ହସି ଉଠିବ ! ଖଜୁରିଗଛର ବାହୁଙ୍ଗାରେ ବସି ବୁଲ୍‌ବୁଲ୍ ଗାଇ ଉଠିବ ତା'ର ଅମର ସଙ୍ଗୀତ । ଆକାଶରେ ପୂନେଇଁ ଚାନ୍ଦ ହସୁଥିବ—ଖଜୁରି-ଗଛର ବାହୁଙ୍ଗାକୁ ଥରାଇ ଥରାଇ ବହି ଆସୁଥିବ ମୃଦୁ ମନ୍ଦ ଶୀତଳ ସମୀର । ସେତିକି ବେଳେ ଆମର ଏଇ କୈଶସୁନ୍ଦରୀ ଫୁଲ ତାଙ୍କର ପାଖୁଡ଼ା ପରଦା ଆଡ଼େଇ ଦେଇ ଧୀରେ ଧୀରେ ମୁହଁ ଟେକି ଚାହିଁବେ—

ବୃଦ୍ଧ ଅନର୍ଗଳ ଗପି ଯାଉଛନ୍ତି । ଦେଖୁଁ ଦେଖୁଁ ତାଙ୍କର ଦୃଷ୍ଟି ବାଷ୍ପାକୁଳ ହୋଇ ଉଠିଲା । ସ୍ୱର କମ୍ପି ଉଠିଲା—

ବୁଝିଲ ମିସିବାବା—ସେଇ ଆରବ୍ୟୋପନ୍ୟାସ୍ ନାଇଟର ଦେଶରେ ମୁଁ ଗୋଟିଏ ତମ୍ବୁ ଭିତରେ ରହୁଥିଲି ଗୋଟିଏ କ୍ଷୁଦ୍ର ଗ୍ରାମର ଉପକଣ୍ଠରେ । ସେଇ ଗାଁରେ ତା'ର ଘର । ବୁଝିଲ ମିସିବାବା—ତା'ର ବୟସ ମୋଟେ ସେତେବେଳେ ବାଇଶି କି ତେଇଶି ହେବ । ଦେହର ରଙ୍ଗ ଠିକ୍ ତୁମର ହାତର ଗୋଲାପ ଫୁଲଟି ପରି—ଅଧା ଧଳା, ଅଧା ନାଲି । ଘରେ କେବଳ ମା ବୁଢ଼ୀଟି ଆଉ ସେ । ତା'ର ଛୋଟ ଘରଟି ଆଗରେ ଗୋଟିଏ ଛୋଟ ଫୁଲର ବଗିଚା—କେତେ ଯେ ଗୋଲାପ ଫୁଟେ—ତା'ର ସୀମା ନାହିଁ । ଗରିବ ଘର ସତ କିନ୍ତୁ ତାର ମନଟା ଥିଲା ଠିକ୍—ଠିକ୍ ଯେପରି

Digitized by PPRACHIN, SOA

ଗୋଟିଏ ଅମୀରର ମନ । ପ୍ରତିଦିନ ସକାଳେ ସେ ଗୋଟିଏ ଫୁଲର ତୋଡ଼ା ଆଣି ମୋ ତମ୍ବୁରେ ଦେଇଯାଏ ।

କହୁଁ କହୁଁ ବୃଦ୍ଧ ବୈଦେହୀଙ୍କ ଚକ୍ଷୁରୁ ଅଜାଣତରେ ଝରି ପଡ଼ିଲା ଦୁଇଧାର ଲୁହ । କଣ୍ଠ ମଧ୍ୟ ରୁଦ୍ଧ ଆସିଲା । ବୃଦ୍ଧ ରୁମାଲରେ ଆଖି ପୋଛିଲେ । ପୁଣି କହିବାକୁ ଲାଗିଲେ –

ବୁଝିଲ ମିସିବାବା, ସେଇ ମୋତେ ଦେଇଥିଲା ଏଇ କୈଶ ସୁନ୍ଦରୀ ଫୁଲଟିର ଗୋସାଇଁମା ଗଛଟିକୁ । କେତେ ଆଦର ସୋହାଗରେ ସେ ମୋତେ ସେଇ ଗଛଟି ଦେଇ କହିଥିଲା—ଦେଖ ଏ ଗଛଟା ସହିତ ମୋର ଅନ୍ତରର···ନା, ନା କହି ଲାଭ ନାହିଁ । ଯେଉଁଦିନ ଆମ ତମ୍ବୁ ଉଠିଗଲା ସେଇ ଗାଁର ସୀମାରୁ, ସେଇଦିନ ସନ୍ଧ୍ୟାବେଳେ ଠିକ୍ ଏଇମିତିକା ଜହ୍ନ ଆକାଶରେ ହସୁଥିଲା । ମୁଁ ଯାଇ ତା'ର ଫାଟକ ପାଖରେ ଛିଡ଼ା ହୋଇ କହିଲି—ଅମୀନା, କାଲି ସକାଳେ ଆମର ଡେରା ଉଠିଯିବ । ଆଉ ହୁଏତ ଦେଖା ହେବ ନାହିଁ । ବୁଝିଲ ମିସିବାବା—ସେଇ ଦିନ ଦେଖିଲି ଅମୀନାର ଗୋଲାପି ଗଣ୍ଡ ଦେଇ ଝରି ଆସିଥିଲା ଦୁଇଧାର ତତଲା ଲୁହ—ତାର ପାତଳ ସୁରଙ୍ଗ ଓଠ ଦି ଫାଳ କମ୍ପି ଉଠିଥିଲା—କ'ଣ କହିବ ବୋଲି ଯାଉଥିଲା ସେ କିନ୍ତୁ କହିପାରିଲା ନାହିଁ—ହତାଶ ଖାଲି ତାର ମୁଣ୍ଡରେ ବନ୍ଧା ହୋଇଥିବା ସ୍କାର୍ଫର କାନରେ ଆଖି ଦିଟାକୁ ରଗଡ଼ି ଦେଇ ମନର କୋହ ଚାପିଦେବାକୁ ବସିଥିଲା - କିନ୍ତୁ ପାରିଲା ନାହିଁ—କଇଁ କଇଁ କାନ୍ଦି ଉଠିଲା – ଛୋଟ ଶିଶୁଟି ପରି – ତା ପରେ·····ନା, ନା । ହଁ । ତାପରେ ମୋ ହାତରେ ଧରାଇ ଦେଇଥିଲା ଏଇ କୈଶ ସୁନ୍ଦରୀ ଫୁଲଗଛଟିର ଗୋସାଇଁମା ଗଛଟିକୁ । କେତେବେଳୁ ସେ ଗଛଟିକୁ ଗୋଟିଏ ସୁନ୍ଦର ଛୋଟ କୁଣ୍ଡ ଭିତରେ ଲଗାଇ ରଖିଥିଲା କେଜାଣି । କୁଣ୍ଡ ଚତୁଦ୍ଦିରେ ମଡ଼ାଇ ଦେଇଥିଲା

Digitized by PPRACHIN, SOA

ସୁଟେକଲ ରୂପେଲ କାଗଜ । ତାର କମ୍ପିତ ହସ୍ତରୁ ମୁଁ ଯେତେବେଳେ ସେ ଦିନ ସେଇ ଗ୍ଲେଟ କୁଣ୍ଡଟିକ ଆଣିଲି ସେତେବେଳେ ମୋର ରୁକ୍ଷ ସୈନିକ ପ୍ରାଣରେ ମଧ୍ୟ ଦରଦର ସୁଧାଧାର ସ୍ରୁବ ଆସିଥିଲା, ମୋର ଆଖି ଯୋଡ଼ିକ ଆର୍ଦ୍ର ହୋଇ ଉଠିଥିଲା । କିଛିକ୍ଷଣ ପରେ ଦେଖିଲି—ଅମିନା ତାର ସ୍କାର୍ଫ କାନରେ ମୋର ଆଖି ପୋଛି ଦେଉଛି ଆଉ ତାର ସୁରମା ବୋଳା ଆଖିର କଳାଲୋତକରେ ମୋର ସୈନିକର ଇଉନିଫର୍ମ ପିନ୍ଧା ବୁକୁକୁ ଭିଜାଇ ଦେଇଛି । ବାସ୍, ସେତିକି । ତାପରେ ଆମ ଶିବିରର ବିଗୁଲ ବାଜି ଉଠିଲା । ମୁଁ ଅମୀନାର ବାହୁପାଶରୁ ଆପଣାକୁ ମୁକ୍ତ କରି ଚାଲି ଆସିଲି— ସେଇ ତା ସହିତ ମୋର ଶେଷ ଦେଖା ।

ତାପରେ ଦୀର୍ଘ ଚାଳିଶ ବର୍ଷ ବିତି ଗଲାଣି । କେତେ ଦେଶରେ ବୁଲିଛି—କେତେ ଦେଶ ଦେଖିଛି । କିନ୍ତୁ ଅମୀନାର ସେହି ଅନାବିଳ ସ୍ନେହ ଭୁଲି ପାରୁନାହିଁ କିମ୍ବା ତା'ର ସେଇ ସ୍ନେହର ଦାନ ଏଇ ନୈଶସୁନ୍ଦରୀ ଗଛଟିକୁ ଛାଡ଼ି ପାରି ନାହିଁ । ସୈନିକ ବୃତ୍ତିରୁ ଅବ୍ୟାହତି ନେଇ ମୁଁ ଏବେ ସାଜିଛି ଏକ ମାଳୀ । ବୁଝିଲ ମିସିବାବା—ଗୋଟାଏ ବୁଢ଼ା ମାଳୀ ମୁଁ । ରାତିଦିନ ମୋର କଟିଯାଏ ଏଇ ଗଛଗୁଡ଼ିକ ସାଥିରେ । କେହି ମୋର ଏଇ ନର୍ସରୀକୁ ତ କେବେ ଆସନ୍ତି ନାହିଁ ! ମୋର ବି ଲୋକ ସମାଜ ସହିତ ସମ୍ପର୍କ ନ ଥାଏ । ଏଇ ଗଛଗୁଡ଼ିକ ହିଁ ମୋର ସାଥୀ । ସେମାନେ ସିନା କଥା କହି ପାରନ୍ତି ନାହିଁ କିନ୍ତୁ ମନର ଭାଷା ବୁଝନ୍ତି । ମୁଣ୍ଡ ହଲାଇ ପାଣି ମାଗନ୍ତି । ଆହା, ଭଗବାନଙ୍କର କି ବିଚିତ୍ର ସୃଷ୍ଟି !

ତା ପରେ ବୃଦ୍ଧ କହିବାକୁ ଲାଗିଲେ—ବୁଝିଲ ମିସିବାବା, ବୁଝିଲେ ଆଜ୍ଞା—ଏଇ ନୈଶ ସୁନ୍ଦରୀ ଫୁଲଟିର ଗୋସେଇଁ ମା'ଟି ବୁଢ଼ୀ ହୋଇ ମରିଗଲା କିନ୍ତୁ ତା ପୂର୍ବରୁ ତା ଠାରୁ କେତୋଟି

Digitized by PPRACHIN, SOA

ଗୃହ ଉଠାଇ ନେଇଥିଲ । ସେଗୁଡ଼ିକ ମରିଗଲେଣି । ଏବେ ତାର ଏଇ ନାଲ୍ଗୁଣୀ ଗଛଗୁଡ଼ିକ ମୋ ପାଖରେ ଅଛନ୍ତି ଅମିନାର ସ୍ମୃତିକୁ ସଜାଗ କରି । ସେଥିପାଇଁ କେତେ ରାତି ଉଜାଗର ରହି ମୁଁ ଏଇ ନାଲ୍ଗୁଣୀ ନୈଶ ସୁନ୍ଦରୀଟି ପାଖରେ କଟାଇ ଦେଇଛି । ରାତି ବାର ବାଜେ ! ନୂଆ ରାଜଧାନୀର ସମସ୍ତେ ନିଘୋଡ଼ ନିଦରେ ଶୋଇ ପଡ଼ନ୍ତି । ମୁଁ କିନ୍ତୁ ମୋର ଏଇ ଆଦରର ନାଲ୍ଗୁଣୀ ନୈଶ ସୁନ୍ଦରୀ ଗଛଟି ପାଖରେ ଜଗି ବସେ ଗୁହିଁ ରହେ ତାର ଓଢ଼ଣାଖୋଲା ମୁହଁଟିକି । ତାର ଭିତରୁ ଆସ୍ତେ ଆସ୍ତେ ଫୁଟିଉଠେ ଆଉ ଗୋଟିଏ କଅଁଳ ସଜ ଗୋଲାପ ପରି ମୁହଁ—କାହାର ? କାହାର କହିଲ ମିସିବାବା ? —ସେଇ, ସେଇ, ଆରବଦ୍ୱୀପ ନାଇଟ୍ ଦେଶର ନୈଶ ସୁନ୍ଦରୀ—ଅମିନା, ଅମିନା—

ହଠାତ୍ ପଛଆଡ଼ୁ ରମୁଲୁ ତାର ରୁକ୍ଷଗଳାରେ ଡାକିଲା— ଆଜ୍ଞା, ଚୂଲରେ ଯେଉଁ ମାଂସ ଝୋଳ ବସାଇ ଦେଇ ଆସିଥିଲେ ସେ ସବୁ ପୋଡ଼ିଯାଇ ଗନ୍ଧ କଲାଣି । ଆଉ ଡିବିରିରେ ତେଲ ନାଇଁ, ନିଭିଗଲାଣି । ଘରଟା ଏକବାରେ ଅନ୍ଧାର । ସେତେବେଳକୁ ନୂଆ ରାଜଧାନୀର ପ୍ରଶସ୍ତ ରାସ୍ତାରେ ଅସଂଖ୍ୟ ବିଦ୍ୟୁତ୍ ଆଲୋକ ଜଳି ଉଠିଲାଣି । ବୃଦ୍ଧ ଉଠି ତାଙ୍କର ଅନ୍ଧାରିଆ ଘରଟି ଆଡ଼େ ମୁହାଁଇଲେ । କହିଲେ—ଦେଖନ୍ତୁ ଆଜ୍ଞା, ବେଳେ ବେଳେ ମୋ ନର୍ସରୀ ଆଡ଼େ ବୁଲି ଆସୁଥିବେ । ଦେଖ ମିସିବାବା—ଏଇ ବୁଢ଼ା ମାଳିଟିକୁ ଭୁଲିଯିବେ ନାହିଁ ।

ବୃଦ୍ଧ ତାଙ୍କ ଅନ୍ଧାରିଆ କୋଠରୀ ଭିତରକୁ ଚାଲିଗଲେ । ଆଉ ଆମେ ବାପା ଝିଅ ଘରକୁ ଫେରି ଆସି ବୁଢ଼ା ଦେଇଥିବା ଫୁଲ-

Digitized by PPRACHIN, SOA

ତୋଡ଼ାଟିକୁ ଟେବୁଲ ଉପରେ ସଜାଇ ରଖିଲୁ । ସେ ଫୁଲ-ତୋଡ଼ାଟି କେବେଠୁ ମଉଳ ଗଲଣି କିନ୍ତୁ ବୃଦ୍ଧ ମିଷ୍ଟର ବେଦ୍ଦେରଙ୍କ ସ୍ମୃତି ଏବେ ବି ଜାଗ୍ରତ ଅଛି । ✳

✳ ଓଡ଼ିଶାର ନୂଆ ରାଜଧାନୀ ଭୁବନେଶ୍ୱର ନର୍ସରୀରେ ଏପରି ଗୋଟିଏ ଅଦ୍ଭୁତ ଫୁଲର ଗଛ ଅଛି ।

Digitized by PPRACHIN, SOA

ଟାଇପ୍-ଫୋର

ରମେଶ ବାବୁ ସେକ୍ରେଟେରିଏଟ୍‌ରେ କାମ କରନ୍ତି । କଟକ ସହରର ଗୋଟିଏ ଗଳି ଭିତରେ ତାଙ୍କ ବସା । ଇଟା ଗାନ୍ଥି ମା କାନ୍ଥ, ତଳ ପକ୍କା, ଉପରେ ଛପର । କୋଉଁ କାନ୍ଥ କାନ୍ଥରେ ଚୂନ ଲାଗି ନାହିଁ । କିନ୍ତୁ ସେ ସାହି ଭିତରେ ସେଇ ଘରଟି ସବୁଠାରୁ ଭଲ ଘର କହିଲେ ଚଳେ । ତା କରକୁ ଲାଗିଛି ସାଇକେଲ୍ ମରାମତିବାଲାର ଗୋଟିଏ କୁଡ଼ିଆ ଘର । କାନ୍ଥ ଫାଟି ମେଲା ହୋଇ ଗଲାଣି । ବାଉଁଶ ଉପରେ କାଦୁଅ ଛାଟ ହୋଇଥିଲା—କେଉଁ କାଳୁ କାଦୁଅଟା ଖସି ପଡ଼ିଲାଣି । ବାଉଁଶ-ଗୁଡ଼ାକ ଜଳ ଜଳ ଦିଶୁଛି । ତା ସେ ପାଖକୁ ଶଗଡ଼ିଆ କାଲୁ ଖାଁର ଘର । ଗୋଟିଏ ବଖରା । ସେଥିରୁ ଅଧିକରେ ରହନ୍ତି କାଲୁ ଖାଁର ନାଲିଆ କସରା ବଳଦ ଯୋଡ଼ାକ—ଆଉ ଅଧକୁ ଦୁଇ ବଖରା କରାଯାଇଛି—ଗୋଟିକରେ ରୋଷେଇ ହୁଏ ଓ ଆଉ ଗୋଟିକ ହେଉଛି କାଲୁ ଖାଁଙ୍କର ଶୋଇବା ଘର । ତାର ଆର ପାଖକୁ ବରା ଗୁଲୁଗୁଲା ବାଲାର ଘର । ତାର ଅବସ୍ଥା ବି ତଦ୍ରୂପ । ଚାଳରୁ ଅଧେ ନଡ଼ା ଉଡ଼ି ଗଲାଣି । ଦିନରେ ଖରା, ରାତିରେ ତରା ଦିଶୁଛି । ଏମିତି ଏମିତି କେତେ ବେଉସାଦାରଙ୍କର ଘର ସେଇ ପଡ଼ାଟିରେ । କିନ୍ତୁ ସେଥି ମଧ୍ୟରେ ଏକମାତ୍ର ବାବୁ ହେଉଛନ୍ତି ରମେଶ ବାବୁ ।

ରମେଶ ବାବୁ । ବାବୁ ନିଶ୍ଚୟ, ପେଣ୍ଟ ଉପରେ ହାବାଇନ୍ ପିନ୍ଧନ୍ତି । ନାକ ତଳେ ପରଜାପତିଆ ନିଶ ରଖିଛନ୍ତି । ହାତରେ

Digitized by PPRACHIN, SOA

ସୁନା ମୁଦିଟି ଜକ୍ ଜକ୍ କରେ । ସାଇକେଲରେ ଯିବା ଆସିବା କରନ୍ତି । ତାଙ୍କ ତୁଳନାରେ ସେ ସାହ୍ୱର ଆଉ ଯେତେ ବେଉସାଦାର ଅଛନ୍ତି ସମସ୍ତେ ମଳମୁଣ୍ଡିଆ ଶ୍ରେଣୀର । ସେଥିପାଇଁ ସେ ପଡ଼ାରେ ରମେଶ ବାବୁଙ୍କର ଖାତିର ଖୁବ୍ ବେଶୀ । ଅଫିସ କାମ ସାରି ଘରକୁ ଫେରିଲେ ରମେଶ ବାବୁ ଅଫିସ୍ କଥା, ଫାଇଲ୍ କଥା, ବଡ଼ ହାକିମ, ସାନ ହାକିମଙ୍କର ମିଠା କଡ଼ା ତଜନ ଗର୍ଜନ କଥା ସବୁ ଭୁଲି ଯାଆନ୍ତି । ସେ ସେ ପଡ଼ାର ବାବୁ । କାଲୁ ଖାଁ ଶଗଡ଼ିଆଠାରୁ ଆରମ୍ଭ କରି ନାକଫୋଡ଼ ସାହୁ ବଗୁ ଗୁଲୁଗୁଲିବାଲା ପର୍ଯ୍ୟନ୍ତ କେତେ ସାଇ ପଡ଼ଶା ଲୋକେ ଆସି ରମେଶ ବାବୁଙ୍କ ପାଖରେ କେତେ କଥା କହନ୍ତି । ନଚାନ୍ତ ଗରଜ ଥିଲେ ରମେଶ ବାବୁଙ୍କଠାରୁ ଦି ଚାରି ଟଙ୍କା ଧାର ଉଧାର ନେବାକୁ ମଧ ଛାଡ଼ନ୍ତି ନାହିଁ । ରବିବାରଟାରେ ଅଫିସ୍ ଛୁଟି । ସୁତରାଂ ସେ ଦିନଟା ରମେଶ ବାବୁ ପୂରାପୂରି ରମେଶ ବାବୁହିଁ ହୋଇ ଯାଆନ୍ତି ।

ଏ ତ ଗଲା ବାବୁଙ୍କ କଥା । ଘର ଭିତରେ ଥାଆନ୍ତି ରମେଶ ବାବୁଙ୍କ ସ୍ତ୍ରୀ ମନୋରମା ଓ ତାଙ୍କର ଅଣ୍ଡା ବଚ୍ଚା ପୁଅ ଝିଅ ହୋଇ ସାତୋଟି । ବାବୁଙ୍କ ପିଲାପିଲି ନକର ବକର ପିନ୍ଧନ୍ତି, ଫ୍ରକ୍ ପିନ୍ଧନ୍ତି; ଯଦିଓ ସଡ଼କ ନାଲି ଧୂଳିରେ ମଇଳା କଟ୍‌କଟିଆ ହୋଇଯାଇ ଥାଏ । ତଥାପି ପୋଷାକ ତ ! ସାହ୍ୱର ଆଉ ପିଲାଏ ଖାଲି ଫୁଙ୍ଗୁଳା ଦେହ—ନୁଖୁରା ବାଳ ଝାମ୍ପୁରୁ ଝୁମ୍ପୁରୁ । ଆଉ ବାବୁଆଣୀ ? ସେ ତ ସେ ପଡ଼ାର ସାଆନ୍ତାଣୀ । କାଲୁ ଖାଁଙ୍କ ବୀବୀଠାରୁ ଆରମ୍ଭ କରି ସାହୁଆଣୀଯାଏ ସମସ୍ତେ ଡାକନ୍ତି ତାଙ୍କୁ ସାଆନ୍ତାଣୀ ବୋଲି । ସାଆନ୍ତାଣୀ ନୁହେଁ ତ କଣ ? ସେ ପାଠ ପଢ଼ିଛନ୍ତି ଅପର ପ୍ରାଇମେରୀ ଯାଏ । ବହି ପଢ଼ନ୍ତି, ଚିଠି ଲେଖନ୍ତି,

Digitized by PPRACHIN, SOA

ବାହାରକୁ ବାହାରିଲେ ଗୋଡ଼ରେ ଚପଲ ହଳକ ଲଗାଇ ବାହାରନ୍ତ । ହାତରେ ସୁନାମୋଡ଼ା ବ୍ରୋଞ୍ଜର ଚୂଡ଼ି । କଳରା ଫୁଲଆ ଧଡ଼ିବାଲା ଶାଢ଼ୀ ପିନ୍ଧନ୍ତ । ସାଆନ୍ତାଣୀ ଆଉ କାହାକୁ କହନ୍ତ ? କାଲୁଖାଁ ଶଗଡ଼ ଧରି ମାଲଗୋଦାମକୁ ବାହାରି ଗଲେ ତାଙ୍କ ଖିଆ ଆସି ଦୁଆରେ ଡାକେ—ଏ ମା ସାଆନ୍ତାଣୀ ! ଅଣ୍ଡା ନେବେଗେ ଅଣ୍ଡା ? ସାଆନ୍ତାଣୀ କବାଟ ଖୋଲନ୍ତ—ଦି ଚାରିଟା ଅଣ୍ଡା କଣନ୍ତ । ବରା ଗୁଲୁଗୁଲା ତିଆରି କରୁଥିବା ସାହୁଆଣୀ ଆସି କହେ—ଏ ମା ସାଆନ୍ତାଣି ! ଆଜ ପିଲାଙ୍କ ଜଳଖିଆ ପାଇଁ ବରା ଗୁଲ୍‌ଗୁଲା ନେବ ନାହିଁ ? ସାଆନ୍ତାଣୀ ବରା ଗୁଲଗୁଲା ଦି ଅଣାର କଣନ୍ତ ପିଲାଙ୍କ ପାଇଁ । ସାଇକେଲ ମରାମତି ଦୋକାନୀର ସ୍ତ୍ରୀ ଆସି ପଚାରେ—ସାଆନ୍ତାଣି, କ ଚରକାଟା ହୋଇଥିଲା କ ?

ମନୋରମାଙ୍କର ମନ ଆନନ୍ଦରେ ଫୁଲି ଉଠେ । ସତେ, ସେ ତ ନଷ୍ଟପୁ ସାଆନ୍ତାଣୀଟିଏ ।

ରମେଶ ବାବୁଙ୍କ ପିଲାପିଲାମାନେ ମଧ୍ୟ ସେ ସାହିର ବାବୁ ପିଲା । ଆଉ ସବୁ ଗୁଡ଼ାକ ତ ମଳମୁଣ୍ଡିଆ ପିଲା । ଏମିତି ଭାବରେ ରମେଶ ବାବୁଙ୍କ ଘର ସଂସାରଟି ବେଶ୍ ସୁଖରେ ଚାଲି ଯାଉଥାଏ ।

ଦିନେ ହଠାତ୍ ଅଫିସରୁ ଫେରି ରମେଶ ବାବୁ ହସ ହସ ମୁହଁରେ ଦୁଆର ମୁହଁରୁ ଡାକ ପକାଇ ପକାଇ ଘର ଭିତରକୁ ପଶିଗଲେ—ହେ ହେ ଶୁଣିଲଣି ? ଶୁଣିଲଣି ? ନୂଆ ଖବର ଶୁଣିଲଣି ?

ନୂଆ ଖବର ? ନୂଆ ଖବର କ'ଣ ମ' ? ତମର କ'ଣ ଚାକରୀ ବଢ଼ିଲା ? କେତେ ଟଙ୍କା ? କେତେ ଟଙ୍କା ବଢ଼ିଲା ମ ? ଏଣିକ ଜାଣ ବଢ଼ିଲା ଟଙ୍କାଗୁଡ଼ାକ ଖରଚ କରିବ ନାହିଁ । ଯେମିତି

Digitized by PPRACHIN, SOA

ଚକ୍ଷୁକୁ ସେମିତ୍ତ ଚଳମିଥିବା ଛ । ସେଇତକ ରଖି ଦିଅ କ—ଟୁଲୁପାଇଁ ଧାନ ଦ୍ୱାର କେବ୍ଲ କରଦେବା ।

ଆରେ କଥା କଣ ଶୁଣୁ ନାହିଁ । ତୁମେ କେତେ କଣ ମତଲବ୍ କର ସାରିଲଣି ?

ଆଉ କଣ କଥା କହିଲ ?

କଥା କଣ କ୍ଲ, ଆମ ଅଫିସ୍ ଏବେ କଟକରୁ ଉଠି ଯାଉଛି ନୂଆ ରାଜଧାନୀ ଭୁବନେଶ୍ୱରକୁ ।

ଏଁ ଏଁ ଭୁବନେଶ୍ୱରକୁ ? ମା ଲୋ ମା ! ଏ ଘରଦ୍ୱାର ସବୁ ଛାଡ଼ି ଯିବା ?

ମଲି ମୋର । କୋଉଁ ତୁମ ନିଜ ଘର ଯେ ମୋହ ଛାଡ଼ୁ ନାହିଁ ? ବୁଝୁଛ ? ଏମିତିକା ଅନ୍ଧାରୁଆ ଘରେ ଆଉ ରହିବାକୁ ପଡ଼ିବ ନାହିଁ କି ଏମିତି ଧୂଳି ଧୂସରିଆ ରାସ୍ତାରେ ଚାଲିବାକୁ ହେବ ନାହିଁ ।

ତେବେ ?

ତେବେ କଣ ? ଏକବାରେ ପିଚ୍ ଦିଆ ରାସ୍ତା । ସଟାସଟ୍ ସାଇକେଲ୍ ଉପରେ ଗୋଡ଼ ଦେଲ କି ଗଡ଼ିଲ । ତାପରେ ଘର ? ଏକବାରେ ଟାଇପ୍ ଫୋର୍ ।

ଆହେ ଟାଇପ ଫୋର୍ କଣ ?

ଆଃ, ଟାଇପ୍ ଫୋର୍ , ଟାଇପ ଫୋର୍ ବୁଝିପାରୁ ନାହିଁ ? ଏଇ ଟାଇପ୍ ଫୋର୍, ଟାଇପ୍ ଫୋର୍ । ଏଇ ଚାରି ଚାରି; ଚାରି ଟାଇପ୍ ଘର ।

ଚାରି ଟାଇପ ଘରେ କଣ ଚାରିଟା ଶୋଇବା ଘର ? ତେବେ ତ ବେଶ୍ ଭଲ । ଗୋଟିଏ ଘର ବଇଠକ ଖାନା କରିବା ଯେ ଲୋକବାକ ସାଇ ପଡ଼ଶା ଆସିଲେ ବସିବେ ।

Digitized by PPRACHIN, SOA

ଆରେ ନାଁ ନାଁ । ଟାଇପ୍ ଫୋର୍‌ରେ ସୁଇଟା ଘର ନାହିଁ ଯେ ଅଛି ମାତ୍ର ଯୋଡ଼ିଏ । ତେବେ ଘର ଲକ୍ଷି ଘର ଏକା । ବିଜୁଳି ଆଲୁଅ । ବିଜୁଳି ପଙ୍ଖା । କଳ ପାଇଖାନା । ସବୁ ଠିକ୍ ଠାକ୍ । ସାଇବ କୋଠି ତ !

ରମେଶ ବାବୁଙ୍କ କଥା ଶୁଣି ମନୋରମାର ମନ ଖୁସ୍ ହୋଇଗଲା । ମନେ ମନେ କଳ୍ପନା କରି ବସିଲେ । ଏଥର ନୂଆ ରାଜଧାନୀର ଟାଇପ ଫୋର୍ ଘରକୁ ଗଲେ ସାଇପଡ଼ୋଶୀ-ମାନଙ୍କୁ କେମିତି ପଙ୍ଖା ତଳେ ବସାଇ ସୁଇସ୍‌ଟା ଟିପି ଦେବେ ଯେ ପଙ୍ଖା ଘର୍ ଘର୍ କରି ବୁଲି ଉଠିବ ।

× × ×

ଦି ଦିନ ବାଦ୍ ରମେଶ ବାବୁଙ୍କ ଘର ଆଗରେ କାଲୁ ଖାଁର ଗାଡ଼ି ଠିଆ ହେଲା । ଜିନିଷପତ୍ର ସବୁ ଲଦା ହେଲା । କଟକ ସହରର ଅନ୍ଧାରିଆ ଗଳି ଭିତରୁ ଯାଇ ରମେଶବାବୁ ଏକବାରେ ନୂଆ ରାଜଧାନୀର ପିଚ୍ ଦିଆ ସଡ଼କ ଉପରେ ହାଜର ହେଲେ ।

ମନୋରମା ଟାଇପ ଫୋର୍ ଘର ଭିତରକୁ ପଶି ଯାଉଁ ଯାଉଁ ପଛକୁ ଫେରି ଗୁହିଁଦେଲେ । ଆଖି ଦି’ଟା ଖୋସି ହୋଇଗଲା । ଏଁ ଏ ଫେର୍ ଗୋଟାଏ କଣ ? ଠିକ୍ ତାଙ୍କ ଘର ଆଗରେ ଗୋଟାଏ ପ୍ରକାଣ୍ଡ କୋଠା—ବାପ୍‌ରେ କେଡ଼େ ବଡ଼ ହତା ବୁଲିଛି ! ଆଗରେ ନାଲି, ନେଳି, ସବୁଜ ଛିଟ୍‌ଛିଟିଆ କେତେ ରଙ୍ଗ ବେରଙ୍ଗର ଫୁଲ ଫୁଟିଛି । ଆଉ ତାଙ୍କ ଟାଇପ ଫୋର୍ ? ହାଣ୍ଡି ଆଗରେ ମୂଷା । ଲୁଖୁରା ଠାଙ୍ଗରା । ଆଗରେ ଯେଉଁ ସାଇବ କୋଠିଟି ଅଛି—ସେ ଲୁଆଡ଼େ ତାଙ୍କ ବାବୁଙ୍କ ବଡ଼ ହାକିମଙ୍କ କୋଠି । ତା ସେପାଖକୁ ନାଳିଆ ବେଗନଭେଲ୍ ଫୁଲ ଲାଗିଥିବା

Digitized by PPRACHIN, SOA

ହତା ଭିତରେ ସେ ଯୋଉଁ କୋଠିଟି ଦିଶୁଛି ସେ ହେଉଛି ତାଙ୍କ ଉପର ହାକିମଙ୍କ କୋଠି । ତାଙ୍କ ଘର ସାମନା ସାମନି ଯେଉଁ ଘର-ଗୁଡ଼ିକ ଦିଶୁଛି ସେଗୁଡ଼ିକ ହେଉଛି ଟାଇପ୍ ଫାଇଭ୍—ଅର୍ଥାତ୍ ତାଙ୍କ ବାବୁଙ୍କଠାରୁ ବେଶୀ ଦରମା ପାଉଥିବା କିରାଣୀବାବୁମାନଙ୍କ ଘର । ମନୋରମାଙ୍କ ମନ ଭିତରେ କେମିତି କଣ ହୋଇଗଲା । ମୁଣ୍ଡ ଉପରୁ ଶ୍ରମ ଝାଳ ବୋହି ପଡ଼ିଲା । ଘର ଭିତରକୁ ପଶିଗଲାକ୍ଷଣି ଦେଖିଲେ ଯେ ପିଲାଏ ଟପ୍‌ଟାପ୍ କରି ପଙ୍ଖା ବୁଲାଇ ଦେଉଛନ୍ତି । ଘର ଭିତରେ ପବନର ଝଡ଼ । ତଥାପି ମନୋରମାଙ୍କ ମୁଣ୍ଡରୁ ବୋହି ପଡ଼ୁଛି ଟୋପା ଟୋପା ଶ୍ରମ ଝାଳ—ଥପ୍ ଥପ୍ ଥପ୍ । ମୁହଁସଞ୍ଜ ହୋଇ ଆସୁଥାଏ । ପିଲାଏ ସୁଇଚ୍ ଟିପି ଦେଲେ, ଘର ଭିତରଯାକ ବିଜୁଳି ଆଲୁଅ ଝଲସି ଉଠିଲା କିନ୍ତୁ ମନୋରମାଙ୍କ ଆଖିକୁ କପରି ଦିଶିଲା ଅନ୍ଧାର ଜାଲ ଜାଲୁଆ ।

ମନୋରମା ଝିଡ଼ିକ ବାଟେ ଚାହିଁଲେ—ତାଙ୍କ ଘର ଆଗରେ ଥିବା ବଡ଼ ହାକିମଙ୍କ ମେମ୍ ସାହେବ—ଜଣା ଗୋଇଠିବାଲା ଯୋତା ପିନ୍ଧି ଡଗ୍ ଡଗ୍ ହୋଇ ଚାଲି ଯାଉଛନ୍ତି । ତାଙ୍କ ସାଙ୍ଗରେ ଚାଲିଛନ୍ତି ତାଙ୍କ ସାଇବ—ପାଖରେ ଗୋଟାଏ ହେଟା ବାଘ ପରି କୁକୁର । ରମେଶବାବୁ ସେଇବାଟେ ଫେରୁଥିଲେ । ବଡ଼ ସାହେବଙ୍କୁ ଦେଖି ସାଇକେଲରୁ ଓହ୍ଲାଇ ପଡ଼ି ମୁଣ୍ଡ ନୋଇଁ ଜୁହାର ହେଲେ । ମନୋରମାଙ୍କ ମୁହଁ ମଉଳି ପଡ଼ିଲା । ସାଇବ ସାଇବାଣୀ ଚାଲିଗଲେ ତାଙ୍କ ଦାଣ୍ଡ ଦୁଆର ଦେଇ । ଟିକିଏ ବି ଆଡ଼ ଆଖିରେ ଚାହିଁଲେ ନାହିଁ ମନୋରମା ଆଡ଼କୁ । ମନୋରମା ଭାବିଲେ—କାହିଁ ତାଙ୍କର ପଡ଼ୋଶୀ-କାଲୁଖାଁଙ୍କ ବାପା ? କାହିଁ ସେଇ ବରା ଗୁଲୁଗୁଲାବାଲା ସାହୁଆଣୀ ? କାହିଁ କେହି ତ ତାଙ୍କ ଦୁଆରକୁ ପଶି-ଆସି ଆଜ ସାଆନ୍ତାଣୀ ବୋଲି ଡାକୁ ନାହାନ୍ତି ? ମନୋରମାଙ୍କର

Digitized by PPRACHIN, SOA

ମନ ମଧ୍ୟରେ ବୋହି ଯାଉଛି ଏକ ଉନ୍ମୂଳ ତୋଫାନ୍ । ସେ କିଏ ? କେଉଁଠି ତାଙ୍କର ସ୍ଥାନ ?

ରମେଶବାବୁ ଘର ଭିତରକୁ ପଶି ଆସୁ ଆସୁ ଦେଖିଲେ ପିଲାଗୁଡ଼ାକ ସବୁଯାକ ପଙ୍ଖା ଖୋଲି ଦେଇଛନ୍ତି । ସୁ, ସୁସୁ, ଘର ଭିତରେ ଗୋଟାଏ ଝଡ଼ ବୋହୁଛି ଯେପରି । ଆଲୁଅ ଜାଳି ଦେଇଛନ୍ତି । ରମେଶବାବୁ ଚଢ଼ି ଉଠି କହିଲେ—ଆରେ ହତଭାଗା ଦଳ, କରୁଛ ଏ ସବୁ କଣ ? କେତେ ଖରଚ ବଢ଼ାଇ ଦେଉଛ ଭଲ ! ମା ସାଆନ୍ତାଣୀ ତମର କାହାନ୍ତି କି ?

ମନୋରମା ନୀରବ ନିଶ୍ଚଳ ପ୍ରସ୍ତର ମୂର୍ତ୍ତି । ତାଙ୍କ ଆଖି ଆଗରେ ନାଚ ଯାଉଛି, ସେହି କାଳୁ ଖାଁଙ୍କର ଗୀତ—କାନରେ ବାଜି ଯାଉଛି—'ଏ ମା ସାଆନ୍ତାଣୀ, ଅଣ୍ଡା ନେବେଗେ ଅଣ୍ଡା ? ସତେ ଯେପରି ସାହୁଆଣୀ ଆସି ଦୁଆରେ ଡାକି ଯାଉଛି—'ଏ ମା ସାଆନ୍ତାଣୀ, ବର ଗୁଲୁଗୁଲା ନେବ ?'

ରମେଶବାବୁ ପଚାରିଲେ—ଏମିତି ମୂକ ଭଳିଆ ବସିଛ କାହିଁକି ? ଘର କ'ଣ ମନକୁ ପାଉନାହିଁ କି ?

ମନୋରମା ଘଷିଗଳାରେ କହିଲେ—ଏମିତି ଜାଗାରେ ଘର କାହିଁକି ନେଲ ? ଖାଲି ଏଇମିତିକା ଘର ଥିବା ପଡ଼ା ନାହିଁ ନା ?

ରମେଶବାବୁ କହିଲେ—ହଁ ସେମିତି ସେମିତି ପଡ଼ା ସବୁ ଆଗରୁ ତିଆରି ହୋଇଥିଲା ଯେ, କିନ୍ତୁ କେତେକ ବଡ଼ବଡ଼ିଆ ଲୋକ କହିଲେ ଯେ ପାହାଚ ପାହାଚ ନ କରି ଗୋଟିଏ ପଡ଼ାରେ ବଡ଼ ସାନ ସମସ୍ତଙ୍କ ପାଇଁ ଘର କରିଦିଅ । ସେଇଥିପାଇଁ ଏବେ ମିଶାମିଶା କରି ସାଇବଙ୍କ କୋଠି ପଛକୁ ଆମ ଟାଇପ୍ ଫୋର୍ ଘ ଗଢ଼ା ହୋଇଛି ।

ତମେ ଏ ଟାଇପ ଫୋର୍ ବାଛିଲ କାହିଁକି ?

Digitized by PPRACHIN, SOA

'ମୁଁ ବାଛୁଛି ? ଆଚ୍ଛା କଥା କହୁଚ ତମେ ? ମୁଁ ବାଛୁଛି କେମିତି ? ଆମେ ପରା ସେଇ ଚତୁର୍ଥ ପାହାଚର ନୌକର । ସେଥିପାଇଁ ଆମକୁ ଏଇ ଟାଇପ୍ ଫୋର୍ ମିଳୁଛି ।

ଏତକ କଥା କହୁ କହୁ ରମେଶ ବାବୁଙ୍କ ଆଖି ଛଳ ଛଳ ହୋଇ ଉଠିଲା । ସ୍ୱର ରୁଦ୍ଧ ହୋଇ ଆସିଲା । ଦୀର୍ଘ ଦଶବର୍ଷ ସେ ସରକାରୀ ଚାକରୀ କରି ଆସିଥିଲେ । କିନ୍ତୁ ଅଫିସରୁ ଫେରିଲା ପରେ ସେ ଆଉ କେବେ ଚାକରୀ କଥା ଭାବି ନାହାନ୍ତି କି କେହି ତାଙ୍କୁ ସେ କଥା ମନେ ପକାଇ ଦେଇ ନାହିଁ । ଅଫିସରୁ ଫେରିଲା ପରେ ସେ ପୂର୍ବପୂର ପାଲଟି ଯାଉଥିଲେ ତାଙ୍କ ପଡ଼ାର ବଡ଼ବାବୁ । ସାହି ପଡ଼ୋଶୀଙ୍କ ସାଥିରେ ସେ ମଣିଷ ଭାବରେ ଚଳି ଆସୁଥିଲେ ତାଙ୍କ ସୁଖ ଦୁଃଖରେ ଆପଣାକୁ ଭାଗୀଦାର କରି । କିନ୍ତୁ ଆଜି ଏହି ନୂଆ ରାଜଧାନୀର ଟାଇପ୍ ଫୋର୍ ଘରେ ରହିଲା ଦିନରୁ କିଏ ଯେପରି ପ୍ରତି ମୁହୂର୍ତ୍ତରେ ତାଙ୍କ ମସ୍ତିଷ୍କରେ ଗୋଟାଏ ଲୁହା ଗୋଜ ଫୋଡ଼ି ଫୋଡ଼ି ତାଙ୍କୁ ଚେତାଇ ଦେଉଛି ଯେ ସେ ଚାକର— ସେ ନୌକର—ସେ ମଣିଷ ନୁହନ୍ତି—ସେ ଗୋଟାଏ ଶ୍ରେଣୀର ଜୀବ—ଟାଇପ୍ ଫୋର୍—ଟାଇପ୍ ଫୋର୍ । ଜେଲ ଭିତରେ କଏଦୀମାନଙ୍କ ପିଠିରେ ଯେପରି ନମ୍ବର ଗ୍ରୁପ ବସିଥାଏ, ହାସ୍ପାତାଳ ଭିତରେ ରୋଗୀଙ୍କ ମୁଣ୍ଡ ଉପରେ ଯେପରି ନମ୍ବର ପ୍ଲେଟ୍ ଝୁଲୁଥାଏ ସେଇମିତି ତାଙ୍କ ପିଠିରେ ଆଜି ଗୋଟାଏ ଗ୍ରୁପ ବସିଛି—'ଟାଇପ୍ ଫୋର୍'—

କକ୍ଷଚ୍ୟୁତ

ସେ ଅଞ୍ଚଳରେ ସାନ୍ତରା ଥିଲେ ଜଣେ ସ୍ୱନାମଧନ୍ୟ ପୁରୁଷ । ରୂପଗୁଣ, ବିଦ୍ୟାବୁଦ୍ଧି, ପ୍ରଭାବ ପ୍ରତିପତ୍ତି କୋଉଥିରେ ସେ ଊଣା ନ ଥିଲେ । ସୌଖୀନ ଆଭିଜାତ୍ୟ ଶ୍ରେଣୀ ସହିତ ସମ୍ପର୍କ ଥିଲା ତାଙ୍କର ଖୁବ୍ ବେଶୀ, ବିଶେଷତଃ ଗୃହିଣୀଙ୍କ ଆଡ଼ୁ । ପିଲାଟି ଦିନୁ ସାନ୍ତରା ଥିଲେ ଜଣେ ସ୍ୱାଧୀନଚେତା ବ୍ୟକ୍ତି । ସେଥିପାଇଁ ସ୍ୱାଧୀନଭାବରେ ବ୍ୟବସାୟ ଚଳାଇ ସେ ବେଶ୍ ଦିପଇସା ରୋଜଗାର କରିପାରୁଥିଲେ । ତା ଛଡ଼ା ବାଡ଼ ବଗିଚା କରିବାରେ ତାଙ୍କର ଥିଲା ଖୁବ୍ ଝୁଙ୍କ । ସେ ଅଞ୍ଚଳର ଲୋକେ କହନ୍ତି—ସାନ୍ତରା ଅମୃତହସ୍ତା । ଯୋଉଥିରେ ତାଙ୍କ, ହାତ ଲାଗିବ ତାହା ସୁନା ପାଲଟିଯିବ । ନଇଲେ ଏମିତି ଠାଙ୍ଗରା ନୁଖୁରା କଙ୍କରିଆ ଜମିଟାରେ ସେ ଏମିତି ଗୋଟାଏ ନନ୍ଦନ କାନନ ସୃଷ୍ଟି କରିଦେଇ ପାରିଥାନ୍ତେ ବର୍ଷ କେଇଟା ଭିତରେ ! ବଗିଚା ଭିତରେ କେତେ ଫୁଲ ଫଳ ଗଛ ଭରା ହୋଇଥାଏ, ଯୋଉ ଋତୁରେ ଯୋଉ ଫଳ । ବାଦସାଭୋଗ ଆମ୍ବ, ବାଟାଭିଆ ନାରଙ୍ଗୀ, ସିଲୋନୀ ଅମୃତଭଣ୍ଡା, ସିଙ୍ଗାପୁରୀ ସପୁରୀ ଆଙ୍ଗୁର କେତେ କ'ଣ ବଗିଚାରେ ଲାଗିଛି । ଭୋରୁ ଉଠି ସାନ୍ତରା ପ୍ରତିଦିନ ବଗିଚା ଆଡ଼େ ବୁଲି ଯାଆନ୍ତି । ଫେରିଲା ବେଳେ ସାଙ୍ଗରେ ଆସୁଥାଏ ମକରାମାଳୀ ଗୋଟାଏ ବୋଝ ମୁଣ୍ଡାଇ, ଟୋକେଇରେ ଥାଏ ସଦ୍ୟତୋଳା ଲେମ୍ବୁ ନାରଙ୍ଗୀ, ଫଳ ଫୁଲୁରି, ଶାକସାବ୍‌ଜି କେତେ କ'ଣ । ସବୁ ଛନ୍ ଛନ୍ ପାଚିଲା କଞ୍ଚା । ବଜାରର ଶୁଖିଲା ପାଣି ଛିଞ୍ଚା ବାସି ଜିନିଷ ତ ନୁହେଁ । ସବୁ ସଜ, ସବୁ ଟଟକା, ସବୁ ଖାଲି ଭିଟାମିନ୍ ଭରା ।

Digitized by PPRACHIN, SOA

ପୋଖରୀରେ ମାଛ ଚାଷ କରିଛନ୍ତି ସାନ୍ତରା । ପାଣି ଉପରେ ପାଟି ପାକୁ ପାକୁ କରି ଭାସୁଥାନ୍ତି କସରାମୁଣ୍ଡିଆ ରୋହି, ଭାକୁର । ମୁଣ୍ଡାଧୂରିଆ ଜାଲ ଖେପେ ପକାଇଦେଲେ ଘରେ ମାଛ ଡିଅଣ । ବିଲରୁ ଆସେ ପଦ୍ମକେଶରୀ ଧାନର ଧଳା ଫର ଫର ଅରୁଆ ଚାଉଳ । ଗୁହାଳରେ ବନ୍ଧା ହୋଇଥାନ୍ତି କଳା କସରା ଯୋଡ଼ିଏ ହାଣ୍ଡି ପରି ଗାଈ । ,ସାନ୍ତରାଣୀ ପହ୍ନାରେ ହାତ ମାରିଦେଲେ ବାଲଟି ଭର୍ତ୍ତି । ଦୁଧ ଦହି କେତେ ଖାଇବ ? ସାନ୍ତରାଣୀ କରୁ କରୁ ସଜ ଲହୁଣୀ ତିଆରି କରି ଦିଅନ୍ତି । ସକାଳେ ସାନ୍ତରାଙ୍କର ବ୍ରେକ୍‌ଫାଷ୍ଟ ହୁଏ ସେଇ ଘିଅ ତିଆରି ସଜ ଲହୁଣୀରେ । ବଳକା ଲହୁଣୀତକ ଚୂଲିରେ ବସାଇ ଦେଲେ ହଳଦୀ ଗଣ୍ଡିପରି ଗୁଆଘିଅ ତିଆରି ହୋଇଯାଏ । ଦିପ୍ରହରେ ସାନ୍ତରାଙ୍କର 'ଲଞ୍ଚ'ରେ ପଦ୍ମ-କେଶରୀ ଚାଉଳର ଭାତ ଉପରେ ଘର ତିଆରି ଘିଅର ମହକରେ ଖାଇବା ଟେବୁଲ ମହକ ଉଠେ । ଲୋକେ କହନ୍ତି ସାନ୍ତରାଙ୍କର କେଉଁ କଥାରେ ଅଭାବ ? ଲକ୍ଷ୍ମୀ ସରସ୍ୱତୀ ଯେପରି ହାତ ଧରାଧରି ହୋଇ ସାନ୍ତରାଙ୍କର ଦି କାନ୍ଧରେ ବସିଛନ୍ତି ।

ସାନ୍ତରା ଯେ ଆପେ କେବଳ ସୁଖରେ ଚଳନ୍ତି ତାହା ନୁହେ । ବଡ଼ ଦୟାଳୁ, ବଡ଼ ପରୋପକାରୀ ମଣିଷଟିଏ ସେ । କାହାର ଦୁଃଖ କଷ୍ଟ ସହି ପାରନ୍ତି ନାହିଁ । ଯେ ଯେତେବେଳେ ଆସି ହାତ ପତାଇଛି ସେ ସାନ୍ତରାଙ୍କ ପାଖରୁ ଖାଲି ହାତରେ ଫେରି ନାହିଁ । ଖାଲି ସେତିକି ନୁହେଁ ବୁଦ୍ଧି ବତେଇ ଦେବାରେ ସାନ୍ତରା ଧୂରନ୍ଧର । କେତେ ଖୁଣୀ ଆସାମୀଙ୍କୁ ସେ ଫାଶୀ ଖୁଣ୍ଟରୁ ମୁକୁଳାଇ ଦେଇଛନ୍ତି । କେତେ ନିର୍ବୁଦ୍ଧିଆ ଅଳସୁଆଙ୍କୁ ବ୍ୟବସାୟ ବୁଦ୍ଧି ବତାଇ ଦେଇ ସେ ବଡ଼ ଲୋକ କରି ଦେଇଛନ୍ତି । ସେଥିପାଇଁ ସାନ୍ତରାଙ୍କର ଆଗ ଘରଟି ସବୁବେଳେ ଲୋକବାକରେ ଭରି ହୋଇଥାଏ । ସାନ୍ତରା

Digitized by PPRACHIN, SOA

ଘରୁ ବାହାରି ଦାଣ୍ଡକୁ ଆସିଲେ ସଦାବେଳେ ପାଞ୍ଚ ଦଶ ଜଣ ଲୋକ ତାଙ୍କ ପିଚ୍ଛା ଧରି ବୁଲୁଥାନ୍ତି । ଫଳରେ ସେ ଅଞ୍ଚଳରେ ସାନ୍ତରା ଥିଲେ ଜଣେ ମୁକୁଟହୀନ ରାଜା ।

କଥାରେ କହନ୍ତି—ଯୋଗ୍ୟଂ ଯୋଗ୍ୟେନ ଯୋଜୟେତ୍ । ବିଧାତା ମଧ୍ୟ ସାନ୍ତରାଙ୍କୁ କୋଉ ଗୁଣରେ ଊଣା କରି ନ ଥିଲେ । ସେ ଯାହାଙ୍କ ହାତ ଧରିଥିଲେ ସେ ବି ଥିଲେ ରୂପଗୁଣରେ ଅତୁଳନୀୟା । ଧନୀ, ଆଭିଜାତ୍ୟ-ସଂପନ୍ନ ପରିବାରର କନ୍ୟା । ଏପରି ସ୍ଥଳେ ସାନ୍ତରାଙ୍କ ଭଳି ସ୍ୱାମୀ ପାଇ ସେ ଖୁବ୍ ସୁଖୀ ହେବାର କଥା । କେଜାଣି କାହିଁକି ସେ ସେତେ ସୁଖୀ ହୋଇ ପାରୁ ନ ଥିଲେ । ତା'ର କାରଣ ହେଉଛି, ତାଙ୍କ ମନରେ ଆଭିଜାତ୍ୟର ଗୁମୁର ଏତେ ଘନୀଭୂତ ହୋଇଯାଇଥିଲା ଯେ ସାନ୍ତରାଙ୍କର ସରଳ ନିଷ୍କପଟ ଗାଉଁଲି ଜୀବନ ଯାପନକୁ ସେ ଆଦୌ ପସନ୍ଦ କରିପାରୁ ନ ଥିଲେ । କୌଣସି ହାକିମହୁକୁମାଙ୍କର ପିଲପିଲା ତାଙ୍କ ଘରକୁ ବୁଲି ଆସିଲେ ସେ ଯେପରି ଆପଣାକୁ ଖୁବ୍ ଶ୍ରେଷ୍ଠ ମନେ କରୁଥିଲେ । ଅବଶ୍ୟ ସାନ୍ତରାଙ୍କର କୋଉ କଥାରେ ଅଭାବ ନ ଥିଲା । କିନ୍ତୁ ଯେତେହେଲେ ସେ ଗୋଟିଏ ଚାଷୀ ଶ୍ରେଣୀର ଲୋକ ନା ଆଉ କ'ଣ ? ବିଲବାଡ଼ି ବଗିଚା ପୋଖରୀ ଏଇଥିରେ ସବୁବେଳେ ଲାଗିଥାନ୍ତି । ତା ନ ହୋଇ ଯଦି ଗୋଟାଏ କିଛି ଚାକିରି ବାକିରି କରିଥାଆନ୍ତେ କି ହାକିମ-ହୁକୁମା ହୋଇଥାନ୍ତେ ତାହାହେଲେ ସାନ୍ତରାଣୀ ଯେପରି ଆହୁରି ବେଶୀ ଆନନ୍ଦ ପାଇ ପାରୁଥାନ୍ତେ । ତା'ପରେ ଏମିତିକା ଗୋଟିଏ ଗ୍ରେଟିଆ ଗାଁରେ ପଡ଼ି ରହିବାକୁ ମଧ୍ୟ ସାନ୍ତରାଣୀ ଆଦୌ ପସନ୍ଦ କରିପାରୁ ନ ଥିଲେ । ଥରେ ଦି ଥର ସେ ବାପ ଭାଇଙ୍କ ସଙ୍ଗେ କଲିକତା ସହର ବୁଲି ଯାଇଥିଲେ ପିଲାଦିନେ । ସେଇଦିନୁ ବଡ଼

Digitized by PPRACHIN, SOA

ସହରର ମୋହ ତାଙ୍କ ଆଖିରେ ଗୋଟିଏ ଭେଲ୍‌କି ଲଗାଇ ଦେଇଛି । କଥାରେ ଅଛି—'ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ' । ସାନ୍ତରାଣୀଙ୍କର ମନର ଭାବନା ଏତେ ତୀବ୍ର ହୋଇ ଉଠୁଥାଏ ଯେ ସେ କେବେ ଶାନ୍ତିରେ ଶୋଇପାରୁ ନଥାନ୍ତି । ଦୋତାଲା ଉପରେ ସାଗୁଆନ୍ କାଠର ସୁନ୍ଦର ସୂକ୍ଷ୍ମ କାମକରା ପଲଙ୍କର ସୁକୋମଳ ଶଯ୍ୟାରେ ସୁଦ୍ଧା ସାନ୍ତରାଣୀଙ୍କର ଆଖିକୁ ନିଦ ଆସେ ନାହିଁ । ପାଖରେ ଗୋଟିଏ ଫିତା ବନ୍ଧା ଖଟ ଉପରେ ଶୋଇ ସାନ୍ତରା ଯେତେବେଳେ ପରମ ଶାନ୍ତିରେ ଘୁଙ୍ଗୁଡ଼ି ମାରୁଥାଆନ୍ତି ସେତେବେଳେ ସାନ୍ତରାଣୀଙ୍କର ମନ ଯାଇ ବୁଲୁଥାଏ କେଉଁ କଲିକତା, ଦିଲ୍ଲୀ କି ବମ୍ବେଇର ଆଭିଜାତ୍ୟଭରା ବିଳାସ କକ୍ଷରେ । ସାନ୍ତରାଣୀ ବିଛଣାରୁ ଉଠି ଆସି ବଲ୍‌କଣିରେ ବସନ୍ତି । ଅଦୂର ପ୍ରବାହିତା ଶୀର୍ଣ୍ଣକାୟା ନଦୀର ଶୁଭ୍ର ସଲିଳରେ ରୁପେଲି ଜହ୍ନର ଆଲୁଅ ଝଲମଲ କରୁଥାଏ । କଅଁଳିଆ ଦକ୍ଷିଣାବାଆ ମଝି ଅଗଣାର ଯୂଈ ଓ ହେନାର ସମ୍ମିଳିତ ସୁଗନ୍ଧ ବହିଆଣି ସାନ୍ତରାଣୀଙ୍କର ନାକ ସ୍ପର୍ଶ କରି ଯାଉଥାଏ । ସାନ୍ତରାଙ୍କ ଗୁହାଳ ପଛପଟ କୁକୁଡ଼ାଘରୁ ରୋଡ଼ସ୍ ଆଇଲାଣ୍ଡ ଗଞ୍ଜାଟା ବଡ଼ ଜୋରରେ ବୋବାଇ ଉଠେ—"କକ୍‌ଅ" "କକ୍‌ଅ" । ପାହାନ୍ତିଆ ତାରା ଉଙ୍କିମାରେ । ସାନ୍ତରାଣୀ ଦୀର୍ଘ ନିଃଶ୍ୱାସ ପକାଇ ପୁଣି ଘର ଭିତରକୁ ଫେରି ଆସି ବିଛଣାରେ ଗଡ଼ିପଡ଼ନ୍ତି । ସକାଳେ ଉଠି ସାନ୍ତରା ବାଡ଼ିବଗିଚାରେ ବୁଲି ଆସି ଦେଖନ୍ତି ଯେ ଗୃହିଣୀ ବିଛଣାରେ ଗଡ଼ଗଡ଼ଉଛନ୍ତି । ସାନ୍ତରା ରସିକତା କରି କହନ୍ତି 'ଗୁଡ୍‌ମର୍ଣ୍ଣିଂ ମାଇଁ ଡିଅର, ହାଓ ଡିଡ୍ ଇଉ ସ୍ଲିପ୍ ?' (ସୁପ୍ରଭାତ ପ୍ରିୟେ, କିପରି ନିଦ ହୋଇଥିଲା ?) "ଓ ଫାଇନ୍ ମାଇଁ ଡିଅର୍" (ଅହା ଭାରି ସୁନ୍ଦର ପ୍ରିୟ ।)

× × ×

Digitized by PPRACHIN, SOA

ଦିନ ପରେ ଦିନ ଗଡ଼ି ଚାଲେ । ସାନ୍ତର ଓ ସାନ୍ତରାଣୀଙ୍କର ଭିତର ମନର ଧାରା ଦୁଇ ବିଭିନ୍ନ ଦିଗରେ ଗତି କରୁଥିଲେ ସୁଦ୍ଧା ଉପର ଜୀବନରେ ଦୁଇ ଜଣଙ୍କର ମେଳ ଥିଲା ଖୁବ୍ ସୁନ୍ଦର । ଲୋକେ କହନ୍ତି—ମାଣିକଯୋଡ଼ି । ଷଷ୍ଠୀ ମାଆଙ୍କର ଅନୁଗ୍ରହରୁ ପିଲାପିଲି ହେଲେ ତିନୋଟି; ଝିଅ ଯୋଡ଼ିଏ ଆଉ ପୁଅଟିଏ । ବାସ୍ ଏତିକିରେ ଶେଷ । ଆଧୁନିକ ଯାନ୍ତ୍ରିକ ସଭ୍ୟତାର ଯୁଗରେ ଷଷ୍ଠୀ ମାଆଙ୍କର କାରିମତି ଆଉ ବେଶୀ ଖଟିପାରୁ ନାହିଁ । ଷଷ୍ଠୀ ମାଆ ମଧ୍ୟ ମନୁଷ୍ୟର ବୁଦ୍ଧି ଜାଲରେ ଆଜି ବନ୍ଧା ହୋଇ ପାରୁଛନ୍ତି ।

ସାନ୍ତରଙ୍କର ଇଚ୍ଛା ପୁଅଝିଅମାନଙ୍କୁ ପାଠଶାଠ ପଢ଼ାଇ ମଣିଷ କରିବେ । କିନ୍ତୁ ସେମାନେ ନିଜ ବାସସ୍ଥାନରେ ରହି ତାଙ୍କର ସମ୍ପତ୍ତି ଭୋଗ କରିବେ । ତାଙ୍କ ମତରେ ମଣିଷ ଶିକ୍ଷିତ ହେଉ କିନ୍ତୁ ସମାଜ ଓ ପରିସ୍ଥିତିରୁ ବିଚ୍ଛିନ୍ନ ନ ହେଉ । ସେ କହନ୍ତି ଯେ ଯଦି ସମାଜର ପ୍ରତ୍ୟେକ ପରିବାର ଏପରି ଭାବରେ ଶିକ୍ଷିତ ହୋଇ ଉଠନ୍ତି ତେବେ ଆମ ସମାଜ ନିଶ୍ଚୟ ଦିନେ ସୁସ୍ଥ ସବଳ ହୋଇ ଉଠିବ । ସାନ୍ତରାଣୀ ବି ଚାହାନ୍ତି ପିଲାଏ ପାଠ ପଢ଼ନ୍ତୁ, କିନ୍ତୁ ତାଙ୍କ ଭିତର ମନର ଇଚ୍ଛା ସେମାନେ ଏହି ଗ୍ରେଟିଆ ଗାଁ ଭଳି ସହରରେ ପଡ଼ି ରହିବେ କାହିଁକି—ଯାନ୍ତୁ, ଉଡ଼ିଯାନ୍ତୁ, ଯେତେ ଦୂରକୁ ଇଚ୍ଛା । ବଡ଼ ବଡ଼ ସହରରେ ରହନ୍ତୁ । ଚରମ ଲକ୍ଷ୍ୟ ଯାହା ଥାଉନା କାହିଁକି—ସ୍ୱାମୀ ସ୍ତ୍ରୀ ଉଭୟଙ୍କର ପ୍ରାଥମିକ ଲକ୍ଷ୍ୟ ଥିଲା ପିଲାମାନଙ୍କୁ ଉପଯୁକ୍ତ ପାଠ ପଢ଼ାଇ ମଣିଷ କରିବେ । କହନ୍ତି—'ମନର ମୂଳେ ଏ ଜଗତ' । 'ଏ ମନ ଭାବୁଥାଇ ଯାହା କାଳେ ପ୍ରାପତ ହୁଏ ତାହା'—ତାହାହିଁ ହେଲା । ପିଲାଗୁଡ଼ିକ ଖୁବ୍ ଉଚ୍ଚ ଶିକ୍ଷା ପାଇବା ପାଇଁ ବିଲାତ ଆମେରିକା ଗଲେ । ପିଲାଏ ବିଲାତ ଓ ଆମେରିକାରୁ ଯେଉଁ ଚିଠି

Digitized by PPRACHIN, SOA

ଲେଖନ୍ତି ଓ ସେଠାକାର ସାମାଜିକ ଜୀବନର ଯେଉଁ ଚିତ୍ର ଦିଅନ୍ତି ସେଥିରେ ସାନ୍ତାଣୀଙ୍କର ମନର ଗଭୀର କୋଣରେ ଥିବା ଅବଚେତନ ସ୍ତରର କାମନା ଦ୍ୱିଗୁଣିତ ହୋଇ ଉଠେ । କଥା ପ୍ରସଙ୍ଗରେ ସାନ୍ତାଙ୍କୁ କହନ୍ତି—ହଇ ହେ, ଦେଖିଲ, ପିଲାଏ ଏଥର ଫେରି ଆସିଲେ ଆମେ ଆଉ ଏ ଗ୍ରେଁଟିଆ ସହରଟାରେ ପଡ଼ିରହିବା ନାହିଁ । ବମ୍ବେ କମ୍ବା ଦିଲ୍ଲୀ ଯେଉଁଠି ହେଉ ଗୋଟାଏ ବଡ଼ ସହରକୁ ଚାଲିଯିବା । ପିଲାଏ ବିଲାତ ଆମେରିକାରୁ ଫେରି ଏମିତି ଗୋଟାଏ ଅସନା ଗ୍ରେଁଟିଆ ସହରରେ ରହିବେ କେମିତି ?

ସାନ୍ତା ହସି କହନ୍ତି—ହଇ ହେ, ତମେ କ'ଣ ପାଗଳ ହେଲ ? ଏଇ ଯୋଉ ବିଲ ବାଡ଼ ବଗିଚା ପୋଖରୀ ଆଦି ସବୁ ସମ୍ଭାଳିବ କିଏ ? ଏମାନଙ୍କ ମାୟା ତୁଟାଇବା କ'ଣ ସହଜ କଥା । ତା' ପରେ କାହିଁକି ବା ଏସବୁ ଛାଡ଼ି ଯିବା ? ପିଲାଏ ଆସନ୍ତୁ, ମହାମଣ୍ଡଳରେ ଏଇଠି ରହି ଖାଇ ପିଇ ଚଳନ୍ତୁ, ଆଉ ପାଞ୍ଚ ଲୋକଙ୍କୁ ଭଲ ବୁଦ୍ଧି ବତାଇ ସୁଖରେ ରହନ୍ତୁ; ଦଶଜଣଙ୍କର ଉପକାର କରନ୍ତୁ । ତେବେ ଯିନା ଯାଇ ସେମାନଙ୍କର ଶିକ୍ଷାର ସଫଳତା ହେବ ? ସାନ୍ତାଣୀ ମୋଟେ ସାନ୍ତାଙ୍କ କଥାରେ କାନ ଦିଅନ୍ତି ନାହିଁ, କହନ୍ତି—ତମ ଭଳିଆ କୂପମଣ୍ଡୂକ ବାହାର ଜୀବନ କଥା କାହୁଁ ବୁଝିବେ ? ହଉ, ପିଲାଏ ଆସନ୍ତୁ, ତାଙ୍କର ଯାହା ଇଚ୍ଛା ହେବ କରିବେ ।

× × ×

ସମୟର ଚକ ଗଡ଼ି ଗଡ଼ି ଯାଏ । ପିଲାଏ କୃତବିଦ୍ୟ ହୋଇ ଫେରନ୍ତି ବିଲାତ ଓ ଆମେରିକାରୁ । ସତକୁ ସତ ତାଙ୍କ ମତ

Digitized by PPRACHIN, SOA

ଯେପରି ବଦଳି ଯାଇଛି । ସେମାନଙ୍କ ଜନ୍ମଭୂମି ଏଇ ଗ୍ରେଟିଆ ସହରଟା ଆଜ ତାଙ୍କୁ ଭଲ ଲାଗୁ ନାହିଁ । ପିଲାଦିନର ସାଙ୍ଗସାଥି-ଗୁଡ଼ାକ ସତେ ଯେପରି ଗନ୍ଧାଉଛନ୍ତି । ସ୍ୱାଇ ପଡ଼ଶାଗୁଡ଼ାକ ସବୁ ମଇଳମୁଣ୍ଡିଆ । ଏମିତି ବିଲାତ ଆମେରିକା ଫେରନ୍ତା କୃତବିଦ୍ୟଙ୍କ ପକ୍ଷରେ ଏଠି ଚଳିବା କ'ଣ ସହଜ କଥା ? ପିଲାପିଲିଙ୍କ ମତ ସହିତ ସାନ୍ତ୍ରାଣୀ ସମ୍ପୂର୍ଣ୍ଣ ଏକମତ । ଫଳରେ ଆଜିକାଲିର ଗଣତନ୍ତ୍ର ଯୁଗରେ ସାନ୍ତ୍ରା ପରିବାରର ପାଞ୍ଚଜଣ ମଧ୍ୟରୁ ଚାରିଜଣଙ୍କର ହେଲା ମେଜରିଟି ଅପ୍ ଭୋଟ; ବିଚରା ସାନ୍ତ୍ରା କେବଳ ଏକାକୀ ପଡ଼ିଗଲେ । ହଁ, ଗଣତନ୍ତ୍ର ଯୁଗରେ ଯେଉଁଆଡ଼େ ବେଶୀ ଭୋଟ ସେଇଆଡ଼େ ତ ଜିତ୍ । ସାନ୍ତ୍ରା ହାରିଗଲେ । ସାନ୍ତ୍ରା ଦେଖିଲେ, ପିଲାପିଲି କି ଗୃହିଣୀ କେହି ତାଙ୍କ ପ୍ରସ୍ତାବରେ ରାଜି ନୁହନ୍ତି । କ'ଣ ଆଉ କରିବେ — ଗଣତନ୍ତ୍ର ମତରେ ତାଙ୍କର ନିଜ ଇଚ୍ଛାକୁ ମେଜରିଟି ଭୋଟ ଆଗରେ ବଳି ଦେବାକୁ ପଡ଼ିଲା ।

× × ×

ବହୁଦିନର ବସବାସ ସୁନ୍ଦର ଘରଟି ଓ ଆପଣାର ଅତି ପ୍ରିୟ ବଗିଚା ପୋଖରୀ ସବୁ ଛାଡ଼ିବାକୁ ଦେଇ ଯେଉଁଦିନ ସାନ୍ତ୍ରା ନିଜ ଜନ୍ମଭୂମି ଛାଡ଼ି 'ମେଜରିଟି ଭୋଟ'ର ପିଛା ଧରିଲେ ସେଦିନ ତାଙ୍କ ଛାତି ପିଞ୍ଜରାକୁ ଅବରି ଦେଇ ବାହାରି ପଡ଼ିଲା ଗୋଟାଏ ଦୀର୍ଘନିଃଶ୍ୱାସ । ସାନ୍ତ୍ରାଙ୍କର ବସ୍ ଯେଉଁଦିନ ସାନ ସହର ଛାଡ଼ି ବଡ଼ ସହର ଆଡ଼କୁ ବାହାରିଗଲା, ସେଦିନ ନଗରର ସାଙ୍ଗ ସାଥି ସବୁ ଲୋକ ଆସି ସାନ୍ତ୍ରା ପରିବାରଙ୍କୁ ବିଦାୟ ଦେବା ସଙ୍ଗେ ସଙ୍ଗେ ଆଖି ଛଳ ଛଳ କରି ପକାଇଲେ । ସାନ୍ତ୍ରା ମଧ୍ୟ ହୃଦୟାବେଗ ସମ୍ଭାଳି ନ ପାରି ପିଲାଙ୍କ ପରି ଭେ ଭେ ଭକାପାରି କାନ୍ଦି ପକାଇଲେ । ସାନ୍ତ୍ରାଣୀ ପାଟିରେ

Digitized by PPRACHIN, SOA

ରୁମାଲ ଚେଞ୍ଜି କହିଲେ, "ଇଃ, କି ସେଣ୍ଟିମେଣ୍ଟାଲ (ଭାବପ୍ରବଣ)" !
ପିଲାମାନେ ନୀରବ ରହିଲେ ।

ସେଇଦିନୁ ସାନ୍ତରାଙ୍କର ବ୍ଲଡ୍‌ପ୍ରେସର ବଢ଼ି ବଢ଼ି ଯାଉଛି । ଯେତେ ଚେଷ୍ଟା କଲେ ବି ଆଖିକୁ ରାତିରେ ନିଦ ଆସୁନାହିଁ । କିଛିଦିନ ପୁଅ ଘରେ ରହିଲେ ତ କିଛିଦିନ ଝିଅମାନଙ୍କ ଘରେ ରହୁଛନ୍ତି । କିନ୍ତୁ ସବୁ ଜାଗାରେ ସାନ୍ତରାଙ୍କୁ କେହି ସାନ୍ତରା ବୋଲି ଚିହ୍ନୁ ନାହାନ୍ତି । ପୁଅଙ୍କ ବନ୍ଧୁମହଲରେ ସାନ୍ତରା ପୁଅଙ୍କ ବାପ ନାମରେ ପରିଚିତ ହୁଅନ୍ତି । ଝିଅଘରେ ଜୋଇଁଙ୍କ ଶ୍ୱଶୁର ଭାବରେ ପରିଚିତ ହୁଅନ୍ତି । ସାନ୍ତରା ବଛଣାରେ ପଡ଼ିଲେ ଦେଖନ୍ତି ତାଙ୍କର ସେଇ ଗ୍ରେଟିଆ ଜନ୍ମ ମାଟିର ସ୍ୱପ୍ନ । ଯେଉଁଠି ସେ ଥିଲେ ସାନ୍ତରା ସ୍ୱନାମଧନ୍ୟ ପୁରୁଷ । ବର୍ତ୍ତମାନ ସେ ବଡ଼ ସହରରେ ରହୁଛନ୍ତି, ପୁଅ ଝିଅମାନେ ବଡ଼ ଚାକିରି କରି ବହୁ ରୋଜଗାର କରୁଛନ୍ତି । ତଥାପି ତାଙ୍କର ବ୍ଲଡ଼ ପ୍ରେସର କମୁ ନାହିଁ । ସେ ଯେପରି ଭାବୁଛନ୍ତି ଚିରଦିନ ପାଇଁ ସେ ହୋଇଛନ୍ତି ଗୋଟାଏ କକ୍ଷଚ୍ୟୁତ ଗ୍ରହ । ଗୋଟାଏ ନିର୍ମୂଳୀ ଲଟା ।

Digitized by PPRACHIN, SOA

ଦିଲ୍ଲୀ କା ଲଡ୍ଡୁ

ଠଂ ଠଂ ଠଂ............

କାନ୍ଥରେ ଟଙ୍ଗା ହୋଇଥିବା ବଡ଼ଘଣ୍ଟା ଘଣ୍ଟାରେ ବାରଟା ବାଜିଗଲା । ତଥାପି ବୃଦ୍ଧ ସାମନ୍ତରାୟଙ୍କ ଆଖିକୁ ନିଦ ଆସୁନାହିଁ । ସନ୍ଧ୍ୟାବେଳେ ଡାକ୍ତର ଆସି ରକ୍ତଚାପ ପରୀକ୍ଷା କରି କହି ଯାଇଛନ୍ତି—ରକ୍ତଚାପ ବୃଦ୍ଧି ପାଉଛି—ହୁଏତ ସେ ଖୁବ୍ ବେଶୀ ଭାବରେ ଦୁଶ୍ଚିନ୍ତାଗ୍ରସ୍ତ ହୋଇ ପଡ଼ୁଛନ୍ତି ।

ଦୁଶ୍ଚିନ୍ତା ? ଦୁଶ୍ଚିନ୍ତା କାହିଁକି ତାଙ୍କୁ ସ୍ପର୍ଶ କରିବ ? କ'ଣ ନାହିଁ ତାଙ୍କର ? ପୁଅ ଆଇ: ଏ: ଏସ୍: ଅଫିସର । ବଡ଼ ସାହେବ, ଟଙ୍କା, ପଇସା; କ୍ଷମତା ପ୍ରଭୃତିରେ ସବୁ ତ ଭରି, ଅଭାବ ତାଙ୍କର କେଉଁଠି ରହିବ ? ଡାକ୍ତର ଦେଖି କହୁଛନ୍ତି ଭୀଷଣ ଦୁଶ୍ଚିନ୍ତା ଯୋଗୁ ବୃଦ୍ଧଙ୍କର ରକ୍ତଚାପ ବଢ଼ି ବଢ଼ି ଯାଉଛି । କିନ୍ତୁ କେହି ଜାଣି ପାରୁ ନାହାନ୍ତି ଦୁଶ୍ଚିନ୍ତାର କାରଣ କ'ଣ ?

ବୃଦ୍ଧ ସାମନ୍ତରାୟ ବିଛଣାରେ ପଡ଼ି ଏକଡ଼ ସେକଡ଼ ହେଉଛନ୍ତି । ବେଳେ ବେଳେ କ'ଣ ସବୁ କହୁଛନ୍ତି ଅତି ଅସ୍ପଷ୍ଟ ଭାବରେ । ସେ ନିଜେ ଯାହା କହୁଛନ୍ତି ନିଜେ ବୁଝୁଛନ୍ତି ସିନା ଅନ୍ୟ କେହି ବୁଝି ପାରୁ ନାହାନ୍ତି । ବୃଦ୍ଧ ଆଖି ମେଲି ଚାହିଁଲେ— ପାଖରେ ଅନ୍ୟ ଗୋଟିଏ ଖଟରେ ଶୋଇଛନ୍ତି ତାଙ୍କର ଜୀବନସାଥୀ ସହଧର୍ମିଣୀ ଗୀତା ଦେବୀ । ମୁଣ୍ଡର ବାଳଗୁଡ଼ିକ ଧଳାଦିଶିଆ ଧରି ଆସିଲଣି । ବୟସ ତା'ର ଛାପ ମାରି ଦେଇ ଗଲଣି । ତଥାପି ମୁହଁଟି ବେଶ୍ ଯତ୍ନର ସହିତ ଗରା ହୋଇଛି । ଜୁଡ଼ାଟିରେ ମଧ୍ୟ କେତୋଟି ଫୁଲ ଖୋସା ଯାଇଛି । ସତେ ଯେପରି ସେଇଟା ତାଙ୍କର

Digitized by PPRACHIN, SOA

ବହୁ ଦିନର ଅଭ୍ୟାସ । ମୁଣ୍ଡରେ ଫୁଲଟିଏ ନ ଖୋସିଲେ ତାଙ୍କୁ ସେପରି ନିଦ ହୁଏ ନାହିଁ ।

ସାମନ୍ତରାୟ ଆଖିମଳି ଦେଇ ପୁଣି ଚାହିଁଲେ । ବେଡ଼୍-ରୁମର ନୀଳ ବିଦ୍ୟୁତ୍ ଆଲୋକର ଝଲକ ତାଙ୍କ ସ୍ତ୍ରୀର ମୁଖ ମଣ୍ଡଳରେ ପଡ଼ି ଏକ ଅପୂର୍ବ ଶୋଭା ସୃଷ୍ଟି କରିଛି । ଶରୀର ଉପରେ ଅବଶ୍ୟ ଅର୍ଦ୍ଧଶତାବ୍ଦୀର ଛାପ ବସି ଗଲଣି । ପାଟିର ଦାନ୍ତ ଦି ଚାରୋଟି ଖସି ପଡ଼ିଲଣି; କିନ୍ତୁ ତଥାପି 'ସେପରି ସୌନ୍ଦର୍ଯ୍ୟ ତୁଟି ନାହିଁ । ସାମନ୍ତରାୟ ନିର୍ନିମେଷ ନୟନରେ ଚାହିଁ ରହିଲେ କେତେକ୍ଷଣ ।

ମନ ଗଭୀର ଭିତରୁ ଉଙ୍କି ମାରି ଉଠିଲା କେତେ ଦିନର ଅଧା ପାଶୋରା ସ୍ମୃତି । ଏଇ ଗୀତା ଦେବୀ ସେତେବେଳେ କଅଁଳ କୈଶୋର ଅତିକ୍ରମ କରି ନ ଥିଲେ । ବଡ଼ଲୋକର ଅଲିଅଳି ଝିଅ । ଚଉଦ ବର୍ଷ ନ ଟପୁଣୁ ସାନ୍ତରାଙ୍କ ସହିତ ବିବାହ ହୋଇ ଯାଇଥିଲା ।

କାହିଁ କେତେ ଦିନ ତଳର କଥା । ତା'ପରେ ଷଠି ମା'ଙ୍କ ଅନୁଗ୍ରହ ପଡ଼ିଲା । ଗୋଟିଏ ବୋଲି ପୁଅ । ରୂପ ଗୁଣରେ ଖୁଣିବାକୁ ନାହିଁ । ଦିବ୍ୟ ରାଜକୁମାର ପରି ଚେହେରା । ରୂପ ଯେମିତି ଗୁଣ ବି ସେମିତି । ଏବେ ସେଇ ପୁଅ ହୋଇଛି ବଡ଼ ସାଇବ । ଆଇ. ଏ. ଏସ୍. ଅଫିସର । ହେଲା ! ଲୋକେ ପାଠପଢ଼ି କ'ଣ ଚାକିରି କରୁ ନାହାନ୍ତି ? ତେବେ କ'ଣ ସେମାନେ ଘରଦ୍ୱାର ସାଇ ପଡ଼ିଶା ସବୁ ଛାଡ଼ି ଦେଉଛନ୍ତି ? ସାନ୍ତରାଙ୍କ ଇଚ୍ଛା ଥିଲା, ପୁଅ ବହୁତ ପାଠ ପଢ଼ିଛି, ବଡ଼ ଚାକିରି ପାଇଛି, ମନଇଚ୍ଛା ପାଟୋଇ ବୋହୂଟିଏ ଆଣିବେ । ବାଜା ବାଜିବ, ବାଣ ଫୁଟିବ, ରୋଷଣି ଆଲୁଅରେ ଦାଣ୍ଡ ଝଲକି ଉଠିବ । ବାଃ କେଡ଼େ ମଜା ! ସାନ୍ତରାଙ୍କର କୋଉ ସମ୍ପତ୍ତି ନାହିଁ ଯେ, ସେ ଏଥିକି ଡରିବେ ?

Digitized by PPRACHIN, SOA

କିନ୍ତୁ କାହିଁ ? ସାନ୍ତରାଙ୍କର ଏତେ ଦିନର ସ୍ୱପ୍ନ ପାଣି ଫୋଟକା ପରି କୁଆଡ଼େ ଉଭେଇ ଗଲା, ଯେଉଁଦିନ ସେ ଶୁଣିଲେ ଯେ ତାଙ୍କ ପୁଅ କୁଆଡ଼େ ସ୍ଥିର କରିଛନ୍ତି ଯେ ବମ୍ବେଇର ଜଣେ ଆଇ: ଏ: ଏସ୍: ଅଫିସର ଝିଅକୁ ବିବାହ କରିବେ ।

ହେଉ, ଯେତେହେଲେ ପୁଅ ତ ! ସାନ୍ତରା ପିଲାଟି ଦିନୁ ବଡ଼ ଉଦାରମନା । ସେ ମଣିଷ, ମଣିଷ ଭିତରେ କୌଣସି ମୌଳିକ ଭେଦ ଦେଖି ପାରନ୍ତି ନାହିଁ । ସେଥିପାଇଁ ପୁଅର ବିବାହ ପ୍ରସ୍ତାବରେ ଅରାଜି ହେଲେ ନାହିଁ । ହେଉ, ତେବେ ବିବାହ ତ ହେବ । କିନ୍ତୁ ନିଶ୍ଚୟ କୌଳିକ ପରମ୍ପରା ମତରେ ହେବ ।

ସାନ୍ତରା ପୁଅଙ୍କ ପାଖକୁ ଚିଠି ଲେଖିଲେ । ବିବାହ ଲଗ୍ନ ସ୍ଥିର କରିଛନ୍ତି । ଛୁଟି ନେଇ ଆସିବୁ । ପୁଅଙ୍କ ପାଖରୁ ଜବାବ୍ ଆସିଲା — ଛିଃ, ବିବାହ ଲଗ୍ନ ଫଗ୍ନ ଗୋଟାଏ କଣ ? ସେଗୁଡ଼ାକ ଅତି ପୁରୁଣାକାଳିଆ ପ୍ରଥା । ଆଜିକାଲି ଯୁଗରେ ଏକମାତ୍ର ସିଭିଲ ମ୍ୟାରେଜ ହେଉଛି ଆଇନାନୁମୋଦିତ ବିବାହ । ତାହାହିଁ ହେଲା । ବୃଦ୍ଧ ସାମନ୍ତରାୟ ସିନା ଟିକିଏ ଅମଙ୍ଗ ହୋଇଥିଲେ, କୌଳିକ ପରଂପରା ମତିକୁ ଛାଡ଼ିବା ପାଇଁ କିନ୍ତୁ ତାଙ୍କର ସହଧର୍ମିଣୀ ଶ୍ରୀମତୀ ଗୀତା ଦେବୀ ଯୁକ୍ତି କରି କହିଲେ— ପୁଅ ଆଇ: ଏ: ଏସ୍ ଅଫିସର । ବଡ଼ ସାଇବ ହେଲାଣି । ସେ କ'ଣ ପୁଣି ସେଇ ଗୋଟାଏ ମଫସଲିଆଙ୍କ ଭଳି ମୁଣ୍ଡରେ ଟୋପର ପିନ୍ଧି ବିବାହ ବେଦୀରେ ବସିବ ? ନାଃ, ସେ ସବୁ ହେବନାହିଁ । ସେ ଯାହା କହୁଛି ସେୟା ହେଉ । ବୃଦ୍ଧ ସାମନ୍ତରାୟ ଆଉ ପାଟି ଫିଟାଇ ନାହାନ୍ତି । ନୀରବରେ ସବୁ କଛୁ ସମର୍ଥନ କରିଗଲେ ।

ତା ପରେ ପୁଅଙ୍କଠାରୁ ଖବର ଆସିଲା— ଗ୍ରେଟିଆ ମଫସଲ ଯାଗାରେ ପଡ଼ି ରହିଥିବ କାହିଁକି ? ଏଇ ଦିଲ୍ଲୀ ସହରକୁ

Digitized by PPRACHIN, SOA

ଚାଲିଆସ । ଆମେ ତ ବର୍ତ୍ତମାନ ଏଇଠି ରହିବା । ଯେଉଁଠିକି ବା ବଦଳି ହେବା, ସେଠିତ ସରକାରୀ କୋଠି ମିଳିବ, ତେବେ ଆଉ ସେ ମଫସଲ ଜାଗାଟାରେ ଘର ଦ୍ୱାର ରଖି ଲାଭ କ'ଣ ? ସବୁ ବିକବାକି ଦେଇ ଟଙ୍କାତକ ବେଙ୍କରେ ଜମା କରି ଦେଇ ଆସ ।

ପୁଅଙ୍କ ଚିଠି ପାଇ ବୃଦ୍ଧ ସାନ୍ତରଙ୍କ ଛାତିରେ କିଏ ଯେପରି ଗୋଟିଏ ଛୁରିକା ପଶିଗଲା । ନିଜ ହାତରେ କେତେ ଯତ୍ନରେ ସେ ଘରଟି ତୋଳାଇ ନାହାନ୍ତି ? ଯେଉଁଠି ଯାହା ଯେମିତି ହେବାର କଥା ସବୁ ନିଜେ ହାତରେ ଗଢ଼ିଛନ୍ତି, କେଉଁଠି ଫୁଲ କୁଣ୍ଡ ରହିବ; କେଉଁଠି ଗାଈ ବାଛୁରି ବନ୍ଧା ହେବେ, କେଉଁଠି କାଠ ଜାଳ ରଖାଯିବ । ଏମିତି ଏମିତି କେତେ ଛୋଟିକିଆ କଥାକୁ ନଜର ଦେଇ ସେ ଏ ଘରଟିକି ଗଢ଼ିଛନ୍ତି । ଯାହାକୁ ବିକି ଦେଇ ଯିବେ ? ନା ହେବ ନାହିଁ ।

ଗୀତା ଦେବୀ ଗର୍ଜି ଉଠି କହିଲେ—ହେବ ନାହିଁ କ'ଣ ? ଗୋଟିଏ ବୋଲି ପୁଅ । ସେ ବିଦେଶରେ ପଡ଼ି ସଡ଼ୁଥିବ । ଆଉ ତୁମେ ଆମେ ଏଠି ବସି ମଜା ମାରୁଥିବା । ନା ନା ତା ହେବ ନାହିଁ । ପୁଅ କଥା ମାନ । ଏଠିକା ଘରଦ୍ୱାର ବାଡ଼ିବଗିଚା ସବୁ ବିକି ଦିଅ । ଦିଲ୍ଲୀ ଚାଲିଯିବା ।

ଦିଲ୍ଲୀ । ହଁ ପୃଥିବୀର ମଧ୍ୟ ନଗରଶ୍ରେଷ୍ଠ ଦିଲ୍ଲୀ । ଦିଲ୍ଲୀକା ଲଡ୍ଡୁ ଯେ ଖାଇଛି ସେ ପସ୍ତାଉଛି, ଯେ ନ ଖାଇଛି ସେ ବି ପସ୍ତାଉଛି । ପୁଅ ଲେଖିଛି ଦିଲ୍ଲୀ ସହର—ସାକ୍ଷାତ୍ ଇନ୍ଦ୍ରପୁରୀ । ଗୀତା ଦେବୀଙ୍କର ମନ ଚଳଚଞ୍ଚଳ ହୋଇ ଉଠିଲା କେମିତି ଶୀଘ୍ର ଦିଲ୍ଲୀ ଯିବେ । ଉଠୁଣୁ ବସୁଣୁ ଦିନ ରାତି ସବୁବେଳେ ସେ ସ୍ୱାମୀଙ୍କ ସଙ୍ଗେ ଲଗେଇଲେ— ଚାଲ ଦିଲ୍ଲୀ ଚାଲିଯିବା ।

Digitized by PPRACHIN, SOA

ଯେତେ ହେଲେ ସହଧର୍ମିଣୀ ସେ । ତା ପରେ ପୁଣି ପୁଅର ଜଗର । ଦୁଇଜଣଙ୍କ ଟାଣ ପଡ଼ିଲା ବୃଦ୍ଧ ସାମନ୍ତରାଙ୍କ ଉପରେ । ସେ ଅଗତ୍ୟା ରାଜିହେଲେ । ଘର ବିକି ହେଲା । ବାଡ଼ି ବଗିଚା ବିକି ହେଲା । ଟଙ୍କାତକ ବ୍ୟାଙ୍କରେ ଥୋଇ ଦେଇ ସସ୍ତ୍ରୀକ ସାମନ୍ତରାୟ ଦିଲ୍ଲୀ ପଥର ପଥିକ ହେଲେ ।

ଦିଲ୍ଲୀ ସହରର ଗୋଟିଏ ସାତମହଲା କୋଠାର ତିନୋଟି ବଖରା । ତା’ର ଭିତରେ ଥାନ୍ତି ମିଷ୍ଟର ସୁଦର୍ଶନ ସାମନ୍ତରାୟ ଆଇ: ଏ: ଏସ୍ । ସେଥିରୁ ଗୋଟିଏ ଘରେ ବୃଦ୍ଧ ସାମନ୍ତରାୟ ଓ ତାଙ୍କ ସ୍ତ୍ରୀ ବାସ କରନ୍ତି । ଦିଲ୍ଲୀ ଯିବା ପରଦିନଠାରୁ ସାମନ୍ତରାଙ୍କର ରକ୍ତଚାପ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି । ଡାକ୍ତର କହୁଛି— ଦୁଶ୍ଚିନ୍ତା ଯୋଗୁହିଁ ରକ୍ତଚାପ ବୃଦ୍ଧି ହେଉଛି ।

କାନ୍ଥ ଘଡ଼ିରେ ପୁଣି ବାଜିଲା ଟଂ । ରାତି ଗୋଟାଏ; ସାମନ୍ତରାଙ୍କ ଆଖିକୁ ତେବେ ବି ନିଦ ଆସୁନାହିଁ । ଟଂ, ଟଂ । ଦୁଇଟା ବି ବାଜି ଗଲା । ଆଖି ଟିକିଏ ବୁଜି ଆସୁଛି କି ନାହିଁ, ସାନ୍ତରା ପାଟି କରି ଉଠିଲେ—କୈବଲ, କୈବଲ, ହଇରେ ହିନାଥ । ବଗିଚାର ସେ ବାଟେଭିଆ କମଳା ଗଛଟାରେ ଆଜି ପାଣି ଦେଇଚୁ ? ଗୀତାଦେବୀଙ୍କ ନିଦ ଭାଙ୍ଗି ଗଲା । ସେ ଉଠି ପଚାରିଲେ—କ’ଣ ‘କହୋ । ଏମିତି ବଳବଳେଇ ହେଉଛ କାହିଁକି ?’ ସାନ୍ତରା ନିଜେ ତାର ସମାଧାନ କରିପାରୁ ନାହାନ୍ତି । ତାଙ୍କର ଅବଚେତନ ମନ ଭିତରେ ଯେପରି ଗୋଟାଏ ଭୂତ ମାଡ଼ି ବସିଛି ।

ସାନ୍ତରା ଉପରକୁ ଚାହିଁଲେ—କଡ଼ି ବରଗା ବହ୍ମାନ ଶୁନଗୁତ । କିନ୍ତୁ ଏ ତ ତାଙ୍କ ନିଜ ଘର ନୁହେଁ । ଆଜି ହୁଏତ ସେ ଏଠେଇଁ ଅଛନ୍ତି କାଲି ପୁଣି ଚାଲିଯିବେ ଆଉ କେଉଁଠିକି, ସତେ ଯେପରି

Digitized by PPRACHIN, SOA

ସାରା ଦୁନିଆ ଭିତରେ ମୁଣ୍ଡ ଗୁଞ୍ଜିବାକୁ ତାଙ୍କର ନିଜର ବୋଲି ଗୋଟିଏ ସ୍ଥାନ ନାହିଁ । ସେ ବାସ୍ତୁହରା ।

ବାସ୍ତୁହରା ସାନ୍ତରାଙ୍କ ମୁଣ୍ଡ ଭିତରେ ଯେପରି କିଏ ଶହେଟା ହାତୁଡ଼ିରେ ଧକ୍କା ମାରୁଛି । ବିଛଣାରୁ ଉଠି ଆସି ବାହାରକୁ ଚାହିଁଲେ ସେ । ବିଦ୍ୟୁଦାଲୋକିତ ଦିଲ୍ଲୀ ନଗରୀର ପ୍ରଶସ୍ତ ରାଜପଥ ଲମ୍ବି ଲମ୍ବି ଯାଇଛି କେଉଁ ସୁଦୂରକୁ । ପାଖରେ ପ୍ରକାଣ୍ଡ ପ୍ରକାଣ୍ଡ ପାର୍କ । କିନ୍ତୁ କାହିଁ ତାଙ୍କର ସ୍ୱହସ୍ତ ବର୍ଦ୍ଧିତ ବଗିଚାଟିର ସୌନ୍ଦର୍ଯ୍ୟ ତ ତାଙ୍କ ଆଖିରେ ପଡ଼ୁ ନାହିଁ ଏଠି ?

ତାଙ୍କର ବଗିଚା ? ହଁ ଗୋଟାଏ କଙ୍କରିଆ ପଥୁରିଆ ଜାଗାଟା ଉପରେ ସେ ନିଜେ ହାତରେ ଫୁଟେଇ ପାରିଥିଲେ ଏକ ନନ୍ଦନ କାନନର ଅପୂର୍ବ ଶୋଭା । ଗୋଟି ଗୋଟିକରି ନିଜ ହାତରେ ସେ ପୋତିଥିଲେ କେତେ ଫଳ ଫୁଲର ଗଛ ।

ଆଖିକୁ ଦିଶିଲା—ହେଇ, ସେଇ ବାଟେଭିଆ କମଳା ଗଛଟାଏ—ଫୁଲ ଫୁଟିଲାଣି – ଫଳ ଧରିବ—ପାଚିବ । ନାଲ୍ ଟକ୍ ଟକ୍ ନା ନାରଙ୍ଗୀ ରଙ୍ଗର । ଓଃ କେଡ଼େ ମିଠା, କେଡ଼େ ସୁସ୍ୱାଦୁ ତାର ଫଳ ! ସାନ୍ତରା ଦେଖିଲେ ତାଙ୍କ ବିଛଣା ପାଖରେ ବଜାରରୁ କିଣା ହୋଇ ଆସିଥିବା କେତେଗୁଡ଼ିଏ ବାଟେଭିଆ କମଳା ଥୁଆ ହୋଇଛି । ପୁଅ ଆଇ. ଏ. ଏସ୍. ଅଫିସର । ଟଙ୍କାର କ'ଣ ଅଭାବ ? ବାପାଙ୍କ ପଥ୍ୟ ପାଇଁ ବଜାରରୁ କିଣି ଆଣି ଥୋଇ ଦେଇଛନ୍ତି । ସେଥିରୁ ଗୋଟିଏ କମଳା ହାତକୁ ନେଇ ସାନ୍ତରା-ଦି ଚାରି ଥର ଓଲଟାଇ ଦେଖିଲେ । ନାଃ, ତାଙ୍କ ବଗିଚା କମଳା ପରି ତ ନୁହେଁ ? ଚୋପା ଛଡ଼ାଇ ଦି କୋଲ ପାଟିରେ ପକାଇଲେ । ଇସ୍ ! କି କଦର୍ଯ୍ୟ ସୁଆଦ ? ତାଙ୍କ ବଗିଚାର ସଦ୍ୟତୋଳା କମଳା ସହିତ କେଉଁ ଗୁଣେ ସରି ଏଇ ଦିଲ୍ଲୀ ବଜାରର ବାସୀ ପୁରୁଣା

Digitized by PPRACHIN, SOA

ଫଳଗୁଡ଼ାକ । ସାନ୍ତରାଙ୍କ ମନରେ ଭାରି ବିରକ୍ତି ଭାବ ଆସିଲା । ସେ ଗୋଟି ଗୋଟିକରି ସବୁଗୁଡ଼ିକ କମଳାକୁ ଝରକାବାଟେ ବାହାରକୁ ଫୋପାଡ଼ି ଦେଲେ ।

ରାସ୍ତାରେ ଠିକ ଡିଉଟିରେ ଯାଉଥିବା କନେଷ୍ଟବଲ ଉପରେ କମଳାଟିଏ ଠେକା ମାରିଲା ଭଳି ଯାଇ ପଡ଼ିଲା । ସେ ଚିତ୍କାର କରି ଉଠିଲା—କଉନ୍ ପାଗଲ ହାଏ—ଏସେ କମଲା ସବ୍ ଗିରା ଦେତା ?

ଏଁ ପାଗଲ ?

ପାଗଲ କିଏ ?

ସାନ୍ତରା ?

ସାନ୍ତରାଙ୍କ ମୁଣ୍ଡ ଭିତରେ କପରି ଗୋଟାଏ ନିଆଁ ଗୁଳା ପରି ଜଣେ ଜଳି ଉଠିଲା । ସେ ପାଗଳ ? ନା ନା, ସେ ପାଗଳ ନୁହନ୍ତି—ସମ୍ପୂର୍ଣ୍ଣ ପ୍ରକୃତିସ୍ଥ । କିନ୍ତୁ ଦୁନିଆଯାକ ଯେପରି ସମସ୍ତେ ପାଗଳ । ବଦ୍ଧ ପାଗଳ । ଆଜି ସେଇ ପାଗଳଖାନା ଭିତରେ ଏକାକୀ ସେ ଗୋଟିଏ ଅତି ଶାନ୍ତ ଶିଷ୍ଟ ନିରୀହ ଭଦ୍ରଲୋକ । ପାଗଳଙ୍କ ଭିତରେ ପଡ଼ି ଯେପରି ପାଗଳ ହେବାକୁ ବସିଛନ୍ତି ।

ସ୍ତ୍ରୀ ଗୀତା ଦେବୀ ! ବୃଦ୍ଧ ସାମନ୍ତରାୟ ପୁଣି ଟିକିଏ ହସି ଉଠିଲେ । କି ପାଗଳାମି ? ବୁଢ଼ୀ ହେଲେଣି ଆସି । ଦେହରେ ଅର୍ଦ୍ଧ ଶତାବ୍ଦୀର ଛାପ ବସିଲାଣି । ବାଳଗୁଡ଼ିକ ଧଳାସିଆ ପଡ଼ିଆସିଲାଣି । ତେବେ ବି ଆଶା, ସେଗୁଡ଼ିକ ପୁଣି କଳା ହୋଇ ଯାଆନ୍ତା କି ? ସେଥିପାଇଁ ଏବେ ବି ସେ ବୋତଲ ବୋତଲ ଲେମା ତେଲ ଆଣି ମୁଣ୍ଡରେ ବୋଳୁଛନ୍ତି । ଦାନ୍ତ ଦୁଇଟା ଝଡ଼ି ଗଲାଣି । ପୁଣି ତା ସ୍ଥାନରେ ଲଗାଇଛନ୍ତି ଯୋଡ଼ାଏ ସୁନାର ଦାନ୍ତ । ସତେ ଯେପରି

Digitized by PPRACHIN, SOA

ସେ ଭାବୁଁଛନ୍ତି ପୁଣି ତାଙ୍କର ସେଇ କୈଶୋର ଜୀବନକୁ ଫେରିଯିବେ । ପାଗଳାମି ନୁହେଁ ତ କଣ ?

ପୁଅ—ମିଷ୍ଟର ସୁଦର୍ଶନ । ଆଇ. ଏ. ଏସ. ଅଫିସର—ନିଜର ଦେଶ, ଆତ୍ମୀୟ ସ୍ୱଜନ ସବୁରିଠାରୁ ବିଚ୍ଛିନ୍ନ ଗୋଟାଏ କକ୍ଷଚ୍ୟୁତ ଗ୍ରହ । ନିଜକୁ ଖୁବ୍ ବଡ଼ ବୋଲି ଭାବନ୍ତି । ଦୁନିଆରେ ଯେପରି ତାଙ୍କରି କଥାହିଁ ଠିକ୍ । ଏ'ବି ଗୋଟାଏ ପାଗଳାମି ? ଏବେ ବି ଏକ ନୂଆ ଜାତି, ଏକ ନୂଆ ଗୋଷ୍ଠୀର ସୃଷ୍ଟି ହୋଇଛି—ସେଟା ହେଉଛି ଏଇ ଏକ ସ୍ୱତନ୍ତ୍ର ସରକାରୀ ଚାକିରିଆ ଗୋଷ୍ଠୀ । ସେଥିପାଇଁ ସେ ଇଚ୍ଛା କରିଥିଲେ ସେଇ ଗୋଷ୍ଠୀରେ ବିବାହ କରିବା ପାଇଁ । ତାଙ୍କର କଳ୍ପନା ଥିଲା—ଆଇ. ଏ. ଏସ୍.ର କନ୍ୟାକୁ ବିବାହ କରିବେ । ଇସ୍ କି ପାଗଳାମି !

ବୃଦ୍ଧ ସାମନ୍ତରାୟଙ୍କ ମୁଣ୍ଡ ଭିତରେ କିପରି କ'ଣ ହୋଇଗଲା । ସତେ ତ ସେ ଯେପରି ଗୋଟାଏ ପାଗଳାଖାନା ମଧ୍ୟରେ ଆବଦ୍ଧ ରହିଛନ୍ତି । ଚାରିଆଡ଼େ ଖାଲି ପାଗଳାମି । ଆଉ ସେ ସେଇ ପାଗଳାମିରେ ପଡ଼ି ଆଜି ଏକ କକ୍ଷଚ୍ୟୁତ ଗ୍ରହ ପରି ସୁଦୂର ଦିଲ୍ଲୀ ସହରରେ ପଡ଼ି ରହିଛନ୍ତି । ଆଜି ତାଙ୍କର ନାଁ ଲୁଚି ଯାଇଛି । ସେ ଆଉ ମଉଗଜପୁରର ପ୍ରସିଦ୍ଧ ସାମନ୍ତରାୟ ବଂଶର ବଂଶଧର ନୁହଁନ୍ତି । ସେ ହେଉଛନ୍ତି ମିଷ୍ଟର ସୁଦର୍ଶନ ସାମନ୍ତରାଏ ଆଇ. ଏ. ଏସ୍.ଙ୍କର ପିତା ।

ବୃଦ୍ଧ ସାମନ୍ତରାୟ ଝରକା ନିକଟକୁ ଯାଇ ଚାହିଁଲେ, ଶ୍ରାବଣ ଆକାଶର ଘୋର ଅନ୍ଧକାର ମଧ୍ୟରେ ମିଟି ମିଟି ହୋଇ କେତେ ତାରା ଜକ୍ ଜକ୍ ଜଳୁଛନ୍ତି । ତା'ରି ଭିତରେ କେତେ ଗ୍ରହ ନକ୍ଷତ୍ର ଆପଣାର କକ୍ଷ ଓ ଅକ୍ଷ ମଧ୍ୟରେ ଠିକ୍ ନିୟମିତ ଭାବରେ ଘୂରୁଛନ୍ତି ଟିକିଏ ବି ବ୍ୟତିକ୍ରମ ନାହିଁ । କିନ୍ତୁ ସେ ? ସେ ଆଜି ଏକ କକ୍ଷଚ୍ୟୁତ ଗ୍ରହ ।

Digitized by PPRACHIN, SOA

ପୁଣି ଫେରି ଆସି ବିଛଣାରେ ପଡ଼ିଲେ ବୃଦ୍ଧ ସାମନ୍ତରାୟ । ଆଖିକୁ ନିଦ ଆସୁ ନାହିଁ । ମୁଣ୍ଡ ପାଖରେ ଥୁଆ ହୋଇଛି ସ୍ଲିପିଂ ଡ୍ରଗ୍ । ପୁଡ଼ିଆ ଫିଟାଇ ସାନ୍ତରା ପାଟିରେ ପକାଇ ପାଣି ଗିଲାସେ ପିଇଦେଲେ । କାଲେ ନିଦ ଆସିବ ପରା !

ଔଷଧ କ୍ରିୟାରେ ସାନ୍ତରାଙ୍କର ଆଖି ତନ୍ଦ୍ରାଚ୍ଛନ୍ନ ହୋଇ ଆସିଲା । ଆଖି ପତା ମୁଦି ପଡ଼ିଲା ସତ । କିନ୍ତୁ ସୁଷୁପ୍ତି ଆସିଲା ନାହିଁ । ସଚେତନ ମନର କ୍ରିୟା ବନ୍ଦ ହୋଇଗଲା । କିନ୍ତୁ ଅବଚେତନ ମନ ଭିତରେ ଉଙ୍କି ମାରି ଉଠିଲା କେତେ ଅଧପାଶୋରା ସ୍ମୃତି ସେଇ ତାଙ୍କର ଚିର ପରିଚିତ ଜନ୍ମମାଟି । ଯେଉଁଠି ସେ ନିଜ ହାତରେ ଗଢ଼ିଥିଲେ ତାଙ୍କର ସେଇ ପ୍ରିୟ ବାସଗୃହଟିକୁ । ସାନ୍ତରାଙ୍କର ସେଇ ଅତିପ୍ରିୟ ବଗିଚ୍ଛଟି । ପ୍ରତିଦିନ ସକାଳେ ସେ ଯାଉଥିଲେ ପ୍ରାତଃଭ୍ରମଣ କରି—ସେଇ ବଗିଚ୍ଛଟି ଭିତରେ ସେ ପାଉଥିଲେ କେପରି ଏକ ଅପୂର୍ବ ଆନନ୍ଦ । ଆଜି ସେ ସବୁ ସ୍ୱପ୍ନ । ସାମନ୍ତରାୟଙ୍କ ଅବଚେତନ ମନ ଭିତରେ ଏମିତି କେତେ ଗୁଡ଼ିଏ ସ୍ମୃତି ସାଲୁବାଲୁ ହୋଇ ଚେଇଁ ଉଠି ଏମିତି ଏକ ଗଣ୍ଡଗୋଳିଆ ପରିସ୍ଥିତିର ସୃଷ୍ଟି କରିଦେଲେ ଯେ ସେ ଆଦୌ ସ୍ଥିର ହୋଇ ରହି ପାରିଲେ ନାହିଁ । ହଠାତ୍ ଚିତ୍କାର କରି ଉଠିଲେ, ଆରେ କୈବଲ ଆରେ କୈବଲ, ଆରେ ହିନାଥ କିଏ କାହିଁ ଅଛରେ ଆସ । ମୋତେ ଟିକିଏ ଧରି କି ମୁଁ ବଗିଚ୍ଛ ଆଡ଼େ ବୁଲି ଆସେଁ ।

ବୃଦ୍ଧଙ୍କ ଚିତ୍କାରରେ ଗୀତା ଦେବୀଙ୍କର ନିଦ ଭାଜିଗଲା । ସେ ଉଠି ଆସି କହିଲେ—କ'ଣ ହେ, ବାୟା ହୋଇ ଗଲ କି ? ଏଠା ପରା ଦିଲ୍ଲୀ ସହର-ସାଇବ କୋଠି । ଏଠି କୈବଲ, ହିନାଥ କାହାନ୍ତି ?

Digitized by PPRACHIN, SOA

ପାଖ ଘରୁ ମିଷ୍ଟର ସୁଦର୍ଶନ ମଧ୍ୟ ପିତାଙ୍କ ଚତ୍କାର ଶୁଣି ଉଠି ଆସୁଥିଲେ । କିଏ ଯେପରି ଇଂରାଜୀରେ ଚୁପା ଗଳାରେ କହିବା ଶୁଣାଗଲା—'Oh perhaps the old man has lost his senses. He has gone mad completely.'

ପାଖ ଘରୁ ସ୍ତ୍ରୀସୁ ପୁତ୍ରବଧୂଙ୍କର ତାଚ୍ଛଲ୍ୟଭରା ଵଦ୍ରୂପୋକ୍ତି ବୃଦ୍ଧ ସାମନ୍ତରାୟଙ୍କର କାନରେ ଆସି ବାଜିଲା । ସେ ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ । ଖୁବ୍ ଜୋର୍‌ରେ ଚିତ୍କାର କରି ଉଠିଲେ—ହୁଁ—ପାଗଳ ମୁଁ—ନା ତୁମେ ସବୁ ପାଗଳ ? ଉତ୍ତେଜନାର ଆଧିକ୍ୟରୁ ବୃଦ୍ଧଙ୍କର ରକ୍ତଚାପ ଆହୁରି ବଢ଼ିଗଲା । ସେ ସମ୍ପୂର୍ଣ୍ଣ ସଂଜ୍ଞାହୀନ ହୋଇ ପଡ଼ିଗଲେ ।

ତହିଁ ପରଦିନ ସକାଳେ ଡାକ୍ତର ଆସି ପରୀକ୍ଷା କରି କହିଲେ—ଆଉ ଆଶା ନାହିଁ—ଭୀଷଣ ରକ୍ତଚାପର ବୃଦ୍ଧି ଯୋଗୁଁ ବୃଦ୍ଧ ସଂଜ୍ଞାହୀନ ହୋଇ ପଡ଼ିଛନ୍ତି ।

ଶନିବାର ସନ୍ଧ୍ୟା

କାମ, କାମ, କାମ, ଫାଇଲ୍ ଫାଇଲ୍ ଫାଇଲ୍ । ଠିକ୍ ଯେମିତିକି ସମୁଦ୍ରର ଢେଉ ପରି ଗୋଟାକ ପରେ ଗୋଟାଏ ମାଡ଼ି ଆସୁଛି, ଅସରନ୍ତି । ଯେତେ ଚେଷ୍ଟା କଲେ ବି ଟେବୁଲ ସଫା ହେଉ ନାହିଁ । ଛାଡ଼ା ଛାଡ଼ା ଚିଠି ଆସୁଛି । ଖାଲି କଳ୍ପନା ଜଳ୍ପନା, ହିସାବ କିତାବ । କାଗଜ ଗୁଡ଼ିଏ ଗୁଡ଼ିଏ ଲେଖି ଲେଖି କଲମ ମୁନ ଖିଅଁ ମୁଣ୍ଡ଼ମାନ ଗଲାଣି । ହାତ ଥକି ପଡ଼ୁଛି । ତଥାପି କାମ ସରୁ ନାହିଁ । ସେକ୍ରେଟେରିଏଟର ପୁରୁଣା କିରାଣୀ ରମାନାଥ ବାବୁ ଆପଣା ଟେବୁଲଟି ପାଖରେ ବସି ସ୍ତୂପୀକୃତ ଫାଇଲ୍ ପାହାଡ଼ ଉପରେ ଉଦାସ ଦୃଷ୍ଟିରେ ଚାହିଁ ରହିଛନ୍ତି । ଅଜାଣତରେ ହାତର କଲମ ଅଟକି ଯାଇଛି । ମନଟା ଫେରି ଯାଇଛି କେଉଁ ଅଧା ପାଶୋରା ଅତୀତ ଯୁଗକୁ । ସୁଦୀର୍ଘ କିରାଣୀ ଜୀବନର ଅନୁଭୂତି ।

ଦିନେ ନୁହେଁ, ମାସେ ନୁହେଁ, ବର୍ଷେ ବି ନୁହେଁ । ବର୍ଷ ବର୍ଷ ଧରି ତିରିଶ ବର୍ଷକାଳ ରମାନାଥ ବାବୁ ଅକୁଣ୍ଠିତ ଚିତ୍ତରେ କଟାଇ ଦେଇଛନ୍ତି ଏହିପରି ଗଣି ଗଣି ଫାଇଲ ସ୍ତୂପ ଭିତରେ । ଯେତେବେଳେ ସେ ଚାକିରିରେ ପଶିଥିଲେ, ସେତେବେଳେ ଓଡ଼ିଶାର ସ୍ୱତନ୍ତ୍ର ସତ୍ତା ନ ଥିଲା । ଓଡ଼ିଶାର ମାନ ପାଞ୍ଚୋଟି ପରସ୍ପରଠାରୁ ବିଚ୍ଛିନ୍ନ ଜିଲ୍ଲା ବିରାଟ ବିହାର-ଓଡ଼ିଶା ପ୍ରଦେଶର ଗୋଟିଏ ବିଶ୍ରୀ ରୂପେ ପରିଗଣିତ ହେଉଥିଲା । ସରକାରୀ ସେକ୍ରେଟେରିଏଟ୍ ଥିଲା ସୁଦୂର ପାଟଣାରେ । ସେଇଠି ଆରମ୍ଭ ହୁଏ ରମାନାଥ ବାବୁଙ୍କର ପ୍ରଥମ ଚାକିରି ଜୀବନ । ଓଃ ! କି ସ୍ଫୂର୍ତ୍ତିର ଜୀବନ ସେ ନ ଥିଲା ! ନୂଆ ଚାକିରିରେ ପଶିଲାବେଳେ ଦରମା

Digitized by PPRACHIN, SOA

ଅବଶ୍ୟ କମ୍ ଥିଲା; କିନ୍ତୁ ଜିନିଷପତ୍ରର ଦରଦାମ୍ ଏତେ ଶସ୍ତା ଥିଲା ଯେ, ବେଶ୍ ମଉଜରେ ଖାଇ ପିଇ ମାସ ଶେଷକୁ ଦରମାରୁ ଅଧେ ବଳି ପଡ଼ୁଥିଲା । କୁଟୁମ୍ବ ସଂଖ୍ୟା ବି ଥିଲା ବହୁତ କମ୍ । ମାମୁଁ ମାଇଁ ଦି ପ୍ରାଣୀ । ସୁଦୂର ବିଦେଶରେ ବେଶ୍ ମଉଜରେ ଦିନ କଟେଇ ଦେଉଥିଲେ ।

ତା ପରେ ଓଡ଼ିଶା ବିହାର-ଓଡ଼ିଶା ପ୍ରଦେଶରୁ ଅଲଗା ହୋଇଗଲା । ୧୯୩୬ ମସିହା ଏପ୍ରିଲ ପହିଲା । ସବୁ ଓଡ଼ିଆ କିରାଣୀ ସ୍ୱଦେଶକୁ ବାହୁଡ଼ି ଆସିଲେ । କଟକ ସହରର ପୁରୁଣା ଅଦାଲତ ଘରେ ସରକାରୀ ଦପ୍ତରଖାନା ଖୋଲିଲା । କଟକ ସହରର ଗୋଟିଏ ଅପ୍ରଶସ୍ତ ଗଳି ଭିତରେ ରମାନାଥ ବାବୁ ବସା ଖଣ୍ଡିଏ ବହୁ କଷ୍ଟରେ ଯୋଗାଡ଼ କରି ନେଇଥିଲେ । ଆଜି କୋଡ଼ିଏ ବର୍ଷ ସେଇ ଘରେ ସେ ବିତେଇ ଦେଇଛନ୍ତି । ସେଇ ବସା ଘରେ ପ୍ରଥମେ ଷଠୀ ମାଉସୀଙ୍କର କୃପାଦୃଷ୍ଟି ପଡ଼ିଥିଲା । ରମାନାଥଙ୍କର ପ୍ରଥମ ପୁତ୍ରର ଜନ୍ମ ସେଇ ଘରେ । ତା ପରେ ଷଠୀ ମାଉସୀଙ୍କର ଅପାର ଅନୁଗ୍ରହରୁ ପୁଅ, ଝିଅ ହୋଇ ଛଅଟି ଜନ୍ମ ଛନ୍ତି । ଭଡ଼ା ଘର ହେଲେ ବି ରମାନାଥ ବାବୁଙ୍କର ଗୋଟିଏ ମମତା ଲାଗିଯାଇଛି ସେଇ ଘରଟି ଉପରେ । ସେଇ ଘରୁ ଶାଗ ପଖାଳ ଖାଇ ଯାଇ ତାଙ୍କ ପିଲାଏ ସ୍କୁଲ କଲେଜରେ ପଢ଼ି ମଣିଷ ହୋଇଛନ୍ତି । ବଡ଼ ପୁଅଟି ଇଞ୍ଜିନିୟରିଂ ସ୍କୁଲରେ ପଢ଼ୁଛି । ତା ତଳ ଝିଅଟି ମେଡ଼ିକାଲରେ ପଢ଼େ । ତା ତଳ ପୁଅଟି ବି. ଏସ୍. ସି. ପଢ଼ୁଛି । ଏମିତି ଗୋଟିକ ପରେ ଗୋଟିଏ ସ୍କୁଲ କଲେଜରେ ପଢ଼ୁଛନ୍ତି । ଅନେକ ସମୟରେ ରମାନାଥ ବାବୁ ଭାବନ୍ତି, କଟକରେ ବସା ଖଣ୍ଡିଏ ଅଛି ବୋଲି ସିନା ତାଙ୍କ ପିଲାଏ ପଢ଼ାପଢ଼ି କରି ପାରୁଛନ୍ତି—ନଇଲେ କିରାଣୀ ଚାକିରିରେ କେତେ ବା ଆୟ ଯେ

Digitized by PPRACHIN, SOA

ସେଇଥିରେ ଏତେଗୁଡ଼ାଏ ପିଲଙ୍କୁ ବୋଡ଼ିଂରେ ରଖି ସେ ପାଠ ପଢ଼ାଇ ପାରନ୍ତେ ?

ଏଇ ସବୁ କାରଣରୁ ରମାନାଥ ବାବୁ କଟକ ବସାଟା ଛାଡ଼ି ପାରିଲେ ନାହିଁ ଯେତେବେଳେ ସେକ୍ରେଟେରିଏଟ୍ ପୁରୁଣା କଟକ ଛାଡ଼ି ନୂଆ ରାଜଧାନୀକୁ ଉଠି ଆସିଲା । ନୂଆ ରାଜଧାନୀରେ ଏ ସବୁ ସୁବିଧା କାହିଁ ପିଲଙ୍କୁ ପାଠ ପଢ଼େଇବା ପାଇଁ ? ପ୍ରଥମେ ପ୍ରଥମେ ରମାନାଥ ବାବୁ କଟକରୁ ଭୁବନେଶ୍ୱରକୁ ପ୍ରତିଦିନ ଯା ଆସ କରୁଥିଲେ । କିନ୍ତୁ ଦେଖିଲେ ଯେ ଦିନକୁଦିନ ଫାଇଲର ସାହାନ୍ତ ବଢ଼ି ବଢ଼ି ଯାଉଛି । ଦିନ ସାଢ଼େ ଦଶଟାଠାରୁ ଆରମ୍ଭ କରି ସାଢ଼େ ୫ଟା ପରେ ବି କାମ ସରୁ ନାହିଁ । କିନ୍ତୁ ସର୍ଭିସ ବସ୍‌ଟା ତ ଆଉ ରମାନାଥ ବାବୁଙ୍କର କାମ ସରିବାକୁ ଅପେକ୍ଷା କରି ରହିବ ନାହିଁ ? ଠିକ୍ ପାଞ୍ଚଟା ବାଜିଲାକ୍ଷଣି ସେ ପେଁଏ ପେଁଏ କରି ହର୍ଣ୍ଣ ବଜାଇ ସେକ୍ରେଟାରିଏଟ୍‌ର ବିରାଟ ସୌଧ ଆଗରେ ଧାଇଁଯାଏ । ରମାନାଥ ବାବୁ ଅଧା ଲେଖା ଫାଇଲକୁ ଟେବୁଲ ଉପରେ ଥୋଇ ଦେଇ ଏକ ନିଃଶ୍ୱାସରେ ଧାଇଁ ଯାଆନ୍ତି ବସ୍ ଉପରକୁ । ଏମିତି କିଛିଦିନ ଚାଲିଲା ପରେ ରମାନାଥ ବାବୁ ଦେଖିଲେ ଯେ ଏମିତି ଯିବା ଆସିବା କରିବା ଆଉ ଚଳିବ ନାହିଁ । ସେଥିପାଇଁ ସେ ବାଧ୍ୟହୋଇ ନୂଆ ରାଜଧାନୀର ଗୋଟିଏ ଟାଇପ୍ ଫୋର ଘରେ ଆଶ୍ରୟ ନେଲେ । ସେ ଆଶ୍ରୟ ନେଲେ ସିନା କିନ୍ତୁ ତାଙ୍କର ସେଇ ପୁରୁଣା କଟକା ବସାଟିକୁ ଛାଡ଼ି ଆସିପାରିଲେ ନାହିଁ । ପିଲମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ୍ କଳ୍ପନାରେ ସେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ତୁଚ୍ଛ ମଣିଲେ । ଫଳରେ ରମାନାଥ ବାବୁଙ୍କୁ ଯୋଡ଼ିଏ ସଂସ୍ଥା କରିବାକୁ ପଡ଼ିଲା ।

ମାସରେ ଯେତିକି ଦରମା ପାଆନ୍ତି ସେଥିରୁ ତିନି ଭାଗ ରମାନାଥ ବାବୁ ଦେଇଆସନ୍ତି କଟକ ବସାରେ, ପିଲାପିଲମାନଙ୍କର

Digitized by PPRACHIN, SOA

ଚଳିବା ପାଇଁ । ଅବଶିଷ୍ଟ ଟଙ୍କା କେଇଟିରେ ଯେନ ତେନ ପ୍ରକାରେଣ ଆପଣାର ଗୁଜରାଣ ଚଳାଇ ନିଅନ୍ତି । ପୁଷ୍ଟାଙ୍ଗ ଚାକର ରଖିବାକୁ ଚାର କାହିଁ ? ଆପେ ଆପେ ଦି ମୁଠା ଚାଉଳ ଫୁଟାଇ ନିଅନ୍ତି । ଭାତ ଭିତରେ ଆଳୁ ଦିଟା କମ୍ବା ବାଇଗଣ ଦିଟା ସିଝାଇ ନେଇଥାନ୍ତି । ସେତକ ଚକଟି ଭର୍ତ୍ତା କରିଦିଅନ୍ତି । ଏମିତି ଭାବରେ ସପ୍ତାହର ଛଅଟି ଦିନ କଟିଯାଏ । ଶନିବାର ଦିନ ରମାନାଥ ବାବୁଙ୍କର ମନରେ ଭାରି ଗୋଟାଏ ଆନନ୍ଦ ଜନ୍ମେ । ସଅଳ ସଅଳ ଅଫିସରୁ ଆସି ସେ କଟକ ବସ୍ ଧରନ୍ତି । ପୁଣି ସୋମବାର ଦିନ ସକାଳ ବସ୍‌ରେ କଟକରୁ ଫେରି ଆସନ୍ତି । ଶନିବାର ଦିନ ସନ୍ଧ୍ୟାଟି ହେଉଛି ଯେପରି ରମାନାଥ ବାବୁଙ୍କର ସଦା କର୍ମକ୍ଳାନ୍ତ ଜୀବନ ମରୁରେ ଗୋଟିଏ ସ୍ନିଗ୍ଧ ଶୀତଳ 'ଓଏସିସ୍', । କଟକ ସହରର ସେହି ଅପ୍ରଶସ୍ତ ଗଳିଟି 'ଭିତରକୁ ବିଜୁଳି ଆଲୁଅ ଯାଇ ନାହିଁ । ତାଙ୍କର ସେଇ ସେକାଳର ଅନ୍ଧାରୁଆ ବସାଘରଟିରେ ପାଦ ଦେଲାକ୍ଷଣି ରମାନାଥ ବାବୁଙ୍କର ପ୍ରାଣ ଉପରେ ଏକ ଅନନୁଭୂତ ପୁଲକରେ ପୂରିଉଠେ । ବହୁଦିନର ପୋଷା କୁକୁରଟି ଆସି ରମାନାଥ ବାବୁଙ୍କ ଗୋଡ଼ତଳେ ଲୋଟିଯାଏ । ସତେ ଯେପରି ସେ ହଜାଇଥିବା କୋଟିନିଧି ଫେରି ପାଇଲା ! ସାନ ସାନ ପିଲାମାନେ ଧାଇଁ ଆସି ସାତ ଦିନର ସଞ୍ଚିତ ଅଭାବ ଅଭିଯୋଗଗୁଡ଼ିକ ବାଢ଼ି ବସନ୍ତି । ଗୃହିଣୀ ରୋଷାଇ ଘରୁ ଅଭିମାନ ମିଶ୍ରିତ ସ୍ୱରରେ କହନ୍ତି—ଆହା, କେତେ ଫୁଲ ଯାଉଛ ମ ବାପାକୁ ଦେଖି । ଶନିବାର ସନ୍ଧ୍ୟାଟି ବେଶ୍ ଆନନ୍ଦରେ କଟିଯାଏ । ପୁଣି ରବିବାର ସନ୍ଧ୍ୟାବେଳକୁ ବିଦାୟ ବେଳାର ଛାଇ ମାଡ଼ି ଆସିଥାଏ । ଭୋର ଭୋର୍ ବସ୍ । ସେଥିପାଇଁ ବନ୍ଧାବନ୍ଧର ଧୂମ୍‌ଧାମ୍ ଲାଗେ ।

Digitized by PPRACHIN, SOA

କଟକର ସେଇ ଅନ୍ଧାରିଆ ବସାଟା ତୁଳନାରେ ନୂଆ ରାଜଧାନୀର ଟାଇପ୍ ଫୋର ବସାଟି କେଡ଼େ ସୁନ୍ଦର ! ବିଜୁଳି ଆଲୁଅ, ବିଜୁଳି ପଙ୍ଖା, ପାଣି କଳ, ମନକୁ ମନ ଧୋଇ ହୋଇ ଯାଉଥିବା ପାଇଖାନା, ଖୋଲା ପବନ । ଏତେ ସବୁ ଉପଭୋଗ୍ୟ ଜିନିଷ ଥାଇ ସୁଦ୍ଧା ସେ ବସାଟା ରମାନାଥ ବାବୁଙ୍କୁ ସୁଖ ଦେଇ ପାରେ ନାହିଁ । କଚେରୀ ଫେରନ୍ତ ରମାନାଥ ବାବୁ ଯେତେବେଳେ ଶୂନ୍ୟ ଘରଟା ଭିତରକୁ ପଶି ସୁଇଚ୍‌ଟା ଟିପି ଦିଅନ୍ତି ସେତେବେଳେ ଘର ଭିତରଟା ଆଲୁଅର ସ୍ରୋତରେ ଭସିଉଠେ ସତ କିନ୍ତୁ ତାଙ୍କ ଆଖିରେ ସେ ସବୁ କିଛି ଦିଶେ ନାହିଁ । ଦିଶେ ଖାଲି ତାଙ୍କର ସେଇ ଅପ୍ରଶସ୍ତ ଗଳିର ଅନ୍ଧାରିଆ ଘରଟା, ଯାହା ଭିତରେ ସେ ଜୀବନରେ ଅସରନ୍ତି ରସ ପ୍ରାଚୁର୍ଯ୍ୟର ଉପଭୋଗ କରି ଆସିଛନ୍ତି । ନୂଆ ରାଜଧାନୀର ସୁନ୍ଦର ବସାଘରଟି ଭିତରେ ବସି ରମାନାଥ ବାବୁ ଯେତେବେଳେ ଫାଇଲ ଘାଣ୍ଟୁଥାନ୍ତି ସେତେବେଳେ ତାଙ୍କର ମନେପଡ଼ି ଯାଇଥାଏ ପିଲାଦିନେ ଗ୍ରନ୍ଥାଳୀରେ ପଢ଼ିଥିବା ଗୋଟିଏ ଗୀତର କେତୋଟି ଅଧା ପାଶୋରା ଧାଡ଼ି—"ଦେଖିବାକୁ ଭଲ ସୁନା ପିଞ୍ଜରାଟି, ରହିବାକୁ ନୁହେଁ ଭଲ, ଗଛରେ ଯେ ବସା ତହିଁ ବଡ଼ ସୁଖ, ପିଞ୍ଜରାରେ କଳବଳ ।"

ସପ୍ତାହଟିର ଛଅଟି ଦିନ ଘଣା ବଳଦ ପରି ରମାନାଥ ବାବୁ ବସାରୁ ଅଫିସକୁ, ଅଫିସରୁ ବସାକୁ ଘୂରା ଫେରା କରୁଥାନ୍ତି । କାନ୍ଧରେ ମୁଣ୍ଡରେ ଖାଲି କାମର ବୋଝ । ଦିନକୁ ଦିନ ପୁଣି ସେ ବୋଝଟା ଅଧିକରୁ ଅଧିକ ଭାରି ହୋଇଯାଉଛି । କେତେ ଯୋଜନା, କେତେ କଳ୍ପନା ଚାଲିଛି । ସେ ସବୁର ଧକ୍‌କା ଆସି ବାଜୁଛି ବୁଢ଼ା ରମାନାଥଙ୍କ ମୁଣ୍ଡ ଉପରେ । ଉପରେ ଯେଉଁ ସବୁ ବଡ଼ ସାହେବମାନେ ଅଛନ୍ତି ସେ ସବୁ ଖାଲି 'ହଁ' 'ନା' ଲେଖିବାରେ

Digitized by PPRACHIN, SOA

ବ୍ୟସ୍ତ । ସେଇଥିରେ ମଧ୍ୟ ତାଙ୍କର ତୋଡ଼ ବି କମ୍ ନୁହେଁ । ରମାନାଥ ବାବୁଙ୍କ ନାତି ବୟସର ହୋଇ ସୁଦ୍ଧା ବଡ଼ ସାଇବ କାମର କାଣିଚାଏ ନ ଜାଣି ଯେଉଁ 'ସବ୍‌ଜାନ୍‌ତା' ପଣିଆ ଦେଖାଇ ନାକ ଟୁଣ୍ଡାଣ୍ଡ଼ କଥା କହନ୍ତି, ତାହା ରମାନାଥ ବାବୁଙ୍କ ପ୍ରାଣକୁ ଝୁର୍ ବାଧେ । ଛଅ ଦିନ କାଳ ଅକ୍ଳାନ୍ତ ପରିଶ୍ରମ କରି ସୁଦ୍ଧା ରବିବାର ଦିନକ ପାଇଁ କଟକ ଯିବା ଲାଗି ରମାନାଥ ବାବୁ ଯେତେବେଳେ ଦରଖାସ୍ତଟା ଧରି ବଡ଼ ସାଇବଙ୍କ ସାମନାରେ ଠିଆ ହୁଅନ୍ତି, ସେତେବେଳେ ବଡ଼ ସାଇବଙ୍କ ରାଗ ଆହୁରି ଅଧିକ ବଢ଼ିଯାଏ । ଅତି ରୁକ୍ଷଗଳାରେ ଚିତ୍କାର କରି କହନ୍ତି—କାମ ଧାମ ତ କରୁ ନାହିଁ, ଖାଲି ଛୁଟି ଛୁଟି ଛୁଟି । ଥରେ ସାହସ କରି ରମାନାଥ ବାବୁ କହିଥିଲେ—ଆଜ୍ଞା, କାମ କରି କରି ତ କୁମ୍ପ ପାଲଟି ଗଲଣି, ଛଅ ଦିନ ହାଡ଼ଫଟା କାମ ପରେ ସରକାର ଗୋଟାଏ ଦିନ ଛୁଟି ଦେଇଛନ୍ତି କାହିଁକି ? ଟିକିଏ ବିଶ୍ରାମ ନେବାପାଇଁ ତ ? ସେତିକ ଯଦି ନ ମିଳିବ ତେବେ ଛୁଟିଟା ହୋଇଛି କାହିଁକି ? ଏତିକ କହିଦେଲା ପରେ ରମାନାଥ ବାବୁଙ୍କୁ ଯେଉଁ ମିଠା କଡ଼ା ବାଣୀ ଶୁଣିବାକୁ ପଡ଼ିଥିଲା ସେଥିରେ ସେ ଚୁପ୍ । ଆଉ ପାଟି ଫିଟାଇ ନାହାନ୍ତି । ମାରବଟରେ ବସାକୁ ଫେରି ଆସିଲେ ।

ବହୁ ପ୍ରତ୍ୟାଶିତ ଶନିବାର ସନ୍ଧ୍ୟା ପୁଣି ଆସିଛି । କିନ୍ତୁ ଏଥର ରମାନାଥ ବାବୁ କଟକ ଯାଇ ପାରୁ ନାହାନ୍ତି । ସରକାର ଛୁଟି ଦେଇଥିଲେ ସୁଦ୍ଧା ବଡ଼ ସାହେବଙ୍କ ରାୟରେ ଛୁଟି ମିଳି ନାହିଁ । ପାଞ୍ଚଟା ବାଜି ଗଲଣି । ମୋଟର ବସ୍‌ଟା ଅଫିସ୍ ସାମନାରେ ଆସିଛି ଛିଡ଼ା ହୋଇ ହର୍ଣ୍ଣଟାକୁ ପଁ ପଁ କରୁଛି । ବଡ଼ ସାହେବ ଦିପହରର ପୂରାପୂରି ଦୁଇଟି ଘଣ୍ଟା 'ଲଞ୍ଚ୍' ଖିଆରେ କଟାଇ ଅଫିସକୁ ଆସି ବି ଘୁରେଇଟି

Digitized by PPRACHIN, SOA

ଫାଇଲରେ 'ହଁ', 'ନା' ଲେଖିଦେଇ ଠିକ୍ ସାଢ଼େ ଚାରଟା
ବାଜିଲାକ୍ଷଣି ଟେନିସ୍ ଖେଳିବା ପାଇଁ କ୍ଲବକୁ ଚାଲି ଗଲେଣି ।
ରବିବାର ଦିନ ପୁଣି ସାଙ୍ଗ ସାଥିମାନଙ୍କ ସଙ୍ଗରେ ପିକ୍‌ନିକ୍‌ରେ
ବାହାରି ଯିବେ । ବୁଢ଼ା ରମାନାଥ; କିନ୍ତୁ ସାଢ଼େ ଦଶଟା ବେଳୁ
ଯେ ନାକ କାନରେ ମୁଠେ ଗେଞ୍ଜି ଦେଇ ଅଫିସକୁ ଆସିଥିଲେ—
ପାଞ୍ଚଟା ବାଜି ଗଲାଣି, ଏ ପର୍ଯ୍ୟନ୍ତ ଫାଇଲଗଦା ଭିତରେ ଅଫିସ
ଘରଟିରେ ଆବଦ୍ଧ ହୋଇ ବସି ରହିଛନ୍ତି । ମୋଟର ବସ୍‌ର
କଣ୍ଡକ୍ଟର ଆଶ୍ଚର୍ଯ୍ୟ ହେଉଛି—ଆଜି ତ ଶନିବାର, ରମାନାଥ
ବାବୁଙ୍କର ଦେଖାନାହିଁ କାହିଁକି ? ହାତ ଘଡ଼ିକୁ ଚାହିଁ
କଣ୍ଡକ୍ଟର ହୁଇସିଲ୍ ମାରିଲା । ସର୍ଭିସ୍ ବସ୍‌ଟି ପଁ ପଁ ପଁ କରି ବ ଚାର
ଥର ହର୍ଣ୍ଣ ବଜାଇ ଛାଡ଼ିଦେଲା ।

ରମାନାଥ ବାବୁ ଅଫିସର ଝରକା ବାଟେ ଚାହିଁଥାନ୍ତି ।
ବସ୍‌ଟି ନୂଆ ରାଜଧାନୀର ପ୍ରଶସ୍ତ ରାସ୍ତା ଦେଇ ଚାଲିଗଲା । ରମାନାଥ
ବାବୁଙ୍କର ଉଦାସ ଦୃଷ୍ଟି ପୁଣି ଫେରି ଆସିଲା ସ୍ତୂପୀକୃତ
ଫାଇଲ ଉପରକୁ । ରମାନାଥ ବାବୁଙ୍କର ହାତର କଲମଟା
ଅଜାଣତରେ ଅଟକିଗଲା ଗୋଟିଏ ଅଧା ଲେଖା ନୋଟ୍‌ସିଟ୍
ଉପରେ ।

ତାଙ୍କର ଅମାନିଆ ମନଟା ଯାଇ ଘୂରି ବୁଲୁଛି କଟକ
ସହରର ସେଇ ଅପ୍ରଶସ୍ତ ଗଳିରେ ଥିବା ତାଙ୍କ ଛୋଟିଆ ଘରଟି
ଭିତରେ । ହେଇ ଦାଣ୍ଡ ଆଗରେ ଗୋଟାଏ ରିକ୍‌ସା ଟିଂ ଟିଂ କରି
ଚାଲିଗଲା । ରୋଷେଇ ଘର ଭିତରୁ ସାନ ଝିଅଟିକୁ ଡାକ ପକାଇ
ଗୃହିଣୀ କହୁଛନ୍ତି,—ଆଲୋ କୁନ, ଧାଇଁ ଯା ତ କବାଟ ଖୋଲି
ଦେବୁ, ହେଇ ତୋ ବାପା ଆଇଲେଣି ପରା ! ରିକ୍‌ସା ଘଣ୍ଟି କ'ଣ
ତୋ କାନକୁ ଶୁଭୁ ନାହିଁ ? କୁନ 'ବାପା' 'ବାପା' କହି ଦାଣ୍ଡକୁ

Digitized by PPRACHIN, SOA

ଧାଇଁଗଲା । ତା ପଛରେ ଧାଇଁଗଲା ସେଇ ଅତି ଆଦରର ପୋଷା କୁକୁରଟି ଗୃହାଗତ ମୁନିବଙ୍କର ପଦଲେହନ କରିବା ପାଇଁ । ରୁମ କବାଟ ଫିଟାଇ ଦେଲା, ଦାଣ୍ଡରେ କେହି ନାହିଁ । ବାଟହୋଇ ଲକ୍ସାଟା ବାଟେ ବାଟେ ଚାଲି ଗଲାଣି । ଦାଣ୍ଡରୁ ରୁମ ଡାକ ଶୁଭୁଛି—ମା, ବାପା କାହାନ୍ତି ଲୋ ? କେହି ତ କେଣେ ନାହିଁ । ମାଆ କହୁଛନ୍ତି—ହଁ ଲୋ, ମୋ କାନକୁ ତ ଶୁଭିଲା—ସେ ଯେମିତି ଆସି ଡାକ ପକାଇଛନ୍ତି—ଦୁଆର ଖୋଲ । ଟିକିଏ ଧାଇଁ ଯା ତ, ହେଇ ତ ବଡ଼ ସଡ଼କଟା ଦିଶୁଛି—ଚାହିଁବୁ ରିକ୍ସାଟା ଗଲା କୁଆଡ଼େ ? ରମାନାଥ ବାବୁ ମୂକ ସ୍ଥାଣୁ ପରି ବସି ରହିଛନ୍ତି । ମନ ଭିତରେ ଚାଲିଛି ସ୍ବପ୍ନାବାଜି ଖେଳ ।

ହଠାତ୍ ଅଫିସ ଚୌକିଦାର ଡାକିଲା—ବାବୁ, ସମସ୍ତେ ଚାଲି ଗଲେଣି ଯେ, ଘରକୁ ଯିବ ନାହିଁ କି ? ରମାନାଥ ବାବୁଙ୍କର ଧ୍ୟାନ ଭାଙ୍ଗିଲା । ସେ ପୁଣି ଉଦାସ ଦୃଷ୍ଟିରେ ବାହାରକୁ ଚାହିଁଲେ—ଆକାଶରେ ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ ଆସ୍ତେ ଆସ୍ତେ ମିଳେଇ ଯାଉଛି । ଦଳେ କୁଆ 'କାଆ' 'କାଆ' ଚିତ୍କାର କରି କରି ସାରା ଦିନର ଉଦର ପୋଷଣ କାର୍ଯ୍ୟ ସାରି ମହା ଆନନ୍ଦରେ ବସାକୁ ବାହୁଡ଼ି ଯାଉଛନ୍ତି—

ରମାନାଥ ବାବୁ ଚୌକି ଛାଡ଼ି ଫାଇଲ ଗୋଛାଟାଏ କାଖରେ ଜାକି ବାହାରି ପଡ଼ିଲେ । ପାଟିରୁ ତାଙ୍କର ଗୁଣୁ ଗୁଣୁ ସ୍ୱରରେ ବାହାରି ପଡୁଥାଏ ପିଲାଦିନେ ପଢ଼ିଥିବା ପଢ଼ାବହିର ଗୋଟିଏ କବିତାର କେତୋଟି ଧାଡ଼ି—

"ଆଆଲୋ ଯଦି ମୋର ବିହଙ୍ଗ ପକ୍ଷ
ଲଙ୍ଘି ଖ୍ୟାପଣ ଗିରି ସମୁଦ୍ର ବକ୍ଷ,

Digitized by PPRACHIN, SOA

ଦେଖନ୍ତୁ ପ୍ରିୟଜନ ମୁଖ-କମଳ
ହୁଅନ୍ତା ଏ ସନ୍ତପ୍ତ ପ୍ରାଣ ଶୀତଳ ।"

ରମାନାଥ ବାବୁ ତାଙ୍କର କର୍ମକ୍ଲାନ୍ତ ଶରୀରଟାକୁ ଟାଣି ଓଟାରି ଯେତେବେଳେ ଯାଇ ନିଜର ସେଇ ଟାଇପ୍ ଫୋର୍ ଘରଟି ଭିତରକୁ ପଶିଗଲେ, ସେତେବେଳେ ତାଙ୍କ ମୁଣ୍ଡଟା ଯେପରି ଚକର୍ ଦେଇ ଘୂରି ଯାଉଛି । ତାଙ୍କୁ ଜଣାଯାଉଛି ଯେପରି ତାଙ୍କର ସେଇ ନୂଆ ରାଜଧାନୀର ସୁନ୍ଦର ବିଜୁଳି ଆଲୁଅ ଭରା ଟାଇପ୍ ଫୋର୍ ଘରଟି ଘୂରି ଘୂରି କେଉଁ ରସାତଳର ଅନ୍ଧକାର ଗର୍ଭରେ ବୁଡ଼ି ଯାଉଛି ଆଉ ତାର ସ୍ଥାନରେ ଭାସି ଉଠୁଛି ତାଙ୍କର ସେହି ବନ୍ଧୁବାନ୍ଧବର ସାଥୀ, ସ୍ନେହ ମମତାର ଆବାସ କଟକ ସହରର ସେହି ଅପ୍ରଶସ୍ତ ଗଳିର ଅନ୍ଧାରିଆ ଘରଟି । କାନରେ ବାଜିଯାଉଛି—କୁମ, ଝୁମଙ୍କର ପିଲଳିଆ ମିଠା ଡାକର ଆବାଜ୍—ବାପା, ବାପା, ବାପା ।

Digitized by PPRACHIN, SOA

ଛୁଅ ନଅ ଡେ'ର

'ଛୁଅ ନଅ ଡେ'ର
କେଭେ ନ ଯିବ ଘ'ର,
ଯଦି ଯିବ ଘ'ର,
ତେବେ ହେବ ଜ'ର ।'

ଆପ୍ତ ବାକ୍ୟ କ'ଣ ଭୁଲ ହୁଏ ? ମନମୋହନ ବାବୁ ମହା ମୁସ୍କିଲରେ ପଡ଼ିଛନ୍ତି । କରନ୍ତି ଏବେ କ'ଣ ? ଗୋଟିଏ ଆଡ଼େ ଆପ୍ତ ବାକ୍ୟ, ଅନ୍ୟ ଆଡ଼େ ନବପରିଣୀତା ସହଧର୍ମିଣୀ ବସନ୍ତ-କୁମାରୀଙ୍କର ସାଦର ଅନୁରୋଧ । ହାତରେ ଗୋଲାପୀ ରଙ୍ଗର ଟେଲିଗ୍ରାମ୍ କାଗଜ ଖଣ୍ଡି ଧରି ମନମୋହନ ବାବୁ ଦଶ ଥର ଏପଟ ସେପଟ ବୁଲେଇ ବୁଲେଇ ପଢ଼ୁଛନ୍ତି । ତାରିଖଟା ଠିକ୍ ଅଛି ତ ? ହଁ, ଆଜ ସକାଳେ ତ ତାର ହୋଇଛି । ବସନ୍ତକୁମାରୀ ତାର କରିଛନ୍ତି—Come back positively to-day. Basant, ଅର୍ଥାତ୍ 'ଆଜ ନିଶ୍ଚୟ ଫେରିଆସ—ବସନ୍ତ !' କାହିଁକି ? କିଛି କାରଣ ଲେଖା ନାହିଁ । ବସନ୍ତକୁମାରୀଙ୍କ ଦେହ ତେବେ କ'ଣ କିଛି ଖରାପ ହେଲା ? ଯଦି ପ୍ରକୃତରେ ତାହାହିଁ ହୋଇଥାଏ ତେବେ ତ ନିଶ୍ଚୟ ଯିବାକୁ ହେବ । ଡାକ୍ତର ଡକାଇବାକୁ ହେବ । ଔଷଧପଥର ବ୍ୟବସ୍ଥା କରିବାକୁ ହେବ । ଦରକାର ପଡ଼ିଲେ ସିଭିଲସର୍ଜନଙ୍କୁ କଲ୍ ଦେବାକୁ ହେବ । ଏତେ ସବୁ କାମ ତାଙ୍କ ଅନୁପସ୍ଥିତିରେ କରିବ କିଏ ? ଘରେ ତ ଆଉ କେହି ନାହିଁ । ଏତେ ବଡ଼କଟେ ଘରକର ପିଲା ।

Digitized by PPRACHIN, SOA

ମନମୋହନ ବାବୁ ସ୍ପଷ୍ଟ ଦେଖି ପାରିଲେ, ଯେପରି ସତକୁ ସତ ବସନ୍ତକୁମାରୀ ଭୀଷଣ ରୋଗଶଯ୍ୟାରେ ଶୋଇଛନ୍ତି । ଅତି କାତର କଣ୍ଠରେ ଡାକୁଛନ୍ତି—ଏ ଶୁଣୁଛ, ବାବୁ ଆସିଲେ ? ମନମୋହନ ବାବୁଙ୍କ କାନରେ ଯେପରି ସ୍ପଷ୍ଟ ବାଜି ଯାଉଛି ସେ ଶବ୍ଦ । ଆହା ! ବିଚାରୀ କେତେ କଷ୍ଟ ପାଉ ନ ଥିବ ? ନିଶ୍ଚୟ ଯିବାକୁ ହେବ । ଯେମିତି ହେଉ ଯିବାକୁ ହେବ । ଯାହା ଇଚ୍ଛା ତାହା ହେଉ ନିଶ୍ଚୟ ଯିବାକୁ ହେବ । ଚପ୍ରାସିକୁ ଡାକିଲେ ।

ଚପ୍ରାସି ବାବୁର ଚୂଲି ଲଗାଇବାକୁ ଯାଉଥିଲା । ବାବୁଙ୍କ ଡାକ ଶୁଣି ଧାଇଁ ଆସି କହିଲା—ଆଜ୍ଞା ?

—ଶୀଘ୍ର ଜିନିଷପତ୍ର ବନ୍ଧାବନ୍ଧି କର; ଆଜି ଘରକୁ ଫେରିଯିବା ।

ବୁଢ଼ା ଚପ୍ରାସି ଗୋବିନ୍ଦ ତା'ର ଅଧା ପାଚିଲା ଅଧା କଳା ମୁଣ୍ଡବାଳରେ ହାତ ବୁଲାଉ ବୁଲାଉ କହିଲା—ଆଜ୍ଞା, ଆଜି ପରା ଛଅ ଦିନ ହେଲା—ହେଇ ତ ଆମେ ସୋମବାର ଦିନ ଆସିଥିଲେ । ଆଜି ହେଲା ଶନିବାର । ସୋମ, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି, ଠିକ୍ ଛଅ ଦିନ । ବାବୁ, ଶାସ୍ତ୍ର ପରା କହୁଛି—"ଛଅ ନଅ ତେର, କେବେ ନ ଯିବ ଘର । ଯଦି ଯିବ ଘର, ତେବେ ହେବ ଜର ।" ବାବୁ, ଏ ଶାସ୍ତ୍ର ବାକ୍ୟ କ'ଣ ମିଛ ? ହଜୁର, ମୁଁ ନିଜେ ପରା ଦେଖିଛି, କେତେଥର ଅଙ୍ଗେ ନିଭେଇ ବୁଝିଛି—ଶାସ୍ତ୍ର ବାକ୍ୟ ଏକବାରେ ଠିକ୍ । ଏମିତି ବାବୁ, ତୁମରି ପରି ଟୋକାଟାକଲିଆ ହାକିମଟିଏ ଥିଲେ ଯେ ମୁଁ ତାଙ୍କ ସଙ୍ଗେ ଥରେ ମଫସଲ ଗସ୍ତରେ ଯାଇଥିଲି । ସେ ଏମିତି ଜିଦ୍ ଧରି ବସିଲେ 'ଯେ ଛଅ ଦିନ ଦିନ ଘରକୁ ଫେରିବେ । ମୁଁ ଯେତେ ନାହିଁ କଲି, ସେ ମୋଟେ ମାନିଲେ ନାହିଁ । ମୁଁ ଆଉ କ'ଣ କରନ୍ତି ? କହିଲି, ହଉ ବାବୁ

Digitized by PPRACHIN, SOA

ତମ ଇଚ୍ଛା । ମୋ କଥା ଏଡ଼ିଦେଇ ବାବୁ ଘରକୁ ଗଲେ ଯେ ଆଉ ଫେରି ନାହାନ୍ତି । ବୁଢ଼ା ଗୋବିନ୍ଦ ଚପ୍ରାସିର ଆଖିରେ ଲୁହ ଜକେଇ ଉଠିଲା । ବୁଢ଼ା ଗାମୁଛାରେ ମୁହଁ ପୋଛୁ କହିଲା—ଆଜ୍ଞା, ସେ ବାବୁ ଘରେ ପାଦ ଦେଇଛନ୍ତି କି ନାହିଁ କାହୁଁ ଗୋଟାଏ ଅକାଳ ଜର ମାଡ଼ି ଆସିଲା ଯେ ବାବୁ କ'ଣ ଆଉ ଉଠିଛନ୍ତି ? ସେଇ ଯେ ବିଛଣା ଧଇଲେ, ସେଇଥିରେ ଚାଲିଗଲେ । ଡାକ୍ତର କହିଲେ, "ଟାଇଫଏଡ୍ ଜର ।" ସେଇଥିପାଇଁ ବାବୁ ମୁଁ କହୁଛି - ମୋ ପାନ କୁହା କଥା ମାନ । ଆଜି ଦିନଟାରେ ଆଉ ଯିବାକୁ ମନ ବଳାଅ ନାହିଁ । କାଲି ଭୋର ଭୋର ଚାଲିଯିବା ଯେ ଦିନ ଆଠ ଘଣ୍ଟା ସଚକି କଟକ ସହରରେ ପହଞ୍ଚି ଯିବା ।

ମନମୋହନ ବାବୁ ପୁଣି ଏକ ଅଡୁଆରେ ପଡ଼ିଲେ । ବସନ୍ତକୁମାରୀ ଟେଲିଗ୍ରାମ୍ କରିଛି । ବିଶେଷ ଜରୁରୀ ଦରକାର ନ ପଡ଼ିଲେ ଟେଲିଗ୍ରାମ୍ କରନ୍ତା କାହିଁକି ? ଏଣେ ପୁଣି ଶାସ୍ତ୍ର ବାକ୍ୟ ଯିବାକୁ ନିଷେଧ କରୁଛି । ତା'ପରେ ଗୋବିନ୍ଦ ଚପ୍ରାସିର ଟିପ୍ପଣୀ ମନ ଭିତରେ ଗୋଟାଏ ବିରାଟ ଭୂତ ଭୟ ଲଗାଇ ଦେଲଣି । କରିବେ କ'ଣ ? ପୁଣି ଥରେ ଟେଲିଗ୍ରାମ୍ କାଗଜ ଖଣ୍ଡି ଭଲ କରି ପଢ଼ିଲେ । ସଫା ଲେଖା ହୋଇଛି—Come back positively to day—ଆଜି ନିଶ୍ଚୟ ଫେରିଆସ । ଆଜି ଶବ୍ଦଟା ତଳେ ନାଲି ପେନ୍ସିଲରେ ଦି' ଥର ଗାର ଟାଣିଦେଇଛି । ନା, ନିଶ୍ଚୟ ଯିବାକୁ ହେବ । ଯାହା ଇଚ୍ଛା ତାହା ହେଉ—ପୁଣି ସ୍ପଷ୍ଟ ଲେଖାଅଛି—ବସନ୍ତ—ତା ତଳେ ପୁଣି ନାଲି ପେନ୍ସିଲରେ ଗୋଟାଏ ଗାର ଟାଣିଲେ ।

ଇତି ମଧ୍ୟରେ ଚପ୍ରାସି ବିସ୍ତର ଯାଇ ପୁଣି ଚୁଲି ଫୁଙ୍କିବାରେ ଲାଗିଛି; ଓଦା କାଠଗୁଡ଼ାକରେ ହଠାତ୍ ନିଆଁ ଲାଗୁ ନାହିଁ ।

Digitized by PPRACHIN, SOA

ଘରଟା ଭିତରେ ଖାଲି ଧୂଆଁ ଭର୍ତ୍ତି । ପୁଣି ସାହେବ ଡାକିଲେ, ଗୋବିନ୍ଦ, ଗୋବିନ୍ଦ, ଇଆଡ଼େ ଆସିଲୁ ।

ଗୋବିନ୍ଦ ବସିଥିବାର ଆଖିରୁ ପାଣି ବୋହୁଛି । ଗାମୁଛାରେ ମୁହଁ ପୋଛୁ ପୋଛୁ ଗୋବିନ୍ଦ ଆସି ଠିଆ ହେଲା । ପଚାରିଲା—ଆଜ୍ଞା, ଡାକିଲେ କାହିଁକି ?

ମନମୋହନ ବାବୁ ସେତେବେଳକୁ ଭାରି ଅନ୍ୟମନସ୍କ । ହାତରେ ଟେଲିଗ୍ରାମ୍ କାଗଜଟା ଧରି ସେଥିରେ ପ୍ରତି ଶବ୍ଦ ତଳେ ନାଲି ନେଳି ପେନ୍‌ସିଲ୍‌ଟାରେ କେତେ ଥର ଗାର ପକାଇଲେଣି । ତା'ପରେ ଆଗରେ ପଡ଼ିଥିବା ବ୍ଲଟିଂ କାଗଜଟା ଉପରେ ସେଇ ପେନ୍‌ସିଲ୍‌ରେ କେତେ ଥର ଗାରେଇ ଦେଲେଣି—ଛଅ ନଅ ତେର । ପୁଣି ଗୋବିନ୍ଦ ପଚାରିଲା—ଆଜ୍ଞା ଡାକିଲେ ଯେ ? ମନମୋହନ ବାବୁଙ୍କ ଧ୍ୟାନ ଭାଙ୍ଗିଗଲା । ସେ କହିଲେ—ହଁ, ଯିବାକୁ ହେବ । ଏହିକ୍ଷଣି ଯିବାକୁ ହେବ । ବିଛଣାପତ୍ର ବାନ୍ଧିନିଅ ।

ଗୋବିନ୍ଦ ପୁଣି ମୁଣ୍ଡ କୁଣ୍ଡେଇ କୁଣ୍ଡେଇ କହିଲା—ଆଜ୍ଞା, ପରିବାପତ୍ର କାଟି ସାରିଲିଣି, ଚୁଲିରେ ଭାତ ବସାଇ ଦେଇଛି । ଯଦି ନିତାନ୍ତ ଯିବାକୁ ହେବ, ତେବେ ଦି'ଟା ଖାଇ ଦେଇ ଗଲେ ଭଲ ହୁଅନ୍ତା । କାହିଁ କେତେବେଳେ ଯାଇ ପହଞ୍ଚିବେ । ପଚିଶ ମାଇଲ୍ ବାଟ । ତାପରେ ପୁଣି ବାଟରେ କେତେ ବିପଦ ଆପଦ ଅଛି । ମୋଟର ଗାଡ଼ି କଥା ତ । ଯଦି କିଛି ଅଡୁଆ ହେଲା ତ ଅଟକିଲା ସେଇଠି ।

ଗୋବିନ୍ଦ କଣ କହୁଛି ମନମୋହନ ବାବୁଙ୍କ କାନ ଭିତରେ ଜମା ପଶୁ ନ ଥାଏ । ତାଙ୍କ ଆଖି ଆଗରେ ଖାଲି ଦିଶୁଛି—ବସନ୍ତକୁମାରୀଙ୍କର କପୋଳ-କଳ୍ପିତ ରୋଗାତୁର ମୁହଁର କାତର

Digitized by PPRACHIN, SOA

ଘୁହାଣି । କାନରେ ବାଜୁଛି କ୍ଷୀଣ କଣ୍ଠରେ ସେ ଯେପରି ଘୁକର ଠୋକାଠାକୁ ବାରମ୍ବାର ବିକଳ ହୋଇ ପଚାରୁଛନ୍ତି—ଏ ଶନଆ ବାବୁ ଆସିଲେ ? ଟିକିଏ ଦାଣ୍ଡକୁ ଧାଇଁଯାଇ ଦେଖି ଆ ତ । ନାଁ ଆଜି ଟିକିଏ ବିଳମ୍ବ କରିବା ଉଚିତ ନୁହେଁ, ନିଶ୍ଚୟ ଯିବାକୁ ହେବ । ଏହିକ୍ଷଣି ଯିବାକୁ ହେବ । ମନମୋହନ ବାବୁ କହି ଉଠିଲେ ବଡ଼ ପାଟି କରି ।

ଗୋବିନ୍ଦ ବିଚରା କରେ କ'ଣ ? ସାହେବଙ୍କ ହୁକୁମ । ବଙ୍ଗଳା ଚୌକିଦାରକୁ କଠା ପରିବାତକ ଦେଇ ଦେଇ ଗୋବିନ୍ଦ ବିଛଣାପତ୍ର ବାନ୍ଧି ଦେଲା । ସାହେବ ଗାଡ଼ି ଧରି ବଙ୍ଗଳା ଗୁଡ଼ୁ ବାହାରି ପଡ଼ିଲେ । ବଡ଼ ରାସ୍ତା ଉପରକୁ ଆସିଲାକ୍ଷଣି ଦେଖନ୍ତି ତ ଏକ ମହା ବିପଦ । ଗୋଟାଏ ସାପୁଆ କେଳା ପେଡ଼ା ପୋଡ଼ାଏ ଘର କରି ବୁଲୁଛି । ହଠାତ୍ ମନମୋହନ ବାବୁଙ୍କ ମନ ଭିତରେ ପୁଣି ଗୋଟାଏ ଅହେତୁକ ଭୟ ପଶିଗଲା । 'ଅହି ସବଂଶ ବାଧତେ' । ସାପ ଦେଖି ଯିବା ଯେ ଅତି ଅଶୁଭକର ଘଟଣା ! ଅବଶ୍ୟ ସାପଟା ପେଡ଼ା ଭିତରେ ଅଛି । କିନ୍ତୁ ମନମୋହନ ବାବୁଙ୍କ ଆଖି ଆଗରେ ଦିଶି ଯାଉଛି ଯେପରି ସାପଟା ଫଣା ଟେକି ଖେଳୁଛି ତାଙ୍କର ଆଗରେ—ଏ ଯେ ଅତି ଅଶୁଭ କଥା ! ହଠାତ୍ ମନମୋହନଙ୍କ ହାତର ଷ୍ଟିଏରିଂଟା ଏପଟ ସେପଟ ବୁଲିଗଲା । ଗାଡ଼ିଟା ମଧ୍ୟ ରାସ୍ତାର ଏ ପାଖରୁ ସେ ପାଖକୁ ସେ ପାଖରୁ ଏ ପାଖକୁ ଦି ଚାରିଥର ବୁଲିଗଲା । ମନମୋହନଙ୍କ ମୁଣ୍ଡରୁ ଝାଳ ବୋହି ପଡ଼ିଲା । ମନେହେଲା ଯେପରି ଗାଡ଼ିଟା ରାସ୍ତା ତଳକୁ ଖସି ଖସି ଯାଉଛି । ଆଜି ଟିକକୁ ନିଶ୍ଚୟ ଖସି ପଡ଼ିଥାନ୍ତା । କିନ୍ତୁ ସୌଭାଗ୍ୟବଶତଃ ରହିଗଲା । ମନମୋହନ ବାବୁ ପୁଣି ସାହସ ସଞ୍ଚୟ କରି ଆଗକୁ ବଢ଼ି ଚାଲିଲେ । କିନ୍ତୁ ମନ ଭିତରେ ପୁଣି

Digitized by PPRACHIN, SOA

ସେହି ଗୁଣିଆ—ଗୁଣି ଭିତରେ ଛନକା—ଛଅ ନଅ ତେର—ଛଅ ନଅ ତେର ! ଛଅ ଦିନରେ ସେ ଘରକୁ ଫେରୁଛନ୍ତି । କି ବିପଦ ଅଛି କେଜାଣି ? ବସନ୍ତକୁମାରୀ ତ ନିଶ୍ଚୟ ଜ୍ୱରରେ ପଡ଼ିଛନ୍ତି । ତା ପରେ ତାଙ୍କୁ ଯଦି ଜ୍ୱର ହୁଏ, ତେବେ କଥା ତ ସରିଲା ।

କିଛି ବାଟ ଗଲା ପରେ ଦେଖନ୍ତି ତ ଗାଉଁଲି ବୋହୂଟିଏ ମାଠିଆଟିଏ ଧରି କେନାଲକୁ ପାଣି ଆଣି ଯାଉଛି । ପୁଣି ମନମୋହନ ବାବୁଙ୍କ ମନରେ ଛନକା ପଶିଲା । ଖାଲି ମାଠିଆ ଦେଖି ଯାଉଛନ୍ତି ! ଏ ବି ଗୋଟାଏ ଅଶୁଭ ଶକୁନ ନିଶ୍ଚୟ । କିନ୍ତୁ ଖନା ବଚନ ତ କହୁଛି—'ଭରି ଠାରୁ ଅଭରି ଭଲ ଯଦି ଭରିବାକୁ ଯାଏ' । ମାଈକିନିଆଟି ନିଶ୍ଚୟ ପାଣି ଭରିବାକୁ ଯାଉଛି । ମନମୋହନ ବାବୁ ଟିକିଏ ଆଶ୍ୱସ୍ତ ହେଲେ; କିନ୍ତୁ ମନ ଭିତରେ ସେଇ 'ଛଅ ନଅ ତେର', ଭୂତଟା ପଶିଥାଏ ସେଟା ଘରି ଉପଦ୍ରବ କରୁଥାଏ । 'ଛଅ ନଅ ତେର' କେବେ ନ ଯିବ ଘରି, ଯଦି ଯିବ ଘରି ତେବେ ହେବ ଜରି' । ମନମୋହନ ବାବୁଙ୍କ ମୋଟର ଗାଡ଼ି ଯେତେ ଆଗକୁ ଆଗକୁ ଯାଉଥାଏ, ମନମୋହନ ବାବୁଙ୍କ ମନଟା ସେତେ ବେଶୀ ଆତଙ୍କିତ ହୋଇ ଉଠୁଥାଏ । ଘର ଯେତେ ଯେତେ ପାଖେଇ ଆସୁଥାଏ, ମନ ଭିତରେ ସେତେ ସେତେ ଭୟ-ଜମାଟ ବାନ୍ଧି ଆସୁଥାଏ । କେଜାଣି ଘର ଭିତରେ ପାଦ ଦେବା ବେଳକୁ କ'ଣ ହୋଇ ଯାଇଥିବ ! ହୁଏ ତ ତାଙ୍କ ଦେହର ତାତି ନିଶ୍ଚୟ ଶହେ ପାଞ୍ଚ ଡିଗ୍ରୀକୁ ଉଠି ଯାଇଥିବ । ଜ୍ୱର ତ ନିଶ୍ଚୟ ! ଶାସ୍ତ୍ର ବାକ୍ୟ କ'ଣ ମିଛ ? ତା'ପରେ ଗୋବିନ୍ଦ ଚପ୍ରାସିର ଟିପ୍‌ପଣୀ । ନିଜ ଅଙ୍ଗେ ନିଭାଇଥିବା ଘଟଣା ସେ କହୁଥିଲା । ଯଦି ସେମିତି ନ ହୁଏ ରକ୍ଷା । ଜ୍ୱର ହେଉ ପଛେ କିନ୍ତୁ ଟାଇଫଏଡ୍ ନ ହେଉ ।

Digitized by PPRACHIN, SOA

ହଠାତ୍ ମନମୋହନ ବାବୁ ଅନୁଭବ କଲେ ଯେପରି ତାଙ୍କ ମୁଣ୍ଡ ଭିତରଟା କ'ଣ ହୋଇ ଯାଉଛି । ନିଶ୍ଚୟ ଏ ତ ଜ୍ୱରର ଲକ୍ଷଣ । ମୁଣ୍ଡଟା ନ ହେଲେ ହଠାତ୍ ବିନ୍ଧି ଉଠନ୍ତା କାହିଁକି ? ହଠାତ୍ ମୋଟରଟା ବନ୍ଦ ହୋଇଗଲା । ମନମୋହନ ଅଜାଣତରେ ବ୍ରେକ୍ ଦେଇ ଦେଇଛନ୍ତି । ଗାଡ଼ି ବନ୍ଦ ହେବାରୁ ନିଜେ ନିଜ ନାଡ଼ି ଦେଖିବାକୁ ଲାଗିଲେ—ସତେ କ'ଣ ଟେମ୍ପରେଚର ବଢ଼ି ଯାଉଛି ତାଙ୍କର ?

ଗୋବିନ୍ଦ ବିଚରା ଦେଖିଲା—ସାହେବଙ୍କ ଆଖିରେ ବିହ୍ୱଳ ଭାବ । ଗୋବିନ୍ଦ ମନରେ ବି ଭୟ ହେଲା । ବୁଢ଼ା ବିଚରା ଗୁଣୁ ଗୁଣୁ ହୋଇ କହିବାକୁ ଲାଗିଲା—ବାବୁ ମୁଁ ମନା କରୁଥିଲି ପରା ! ଆଜି ଛଅ ଦିନରେ ଘରକୁ ଫେରିବା ନାହିଁ । ଗୋବିନ୍ଦର କଥାଟା ପୁଣି ବାବୁଙ୍କ ଭୟଟାକୁ ଦିଗୁଣ ବଢ଼ାଇ ଦେଲା । ମନମୋହନ ବାବୁ ପଚାରିଲେ—ଆଚ୍ଛା ଗୋବିନ୍ଦ, ମୋ ଦେହଟା ଟିକିଏ କସ୍‌ମସ୍ ଲାଗୁଛି କାହିଁକି ?

ଗୋବିନ୍ଦ କହିଲା—ଆଜ୍ଞା, ଆଉ ତ ମୋଟେ ଦି' ମାଇଲ ରହିଲା । ଚାଲନ୍ତୁ, ଘରେ ପହଞ୍ଚି ଡାକ୍ତର ଡକାଇବା । ଦେଖିବା କ'ଣ ହେଉଛି । ମନମୋହନ ବାବୁ ପୁଣି ସାହସ ସଞ୍ଚୟ କରି ଗାଡ଼ିରେ ଷ୍ଟାର୍ଟ ଦେଲେ; କିନ୍ତୁ ଏଥର ଭାରି ଭୟ ହେଉଛି—ମୁଣ୍ଡଟା ଭିତରେ ଯେପରି କ'ଣ ଗୋଟାଏ ହୋଇ ଯାଉଛି—ଖୁବ୍ ଧୀରେ ଧୀରେ ଗାଡ଼ି ଚାଲୁଛି । ସତେ ଯେପରି ମନ ମୋଟେ କହୁ ନାହିଁ ଆଗକୁ ଆଗେଇବ । ଖାଲି ମନେ ପଡ଼ୁଛି ଗୋବିନ୍ଦ କହୁଥିଲା, ସେ ଅଙ୍ଗେ ନିଭେଇଛି । ତା' ପରେ ମନେ ପଡ଼ିଲା, ପିଲାଦିନର କଥା । ସଞ୍ଜବେଳେ ଆଈ ବୁଢ଼ୀ କହୁଥିଲେ, କେମିତି କେଉଁ ରାଜପୁତ୍ର ପାରିଧିକି ଯାଇଥିଲେ ଯେ; ଏମିତି ସବୁ ଅଶୁଭ ଶକୁନ

Digitized by PPRACHIN, SOA

ଦେଖାଗଲା । ଶେଷକୁ ଘ୍ରାଜପୁଣ୍ଟ ବଟର ଘୋଡ଼ାରୁ ଖସିପଡ଼ ପଞ୍ଚଭ୍ର ଯାଇଲା । ସତେ କଣ ତାଙ୍କ ମୋଟର ଗାଡ଼ିଟା ସେଇପରି ଖସି ପଡ଼ିବ ? ମନ ଭିତରେ କେତେ କ'ଣ ଆଶଙ୍କା ଖେଳ ଯାଉଛି । ହେଇ ତ ଘର ଦିଶିଲାଣି । ଆଉ ପ୍ରାୟ ଅଧ ମାଇଲ ବାଟ । ଯେତିକ ଘର ନିକଟକୁ ଆଗେଇ ଆଗେଇ ଯାଉଛନ୍ତି, ମନମୋହନ ବାବୁଙ୍କ ମୁଣ୍ଡର ବେଦନାଟା ସେତିକ ବଢ଼ି ବଢ଼ି ଯାଉଛି । ପୁଣି ଭୟ ହେଉଛି—ବସନ୍ତକୁମାରୀ କ'ଣ କରୁଥିବେ ? ବସ୍ତୁଣୀ ନିଷ୍ଟୟ ରୋଗ ଶଯ୍ୟାରେ ପଡ଼ି କାତର କଣ୍ଠରେ ବାଉଳି ଗୁଉଳି ହେଉଥିବେ । ଏତିକ ବେଳେ ସେ ସିନା ତାଙ୍କର ସେବା ଶୁଶ୍ରୁଷା କରନ୍ତେ, କିନ୍ତୁ ସେ ଯେ ନିଜେ ପୁଣି ଅସୁସ୍ଥ ହୋଇ ପଡ଼ିଲେଣି !

ଗାଡ଼ି ଯାଇ ହତା ଫାଟକ ପାଖରେ ପହଞ୍ଚିଲା ବେଳକୁ ମନମୋହନଙ୍କର ମୁଣ୍ଡରୁ ଗମ୍ ଗମ୍ ଝାଳ ବୋହି ଯାଉଛି । ଚପ୍ରାସି ଯାଇ ଫାଟକ ଖୋଲି ଦେଲା । ମନମୋହନ ବାବୁ ଦୁଆର ମୁହଁକୁ ଗାଡ଼ି ନେଇଗଲେ । ଗାଡ଼ି ଶବ୍ଦ ଶୁଣି ବସନ୍ତକୁମାରୀ ହସ ହସ ମୁହଁରେ ଘର ଭିତରୁ ବାହାର ଆସି ପଚାରିଲେ—ହଇ ହୋ, ଆଜି ତ ତମର ଆସିବାର ନ ଥିଲା—ହଠାତ୍ କେମିତି ଫେରି ଆସିଲ ? ହଉ ଭଲ ହେଲା—ଆଜି ସନ୍ଧ୍ୟାରେ ଗୋଟିଏ ଭଲ ଫିଲମ୍ ଅଛି ଯେ, ଏକୁଟିଆ ଯିବାକୁ ଇଚ୍ଛା ହେଉ ନ ଥିଲା । ତୁମେ ଆସିଲ ଭଲ ହେଲା । ମୁଁ ଏକା ଜାଣିଥିଲି ତୁମେ ନିଷ୍ଟୟ ଆସିବ । କାଲି ତ ରବିବାର । ଅକାରଣରେ ବିଦେଶରେ ବସି ରହନ୍ତ କାହିଁକି ? ବେଶ୍ ଭଲ ହେଲା ଆସିଗଲ ।

ମନମୋହନ ନିଜକୁ ବିଶ୍ୱାସ କରି ପାରୁ ନ ଥାନ୍ତି, ଏ କ'ଣ ସତ କଥା ନା ସେ ସ୍ୱପ୍ନ ଦେଖୁଛନ୍ତି ? ବସନ୍ତକୁମାରୀ ତେବେ ରୋଗ ଶଯ୍ୟାରେ ପଡ଼ି ନାହାନ୍ତି । ତେବେ ଟେଲିଗ୍ରାମ୍‌ଟା କଲେ କାହିଁକି ?

Digitized by PPRACHIN, SOA

ମନମୋହନ ବାବୁ ଟିକିଏ ବିରକ୍ତ ହୋଇ କହିଲେ—ତମର ପିଲାଳିଆ ବୁଦ୍ଧି ଛୁଡ଼ ନାହିଁ—ଏଇଥି ପାଇଁ ଗୋଟାଏ ଟେଲିଗ୍ରାମ୍ କରିଦେଲ ?

ବସନ୍ତକୁମାରୀ କାବା ହୋଇ କହିଲେ—ଟେଲିଗ୍ରାମ୍, ଟେଲିଗ୍ରାମ୍ କାହିଁ, ମୁଁ ତ କରି ନାହିଁ । ମନମୋହନ ପକେଟରୁ ଟେଲିଗ୍ରାମ୍‌ଟା କାଢ଼ି ଦେଖାଇଲେ—ବସନ୍ତକୁମାରୀ ନିଜେ ପଢ଼ି ମଧ୍ୟ ତାଟକା ହୋଇଗଲେ—ଏଥିର ରହସ୍ୟ କ'ଣ ?

ମନମୋହନ ବାବୁ କହିଲେ—ଅକାରଣ ଛ ଦିନଟାରେ ଘରକୁ ଫେରିଲି ଶାସ୍ତ୍ର କହୁଛି—'ଛଅ ନଅ ତେର, କେବେ ନ ଯିବ ଘର, ଯଦି ଯିବ ଘର, ତେବେ ହେବ ଜ୍ୱର ।' ଆଜି ତ କାହିଁକି ମୋ ମୁଣ୍ଡଟା ଝିମ ଉଠୁଛି । ଦେହରେ ଟେମ୍ପରେଚର ହୋଇ ନାହିଁ ତ ? ଦେଖିଲ ।

ବସନ୍ତକୁମାରୀ ହାତମାରି ଦେଖିଲେ, ଦେହଟା ବରଫ ଭଳିଆ ଥଣ୍ଡା । ଖାଲି କପାଳଟା ଟିକିଏ ସାମାନ୍ୟ ଗରମ ଲାଗୁଛି । ଝାଳ ଗମ୍ ଗମ୍ ବୋହି ପଡ଼ୁଛି । ମନମୋହନ ବାବୁଙ୍କୁ ଆରାମ ଚୌକିରେ ବସାଇ ସେ ଥରମାମିଟରଟା ଆଣି ତାଙ୍କ କାଖରେ ଦେଲେ । କିଛିକ୍ଷଣ ପରେ କାଢ଼ି ଦେଖନ୍ତି, ୯୭ଡିଗ୍ରୀ ରୁ ବେଶୀ ଉଠି ନାହିଁ । ତଥାପି ମନମୋହନ ବାବୁଙ୍କର ବିଶ୍ୱାସ ହେଉ ନାହିଁ ଯେ ତାଙ୍କ ଟେମ୍ପରେଚର ନରମାଲ୍ ଅଛି । ପୁଣ ଥରେ ଥରମାମିଟର ଝାଡ଼ି ଦେଇ କାଖରେ ସେ ନିଜେ ଦେଲେ । ପୁଣି ସେଇ ୯୭ ଡିଗ୍ରୀ ।

ଏମିତି ଭାବରେ ଘର ଭିତରେ ଅଭିନୟ ଚାଲିଥିଲା ବେଳେ ବାହାରୁ ପାଟି ଶୁଭିଲା—କିରେ ମନମୋହନ, ଆଜି ହଠାତ୍ କମିତି ଫେରିଲୁ, ଛଅ ଦିନଟାରେ ? ତୁ ପରା ବଡ଼ବଡ଼ ଶାସ୍ତ୍ର ମାନ ଚାଲୁ ! ମନମୋହନ ଦେଖିଲେ, ତାଙ୍କର ଆବାଲ୍ୟ ବନ୍ଧୁ ବସନ୍ତକୁମାର ମିଶ୍ର

Digitized by PPRACHIN, SOA

ହସି ହସି ଆସୁଛନ୍ତି । ବସନ୍ତ ଆସି ପଚାରିଲେ—ହଇରେ ଏମିତି ହାଲିଆ ହୋଇ ବସିଛୁ କ'ଣ ? ତାର ପାଇ ଫେରିଛୁ ପରା ! ଠିକ୍ ହୋଇଛି ନା ? ଆରବର୍ଷ ଏପ୍ରିଲ ପହିଲାରେ ମୋତେ କେତେ ହଟହଟା କରି ନ ଥିଲୁ ? ଏଥର ଆଚ୍ଛା ଫୁଲ୍ ବନାଇଲୁ, ନା ?

ହଠାତ୍ ମନମୋହନ ବାବୁଙ୍କ ଆଖିଟା କାନ୍ଥରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡରର ଉପରେ ପଡ଼ିଗଲା । ଆଜି ପରା ଏପ୍ରିଲ ପହିଲା !

—ତେବେ ତୁ ତାର କରିଥିଲୁ ? ହୋଃ, ହୋଃ, ହୋଃ । ମନମୋହନବାବୁଙ୍କ ମୁଣ୍ଡର ଭୂତଟା ଓହ୍ଲାଇଗଲା । ବସନ୍ତବାବୁ ଓ କହିଲେ—ନୂଆବୋଉ, ଠିଆ ହୋଇଛ କ'ଣ ? କାଫି ଢ କପ୍ ଆସୁ ।

Digitized by PPRACHIN, SOA

ଭୂତପୂର୍ବ

କଟକ ସହରର ସବୁଠାରୁ ଓସାରିଆ ରାସ୍ତା କଲେଜ ଛକ ଉପରେ ଛିଡ଼ା ହୋଇ ଅତନୁ ବାବୁ ଅନ୍ୟମନସ୍କ ଭାବରେ ଚାହିଁ ରହିଛନ୍ତି ରାସ୍ତାରେ ଚାଲୁଥିବା ଅଗଣିତ ଜନତା ସ୍ରୋତ ଆଡ଼କୁ । ଠନ୍ ଠନ୍ ଠନ୍ । ଗୋଟାକ ପରେ ଗୋଟାଏ ସାଇକେଲ ରିକ୍‌ସା ଧାଉଁଛି ଷ୍ଟେସନ ଦିଗରେ । ପୁରୀ ଏକ୍‌ସପ୍ରେସ ଗାଡ଼ି ଆସିବାକୁ ଆଉ ଅଳ୍ପ ସମୟ ବାକି । ଅତନୁ ବାବୁଙ୍କର କଲିକତା ଯିବାର କଥା । ମନେ ମନେ ଭାବୁଛନ୍ତି ଏକ୍‌ସପ୍ରେସ ଗାଡ଼ିଟା ଧରିବେ ନା ଆଉ ଘଣ୍ଟାଏ ଅପେକ୍ଷା କରିଗଲେ ଜନତା ଗାଡ଼ି ଧରିବେ । ହିସାବ କରି ଦେଖୁଛନ୍ତି—ଫରକ୍ ମାତ୍ର ଘଣ୍ଟାଏ ସମୟ, କିନ୍ତୁ ଏକ୍‌ସପ୍ରେସଟା ହାବଡ଼ାରେ ପହଞ୍ଚିବ ବଡ଼ ଅସମୟରେ ! ଡେରି ହେଉପଛେ ଜନତା ସକାଳେ ପହଞ୍ଚିବ ।

ସମୟର ମୂଲ୍ୟ ଅତନୁ ବାବୁଙ୍କ ଆଖିରେ ଆଜି ଆଉ ନାହିଁ ! ଦିନେ ଗୋଟିଏ ମୁହୂର୍ତ୍ତର ସମୟ ଯେପରି କେତେ ମୂଲ୍ୟବାନ୍ ଥିଲା ଘଣ୍ଟା ଘଣ୍ଟାକୁ ଚାହିଁ କାମ କରିବାକୁ ପଡ଼ୁଥିଲା । ଜିଲ୍ଲାର ସର୍ବୋଚ୍ଚ କର୍ତ୍ତା । ଶାସନ କଳର ମୁଖ୍ୟ ଅଧିକାରୀ । ତାଙ୍କର ସମୟର ମୂଲ୍ୟ କେତେ ? ଗାଡ଼ି ଆସିବା ପୂର୍ବରୁ ଷ୍ଟେସନକୁ ଫୋନ୍ କରୁଥିଲେ । ଦରକାର ପଡ଼ିଲେ ଷ୍ଟେସନ ମାଷ୍ଟରଙ୍କୁ ଚେତାକୁ ଦେଉଥିଲେ ସେ ଯାଉଛନ୍ତି ଗାଡ଼ି ଛାଡ଼ିବେ ନାହିଁ । ଜରୁରୀ ସରକାରୀ କାର୍ଯ୍ୟ । ଆଜି କିନ୍ତୁ ଅତନୁ ବାବୁଙ୍କ ଆଖିରେ ସେ ସବୁ ଗୋଟାଏ କୁହୁକ ଭଳି ଜଣା ଯାଉଛି । ଆଜି ତାଙ୍କ ଆଗରେ ସମୟର ମୂଲ୍ୟ କିଛି ନାହିଁ । ଦୀର୍ଘ ଚବିଶଘଣ୍ଟା ଯେପରି କେତେ ଲମ୍ବି ଲମ୍ବି ଯାଉଛି । ଦିନ

Digitized by PPRACHIN, SOA

ଯେପରି ସବୁ ନାହିଁ ବସି ବସି । କାମ ନାହିଁ ପାଇଛିନାହିଁ । ଚପ୍ରାସି ନାହିଁ କି ଅର୍ଦ୍ଦଳି ନାହିଁ । ଅଗଣିତ ଜନତା ସମୁଦ୍ରରେ ସେ ଯେପରି ଗୋଟାଏ ବେଦରକାରୀ କୁଟାଖିଅ—ଭାସି ଭାସି ଯାଉଛନ୍ତି, କେତେବେଳେ କେଉଁ ଘୂର୍ଣ୍ଣି ମଧ୍ୟରେ ପଡ଼ି ସେ ବୁଡ଼ିଯିବେ କିଏ ଜାଣେ ?

ଆଖି ଆଗରେ ଛିଡ଼ା ହୋଇଛି ରେଭେନ୍ସା କଲେଜର ସେଇ ବିରାଟ କୋଠା । ଏଇ କୋଠାରେ ସେ ବି ଦିନେ ପାଠ ପଢ଼ି ମଣିଷ ହୋଇଥିଲେ । ଜଣେ ମେଧାବୀ କୃତୀ ଛାତ୍ର ବୋଲି ତାଙ୍କର ବି ଖୁବ୍ ପ୍ରତିପତ୍ତି ଥିଲା । ରେଭେନ୍ସା କଲେଜର ମାସିକ ପତ୍ରରେ ପ୍ରକାଶିତ ତାଙ୍କର ଇଂରାଜୀ ପ୍ରବନ୍ଧ ପଢ଼ି ବଡ଼ ବଡ଼ ପ୍ରଫେସର ମାନେବି ସ୍ତମ୍ଭିତ ହୋଇ ଯାଉଥିଲେ । ଏଇ କଲେଜରୁ ବାହାରି ସେ ଯେତେବେଳେ ସଂସାରୀ ଜୀବନରେ ପାଦ ଦେଲେ ସେତେବେଳେ ସେ ବାଛି ନେଇଥିଲେ ସରକାରୀ ଚାକିରୀ । ଖାଲି ଏମିତି ସେମିତି ଚାକିରି ନୁହେ । ଖୋଦ୍ ହାକିମି ଚାକିରୀ । ତାପରେ ନିଜର କୃତିତ୍ୱ ବଳରେ ହେଉ ବା ଅଦୃଷ୍ଟ କପାଳକୁ ଟିକା ଛୁଣ୍ଡିଲାପରି ହେଉ ତାଙ୍କ କପାଳକୁ ଗୋଟାଏ ସୁବର୍ଣ୍ଣ ସୁଯୋଗ ଯୋଡ଼ିଗଲା । ଦେଶ ହେଲା ସ୍ୱାଧୀନ । ପୁରୁଣା ସାହେବ ସିଭିଲିଆନ୍‌ମାନେ ବିଦାୟ ହୋଇଗଲେ । ସରକାରୀ ଚାକିରୀରେ ଗୋଟିଏ ସାଙ୍ଘାଣି ମେଲା ଯୋଗ ପଡ଼ିଲା । ସେଇ ଯୋଗରେ ଅତନୁ ବାବୁ ଘଟଣା ଚକ୍ରରେ ଠେଲିହୋଇ ପଶିଗଲେ ଗୋଟାଏ ବଡ଼ ପାହ୍ୟା ଚାକିରୀକୁ, ଯେଉଁ ଚାକିରୀକୁ ଗଲେ ଚାକରିଆମାନେ ଆପଣାକୁ ସ୍ୱର୍ଗବାସୀ ବୋଲି ମନେ କରନ୍ତି । ସେଇ ଚାକିରୀରେ ପାଦ ଦେଲାକ୍ଷଣି ଅତନୁବାବୁଙ୍କ ଦେହ ଏକ ଅନନୁଭୂତ ପୁଲକର ସ୍ପର୍ଶରେ ରୋମାଞ୍ଚିତ ହୋଇ ଉଠିଥିଲା । ସେ ଆପଣାକୁ ଜନତାଠାରୁ

Digitized by PPRACHIN, SOA

ବହୁ ଦୂରକୁ ଘୁଞ୍ଚାଇ ନେଇଥିଲେ । ଖାଲି ସେତିକି ନୁହେଁ, ଯେଉଁ ଗୃହକକ୍ଷରେ ସେ ପ୍ରଥମେ ଭର୍ତ୍ତି ହୋଇଥିଲେ ସେ ଗୃହକକ୍ଷରେ ଥିବା ଲୋକଙ୍କୁ ମଧ୍ୟ ଘୃଣା ତାଚ୍ଛଲ୍ୟ ଭରା ଇଙ୍ଗିତ କରିବାକୁ ବି ଛାଡ଼ି ନ ଥିଲେ । ତା ପରେ ଅତନୁ ବାବୁ ହେଲେ ଖୋଦ୍ ଜଲ୍ ସାହେବ । ଜିଲାର ଭାଗ୍ୟବିଧାତା, ଦଣ୍ଡମୁଣ୍ଡ ହର୍ତ୍ତା କର୍ତ୍ତା ।

କାଳର ଚକ ଘୂରି ଚାଲିଲା । ବଡ଼ ନିର୍ମମ । ବଡ଼ ନିଷ୍କରୁଣ ତାର ଗତି । କାହାରି ପ୍ରତି ତାର ତିଳେ ମାତ୍ର ଦୟା ମାୟା ନାହିଁ । ରାଜା ବାଦଶାହଠାରୁ ଆରମ୍ଭ କରି ରାମଚନ୍ଦ୍ର ମହାପ୍ରଭୁ ପର୍ଯ୍ୟନ୍ତ ସଭିଏଁ କାଳଚକ୍ରର ପେଷଣ ନିକଟରେ ସମାନ । ଅତନୁବାବୁଙ୍କର ଷଠୀ ମାଉସୀ ଯେଉଁଦିନ ରାୟ ଦେଇଥିଲେ ସେ ତାଙ୍କର ପଞ୍ଚାବନ ବର୍ଷ ପୂରି ଯାଉଛି ସେଇଦିନ ଅତନୁ ବାବୁଙ୍କର ଗୃହକକ୍ଷ ଜୀବନର ଶେଷ ହେଲା । ସ୍ୱର୍ଗୀୟ ଗୃହକକ୍ଷର ମୋହ, ପ୍ରତିପତ୍ତି, ମାନ, ଦମ୍ଭ ସବୁ ଯେପରି କାଳର ଗୋଟାଏ ନିଷ୍କରୁଣ ଫୁତ୍କାରରେ ମୁହୂର୍ତ୍ତକ ମଧ୍ୟରେ ଧୂଳିସାତ୍ ହୋଇଗଲା । ଅତନୁ ବାବୁଙ୍କୁ ସରକାରୀ କୋଠାଗୁଡ଼ି ଫେରିଯିବାକୁ ପଡ଼ିଲା କଟକ ସହରର ସେହି ଅପ୍ରଶସ୍ତ ଗଳି ମଧ୍ୟରେ ଥିବା ଆପଣାର ଛୋଟିଆ ଘରଟି ଭିତରକୁ ।

ଯେଉଁଦିନ ଶେଷଥର ପାଇଁ ଅତନୁ ବାବୁ କଚେରୀରୁ ଫେରିଲେ ସେଦିନ ତାଙ୍କର ଛାତି ପଞ୍ଜର ଫଟାଇ ବାହାରି ଆସିଥିଲା ଗୋଟିଏ ଦୀର୍ଘଶ୍ୱାସ । ସେଦିନ ଅବଶ୍ୟ ତାଙ୍କର ଅମଲାମାନେ ଗୋଟିଏ ମାମୁଲି ଧରଣର ଭୋଜି କରି ତାଙ୍କର ବିଦାୟ ସମ୍ବର୍ଦ୍ଧନା କରିଥିଲେ କିନ୍ତୁ ସେ ସମ୍ବର୍ଦ୍ଧନାରେ ଅତନୁ ବାବୁ 'ସୁଖୀ ହେବା ଦୂରେ ଥାଉ ଆହୁରି ଅଧିକ ଦୁଃଖିତ ହୋଇଥିଲେ । ତାଙ୍କର

Digitized by PPRACHIN, SOA

ମନେ ହେଉଥିଲା ସତେ ଯେପରି ସମସ୍ତଙ୍କ ମୁହଁରେ ଗୋଟିଏ ତାଚ୍ଛଲ୍ୟର ଅପ୍ରକଟ ଭାବ ଉଙ୍କି ମାରୁଛି ।

ତାପରେ ଅଖିଳ ଜନତା ସମୁଦ୍ରରେ ଅତନୁ ବାବୁ ମିଶିଗଲେ । ତାଙ୍କର ହୁକୁମ ତାମିଲ କରିବାପାଇଁ କୌଣସି ଚପ୍ରାଶି ତାଙ୍କ ନିକଟକୁ ହଜୁର ହଜୁର କରି ଧାଇଁ ଆସିଲା ନାହିଁ । ତାଙ୍କୁଇ ସବୁ କାମ ନିଜେ ନିଜେ କରିବାକୁ ପଡ଼ିଲା । ବେଳେ ବେଳେ କିନ୍ତୁ ତାଙ୍କର ଚିର ଅଭ୍ୟସ୍ତ ଅଭ୍ୟାସଟା ଗୁଡ଼ୁ ନ ଥାଏ । ଭୁଲ୍‌ରେ ବି ବେଳେ ବେଳେ ଚିତ୍କାର କରି ଉଠୁଥାନ୍ତି—କୋଇ ହାଏ ? ଉତ୍ତରରେ କେବଳ ସାଇରି ବୁଲା କୁଣ୍ଡା କୁକୁର ଗୁଡ଼ାକ ଭୋ ଭୋ ଡାକ ଉଠନ୍ତି ସିନା, କିନ୍ତୁ ଆଜି କେହି ତାଙ୍କ ଡାକ ଶୁଣି ଧାଇଁ ଆସନ୍ତି ନାହିଁ ।

ଆଜି ଷ୍ଟେସନକୁ ଯିବାପାଇଁ ଅତନୁ ବାବୁ ବାହାରିଛନ୍ତି ; ହାତରେ ସେଇ ସେ କାଳର ବାଙ୍କୁଲି ବେତ ବାଡ଼ିଟି ଘୁରାଉଛନ୍ତି— ହଠାତ୍ ପଛରୁ ଆସୁଥିବା ଜଣେ ଭଦ୍ରଲୋକ ଦେହରେ ଛଡ଼ଟା ବାଜିଗଲା । ଲୋକଟି ଅତି ବିକୃତ ମୁଖ କରି କହିଲା—କେମିତିକା ଲୋକଟାଏ ବା ? ଆଖିକୁ କଣ ଦିଶୁନାହିଁ, ରାସ୍ତା ମଝିରେ ବାଡ଼ି ଘୁରାଇ ଘୁରାଇ ଚାଲିଛ ? ଅତନୁ ବାବୁଙ୍କ ଚମକ ଭାଙ୍ଗିଲା । ଓହୋ 'ସରି', କହି ସେ ପଛେଇଗଲେ ।

ତାପରେ ଷ୍ଟେସନ ନିକଟରେ ପହଞ୍ଚି ଦେଖନ୍ତି ଗାଡ଼ି ଆସିବାକୁ ଆହୁରି ବେଳ ବାକି ଅଛି । ଏକସ୍‌ପ୍ରେସ ଗାଡ଼ି ଆସି ନାହିଁ । ଘଣ୍ଟି ହେଲାଣି ଅବଶ୍ୟ । ତେବେ ମନେ ମନେ ଭାବୁଛନ୍ତି—ଏକସ୍‌ପ୍ରେସ୍ ଧରିବେ ନା, ଅଉ ଘଣ୍ଟାଏ ଅପେକ୍ଷା କରି ଜନତା ଧରିବେ । ଘଣ୍ଟାଏ ମାତ୍ର ତଫାତ୍ । ବେଶୀ ତ ନୁହେ । ସମୟର ମୂଲ୍ୟ ବା ତାଙ୍କର କାହିଁ ଆଜି ?

Digitized by PPRACHIN, SOA

ଗୋଟାଏ ପାନ ଦୋକାନକୁ ଯାଇ କହିଲେ—ଏ ଦୋକାନି ! ପାନ ଗୋଟାଏ ଦେଲୁ । ଦୋକାନରେ ଗରାଖ ଭର୍ତ୍ତି । ଦୋକାନି ତା କାମରେ ବ୍ୟସ୍ତ । ଅତନୁ ବାବୁଙ୍କ କଥା ତା କାନରେ ବାଜିଲା କି ନାହିଁ କେଜାଣି । ସେ ତାଙ୍କ ଆଡ଼କୁ ନ ଚାହିଁ ଆଗରୁ ଠିଆ ହୋଇଥିବା ରମା ଶାମା ଦାମା ଗରାଖମାନଙ୍କୁ ପାନ ଯୋଗାଇବାକୁ ଲାଗିଲା । ଅତନୁ ବାବୁଙ୍କ ମନରେ ପୁଣି ରାଗ ହେଲା । ମଲା ଏ ଲୋକଟା କଣ ଅନ୍ଧ କି ? ସେ ଏତେ ଦିନେ ଥିଲେ ଜିଲା ହାକିମ । ତାଙ୍କ କଥାକୁ ଛଲେ ବି ଖାତିର ନାହିଁ ଘୁଚର ଏ ପାନ ଦୋକାନିଟାର । ତାଙ୍କ କଥାର ଗୁରୁତ୍ୱ ଟିକିଏ ବି ନାହିଁ ତା ପାଖରେ । ସବୁ ଯେପରି ସମାନ । ରମା ଶାମା ଦାମା ଆଉ ଅତନୁ ବାବୁ, ଭୂତପୂର୍ବ ଜିଲା ହାକିମ, ପାନ ଦୋକାନି ନିକଟରେ ସବୁ ସମାନ । ରାଗରେ ଗର୍ ଗର୍ ହୋଇ ଅତନୁ ବାବୁ ଫେରୁ ଫେରୁ କହିଲେ—ଦୁର୍ ବେଟା, ପାନ ମୁଁ ନେବି ନାହିଁ । ପାନ ଦୋକାନି ଚାହିଁଲା – ଡାକିଲା ଓ ବାବୁ, ଓ ବାବୁ, ରାଗିଗଲ କି ? ଆସ ଆସ ଫେରିଆସ, ଦେଉଛି ପାନ । ନା ନା ଦରକାର ନାହିଁ, କହି ଅତନୁ ବାବୁ ହାତରେ ଧରିଥିବା ଚିର ସାଥି ବାଙ୍କୁଲା ବେତ ବାଡ଼ିକୁ ଘୁରାଇ ଘୁରାଇ ଚାଲିଗଲେ ।

ତାପରେ ଗଲେ ଆର୍. ଏମ୍. ଏସ୍. ପୋଷ୍ଟ ଅଫିସ ଝରକା ପାଖକୁ । ସେଠି ବି ବହୁତ ଭିଡ଼ । କହିଲେ ଏ ବାବୁ, ଖଣ୍ଡେ ପୋଷ୍ଟକାର୍ଡ ଦିଅ ତ ? ତାଙ୍କର ଡାକ ଜନତାର ଭିଡ଼ ଠେଲି ପୋଷ୍ଟ ଅଫିସର କିରାନି ପାଖରେ ପହଞ୍ଚିଲା ନାହିଁ । ଅତନୁ ବାବୁ ଛୁଡ଼ା ହୋଇ ଉଭିଲେ । ତାପରେ କହିଲେ—ଦୁର୍ ବେଟା ପୋଷ୍ଟକାର୍ଡ ନେବି ନାହିଁ । ସେଥର ଯିବା ପାନ ଦୋକାନିର କାନରେ ତାଙ୍କ କଥା ବାଜିଥିଲା ଏଥର କିନ୍ତୁ ତା ବି ହେଲା ନାହିଁ ।

Digitized by PPRACHIN, SOA

ଅଚ୍ୟୁତ ବାବୁ ଫେରିଲେ । ଏଥି ମଧ୍ୟରେ ଏକସ୍‌ପ୍ରେସ୍ ଗାଡ଼ି ଆସିଲା । ଚାଲିଗଲା । ଅଚ୍ୟୁତ ବାବୁଙ୍କର ସେଥିପ୍ରତି ଲକ୍ଷ୍ୟ ନାହିଁ । ମନ ମଧ୍ୟରେ ଖାଲି ଗୋଟାଏ ରାଗ ଉଠୁଛି । ମୁହଁରୁ ବାହାରି ପଡୁଛି—ଦୂର୍ ବେଟା । ଦୂର୍ ବେଟା ।

ଘଣ୍ଟି ହେଲା ଜନତା ଗାଡ଼ି ଆସିବ । ଅଚ୍ୟୁତ ବାବୁ ଟିକଟ କଟା ଜାଗାକୁ ଗଲେ । ଦେଖିଲେ ଭାରି ଭିଡ଼ । ସହସ୍ରେ ହାତ ଯେପରି ସେଇ ଅପ୍ରଶସ୍ତ ଜଳାବାଟେ ଗଳୁଛି । ସବୁରି ପାଟିରୁ ଗୋଟିଏ କଥା—ବାବୁ ଟିକଟ, ଟିକଟ । ତାରି ଭିତରେ ଅଚ୍ୟୁତ ବାବୁ ମଧ୍ୟ ଭିଡ଼ ଠେଲି ହାତ ଗଳେଇ ଦେଲେ । ଆଗରେ ଗୋଟିଏ ବଳୁଆ ଲୋକ ଟିକଟ କିଣୁଥିଲା । ଅଚ୍ୟୁତ ବାବୁ ଯେମିତି ତା କାନ୍ଧ ଉପରେ ହାତ ଦେଇ ଆଗକୁ ହାତଟା ବଢ଼ାଇଦେଲେ ପଛରୁ ଗୋଟାଏ ଠେଲା ଆସି ବାଜିଲା ତାଙ୍କ ପିଠିରେ । ସେ ଉପାୟ ନ ପାଇ ଆଗ ଲୋକଟି ଉପରେ ଅଜାଡ଼ି ପଡ଼ିଲେ । ଆଗ ଲୋକଟି କହୁଣିରେ ଗୋଟାଏ ଜୋର୍ ଧକ୍କା ଦେଇ ଗର୍ଜି କହିଲା — କି ବେକୁବ୍ ଲୋକଟା, ଦିଶୁନାହିଁ ? ଅଚ୍ୟୁତ ବାବୁ ବ୍ୟସ୍ତ ହୋଇ କହିଲେ—ଏ ଭାଇ କ୍ଷମାକର । ଅଚ୍ୟୁତ ବାବୁଙ୍କ କଥାଟା ଆଗ ଲୋକଟି କାନରେ ବାଜିଲାକ୍ଷଣି କେଜାଣି କାହିଁକି ସେ ଫେରି ଚାହିଁଲା—ଅଚ୍ୟୁତ ବାବୁଙ୍କ ଅବସ୍ଥା ଦେଖି ଲୋକଟି କହିଲା — ଆଜ୍ଞା ଆପଣ ? ଅଚ୍ୟୁତ ବାବୁ ଦେଖିଲେ ଯେ ଆଗରେ ଠିଆ ହୋଇଛି ତାଙ୍କର ଭୂତପୂର୍ବ ଚପ୍ରାସି ବୁଡ଼ା ଗୋବିନ୍ଦ । ସେ ବି ଚାକିରିରୁ ଅବ୍ୟାହତି ପାଇଛି । ଆଜି ରେଳ ଷ୍ଟେସନର ସେ ଅପ୍ରଶସ୍ତ ଜଳା ନିକଟରେ ଭିଡ଼ ଭିତରେ ପେଶି ହୋଇ ଭୂତପୂର୍ବ ହାକିମ ଅଚ୍ୟୁତବାବୁ ବୁଝି ପାରିଲେ— ଦୁନିଆ ଭିତରେ ତାଙ୍କର ଓ ତାଙ୍କ

Digitized by PPRACHIN, SOA

ଚପ୍ରାସିର ସ୍ଥାନ ଏକ । କନ୍ତୁ ତଫାତ୍ ନାହିଁ ସ୍ଥାନ କାଳ ପାତ୍ର ଭେଦରେ ।

ରେଲ୍ ଷ୍ଟେସନର ଜନତା ଉତ୍କ୍ଷିପ୍ତ ହୋଇ ଉଠିଲେ । ଜନତା ଗାଡ଼ି ଆସିଗଲା । ଅତନୁ ବାବୁ ଓ ତାଙ୍କ ଭୂତପୂର୍ବ ବୁଢ଼ା ଚପ୍ରାସୀ ଗୋବିନ୍ଦ ସାଙ୍ଗ ହୋଇ ଜନତା ଗାଡ଼ିରେ ଗୋଟିଏ କୋଠରୀ ଭିତରକୁ ପଶିଗଲେ ।

Digitized by PPRACHIN, SOA

ପହିଲା ପରେ

ଘରେ ଆସି ଗୋଡ଼ ଦେଲାକ୍ଷଣି ସାନ ପୁଅ ଟୁନୁ ଆସି କହେ—ବାପା ବିସ୍କୁଟ ? ବାପା ପୁଅଟିକୁ ଗେଲ କରି କାଖକୁ ଟେକି ନିଅନ୍ତି ଆଉ ତା ଗାଲରେ ଚୁମାଟିଏ ଦେଇ କହନ୍ତି—ପହିଲା ପରେ ।

ଟୁନୁ ଖୁବ ଖୁସି ହୋଇ ଧାଇଁଯାଏ ନାନୀ ପାଖକୁ । ନାନୀ ତାର ଇସ୍କୁଲରେ ପଢ଼େ । ପଚାରେ—ନାନୀ, ପହିଲା କେବେ ? ନାନୀ କାନ୍ଥରେ ଟଙ୍ଗା ହୋଇଥିବା କାଲେଣ୍ଡରଟି ଆଡ଼କୁ ଦେଖି କହେ ଆଜି ହେଲା ମାସର ସାତ ତାରିଖ, ଆହୁରି ଚବିଶ ଦିନ ଅଛି ପହିଲା ହେବାକୁ । ଟୁନୁ ଗଣି ଶିଖିଲାଣି, ତା'ର ସାନ ଆଙ୍ଗୁଠିର ସବୁ ରେଖାଗୁଡ଼ିକ ଗଣିଯାଏ—ଏକ, ଦୁଇ, ତିନି, ଚାରି—ସବୁ ଆଙ୍ଗୁଠିର ରେଖା ସରିଯାଏ ତେବେ ବି ଚବିଶ ପହଞ୍ଚି ପାରେ ନାହିଁ । ହେଉ, କେବେ ହେଲେ ତ ପହିଲା ଆସିବ । ବିସ୍କୁଟର ସ୍ୱପ୍ନ ଦେଖି ଦେଖି ଟୁନୁ ଯାଇ ନିତି ଦିନର ପାଟିପକା ଜଳଖିଆ ମୁଢ଼ି ବି ମୁଠା ଖ୍ୱେବାଇ ଦିଏ ।

ଟୁନୁ ଉପର ଭଉଣୀ କୁନୁ ଆସି କହେ—ବାପା, ମୋ ଜୋତା ଯୋଡ଼ାକ ଏକବାରେ ଛିଣ୍ଡି କୋତରା ହୋଇ ଗଲାଣି । ଖାଲି ଗୋଡ଼ରେ ଗଲେ ଗୋଡ଼ ଧୂଳି ହୋଇ ଯାଉଛି । ମାଷ୍ଟରାଣୀ ରାଗୁଛନ୍ତି । ମୋର ନୂଆ ଜୋତା ଆସିବ । ବାପା କୁନୁକୁ ଆଦର କରି କୋଳକୁ ଆଉଜାଇ ନେଇ ତା'ର ଫୁରୁଫୁରିଆ ବାବୁରି ବାଳ ଉପରେ ହାତ ବୁଲାଉ ବୁଲାଉ କହନ୍ତି—ପହିଲା ପରେ । କୁନୁ ବି ଆଙ୍ଗୁଠିର ରେଖା ଗଣି ବସେ—ପହିଲା କେବେ ?

Digitized by PPRACHIN, SOA

ତା ଉପର ଭାଇ ମଣ୍ଟୁ ଆସି କହେ—ବାପା ଦୁଆତ କଲମ ଧରି ସ୍କୁଲକୁ ଗଲାବେଳେ କାଳି ସବୁ ଗଡ଼ି ଯାଇ ଲୁଗା ପଟା ମସିଆ ହୋଇ ଯାଉଛି । ମାଷ୍ଟ୍ରେ ଗାଳି ଦେଉଛନ୍ତି । ଆମ କ୍ଲାସରେ ବହୁତ ପିଲା ଫାଉଣ୍ଟେନ୍ ପେନ୍ ନେଉଛନ୍ତି ! ମୋର ଗୋଟାଏ ଫାଉଣ୍ଟେନ୍ ପେନ୍ ନ ହେଲେ ଚଳିବ ନାହିଁ । ବାପା କହନ୍ତି—ହଉ, ପନ୍ଦର ପରେ ଦେଖିବା ।

ଆଉ ଦି ପାଦ ଘର ଭିତରକୁ ପଶି ଗଲାକ୍ଷଣି ବଡ଼ ଝିଅ ହେମ ଆସେ କହେ—ବାପା, ମୋର ଗୋଟାଏ କଳାଧଡ଼ିଆ ଶାଢ଼ୀ ନ ହେଲେ ଚଳିବ ନାହିଁ । ବାପା କହନ୍ତି—ହଉ ମା, ପନ୍ଦର ପରେ କିଣି ଦେବ ।

ଘର ବାରନ୍ଦାରେ ପହଞ୍ଚିଲାକ୍ଷଣି ମଝିଆଁ ପୁଅ ନଟୁ ଆସେ କହେ—ବାପା, ମୁଁ ଏବେ ଟେନିସ୍ ଖେଳିବାକୁ ଯାଉଛି ସେ ମୋ ପାଇଁ ଯୋଡ଼ାଏ କେନ୍‌ଭସ୍ ଯୋତା ନ ହେଲେ ଚଳିବ ନାହିଁ । ବାପା କହନ୍ତି—ହଉ, ପନ୍ଦର ପରେ କିଣିବା ।

କଲେଜରେ ପଢ଼ୁଥିବା ବଡ଼ ପୁଅ ମାଲୁ ଆସି କହେ—ବାପା, ମୋ ପାଇଁ ଯୋଡ଼ାଏ ବକିଂହମ ମିଲ୍ କନାର ଟ୍ରାଉଜର ଦରକାର ଆଉ ସିଲ୍‌କ କନାର ଗୋଟାଏ ହାବାଇନ୍ । ବାପା କହନ୍ତି—ହଉ, ପନ୍ଦର ପରେ କରିବା । ମାଲୁ ପ୍ରତିବାଦ କରି କହେ—ସବୁ ତ କରିବା ପନ୍ଦର ପରେ । ଆଜି ତ ହେଲା ମାସର ମୋଟେ ସାତ ତାରିଖ । ପନ୍ଦର ତ ଆହୁରି କେତେ ଦିନ ଅଛି ।

ଘର ଭିତରକୁ ପଶି ଗଲାକ୍ଷଣି ରୋଷାଇ ଘର ଭିତରୁ ଗୃହିଣୀ ଡାକନ୍ତି—ଆଲୋ କୁନ, ବାପା ଆଇଲେଣିକି ? କୁନ କହେ—ହଁ ମା ଏଇତ ଆଇଲେ । ଗୃହିଣୀ କହନ୍ତି—କହି ଦେ ବାପାଙ୍କୁ ମୁଁ ଆଉ ପାରିବ ନାହିଁ—ଘରେ ଗୋଟିଏ ବୋଲି ଡେକ୍‌ଚି ନାହିଁ,

Digitized by PPRACHIN, SOA

ସବୁ ଗୁଡ଼ାକ କଣା ହୋଇ ଗଲଣି । ମାଟି ହାଣ୍ଡିଗୁଡ଼ାକରେ ରୋଷାଇ କରି ତ ଲୁଗାପଟା ସବୁ ଯାକ କଳା ହୋଇ ଯାଉଛି । ଜଲ୍ଦି ଦେ ଗୋଟାଏ ଡେକ୍‌ଚି କିଣି ଆଣିବେ । ବାପା କହନ୍ତି— ମାଙ୍କୁ କହିଦେ ଏ ମାସଟା ଯେମିତି ସେମିତି ଚଳାଇ ନଅନ୍ତୁ ପହିଲା ପରେ କିଣିବା । ଗୃହିଣୀ ପଅମକୁ ଉଠିଯାଇ କହନ୍ତି— ମଲା ମୋର, କାଆଲି କି ପଅରି ଦିନ ତ ପହିଲା ଗଲା, ଫେରି ପୁଣି କେବେ ପହିଲା ହେବ ଯେ ପହିଲା ପରେ ଡେକ୍‌ଚି କିଣା ଯିବ । ମାସକ ଭିତରେ ଆଉ କେତେଟା ପହିଲା ହେବ କି ? ହଉ ଯେବେ ବରାଦ ହେବ ।

ଦିନ ସାରା ଗଧ ଖଟଣି ଖଟି ଖଟି ହରିବାବୁ ଯେତେବେଳେ ଘରକୁ ଫେରନ୍ତି ଏମିତି ସବୁରି ପ୍ରକାର ବରାଦ ଆସି ପହଞ୍ଚେ ତାଙ୍କ ପାଖରେ । କିନ୍ତୁ ସବୁ ବରାଦର ସେଇ ଗୋଟିଏ ଜବାବ— ପହିଲା ପରେ ।

ଏତ ଗଲା ଘର ବରାଦ । ରାତି ପାହିଲେ ପୁଣି ଆସେ କେତେ ତାଗିଦା ବାହାରୁ । ଘରବାଲା ଆସି କହେ—ଛମାସର ଭଡ଼ା ବାକି ! ନ ଦେଲେ ଘର ଛାଡ଼ି ଦେବାକୁ ହେବ । ହରିବାବୁ ବହୁତ ନେହୁରା ହୋଇ କହନ୍ତି—ଏଇ ମାସରେ ବହୁତ ଖର୍ଚ୍ଚ ପଡ଼ିଗଲା । ଆସନ୍ତା ପହିଲା ପରେ ନିଶ୍ଚୟ ସବୁ ବାକି ସୁଝି ଦେବେ । ଘରବାଲା ମୁହଁ ମୋଡ଼ି ନାକ ଛିଞ୍ଚାଡ଼ି କହେ—ହଁ, ଏମିତି ତ କେତେ ପହିଲା ଗଲାଣି ପୁଣି ଆସନ୍ତା ପହିଲାକୁ ଦେବେ । ହରିବାବୁ ନୀରବରେ ସବୁ ସହିଯାନ୍ତି ।

ଦୁଧବାଲା ଆସି କହେ—ଦୁଧ ବାକି ହେଲାଣି ଦି ମାସର, କାଠବାଲା ଆସି କହେ ତା'ର ବାକି ଚାରି ମାସର । ଏମିତି କେତେ

Digitized by PPRACHIN, SOA

ଢାଲ୍ ଆସି ପହଞ୍ଚେ ହରିବାବୁଙ୍କଠାରେ । କିନ୍ତୁ ସବୁ କଥାରେ ହରିବାବୁଙ୍କର ସେଇ ଗୋଟିଏ ଜବାବ—ପହିଲା ପରେ ।

ଚାକିରୀ ଆରମ୍ଭ କଲାଠୁଁ ଶେଷ ମୁଣ୍ଡରେ ପହଞ୍ଚିବାଯାଏ ହରିବାବୁଙ୍କ ପ୍ରତି ମାସ ସାତ ତାରିଖଠାରୁ ମାସ ଶେଷଯାଏ ଏମିତି ହଜାରେ ପ୍ରକାର ବରାଦ ଓ ତାଗଦାର ସମ୍ମୁଖୀନ ହେବାକୁ ପଡେ । କିନ୍ତୁ ସବୁ କଥାରେ ତାଙ୍କର ସେଇ ଗୋଟାଏ ଜବାବ 'ପହିଲା ପରେ' ତାଙ୍କୁ ଏ ପର୍ଯ୍ୟନ୍ତ ଅକ୍ଷୟ କବଚ ଭଳି ରକ୍ଷା କରି ଆସିଛି ।

ଚାକିରୀ ଆରମ୍ଭ କଲାବେଳେ ଯେତେବେଳେ କି ବହୁତ କମ୍ ଦରମା ପାଉଥିଲେ ସେତେବେଳେ ହରିବାବୁଙ୍କର ଆର୍ଥିକ ଅବସ୍ଥା ଯାହା ଥିଲା ଏବେ ଚାକିରୀର ଶେଷ ମୁଣ୍ଡରେ ପହଞ୍ଚି ମୁଦ୍ଧା ଓ ସେତେବେଳେ ଦରମାର ପାଞ୍ଚଗୁଣ କି ସାତଗୁଣ ପାଇ ମୁଦ୍ଧା ସେଇ ଅବସ୍ଥା । କାରଣ ଦରମା ବଢ଼ିବା ସଙ୍ଗେ ସଙ୍ଗେ ପିଲାଝିଲା ମଧ୍ୟ ବଢ଼ି ଚାଲିଛନ୍ତି ସମାନ ଗତିରେ—ଅଭାବ ଅନାଟନ ମଧ୍ୟ ବଢ଼ି ଚାଲିଛି ତାର ଦ୍ୱିଗୁଣ ଗତିରେ । ଏବେ ଅବଶ୍ୟ ହରିବାବୁ ଜଣେ ବଡ଼ ଅଫିସର । ହେଲେ କଣ ହେବ ? ବାଉଁଶଟି ଯେତେ ମୋଟ ହେଉଛି ଭିତରର ପୋଲା ଅଂଶଟି ମଧ୍ୟ ସେତିକି ବଢ଼ି ବଢ଼ି ଚାଲିଛି ।

ଏଇ ଅର୍ଦ୍ଧ ପଚିଶ ବର୍ଷ ଚାକିରୀ ମଧ୍ୟରେ ହରିବାବୁ ମାସର ଗୋଟିଏ ଦିନ କେବଳ ଶାନ୍ତିରେ ନିଶ୍ୱାସ ମାରନ୍ତି । ସେ ଦିନଟି ହେଉଛି ମାସର ପହିଲା ତାରିଖ ।

କଚେରୀ ଫେରନ୍ତି ହରିବାବୁଙ୍କ ମନଟା ଭରି ଖୁସିଥାଏ । ପକେଟରେ ଭରିଥାଏ ନୋଟ୍ ବଣ୍ଡାଟି । ବଜାର ବାଟେ ଆସିଲା ବେଳେ ସାନ ପୁଅ ଟୁନୁ ପାଇଁ ବିସ୍କୁଟ ପୁଡ଼ାଟିଏ ସାନ ଝିଅ କୁନ୍-

Digitized by PPRACHIN, SOA

ପାଇଁ ନାଲିଆ ରିବନ୍ ଖଣ୍ଡେ, ମଣ୍ଟୁ ପାଇଁ ପେନ୍‌ସିଲ୍‌ଟିଏ, ହେମ ପାଇଁ ଶାଢ଼ୀ ଖଣ୍ଡେ—ଏମିତି ଏମିତି କିଛି କିଛି ଜିନିଷ କିଣି ଆଣନ୍ତି ଯଦି ପୂର୍ବ ମାସର ବରାଦ ମନରେ ପଡ଼େ ତ ଗୃହିଣୀଙ୍କ ବରାଦ ଜିନିଷରୁ ମଧ୍ୟ କିଛି କିଛି କିଣି ଆଣି ଥାଆନ୍ତି । ଏମିତି କି ଗରଜ ନ ଥିବା ସଉକିଆ ଜିନିଷଟାଏ ମଧ୍ୟ କିଣି ଆଣିବାକୁ ଭୁଲନ୍ତି ନାହିଁ । କିନ୍ତୁ ତା ପର ଦିନ ସକାଳକୁ ପୁଣି ପକେଟ ଖାଲି ହୋଇ ଆସେ । ମାସର ସାତ ତାରିଖ ନ ହେଉଣୁ ବାବୁଙ୍କ ପକେଟ ବିଲ୍‌କୁଲ୍ ଖାଲି । ତା ପରେ ପରେ ଯେତେ କିଛି ବରାଦ ଆସେ ସେ ସବୁ ପାଇଁ ହରିବାବୁଙ୍କର କେବଳ ଗୋଟିଏ ଜବାବ—'ପହିଲା ପରେ' ଅଜାଣତରେ ମୁହଁରୁ ବାହାରି ପଡ଼େ ।

ଗୀତା କହେ ମଣିଷ ଅଭ୍ୟାସର ଜୀବ । ବାରମ୍ବାର ଯାହା ଅଭ୍ୟାସରେ ପଡ଼ିଯାଏ ତାହାହିଁ ସ୍ୱତଃ କାର୍ଯ୍ୟକାରୀ ହୋଇଯାଏ । ହରିବାବୁଙ୍କର ଜୀବନ ସେହିପରି ଗୋଟିଏ ଧରାବନ୍ଧା ଗତି ଭିତରେ ଘୂରୁଥିଲେ ଠିକ୍ ଘଣା ବଳଦ ପରି ଗୋଟିଏ ନିର୍ଦ୍ଦିଷ୍ଟ କେନ୍ଦ୍ର ଉପରେ । ସେଇ କେନ୍ଦ୍ରଟି ହେଉଛି ମାସର ପହିଲା । ମାସର ସାତ ଦିନ ପର୍ଯ୍ୟନ୍ତ କେନ୍ଦ୍ର ସହିତ ସମ୍ପର୍କ ଥାଏ, ତାପରେ ସମ୍ପର୍କଟି ଦୂରେଇ ଯାଏ । ତାପରେ ହରିବାବୁଙ୍କ ମୁହଁରୁ ସବୁ କଥାରେ ବାହାରି ପଡ଼େ—'ପହିଲା ପରେ' । ଗୋଟିଏ ଅଭ୍ୟାସଗତ ମାମୁଲି ଜବାବ ।

ସେ ଦିନ କଚେରୀରୁ ଫେରିଲାବେଳକୁ ଟିକିଏ ବେଶୀ ଡେରି ହୋଇ ଯାଇଥିଲା । କାମର ଭିଡ଼ ବି ଥିଲା ଖୁବ୍ ବେଶୀ । ସୁତରାଂ ହରିବାବୁ ଘରକୁ ଫେରିଲା ବେଳେ ଟିକିଏ ଅନ୍ୟମନସ୍କ ଥିଲେ ବୋଧହୁଏ, ସାନ ଝିଅ କୁନୁ ଆସି କହିଲା—ବାପା ମାଙ୍କୁ ଜ୍ୱର

Digitized by PPRACHIN, SOA

ହୋଇଛି; ଔଷଧ ଆସିବ । ହରିବାବୁ ଚିର ଅଭ୍ୟସ୍ତ ସ୍ୱରରେ କହିଲେ—ମାଙ୍କୁ କହିଦେ ପହିଲି ପରେ ଆସିବ ।

କୁନୁ ପିଲା ଲୋକ । ସେ କ'ଣ କିଛି ବୁଝିଛି ? ଧାଇଁଯାଇ ଏକା ନିଶ୍ୱାସରେ ମା'ଙ୍କ ପାଖରେ ହାଜର । ମା ପଚାରିଲେ—କୁନୁ, ବାପା ଆଇଲେଣି, କହିବୁ ଯା ଔଷଧ ଆସିବ । କୁନୁ କହିଲା—ବାପାଙ୍କୁ କହିଲି ଯେ ବାପା କହିଲେ "ପହିଲି ପରେ ଆସିବ ।"

ମା ତ ଏବେ ଜ୍ୱରରେ କମ୍ପୁଥିଲେ । ତାପରେ କୁନୁ କଥା ଶୁଣି ରାଗରେ ଏକବାରେ ପଞ୍ଚମକୁ ଉଠିଗଲେ । କାନ୍ଦି କାନ୍ଦି କହିଲେ – ସବୁ ତ ପହିଲି ପରେ ହେବ ? ପହିଲି ପର୍ଯ୍ୟନ୍ତ ବଞ୍ଚିଥିଲେ ତ ? ତାପରେ ଖଣ୍ଡିମତ ବାହୁନା ଆରମ୍ଭ କରିଦେଲେ ।

ଏତେ ବେଳକୁ ହରିବାବୁଙ୍କର ଚେତା ପଶିଲା । ସେ ବୁଝି ପାରିଲେ କେତେ ବଡ଼ ଭୁଲଟାଏ କରି ପକାଇଛନ୍ତି ସେ । ସେଇ-ଦିନୁ କିନ୍ତୁ ହରିବାବୁଙ୍କର ଜୀବନର ଗତି ଫେରିଗଲା । ସେ ଆଉ ଟଙ୍କା ପଇସାର ଧାର ଧାରନ୍ତି ନାହିଁ । ପହିଲି ଦିନ ଦରମାଟିକ ପାଇଲେ ସିଧାସିଧି ପଠାଇ ଦିଅନ୍ତି ଗୃହିଣୀଙ୍କ ନିକଟକୁ । ଏଣିକି ସେ ପୂରାପୂରି ନିର୍ଲିପ୍ତ । ଯେ କେହି ଆସି କିଛି ପଚାରିଲେ ଜବାବ ଦିଅନ୍ତି—'ମାଙ୍କୁ କହିବୁ ଯା ।'

Digitized by PPRACHIN, SOA

ଘାସ୍ନାତ୍ମ ସାଥୀ

ମହିଳା କଲେଜରେ ଆଜ ଏକ ଉତ୍ସବର ଆୟୋଜନ । ପ୍ରିନ୍‌ସପାଲ୍ କୁମାରୀ ସୁଜାତା ମହାନ୍ତି ଆଜ ଅବସର ନେବେ । ତାଙ୍କର ପାଇଁ ଏ ବିଦାୟ ଉତ୍ସବ ।

ଦୀର୍ଘ ତିରିଶ ବର୍ଷର ସମ୍ପର୍କ ଏହି କଲେଜ ସଙ୍ଗେ କୁମାରୀ ସୁଜାତାଙ୍କର । ପ୍ରଥମେ ସେ ପ୍ରବେଶ କରିଥିଲେ ଜଣେ ଲେକ୍‌ଚରର ଭାବରେ; କିନ୍ତୁ ତାଙ୍କର କର୍ମନିଷ୍ଠା ଓ କର୍ତ୍ତବ୍ୟପରାୟଣତା ତାଙ୍କୁ ଏହି ଅନୁଷ୍ଠାନର ସର୍ବୋଚ୍ଚ ସ୍ଥାନକୁ ଉଠାଇ ନେଇଥିଲା । ଜଣେ ସୁଯୋଗ୍ୟ ଅଧ୍ୟାପିକା ବା ଏକ ବଡ଼ ଅନୁଷ୍ଠାନର ଅଧିକର୍ତ୍ରୀ ଭାବରେ ଯେ ସେ କେବଳ ସୁଖ୍ୟାତି ଅର୍ଜନ କରିଥିଲେ ତାହା ନୁହେଁ, ତାଙ୍କର ସରଳ ଅକୃତ୍ରିମ ମମତାପୂର୍ଣ୍ଣ ବ୍ୟବହାର ତାଙ୍କୁ ଛାତ୍ରୀ ମହଲରେ ଖୁବ୍ ପ୍ରିୟପାତ୍ରୀ କରିପାରିଥିଲା । ଖାଲି ସେତିକି ନୁହେଁ, ତାଙ୍କର ଏକନିଷ୍ଠ ଧର୍ମ ବିଶ୍ୱାସ ପାଇଁ ମଧ୍ୟ ସେ ଖୁବ୍ ସୁଖ୍ୟାତି ଅର୍ଜନ କରି ପାରିଥିଲେ ।

ସୁସଜ୍ଜିତ ସଭା ମଣ୍ଡପରେ କୁମାରୀ ସୁଜାତା ମହାନ୍ତି ଉପସ୍ଥିତା । ତାଙ୍କର ଚତୁର୍ଦ୍ଦିଗରେ ଘେରି ରହିଛନ୍ତି ସହକର୍ମୀ ଅଧ୍ୟାପିକା ବୃନ୍ଦ । ସାମନାରେ ଛାତ୍ରୀ ମଣ୍ଡଳୀ । ଘନ ଘନ କରତାଳି ମଧ୍ୟରେ ପ୍ରିନ୍‌ସପାଲ୍ ମହାନ୍ତିଙ୍କ ଗଳାରେ ଜଣେ ଛାତ୍ରୀ ଏକ ସୁନ୍ଦର ପୁଷ୍ପମାଳା ପିନ୍ଧାଇ ଦେଲେ । ତାଙ୍କର ଗୁଣ ଗାନ କରି କେତେକ ଅଧ୍ୟାପିକା,

Digitized by PPRACHIN, SOA

ଛାତ୍ରୀ ଓ ବିଶେଷ ନିମନ୍ତ୍ରଣ ପାଇ ଆସିଥିବା ଭୂତ ଛାତ୍ରୀମାନେ ଶୋକୋଚ୍ଛଳ ବକ୍ତୃତାମାନ ଦେଲେ । କୁମାରୀ ମହାନ୍ତି ଛଳ ଛଳ ଆଖିରେ ଅତି ବିନମ୍ର ସ୍ୱରରେ ତା'ର ପ୍ରତ୍ୟୁତ୍ତର ଦେଇ ସମସ୍ତଙ୍କଠାରେ ଆପଣାର କୃତଜ୍ଞତା ଜଣାଇଲେ । କରୁଣ ସ୍ୱରରେ ବିଦାୟ ସଙ୍ଗୀତ ଗୀତ ହେଲା । ତା'ପରେ ଫଟୋ ଉଠିଲା ମଧ୍ୟ । ସବୁ ସାଙ୍ଗ ହେଲା । ଗତ ତିରିଶ ବର୍ଷର ସମ୍ପର୍କ ତୁଟାଇ କୁମାରୀ ମହାନ୍ତି ଯେତେବେଳେ ମହିଳା କଲେଜର ପ୍ରାଙ୍ଗଣ ଛାଡ଼ିଲେ ସେତେବେଳେ ସେ କୌଣସି ପ୍ରକାରେ ଚକ୍ଷୁର ଲୋତକ ରୋଧ କରି ପାରିଲେ ନାହିଁ । ଗୋଟିଏ ଶିଶୁଟି ପରି ଆଖିରେ ରୁମାଲ ଦେଇ କାନ୍ଦି ଉଠିଲେ ।

ଘରକୁ ଫେରିଗଲା ପରେ କୁମାରୀ ମହାନ୍ତି ପ୍ରଥମ ଥର ପାଇଁ ଆପଣାକୁ ଅତି ଅସହାୟ ଓ ନିଃସଙ୍ଗ ମନେ କଲେ । ଜୀବନର ପ୍ରଥମ ପାଦରେ ପ୍ରାୟ ପଚିଶ ବର୍ଷ ବୟସ ସେ କଟାଇ ଦେଇଥିଲେ ପାଠ ପଢ଼ାରେ, ପିତାମାତା ଭାଇ ଭଉଣୀଙ୍କ ମେଳରେ । ତା'ପରେ ଆହୁରି ତିରିଶ ବର୍ଷ କଟାଇ ଦେଇଛନ୍ତି କର୍ମ ସ୍ରୋତରେ ବୁଡ଼ି ରହି । ସବୁବେଳେ ସେ ଭାବୁ ଥାଆନ୍ତି ଆପଣାର କର୍ତ୍ତବ୍ୟ କଥା । କଲେଜରେ କର୍ତ୍ତବ୍ୟ, ଛାତ୍ରୀମାନଙ୍କ ପ୍ରତି କର୍ତ୍ତବ୍ୟ ଇତ୍ୟାଦି ଇତ୍ୟାଦି ବିଷୟ । ଟିକିଏ ଅବସର ପାଇଲେ ପଢ଼ୁଥାନ୍ତି ଧର୍ମଶାସ୍ତ୍ର ।

ଆଜି କିନ୍ତୁ ସେ ସବୁ ସରିଯାଇଛି । କାଲିଠାରୁ ଆଉ କଲେଜକୁ ଯିବାକୁ ହେବ ନାହିଁ । କୌଣସି ଛାତ୍ରୀଙ୍କ ସହିତ ଦେଖା ସାକ୍ଷାତ ହେବ ନାହିଁ କି କାହାରି ଅଭାବ ଅଭିଯୋଗ ପାଇଁ ଦୃଷ୍ଟି ଦେବାକୁ ପଡ଼ିବ ନାହିଁ । ବସି ରହିବାକୁ ପଡ଼ିବ ନିଜ ଘରଟି ଭିତରେ ଏକାକୀ ଆପଣାକୁ ଆପଣାର ସାଥୀ କରି ।

Digitized by PPRACHIN, SOA

ଏତିକି ବେଳେ କୁମାରୀ ମହାନ୍ତିଙ୍କର ମନେ ପଡ଼ିଲା ପ୍ରାୟ ପଞ୍ଚବିଂଶ ବର୍ଷ ତଳର କଥା । ସେ ଯେତେବେଳେ ଗାର୍ଲ୍ସ ସ୍କୁଲ ଛାଡ଼ି ପ୍ରଥମେ ଯାଇ ରେଭେନ୍ସା କଲେଜରେ ଭର୍ତ୍ତି ହୋଇଥିଲେ । ସେତେବେଳେ ସେ ଥିଲେ ପଚିଶ ଜଣ ସହପାଠୀଙ୍କ ମଧ୍ୟରେ ଏକମାତ୍ର ବାଳିକା । ସୁତରାଂ ଶତ ଚକ୍ଷୁ ନିବଦ୍ଧ ହେଉଥିଲା ତାଙ୍କରି ଉପରେ । ତାଙ୍କର ମୁହଁର ଟିକିଏ ମୃଦୁ ହାସ୍ୟ, ତାଙ୍କର ଚାହାଣିରେ ଟିକିଏ ତେରଛା ଦୃଷ୍ଟି ବା ତାଙ୍କର ପାଟିରୁ ପଦଟିଏ କଥା ପାଇଁ କେତେ ଉଦ୍‌ଗ୍ରୀବ ସହପାଠୀ ତାଙ୍କର ଅନୁଗାମୀ ହେଉଥିଲେ । ତାଙ୍କର କିନ୍ତୁ ସେଥିପ୍ରତି ଆଦୌ ଦୃଷ୍ଟି ନ ଥିଲା । ସେ ଥିଲେ ଯେପରି ପଙ୍କମୟ ସରୋବର ମଧ୍ୟରେ ଏକ ପବିତ୍ର ସ୍ୱଚ୍ଛ ଝଲଝଲ ଅରବିନ୍ଦ ।

ପଚିଶ ଜଣ ସହପାଠୀଙ୍କ ମଧ୍ୟରୁ ଜଣେ କିନ୍ତୁ ତାଙ୍କର ସୁଦୃଷ୍ଟି ଆକର୍ଷଣ କରିବାକୁ ସମର୍ଥ ହୋଇଥିଲେ । ସେ ହେଉଛନ୍ତି ଶ୍ରୀ ସୁବ୍ରତ ପଟ୍ଟନାୟକ, ଯେ କି ବର୍ତ୍ତମାନ ଅବସର ପ୍ରାପ୍ତ ପ୍ରଫେସର ସୁବ୍ରତ ପଟ୍ଟନାୟକ ଭାବରେ ପରିଚିତ ।

ସୁଜାତାଙ୍କ ସହିତ ସୁବ୍ରତଙ୍କର ପରିଚୟ ହୋଇଥିଲା ଏକ ଶୁଭମୁହୂର୍ତ୍ତରେ କଲେଜର ଅବକାଶ ଗୃହରେ । ତା'ପରେ କେଜାଣି କିପରି ଉଭୟେ ପରସ୍ପର ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ସେତେବେଳେ ସୁଜାତାଙ୍କର ବୟସ ମୋଟେ ଅଠର କି ଉଣେଇଶି ଆଉ ସୁବ୍ରତଙ୍କର ବୟସ ମଧ୍ୟ କୋଡ଼ିଏ ଏକୋଇଶି ମଧ୍ୟରେ । ସୁବ୍ରତ ସୁନ୍ଦର ସୁଠାମ ଯୁବକ । ଭଲ ଛାତ୍ର ବୋଲି କ୍ଲାସରେ ଖୁବ୍ ସୁଖ୍ୟାତି । ସୁଜାତା ମଧ୍ୟ ଥିଲେ ଭଲ ଛାତ୍ରୀ । ଉଭୟେ ମେଟ୍ରିକୁଲେସନ୍ ପରୀକ୍ଷାରେ ବୃତ୍ତି ପାଇ ଆସିଥିଲେ । କ୍ଲାସରେ ଦୁଇଜଣଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲେ,—କିଏ

Digitized by PPRACHIN, SOA

ହେବ ଫାଷ୍ଟ । ପ୍ରଥମ ପରୀକ୍ଷାରେ ସୁଜାତା ସୁବ୍ରତକୁ ଟପିଗଲେ । ସୁବ୍ରତର ମୁହଁ ଶୁଖିଗଲା । ସୁଜାତା ବେଶୀ ମାର୍କ ରଖି ସୁଦ୍ଧା ସୁଖୀ ହୋଇ ପାରିଲା ନାହିଁ । ଅନ୍ତର ମଧ୍ୟରେ ଅନୁଭବ କଲା ଯେ ଯଦି ଫାଷ୍ଟ ନ ହୋଇ ସୁବ୍ରତ ଫାଷ୍ଟ ହୋଇଥାନ୍ତା ତେବେ ସେ ଅଧିକ ବେଶୀ ସୁଖୀ ହୋଇପାରିଥାନ୍ତା !

ଏମିତି କେତେ ଦିନ କଟି ଯାଇଛି । ଦୁହେଁ କେତେ ଥର ପରସ୍ପରର ସାନ୍ନିଧ୍ୟ ନେଇଛନ୍ତି, କେତେ ହସ ଖୁସି କଥାବାର୍ତ୍ତା ହୋଇଛନ୍ତି । କିନ୍ତୁ ସେ ସବୁ କେବଳ ସାଙ୍ଗସାଥୀ ଭାବରେ ।

ଦିନେ ହଠାତ୍ ସୁବ୍ରତ ଉତ୍ଥାପନ କଲା ଏକ ପ୍ରସ୍ତାବ ସୁଜାତା ନିକଟରେ । ସୁଜାତାର ମୁହଁ ଲଜ୍ଜାରୁଣ ହୋଇ ଉଠିଲା । କିନ୍ତୁ ପର ମୁହୂର୍ତ୍ତରେ ସେ ଆତ୍ମସ୍ଥ ହୋଇ କହିଲା—ଛି ସୁବ୍ରତ ବାବୁ, ତା କି ସମ୍ଭବ ? ଧର୍ମ ଓ ସମାଜ କ'ଣ ଆମର ଏ ମିଳନକୁ ସମର୍ଥନ କରିବ ? ସୁବ୍ରତ କହିଲେ—ସୁଜାତା, ଧର୍ମ ଓ ସମାଜ ? ସେ ତ ଗୋଟିଏ ଫାଙ୍କା ଆଓ୍ୱାଜ । ମଣିଷ ନୁହଁ ମଣିଷ । ଆଚ୍ଛା, କହିଲ ଦେଖି କୌଣସି ଧର୍ମ ବିଶ୍ୱାସ କେବେ କ'ଣ ମନୁଷ୍ୟର ମୌଳିକ ଉପାଦାନକୁ ବଦଳାଇ ଦେଇ ପାରିଛି ? ଦୁଇ ଜଣ ଭିନ୍ନ ଧର୍ମବିଶ୍ୱାସୀ ମାନବଙ୍କୁ ଯଦି ଏନାଟମିକେଲ ପରୀକ୍ଷା କରାଯାଏ ତେବେ ସେମାନଙ୍କର ରକ୍ତ, ମାଂସ, ମେଦ, ମଜ୍ଜା କି ଶରୀରର ବାହ୍ୟିକ ବା ଆଭ୍ୟନ୍ତରୀଣ କୌଣସି ପାର୍ଥକ୍ୟ ପରିଲକ୍ଷିତ ହେବ କି ? ତା ଯଦି ନ ହୁଏ ତେବେ ଧର୍ମ ବିଶ୍ୱାସ ବା ସେହିପରି ବାହାର ଜିନିଷ ଉପରେ ପ୍ରତିଷ୍ଠିତ ସମାଜ କାହିଁକି ମନୁଷ୍ୟ ସହିତ ମନୁଷ୍ୟର ମିଳନରେ ବାଧା ଦେବ ।

ସୁଜାତା କହିଲେ—ହଁ, ତା ସତ ଯେ, ତେବେ······? ସୁବ୍ରତ ଆଗ୍ରହାତିଶଯ୍ୟରେ ସୁଜାତାଙ୍କର ହାତ ମୁଠାଇ ପକାଇ କହିଲେ—

Digitized by PPRACHIN, SOA

ନା, ନା, ସୁଜାତା ! ଆଜ ସେଠି 'ତେବେ' ବା 'କିନ୍ତୁ'ର ସ୍ଥାନ ନାହିଁ । ସ୍ୱୀକାର କର ମଣିଷ ହିଁ ମଣିଷ ।

ତା'ପରେ କେତେ ଦିନ କଟିଯାଇଛି କେତେ ଯୁକ୍ତି ତର୍କ ଭିତରେ । ସୁଜାତା ବହୁ ଚେଷ୍ଟା କରିଛି ଆପଣାର ଧର୍ମ ବିଶ୍ୱାସକୁ ହଟାଇ ଦେଇ ପ୍ରେମକୁ ତା'ର ସ୍ଥାନରେ ବସାଇବ, ସୁବ୍ରତକୁ ଆପଣାର କରିବା ପାଇଁ । କିନ୍ତୁ ପାରି ନାହିଁ ସେ । ତା'ର ଆଜନ୍ମର ସଂସ୍କାର ବା ଧର୍ମବିଶ୍ୱାସ ତା'ର ଅବଚେତନ ମନ ଉପରେ ଏପରି ଏକ ଦୃଢ଼ ଛାପ ପକାଇଥିଲା ଯେ ସେ ଅନେକ ସମୟରେ ସ୍ୱପ୍ନ ଦେଖେ—ଯେପରି ତା'ର ଇଷ୍ଟ ଦେବତା ଆସି ତା'ଆଗରେ ଛିଡ଼ା ହୋଇ କହୁଛନ୍ତି—ସୁଜାତା, ଏକ ଦୁର୍ବଳତା ? ସାମାନ୍ୟ ପାର୍ଥିବ ପ୍ରଣୟ ପାଇଁ ତୋ'ର ଧର୍ମକୁ ଜଳାଞ୍ଜଳି ଦେବୁ ?

ସୁଜାତାର ସ୍ୱପ୍ନ ଯାଏ ଭାଙ୍ଗି । ସେ ଅତି ଦୁର୍ବଳ ଶିଶୁ ପରି ନତଜାନୁ ହୋଇ ପ୍ରାର୍ଥନା କରେ—ହେ ଦେବତା, ମୋତେ ଶକ୍ତି ଦିଅ, ମନରେ ବଳ ଦିଅ, ଯେପରି ମୁଁ କେବଳ ତୁମରି ସେବାରେ ହିଁ ଜୀବନ ବିତାଇ ଦିଏଁ । ମୋତେ ସଇତାନର ପ୍ରଲୋଭନରୁ ରକ୍ଷା କରି ସ୍ୱର୍ଗର ପଥ ଦେଖାଇ ଦିଅ ।

ଏମିତି କେତେଦିନ କଟି ଯାଇଛି । ସୁବ୍ରତର ନିଷ୍କପଟ ପ୍ରେମ ନିବେଦନକୁ ସୁଜାତା ଅବଜ୍ଞା କରି ଚାଲି ଯାଇଛି । ସୁଜାତାକୁ ପାଇବା ପାଇଁ ସୁବ୍ରତ ଅବଶ୍ୟ ପ୍ରସ୍ତୁତ ଥିଲା ଆପଣାର ଧର୍ମମତ ବଦଳାଇବା ପାଇଁ, କିନ୍ତୁ ତଥାପି ସେଥିରେ ସୁଜାତା ସମ୍ମତ ହେଲା ନାହିଁ । ସେ କହିଲା—ନା, ତୁମେ ଯଦି ତୁମର ଧର୍ମମତ ବଦଳାଇ ଦିଅ ମୋତେ ହିଁ କେବଳ ପାଇବା ପାଇଁ ତେବେ ତୁମ ନାଁରେ କଳଙ୍କ ରଟିବ ଦୁନିଆ ବଜାରରେ । ତୁମର ପିତା ମାତା ଭାଇ ବନ୍ଧୁଙ୍କର ବିରାଗଭାଜନ ହେବ ତୁମେ । ମୁଁ ତୁମର ଏ

Digitized by PPRACHIN, SOA

ପ୍ରକାର ଅବସ୍ଥା ସହ୍ୟ କରି ପାରିବ ନାହିଁ । ମୁଁ ପରମପିତା ପରମେଶ୍ୱରଙ୍କଠାରେ ଆତ୍ମସମର୍ପଣ କରି ସାରିଛି । ମୁଁ ରହିବି ଆଜନ୍ମ କୁମାରୀ । ତୁମେ ବିବାହ କରି ତୁମର କୁଳଧର୍ମ ଓ ସମାଜରୁ ।

ସୁଜାତାର ତର୍କ ଯୁକ୍ତି ସୁବ୍ରତର ପ୍ରେମପ୍ରବଣ ହୃଦୟକୁ କୌଣସିମତେ ବଦଳାଇ ପାରେ ନାହିଁ । ସେ କହେ—ସୁଜାତା, ତୁମେ କ'ଣ ଭାବୁଛ ଯେ ମୋର ପ୍ରେମ ଖାଲି ଗତାନୁଗତିକ ଭାବରେ ଅନ୍ୟର ମତ ଉପରେ ନିର୍ଭର କରି ଯେଉଁଠି ଇଚ୍ଛା ସେଇଠି ଚାଲି ପଡ଼ିବ ? ମୋର ଅନ୍ତର ଯେଉଁଠି ସ୍ୱତଃ ଚାଲି ପଡ଼ିଛି ତାହା ଛଡ଼ା ମୁଁ କୌଣସି ଗତାନୁଗତିକ ପନ୍ଥାରେ ଯିବାକୁ ଚାହେଁ ନା ! ତୁମେ ଆଜନ୍ମ କୁମାରୀ ରହିଲେ ମୁଁ ରହିବି ଆଜନ୍ମ କୁମାର ।

ସୁଜାତା ଅତି କାତର କରି କହେ—ନା, ନା ତୁମେ କୁମାର ରହିବ ନାହିଁ । ସୁଜାତା ଆଉ କିଛି କହିପାରେନା । କଣ୍ଠ ବାଷ୍ପରୁଦ୍ଧ ହୋଇଆସେ । ସେ ଶିଶୁଟି ପରି କାନ୍ଦି ପକାଏ । ସୁବ୍ରତ ତା'କୁ ଛାତି ଉପରକୁ ଆଉଜାଇ ଆଶ୍ୱାସନା ଦିଏ ତା'ର ଆଖିର ଲୁହତକ ପୋଛି ଦେଇ । ସେଇ କ୍ଷଣିକ ସ୍ପର୍ଶ ସୁଜାତାର ଅନ୍ତର ମଧ୍ୟରେ ତାଲେ ଏକ ସଂଘର୍ଷର ତୋଫାନ—ଧର୍ମ ନା ପ୍ରେମ । ପ୍ରକୃତି କହେ, ପ୍ରେମ, ପ୍ରେମ, ପ୍ରେମହିଁ ତୋର ଏକମାତ୍ର କାମ୍ୟ । ସମାଜ କହେ—ଧର୍ମ, ଧର୍ମ, ଧର୍ମ ହିଁ ତୋର ଏକମାତ୍ର ଆଶ୍ରୟ । ଶେଷରେ ଆଜନ୍ମ ସଂସ୍କାରର ଦୁର୍ବଳତା ସୁଜାତାକୁ ଜୋର କରି ଟାଣି ନେଇଯାଏ ଧର୍ମ ଆଡ଼କୁ । ସୁଜାତା କାନ୍ଦି କାନ୍ଦି ଆପଣାକୁ ସୁବ୍ରତର ବାହୁ ପାଶରୁ ମୁକୁଳାଇ ନେଇ କହେ—ନା, ନା, ନା, ମୁଁ ପାରିବି ନାହିଁ—ତୁମେ ଯାଅ, ମୋତେ ଏକାକୀ ରହିବାକୁ ଦିଅ । ତା'ପରେ ଆଶ୍ରୁ

Digitized by PPRACHIN, SOA

ମାଡ଼ ବସି ଊର୍ଦ୍ଧ୍ୱନେତ୍ରରେ ପ୍ରାର୍ଥନା କରି କହେ—ହେ ପରମେଶ୍ୱର, ପରମପିତା, ମୋର ଦୁର୍ବଳତାକୁ କ୍ଷମା କର, ମୋତେ ଶକ୍ତି ଦିଅ।

ଏହାପରି ଟଣା ଓଟରା ମଧ୍ୟରେ ସମୟର ଚକ ଗଡ଼ି ଚାଲେ। ବର୍ଷେ, ଦି ବର୍ଷ, ତିନି, ଚାରି, ପାଞ୍ଚ, ଛଅ ବର୍ଷ ·· । ସୁବ୍ରତ ଏମ୍. ଏ. ପାଶ୍ କରି ହୁଏ ପୁରୁଷ କଲେଜର ପ୍ରଫେସର। ସୁଜାତା ଏମ୍. ଏ. ପାଶ୍ କରି ହୁଏ ମହିଳା କଲେଜର ପ୍ରଫେସର ସମଗ୍ର ଓଡ଼ିଶାରେ ଗୋଟିଏ ମାତ୍ର ମହିଳା କଲେଜ । ଫଳରେ ସୁଜାତା ରହିଗଲା କଟକରେ; କିନ୍ତୁ ସୁବ୍ରତର ବଦଳି ହୋଇଗଲା ବିଭିନ୍ନ ସ୍ଥାନକୁ।

ବିଭିନ୍ନ ସ୍ଥାନରେ ରହିଲେ ସୁଦ୍ଧା ସୁବ୍ରତ ଯେତେବେଳେ ଟିକିଏ ଅବକାଶ ପାଏ ଛୁଟି ଆସେ କଟକ, ସୁଜାତା ପାଖକୁ। ଦୁହେଁ ପୁଣି ଏକାଠି ହୁଅନ୍ତି। ପୁଣି ଚାଲେ ଯୁକ୍ତିତର୍କ; କିନ୍ତୁ କିଛି ସ୍ଥିର ହୋଇପାରେ ନାହିଁ।

ଧୈର୍ଯ୍ୟର ତ ଗୋଟିଏ ସୀମା ଥାଏ। ସୁବ୍ରତର ପିତା ମାତା ବିଶେଷତଃ ବୃଦ୍ଧା ମାତା ଅତି ଜିଗର ଲଗାଇଲେ ବୋହୂ ଦେଖିବା ପାଇଁ । ସୁବ୍ରତ ପୁଣି ଶେଷଥର ପାଇଁ ଚେଷ୍ଟା କଲା ସୁଜାତାକୁ ମଙ୍ଗାଇବା ପାଇଁ; କିନ୍ତୁ ପାରିଲାନି, ସେଇ ଏକ ଜିଦ୍—ଧର୍ମ।

ଶେଷରେ ବାଧ୍ୟ ହୋଇ ସୁବ୍ରତକୁ ବୃଦ୍ଧା ମାତାଙ୍କର ସକରୁଣ ଅନୁରୋଧ ରକ୍ଷା କରିବାକୁ ହେଲା । ସେ ବିବାହ କଲା ପିତାଙ୍କ ଦ୍ୱାରା ନିର୍ବାଚିତା ଏକ ଅଭିଜାତ୍ୟସମ୍ପନ୍ନା ପଲ୍ଲୀ ବାଳିକାକୁ ।

ସୁଜାତା ଯେଉଁଦିନ ସୁବ୍ରତର ବିବାହ ନିମନ୍ତ୍ରଣ ପାଇଲା ସେଦିନ ତା'ର ଜୀବନରେ ଏକ ଭୂମୂଳ ତୋଫାନ ବହିଲା। ସେ ଦେଖିଲା, ଯେପରି ତାର ବହୁ ଯତ୍ନରେ ବାନ୍ଧି ରଖିଥିବା ଧର୍ମ-ପୋଟଳି ସେଇ ତୋଫାନର ବେଗରେ ଛିନ୍ନ ଭିନ୍ନ ହୋଇ କେଉଁ

Digitized by PPRACHIN, SOA

ଅତଳ ଜଳଧି ଗର୍ଭରେ ନିମଜ୍ଜିତ ହୋଇ ଯାଉଛି; କିନ୍ତୁ ଆଉ ଉପାୟ ନାହିଁ । ଶେଷକୁ ସେ ସୁବ୍ରତ ସହିତ ଏକତ୍ର ଉଠାଇଥିବା ଫଟୋଟିକୁ ଛାତି ଉପରେ ମାଡ଼ିରଖି କହିଲା—ହେ ପରମପିତା ପରମେଶ୍ୱର ! ମୋତେ ଶକ୍ତି ଦିଅ ଏ ତୁମୁଳ ତୋଫାନରୁ ଆତ୍ମରକ୍ଷା କରିବାପାଇଁ ।

ତା'ପରେ କେତେ ବର୍ଷ ଗଡ଼ି ଯାଇଛି । କେତେ ଥର ସୁବ୍ରତ ଆସିଛି ସୁଜାତା ଘରକୁ; ଏକାକୀ ନୁହେଁ ସସ୍ତ୍ରୀକ । ସୁଜାତା ସୁବ୍ରତର ସ୍ତ୍ରୀ ସୁଶୀଳାକୁ ଆପଣାର ଭଉଣୀ ପରି ସ୍ନେହ କରେ ଓ ଭଦ୍ରତାର ଖାତିରରେ ଆତିଥ୍ୟ ଦେଖାଏ. ସତ କିନ୍ତୁ ଅନ୍ତରର ଅତି ଗହନ ତଳେ ଉଠେ ଏକ କୋହ, ଯେତେବେଳେ ସେ ଦେଖେ ସୁବ୍ରତ ଓ ସୁଶୀଳାଙ୍କର ବୈବାହିକ ଜୀବନର ସଦ୍ୟ ଫଳ ସୁଶାନ୍ତକୁ । ମନ ମଧ୍ୟରେ ତା'ର ଚେଇଁଉଠେ ଆଉ ଏକ ପ୍ରବୃତ୍ତି, ମାତୃତ୍ୱର ବୁଭୁକ୍ଷା । ଆଜି ଯଦି ସୁବ୍ରତ ତା'ର ହୋଇ ପାରିଥାନ୍ତା ତେବେ ହୁଏତ ଏଇ ଦେବ ଶିଶୁର ଜନନୀ ହୋଇଥାନ୍ତା ସେଇ ନିଜେ । ନିଜ ଛାତିର ରସ ଦେଇ ସେ ତାକୁ ବଢ଼େଇଥାନ୍ତା; କିନ୍ତୁ କାହା ପାଇଁ ସେ ଆଜି ସେଥିରୁ ବଞ୍ଚିତା ହେଲା ? ନିଜର ଦୁର୍ବଳତା ? ନିଜର ଭୁଲ୍ ? ନା, ନା, ଭଗବାନଙ୍କର ଆଦେଶ । ପରମପିତା ପରମେଶ୍ୱରଙ୍କର ନିର୍ଦ୍ଦେଶ । ସୁଜାତା ପାରେ ନା ଆପଣାକୁ ସମ୍ଭାଳି । ସୁବ୍ରତର ଶିଶୁ ସନ୍ତାନକୁ ଆପଣା ଛାତିରେ ଚାପି ଧରି ତା'ର ଫୁଲୁକା ଗାଲରେ ଆପଣାର ଓଠ ଦିଓଟିକୁ ଚାପି ଧରି କ୍ଷଣକାଳ ପାଇଁ ଆଖି ବୁଜିଦିଏ ।

ବର୍ଷ ଚାରି ପୁଣି ଗଡ଼ିଗଲେ ଆପଣା ପଥରେ ଅବିରାମ ଗତିରେ । ବିଧାତାଙ୍କର ବିଚିତ୍ର ବିଧାନରେ ସୁଶୀଳାଙ୍କର ପୁଅଟିଏ ଓ ଝିଅଟିଏ ଜନ୍ମ ହେଲା ପରେ ପେଟରେ ହୁଏ ତାଙ୍କର ଅଶେଷ ଯନ୍ତ୍ରଣା

Digitized by PPRACHIN, SOA

ଡାକ୍ତର ପରୀକ୍ଷା କରି କହନ୍ତି ଜରାୟୁର ଦୋଷ । କିଏ କହେ ଗାସ୍ଟ୍ରିକ୍ ଅଲ୍ସର୍ । ସେ ଯାହାହେଉ, ସେ କ୍ରମଶଃ ଦୁର୍ବଳ ହୋଇ ପଡ଼ନ୍ତି । କିନ୍ତୁ ତଥାପି ସେ ସ୍ତ୍ରୀର କର୍ତ୍ତବ୍ୟ ସମ୍ପାଦନ କରି ଯାଉଥାନ୍ତି ନିର୍ବିକାର ଚିତ୍ତରେ । ଏହା ହିଁ ହେଲା ସୁବ୍ରତଙ୍କର ପାରିବାରିକ ଜୀବନର ଧାରା ।

କର୍ମଜୀବନରୁ ଅବସର ନେଲାପରେ ସୁଜାତାଙ୍କର ଦିନ କଟେ ନାହିଁ । ମନେ ପଡ଼େ ସେଇ ଅତୀତ କଥା ସବୁ । ଠିକ୍ ଚଳଚ୍ଚିତ୍ରର ଛବି ଭଳି ମନ ପରଦା ଉପରେ ଫୁଟି ଉଠେ ସେଇ ସେକାଳର କଥା । ନିଜର କିଶୋରୀ ଓ ତରୁଣୀ ଜୀବନର ଅନୁଭୂତି ।

ସୁଜାତା ଆପଣା ଶୋଇବା ଘର ଡ୍ରେସିଂ ଟେବୁଲସ୍ଥ ବଡ଼ ଆଇନା ସାମନାରେ ଛିଡ଼ା ହୋଇ ଆପଣାକୁ ଚାହାନ୍ତି । କାହିଁ, ସେ ତ ବୁଢ଼ୀ ହେଲେ ପରି ଦିଶୁ ନାହାନ୍ତି ? ପଞ୍ଚାବନ ବର୍ଷ ଗତ ହୋଇଗଲାଣି ସତ କିନ୍ତୁ କୁମାରୀ ସୁଜାତାଙ୍କର ଭ୍ରମର କୃଷ୍ଣ ସୁକୁଞ୍ଚିତ କେଶରାଶିରୁ ଗୋଟିଏ ସୁଦ୍ଧା ଧଳା ହୋଇ ନାହିଁ । ସୁଗୋଲ କପୋଳରେ ଗୋଟିଏ ସୁଦ୍ଧା କୁଞ୍ଚନ ପଡ଼ି ନାହିଁ । ସେ ଚିରଦିନ ଆପଣାକୁ କୁମାରୀ ଭାବରେ କଳ୍ପନା କରି ଆସିଛନ୍ତି । ମନର ମୁକ୍ତେ ଏ ଜଗତ । ତାଙ୍କର ମନର ସେଇ କଳ୍ପନା ହିଁ ତାଙ୍କୁ ବାର୍ଦ୍ଧକ୍ୟର ସୀମା ସ୍ପର୍ଶ କରିବାକୁ ଦେଇ ନାହିଁ । ଶରୀର ଟିକିଏ ଅଧିକ ସୁପୁଷ୍ଟ ଓ ପୃଥୁଳ ହୋଇ ଯାଇଛି ସତ କିନ୍ତୁ ମନ ଭିତରର ସେଇ କୁମାରୀ ରୂପ ଏବେ ବି ଶରୀର ଉପରେ ରାଜୁତି କରୁଛି ।

ସୁଜାତାଙ୍କର ମନରେ ଏବେ ଅଧିକରୁ ଅଧିକ ଭାବରେ ସୁବ୍ରତଙ୍କ କଥା ଜାଗି ଉଠୁଛି । ସେ ବାରମ୍ବାର ତାଙ୍କର ସେଇ

Digitized by PPRACHIN, SOA

ସେ କାଳର ଯୁଗଳ ଛବିଟିକୁ ବାହାର କରି ଦେଖୁଛନ୍ତି, ଗୁଣ୍ଠି ଉପରେ ରଖୁଛନ୍ତି ଏବଂ ଦୀର୍ଘଶ୍ବାସ ପକାଉଛନ୍ତି ।

ହଠାତ୍ ଡାକପିଅନ ଡାକ ଦେଲା—ଚିଠି । ସୁଜାତାଙ୍କର ଦିବା ସ୍ୱପ୍ନ ଭାଙ୍ଗିଗଲା । ସେ ଚମକି ପଡ଼ିଲେ, ସରକାରୀ କାମରେ ଥିଲାବେଳେ କେତେ ତାଡ଼ା ତାଡ଼ା ଚିଠି ଆସୁଥିଲା ତାଙ୍କ ପାଖକୁ । ଏବେ ତ ଆଉ ସେପରି ଆସେ ନାହିଁ । କାହାଠୁ ଆସିବ ? କିଏ ବା ଅଛି ତାଙ୍କର ? ବାପ ମା କେବେଠୁଁ ବିଦାୟ ନେଲେଣି । ଭାଇ ଭଉଜ କିଏ କେଉଁଠି ? କାହା କଥା କିଏ ପଚାରେ ? ତେବେ ଏ ଚିଠି କାହାଠୁ ?

ଡାକବାଲା ଚିଠି ଦେଇଗଲା । ସୁଜାତା ଖୋଲି ପକାଇଲେ ଆବେଗ ଓ ଅଧୀରତାର ସହିତ । ଦେଖିଲେ ସୁବ୍ରତର ଚିଠି । ଏତେ ଦିନ ପରେ ?

ସୁବ୍ରତ ଲେଖିଛନ୍ତି—ସ୍ନେହର ସୁଜାତା, ଆଜି ବହୁଦିନ ପରେ ମୁଁ ଏ ଚିଠି ଲେଖି ବସୁଛି । କ୍ଷମା କରିବ । ମୁଁ ଏଇ କେତେ ବର୍ଷ ଧରି ତୁମଠାକୁ ଚିଠି ଲେଖିନାହିଁ । କାହିଁକି ଜାଣ ? ହୁଏତ ତୁମର ଓ ମୋର ସମ୍ବନ୍ଧ ତାହା ତୁମେ ଜାଣ କି ମୁଁ ଜାଣେ । ବାହାରର ଲୋକେ କିନ୍ତୁ ସେ କଥା ତ ବୁଝନ୍ତି ନାହିଁ । ମୋର ବିବାହ ପରେ ମୁଁ ଯେତେବେଳେ ତୁମ ଘରକୁ ଯାଏଁ ଓ ତୁମ ସହିତ ଚିଠିପତ୍ର ଆଦାନ ପ୍ରଦାନ କରେ ସେତେବେଳେ କେତେକ ଲୋକେ ମୋ ସ୍ତ୍ରୀଙ୍କ ଆଗରେ କେତେକ କଥା କହନ୍ତି ତୁମର ଓ ମୋର ସମ୍ପର୍କ ନେଇ । ସେଥିରେ ମୋ ସ୍ତ୍ରୀଙ୍କର ମନରେ ଜାତ ହୁଏ ସନ୍ଦେହ ଓ ତା' ସଙ୍ଗେ ସଙ୍ଗେ ଈର୍ଷା । ମୁଁ ତାଙ୍କୁ ଯେତେ ବୁଝାଇ କହେଁ ଯେ ତୁମ ସହିତ ମୋର ସମ୍ପର୍କରେ କୌଣସି ଆବିଳତା ନାହିଁ, ସେ ଆହୁରି ଅଧିକ ଉତ୍ତ୍ୟକ୍ତ ହୋଇ

Digitized by PPRACHIN, SOA

ଝଡ଼ନ୍ତ । ଶେଷରେ ମୁଁ ବାଧ୍ୟ ହୋଇ ତୁମ ସହିତ ସବୁ ସମ୍ପର୍କ ତୁଟାଇ ଦେଇଥିଲି ଗତ କୋଡ଼ିଏ ବର୍ଷ ହେଲା । କିନ୍ତୁ ଏଥି-ମଧ୍ୟରେ ମୋର ସ୍ତ୍ରୀଙ୍କର ମନ ମଧ୍ୟସ୍ଥ ଈର୍ଷା କୌଣସିମତେ ପ୍ରଶମିତ ହେଲାନାହିଁ । ତାହା କ୍ରମଶଃ କୋଠରସ୍ଥ ଅଗ୍ନି ପରି ତାଙ୍କୁ ଭିତରେ ଭିତରେ ଦଗ୍ଧୀଭୂତ କରିବାକୁ ଲାଗିଲା । ତାପରେ ତାଙ୍କ ପେଟରେ ମଧ୍ୟ ଗାସ୍ଟ୍ରିକ୍ ଅଲସାର୍ ହେଲା । ସେଥିପାଇଁ ସେ ଅସ୍ଥି କଙ୍କାଳସାର ହୋଇ ପଡ଼ିଲେ । ତାଙ୍କର ଚିକିତ୍ସା ପାଇଁ ମୁଁ ତାଙ୍କୁ ଏଇ ରାଞ୍ଚିକୁ ନେଇ ଆସିଥିଲି ଓ ମୋର ଅବସର ନେବାଠୁଁ ଗତ ଦୁଇ, ତିନି ବର୍ଷ ଧରି ମୁଁ ଏଠାରେ ସସ୍ତ୍ରୀକ ବାସ କରୁଥିଲି । କିନ୍ତୁ ମୋର ଶତଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚାଇ ପାରିଲି ନାହିଁ ।

ମୋର ଏକମାତ୍ର ପୁତ୍ର ସୁଶାନ୍ତ ବର୍ତ୍ତମାନ ମିଲିଟାରୀରେ ସର୍ଭିସ କରେ ଓ ଏକମାତ୍ର କନ୍ୟା ସୁଚେତା ତା'ର ସ୍ୱାମୀଙ୍କ ସହିତ ବୋମ୍ବେଇରେ ରହିଛି । ବର୍ତ୍ତମାନ ମୁଁ ଏକାକୀ ଏକ ସୁଦୂର ବିଦେଶରେ ନିଃସଙ୍ଗ ଜୀବନ ଯାପନ କରୁଛି ।

ସେଦିନ ଖବରକାଗଜରୁ ପଢ଼ିଲି ଯେ ତୁମେ ରାଜନୀତିରୁ ଅବ୍ୟାହତି ନେଇଛ । ତୁମର ବିଦାୟ ସଭାରେ ଉଠାଯାଇଥିବା ଫଟୋଟି ମୁଁ ଇଂରାଜୀ ପତ୍ରିକାରେ ଦେଖିଲି । ସେଇଦିନୁଁ କେଜାଣି କାହିଁକି ମୋର ଅନ୍ତରରେ ପୁଣି ଗୋଟିଏ ଝଡ଼ ଉଠିଛି । ମୁଁ କୌଣସି ମତେ ଆପଣାକୁ ସ୍ଥିର କରି ରଖିପାରୁ ନାହିଁ । ସେଇ ସେ କାଳର ସ୍ମୃତି ମୋତେ ଅସ୍ଥିର କରି ପକାଉଛି । ମୁଁ ଭାବୁଛି ତୁମେ ବି ହୁଏତ ବର୍ତ୍ତମାନ ଆପଣାକୁ ଅତି ଅସହାୟ ଓ ନିଃସଙ୍ଗ ମନେ ମନେ କରୁଥିବ ।

ଆଚ୍ଛା, ବର୍ତ୍ତମାନ ତ ସମାଜ ବହୁଦୂର ଆଗେଇ ଚାଲିଛି । ଆମର ଦ୍ୱନ୍ଦ୍ୱ କୋଉଁ ବଳ ଗୃହୀତ ହୋଇ ବିବାହକୁ ଅଧିକ ଯୁକ୍ତି-

Digitized by PPRACHIN, SOA

ସମ୍ମତ ଓ ଭୁଣ ଅନୁକୂଳ କରାଇ ଦେଲଣି । ତୁମର ବି ବର୍ତ୍ତମାନ ଏପରି କୌଣସି ନିକଟ ଆତ୍ମୀୟ ସ୍ୱଜନ ନାହାନ୍ତି ଯେ ଯେଉଁମାନେ ବର୍ତ୍ତମାନ୍ କୌଣସି ଆପତ୍ତି ଉଠାଇବେ ।

ଯଦି ତୁମେ ବର୍ତ୍ତମାନ ସୁଦ୍ଧା ସ୍ୱୀକୃତ ହୁଅ, ଆମର ସେଇ ସେକାଳର ସମ୍ବନ୍ଧକୁ ବାସ୍ତବତାରେ ପରିଣତ କରିବା ପାଇଁ, ତେବେ ମୁଁ ପ୍ରସ୍ତୁତ । ଆମେ ଦିହେଁ ଜୀବନର ସାୟାହ୍ନରେ ପରସ୍ପର ସାଥୀ ଭାବରେ ଏକ ସୁଦୂର ପଲ୍ଲୀ ନିବାସରେ ସୁଖଶାନ୍ତିରେ ସମୟ କଟାଇ ଦେବା । ରାଜି ତ ?

ତୁମ ଛବିଟିକ ମୁଁ ଏଇ ହାତରେ ଧରିଛି ମୋ ଆଖି ସାମନାରେ । ଇଃ, କିଏ କହିବ ତୁମେ ପଞ୍ଚାବନ ବର୍ଷ ବୟସ୍କା ? ମୋ ଆଖିରେ ତ ତୁମେ ଦିଶୁଛ ଠିକ୍ ସେଇ ପଚିଶ ବର୍ଷୀୟା ତରୁଣୀ—କୁମାରୀ ସୁଜାତା ।

ମନେ ଅଛି ତ ସୁଜାତା ! ଆମେ ଯେତେବେଳେ ସାଙ୍ଗ ହୋଇ ଏମ୍. ଏ. ପାଶ କରିଥିଲୁଁ, କିପରି ଦିହେଁ ବିଶ୍ୱବିଦ୍ୟାଳୟର ଗାଉନ୍ ପିନ୍ଧି ଏକା ସାଙ୍ଗରେ ଯୋଡ଼ି ହୋଇ ଯାଇଥିଲୁଁ ଡିଗ୍ରୀ ଆଣିବା ପାଇଁ ? ତା'ପରେ ଦିହେଁ ଉଠାଇଥିଲୁଁ ଏକ ଫଟୋ ଡିଗ୍ରୀ ଆଣିବା ବେଳେ ? ମୁଁ କିପରି ଆଗରୁ ଫଟୋଗ୍ରାଫରକୁ ଟଙ୍କା ଦେଇ ସଜ କରାଇଥିଲି ଏକା ସଙ୍ଗରେ ଆମେ ଯାଉଥିବା ବେଳେ ଫଟୋ ଉଠାଇ ଦେବାପାଇଁ । ଆଜି ସେହି ଫଟୋ ବି ଅଛି ମୋ ପାଖରେ, ଏଇ ମୋ ସାମନାରେ ।

ଚାଲ, ଆଜି ଏଇ ଜୀବନ ସାୟାହ୍ନରେ ପୁଣି ଆମେ ଆରମ୍ଭ କରିବା ସାଥୀ ହୋଇ ଏକ ଅଭିନବ ଅଭିନୟ । ଏଇଟା ହେବ ଆମ ଜୀବନର ତୃତୀୟ ଓ ଶେଷ ଅଙ୍କ । ପ୍ରଥମ ଅଙ୍କ ଯାଇଛି । ଦ୍ୱିତୀୟ ଅଙ୍କ ବି ଅତିମାତ ହୋଇ ସାରିଛି । ଏବେ ଆରମ୍ଭ ହେଉଛି

Digitized by PPRACHIN, SOA

ତୃତୀୟ ଅଙ୍କ । ଏ ଅଙ୍କରେ ଅଭିନୟ କରିବା ଆମେ ଦୁଇଜଣ । ରାଜି ତ ?

ହଁ କି ନା ପଦେ ଲେଖିବ । ଇତି ।

ତୁମର ସେଇ ସେଦିନର ସାଥୀ

ସୁବ୍ରତ

ସୁଜାତା ସୁବ୍ରତର ଚିଠିଟିକୁ ଥରେ, ଦୁଇଥର, ତିନିଥର ପଢ଼ିଗଲେ । ମନ ମଧ୍ୟରେ ଖେଳିଗଲା କେତେ ଦରଭୁଲା ସ୍ମୃତି । ସେଇ ସେ ଦିନର ଖେଳ କୌତୁକ ।

ଆଜି ଜୀବନ ସାୟାହ୍ନରେ ଜଣେ ଦରଦୀ ସାଥୀ ଡାକୁଛି ଅଭିନୟ କରିବା ପାଇଁ । ସୁଜାତା କ'ଣ ଉତ୍ତର ଦେବେ ?

ଘର ଭିତରକୁ ଧାଇଁ ଯାଇ ଆଣ୍ଠୁ ମାଡ଼ି ଇଷ୍ଟଦେବତାଙ୍କୁ ପ୍ରାର୍ଥନା କଲେ । ଇଷ୍ଟଦେବତାଙ୍କର ଛବିଟି ମୂକ ପରି ରହିଛି । ଅନ୍ତରରୁ ଧ୍ୱନି ଉଠିଲା—ଦରଦୀ ସାଥୀର ଡାକ ଏଡ଼ି ଦେବା ଉଚିତ ହେବ ନାହିଁ । ମନୁଷ୍ୟ ଚାହେଁ ସାଥୀ, ସାଥୀ, ସାଥୀ, ସାୟାହ୍ନର ସାଥୀ ।

ସୁଜାତା ଚିଠି ଲେଖିଲେ—ରାଜି, ରାଜି, ରାଜି ।

Digitized by PPRACHIN, SOA

ସ୍ରଷ୍ଟାର ଅଭିମାନ

ରାତି ପ୍ରାୟ ଦଶଟା ହେଲାଣି । ଚାରିଆଡ଼ ନୀରବ ନିସ୍ତବ୍‌ଧ । କେବଳ ଅଦୂରସ୍ଥ ପ୍ରତିବେଶୀଘରୁ କେଉଁ ସୁଦୂରସ୍ଥା ଗାୟିକାର ଲଳିତ କଣ୍ଠସ୍ୱର ଭାସିଆସୁଛି ରେଡ଼ିଓ ଯନ୍ତ୍ରର ଭିତର ଦେଇ । ଆକାଶରେ ପୁନେଇ ଚାନ୍ଦର ଲୁଚକାଳି ଖେଳ ଚାଲିଛି—ଶାରଦୀୟା ଭସା ବଉଦର ସାଥେ । ଝରକାପାଖରେ ନଡ଼ିଆ ଗଛ ଦ'ଟାର ସିଲହ୍‌ଟି ଛବି ସୃଷ୍ଟି କରିଛି ଏକ ଅପୂର୍ବ ଶୋଭା । ପ୍ରକୃତିର ଏଇ ମାଦକତାଭରା ସୌନ୍ଦର୍ଯ୍ୟକୁ ନିର୍ନିମେଷ ନୟନରେ ଚାହିଁ ରହିଛନ୍ତି ଅସୀମରଞ୍ଜନ । ଜୋଛ୍ନାଲୋକିତ ସୁନୀଳ ଶାରଦୀୟାକାଶର ଅନନ୍ତ ନୀଳିମା ମଧ୍ୟରେ ଯେପରି ତାଙ୍କର ଦୃଷ୍ଟି ହଜିଯାଇଛି । ଖଣ୍ଡିଏ ସଦ୍ୟ ପ୍ରକାଶିତ ରଙ୍ଗୀନ ମାସିକ ପତ୍ରିକା ଅଧା ଖୋଲା ହୋଇ ପଡ଼ିରହିଛି ଅସୀମରଞ୍ଜନଙ୍କର ହାତପାଖରେ ।

ଅସୀମରଞ୍ଜନଙ୍କର ପ୍ରାଣ ଭିତରେ ଆଜି ଗୁମୁରିଉଠୁଛି ଏକ ରୁଦ୍ଧ ଅଭିମାନ । ତାଙ୍କର ବହୁମୁଖୀ ସୃଜନୀଶକ୍ତି ଯେପରି ଆଜି ଆହତ ହୋଇଛି । ତାଙ୍କର ଅନୁପମ ସୃଷ୍ଟି ଆଜି ଲୋକଲୋଚନର ବାହାରେ ରହି ଯାଉଛି । ଅସୀମରଞ୍ଜନଙ୍କର ବହୁମୁଖୀ ପ୍ରତିଭା ସୃଷ୍ଟି ନ କରିଛି କଣ ? କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ କେତେ କଣ ସେ ସୃଷ୍ଟି ନ କରିଛନ୍ତି ? କିନ୍ତୁ ଆଜି ତାର

Digitized by PPRACHIN, SOA

ମୂଲ୍ୟ ବୁଝୁଛି କିଏ ? ଅସୀମରଞ୍ଜନଙ୍କର କବିପ୍ରାଣରେ ଆଘାତ ବାଜୁଛି—ଯେତେବେଳେ ସେ ଦେଖୁଛନ୍ତି ତାଙ୍କର ସୃଷ୍ଟିଠାରୁ ବହୁ ନିମ୍ନସ୍ତରର ସୃଷ୍ଟି ବ୍ୟବସାୟ କ୍ଷେତ୍ରରେ ଯଥେଷ୍ଟ ବିକେଇଯାଉଛି କେବଳ ବିଜ୍ଞାପନର ଜୋର୍‌ରେ । କେତେ ଶସ୍ତା ଧରଣର ପତ୍ର ପତ୍ରିକାରେ ସେମାନଙ୍କର ଛବି ବାହାରିଯାଉଛି । କିନ୍ତୁ ଅସୀମ-ରଞ୍ଜନଙ୍କର ଅନ୍ତରନିଗିଡ଼ା ଅନୁପମ ସୃଷ୍ଟି ରହିଯାଉଛି ଲୋକଦୃଷ୍ଟିର ବାହାରେ ।

ଅସୀମ ରଞ୍ଜନଙ୍କର ମନରେ କ୍ଷୋଭ ଓ ଅଭିମାନ ଜାତ ହେବା ସଙ୍ଗେ ସଙ୍ଗେ ରାଗ ମଧ୍ୟ ହେଲା— ଆଜିକାଲିର କେତେକ ପଲ୍ଲବଗ୍ରାହୀ ତଥାକଥିତ ସମାଲୋଚକଙ୍କ ଉପରେ । ଏହି ଧରଣର ସମାଲୋଚକମାନଙ୍କ ଜ୍ଞାନର ପରିସର କେତେ କମ୍ ! ସେମାନଙ୍କ ପ୍ରତି ଦୟା ବି ଜାତ ହେଲା ତାଙ୍କର । ଆହା, କେଡ଼େ ଅଜ୍ଞ ସେମାନେ ! ସୃଜନ କରିବାର ଶକ୍ତି ନାହିଁ ଅଥଚ ମନରେ ଅଛି ଅଦମ୍ୟ ଇଚ୍ଛା, ପତ୍ର ପତ୍ରିକାରେ ଆପଣାର ନାମ ପ୍ରକାଶ କରିବା ପାଇଁ । ସେଥିପାଇଁ ଯାହା ତାହା ଆଖିରେ ପଡ଼ିଲା ବି' ଗ୍ରନ୍ଥଖଣ୍ଡ ବିଷୟରେ ନାଁ ଲେଖି ଦେଇ କିମ୍ବା ଦୁଇ ଚାରି ଜଣ ଜଣାଶୁଣା ଲେଖକଙ୍କ ନାଁ ଲେଖିଦେଇ ପ୍ରବନ୍ଧଟିଏ ଲେଖିଦେଲେ ହେଲା । ଏଇଆ କଣ ସାହିତ୍ୟ ସୃଷ୍ଟି ?

ଅସୀମରଞ୍ଜନ କେତେ କଣ ଭାବି ଯାଉଛନ୍ତି । ତାଙ୍କର ଭାବନା ଯେପରି ଅସୀମ ଅନନ୍ତ । ସମସ୍ତ ସମସ୍ୟାରେ ଆତ୍ମଗ୍ଳାନି ବି ତାଙ୍କର ଶତବାଧା ସତ୍ତ୍ୱେ ଉଙ୍କି ମାରି ଉଠୁଛି । ହଠାତ୍ ଗୋଟାଏ ଦମକା ପବନ ଝରକାବାଟେ ଆସି ଅସୀମରଞ୍ଜନଙ୍କ ମୁଣ୍ଡପାଖରେ ଥିବା ବତୀଟିକୁ ଲିଭାଇ ଦେଲା । ଘର ଭିତର ଅନ୍ଧାର ହୋଇଯିବା ସଙ୍ଗେ ସଙ୍ଗେ ଅସୀମ ରଞ୍ଜନଙ୍କର ଆଖିପତା ମୁଦ ହୋଇଆସିଲା ।

Digitized by PPRACHIN, SOA

ତାଙ୍କର ମୁଦ୍ରିତ ଚକ୍ଷୁ ଭିତରେ ଅସୀମରଞ୍ଜନ ଦେଖିଲେ ଏକ ଦିବ୍ୟ ଆଲୋକର ଝଲକ । ସେହି ଆଲୋକ ଯେପରି ଶତ ସୂର୍ଯ୍ୟର ଆଲୋକଠାରୁ ଆହୁରି ପ୍ରଖର । ତା'ରି ଭିତରୁ ଫୁଟି ଉଠିଲା ଗୋଟିଏ ସୁନ୍ଦର ଗୋଲାପ କଳି ! ଆହା, କି ସୁନ୍ଦର ତାର କାନ୍ତି ! କି ମନମତାଣିଆ ତାର ସୁଗନ୍ଧ ! ଅସୀମରଞ୍ଜନଙ୍କର ପ୍ରାଣ ଏକ ଅନନୁଭୂତ ପୁଲକରେ ରୋମାଞ୍ଚିତ ହୋଇଉଠିଲା ।

ତାପରେ ସେ ଦେଖିଲେ—ସେଇ ଗୋଲାପ କଳିଟିର କୋମଳ ପାଖୁଡ଼ା ଯେପରି ଆସ୍ତେ ଆସ୍ତେ ମେଲି ମେଲି ଯାଉଛି, ଆଉ ତା'ରି ଭିତରୁ ଧୀରେ ଧୀରେ ଫୁଟି ଉଠୁଛି ଗୋଟିଏ ସୁନ୍ଦରୀ ତରୁଣୀର ଅପରୂପ ଲାବଣ୍ୟ ଭରା ମୁଖ । ସରୁ ଓଢ଼ଣା ତଳୁ ଫୁଟି ଦିଶୁଛି ସୁନ୍ଦରୀର ଚକ୍ଷୁରେ ସୁରୁମାର କଜଳ ରେଖା, ଅଧରରେ ସ୍ମିତହାସ୍ୟ । ତା'ପରେ ଆସ୍ତେ ଆସ୍ତେ ଓଢ଼ଣା ଖୋଲିଗଲା । ଓଢ଼ଣାର ଅନ୍ତରାଳରୁ ଉଙ୍କିମାରିଲା ଆଉ ଯୋଡ଼ିଏ ଚକ୍ଷୁ, ସୁରାରସର ମାଦକତାରେ ଅଳସମନ୍ଥର । ଅସୀମରଞ୍ଜନଙ୍କର ଶରୀର ପୁଣି ରୋମାଞ୍ଚିତ ହୋଇଉଠିଲା ।

କ୍ରମଶଃ ସେଇ ଗୋଲାପ କଳିକାଟିର ପାଖୁଡ଼ାଗୁଡ଼ିକ ଆହୁରି ମେଲିଗଲା । ଆଉ ତା' ଭିତରୁ ବାହାରି ଆସିଲେ ତରୁଣ ତରୁଣୀ ଯୋଡ଼ିକ । ତରୁଣୀର ହସ୍ତରେ ସୁରାର ପାତ୍ର । ତରୁଣର ହସ୍ତରେ ଖଣ୍ଡିଏ ସରସ କବିତାପୁସ୍ତକ । ତରୁଣ ପୁସ୍ତକଟି ମେଲେଇ ଗୁଣୁ ଗୁଣୁ ସ୍ୱରରେ ଗୋଟିଏ କବିତା ପାଠ କରିବାକୁ ଲାଗିଲେ । ତରୁଣୀ ମୁଗ୍ଧ ନୟନରେ ତରୁଣଆଡ଼େ ଚାହିଁ ରହିଲେ ।

ଅସୀମରଞ୍ଜନଙ୍କର ବିହ୍ୱଳ ନୟନଦ୍ୱୟ ପୁଣି ବୁଜି ହୋଇ ପଡ଼ିଲା । ହଠାତ୍ ସେ ଯେପରି ସ୍ପର୍ଶ କଲେ କାହାରି ମଧୁର ସ୍ପର୍ଶ । ଆବେଗ କଣ୍ଠରେ ଅସୀମରଞ୍ଜନ ପଚାରିଲେ—"କିଏ ?"

Digitized by PPRACHIN, SOA

ମାଦକଜଡ଼ିତ କଣ୍ଠର ଆବାଜ ଶୁଣିଲେ—ଜାଣି ପାରୁ ନ ? ଚିହ୍ନି ପାରୁ ନ ମୁଁ କିଏ ? ଆଖି ମେଲି ଚାହଁ, ଚିହ୍ନିପାରିବ ଯେ ! ତୁମ ସହିତ ମୋର ଏତେ ଆତ୍ମୀୟତା, ଏତେ ପରିଚୟ ଅଥଚ ଅପରିଚିତ ପରି ପଚାରୁଛ—କିଏ ?

ଅସୀମରଞ୍ଜନଙ୍କର ଚକ୍ଷୁ ଖୋଲିଗଲା । ସେ ଦେଖିଲେ ସେଇ ତରୁଣ ହାତରେ ଗୋଲାପ କଳିଟିଏ ଧରି ତାଙ୍କର କପୋଳ ଦେଶରେ ଆଘାତ କରୁଛି, ମୁହଁରେ ଈଷତ୍ ହାସ୍ୟରେଖା । ପୁଣି ପଚାରିଲେ—ଏବେ ଚିହ୍ନି ପାରୁଛ ? ଆଚ୍ଛା, ଦେଖିଲ ଏ କାହା ହାତର ଲେଖା ?

ଅସୀମରଞ୍ଜନଙ୍କର ଚକ୍ଷୁ ସମକ୍ଷରେ ସେ ତାଙ୍କର ପୁସ୍ତକଟି ମେଲାଇ ଧରିଲେ । ଅସୀମରଞ୍ଜନ ବ୍ୟଥିତ କଣ୍ଠରେ ପଢ଼ିବାକୁ ଲାଗିଲେ ଆପଣା ହସ୍ତାକ୍ଷରରେ ଲେଖା—

'ଦେଖ ଗୋ ଦେଖ ସଖି ଗୋଲାପ କଳି
ରୂପ ସୌରଭେ କେଡ଼େ ପଡ଼ୁଛି ଢଳି !
କହୁଛି ପରି— ସଖି, ଧରଣୀ ବୁକେ
ରହୁଛି ଯେତେ ଦିନ ହସିବ ସୁଖେ ।'

"ଏବେ ଚିହ୍ନି ପାରିଲ ?"

ଅସୀମରଞ୍ଜନ ହାତଯୋଡ଼ି ନମସ୍କାର କରି ବାଷ୍ପଜଡ଼ିତ କଣ୍ଠରେ କହିଲେ—ଓହୋ ! ଆପଣ ? ବାଗ୍‌ଦାଦ୍‌ର ବୁଲ୍‌ବୁଲ୍ ଓମର ଖାୟାମ୍ ? ଅହୋ ! କେଡ଼େ ଭାଗ୍ୟ ମୋର । ଆପଣ ଆଜି ମୋର ଦ୍ୱାରସ୍ଥ ।

ତରୁଣ କବିଙ୍କର ମୁହଁରେ ପୁଣି ଉକୁଟି ଉଠିଲା ଈଷତ୍‌ହାସ୍ୟର ରେଖା ।

"ତେବେ, ଚିହ୍ନିପାରୁଛ ଅସୀମରଞ୍ଜନ ?"

Digitized by PPRACHIN, SOA

"ଆପଣଙ୍କୁ ଆଜି ନ ଚିହ୍ନେ କିଏ ? ସାରା ପୃଥିବୀର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ସମସ୍ତେ ଆପଣଙ୍କର କବି ପ୍ରତିଭାରେ ଚମତ୍କୃତ ।"

ବୃଦ୍ଧ ଜୋରରେ ଅଟ୍ଟହାସ୍ୟ କରି ତରୁଣ କବି କହିଲେ— "ବୁଝିଲ ଅସୀମରଞ୍ଜନ ! ଆଜି ସିନା ଦୁନିଆ ମୋତେ ଚିହ୍ନିଲା, କିନ୍ତୁ ମୁଁ ଯେତେବେଳେ ମୋର କାବ୍ୟ କବିତାର ସୃଷ୍ଟି କଲି ସେତେବେଳେ କେହି ମୋତେ ଚିହ୍ନିଲେ ନାହିଁ । ବୁଝିପାରିବ ନାହିଁ, ଅସୀମରଞ୍ଜନ, ପ୍ରାଣରେ ମୋର କି ଗୁରୁ ଆଘାତ ନ ଲାଗିଛି ସେତେବେଳେ । ମୋର ରକ୍ତ ମାଂସର ଶରୀର ବ୍ୟଥିତ ହୋଇ ଉଠିଛି । କିନ୍ତୁ ସେତେବେଳେ ଏପରି କେହି ଚିହ୍ନରା ନ ଥିଲେ ଯେ କି ମୋର କାବ୍ୟ କବିତାର ଉଚିତ୍ ମୂଲ୍ୟ ସ୍ଥିର କରିପାରିବ । ଗୃହଆଡ଼େ ଖାଲି ମିଥ୍ୟା ପ୍ରବଞ୍ଚନାର କୁଟିଳ ଜାଲ ଘେରି ଜନତାକୁ ଶୋଷଣ କରୁଥିଲେ ଦଳେ ତଥାକଥିତ ଧର୍ମବ୍ୟବସାୟୀ । ମୁଁ ସେତେବେଳେ ଗାଇଉଠିଲି—

'ମନ୍ଦିରରେ ବା ମସ୍‌ଜିଦେ ଭାଇ
ଫରକ୍ କିଛି ନାହିଁ
ଦୁଇ ସ୍ଥାନ ହିଁ ବିଶ୍ୱସ୍ରଷ୍ଟାର
ଅର୍ଚ୍ଚନାର ଠାଇଁ ।'

ସେତେବେଳେ ସେଇ ଧର୍ମଧ୍ୱଜୀମାନେ ମୋର ନାନା ପ୍ରକାର କୁତ୍ସାରଟନା କରିବାକୁ ଲାଗିଲେ । ଯାର ପ୍ରାଣ କାବ୍ୟ ମନ୍ଦିରର ମଧୁର ସ୍ପର୍ଶରେ ମଜଗୁଲ୍ ତାକୁ ସେମାନେ ଆଖ୍ୟା ଦେଲେ ମଦ୍ୟପ । ଯାହାର ସୌନ୍ଦର୍ଯ୍ୟପିପାସୁ ଚକ୍ଷୁ ବସୋରାର ଗୋଲାପବନରେ ଅପରୂପ ଲାବଣ୍ୟମୟୀ ରୂପସୀର ସୌନ୍ଦର୍ଯ୍ୟରେ ବିଭୋର ହୋଇ ଉଠୁଥିଲା,

Digitized by PPRACHIN, SOA

ତାଙ୍କୁ ସେମାନେ ପରିଚୟ ଦେଲେ ଲମ୍ପଟ୍ୟର ରୂପମାନ । ବୁଝି-ପାରିବ ନାହିଁ ଅସୀମରଞ୍ଜନ— କ ତୀବ୍ର ଅଭିମାନ ସେତେବେଳେ ଗୁମୁରି ଉଠିଥିଲା ସ୍ରଷ୍ଟାର ପ୍ରାଣରେ । ଶେଷରେ ମୋର ଅସ୍ଥିମାଂସର ଶରୀର କାଳର କବଳରେ ମାଟିର କବରମଧ୍ୟରେ ମାଟିହୋଇ ମିଶିଗଲା । କିନ୍ତୁ, ଅସୀମରଞ୍ଜନ ! ମୋର ଅନ୍ତର-ନିଗିଡ଼ା ଭାବଧାରା ମଲା ନାହିଁ । କାଳର ଧ୍ୱଂସକାରୀ ପ୍ରଭାବକୁ ପ୍ରତିହତ କରି ମୋର ନଶ୍ୱର ଶରୀର ଅବସାନ ହେବାର ଦୀର୍ଘ ଆଠଶତ ବର୍ଷପରେ ମୋର ଅନ୍ତର-ନିଗିଡ଼ା ଭାବଧାରା ପୁଣି ଫୁଟି ଉଠିଲା, ଯେତେବେଳେ ଜଣେ ଚିହ୍ନାରି ଗ୍ରାହକ ତାର ଉପଯୁକ୍ତ ମୂଲ୍ୟ ବୁଝି ପାରିଲେ । ସେଥିପାଇଁ ଅସୀମ ରଞ୍ଜନ ! ଦୁଃଖ କର ନାହିଁ, ତୁମର ଅନବଦ୍ୟ ସୃଜନ ପ୍ରତିଭାର ପ୍ରକାଶ ହେଲା ନାହିଁ ବୋଲି । ଆଜି ହୁଏ ତ ସମାଜରେ ଏପରି କେହି ଚିହ୍ନାରି ଗ୍ରାହକ ଜୁଟି ନାହାନ୍ତି ଯେ କି ତୁମର ସୃଜନ-ପ୍ରତିଭାର ଉପଯୁକ୍ତ ସମାଦର କରି ପାରିବ । କିନ୍ତୁ ଦିନେ ନା ଦିନେ ତୁମର ସୃଷ୍ଟି ନିଜ ଗୁଣରେ ଆତ୍ମ-ପ୍ରକାଶ କରିଉଠିବ ।”

ଅସୀମରଞ୍ଜନ ନୀରବ, ନିଶ୍ଚଳ ଭାବରେ ଶୁଣିଯାଉଥିଲେ । ହଠାତ୍ ପୁଣି ତାଙ୍କର ଆଖି ବୁଜିପଡ଼ିଲା । କାନରେ ତାଙ୍କର ବାଜିଲା ଏକ ସୁନ୍ଦର ସଙ୍ଗୀତର ମୂର୍ଚ୍ଛନା— “ଆଜିଠାରୁ ଶତବର୍ଷ ପରେ ।” ଅସୀମରଞ୍ଜନ ପୁଣି ଆଖି ମେଲାଇ ଚାହିଁଲେ । ଏଁ, ଏ ପୁଣି କିଏ ? ଦୀର୍ଘ ଶ୍ମଶ୍ରୁ— ଆକର୍ଣ୍ଣ-ବିସ୍ତୃତ-ନୟନ—ସୁଠାମ ଅଙ୍ଗ, ସୁନ୍ଦର ଲପନ, ମୁହଁରେ ଈଷଦ୍ଧାସ୍ୟର ରେଖା ।

“ଅସୀମରଞ୍ଜନ ! ଚିହ୍ନି ପାରୁଛ ?”

“ଆଜ୍ଞା, କବିଗୁରୁ ରବୀନ୍ଦ୍ରନାଥଙ୍କୁ ନ ଚିହ୍ନେ କିଏ ? ସାରା ଦୁନିଆରେ ଯାହାଙ୍କ ‘ଗୀତାଞ୍ଜଳି’ ଏକ ନବ ସ୍ପନ୍ଦନ ଜଗାଇ ଦେଇଛି ।” ତାଙ୍କୁ ନ ଚିହ୍ନେ କିଏ ?

Digitized by PPRACHIN, SOA

ଖୁବ୍ ଜୋରରେ ହସିଉଠି କବିଗୁରୁ କହିଲେ—"ଅସୀମ-ରଞ୍ଜନ !" ଜାଣ କି, ବହୁଦିନ ଧରି 'ଗୀତାଞ୍ଜଳି'ର କବି ତା ନିଜ ଦେଶରେ ସେପରି ସୁଖ୍ୟାତି ପାଇ ନ ଥିଲା ଯେ ପର୍ଯ୍ୟନ୍ତ ସାତ ସମୁଦ୍ର ସେ ପାରିର କବି କିଟ୍ସ୍ ତାଙ୍କ ଗୀତାଞ୍ଜଳି'କୁ ବିଶ୍ୱସାହିତ୍ୟ ଦରବାର ସହିତ ପରିଚିତ କରାଇ ନ ଥିଲେ ? ତେବେ ଦୁଃଖ କାହିଁକି ? ସମୟ ଯାଇ ନାହିଁ । ଦିନେ ନା ଦିନେ ତୁମରି ସୃଷ୍ଟି ଦୁନିଆର ଉପଯୁକ୍ତ ଦୃଷ୍ଟି ଆକର୍ଷଣ କରିପାରିବ ।

ଇଥର ସ୍ତରରେ ପୁଣି କାହିଁ କେଉଁଆଡ଼େ ମିଳାଇଗଲା ସେଇ ମଧୁର କଣ୍ଠର ଆବାଜ୍—

"ଆଜିଠାରୁ ଶତ ବର୍ଷପରେ···।'

ପୁଣି ଅସୀମ ରଞ୍ଜନଙ୍କର ଆଖି ପତା ବୁଜି ପଡ଼ିଲା । ସେ ଢୁଳାଇ ପଡ଼ିଲେ । ପୁଣି ଶୁଣିଲେ—କିଏ ଯେପରି ତାଙ୍କର କାନରେ ହାତ ପକାଇ କହୁଛି—

"ଅସୀମରଞ୍ଜନ ! ବ୍ୟସ୍ତ କାହିଁକି ?"

ଅସୀମରଞ୍ଜନଙ୍କର ଆଖି ଖୋଲିଗଲା । ଏ ପୁଣି କିଏ ? ଆଖିରେ ତାଙ୍କର ବିସ୍ମୟର ଚିହ୍ନ ।

ଦୀର୍ଘ ଶରୀର । କୋଟରଗତ ଚକ୍ଷୁରେ ଅପୂର୍ବ ସୃଜନ ପ୍ରତିଭାର ଦୀପ୍ତି । ଅଧରରେ ଈଷତ୍ହାସ୍ୟ ଫୁଟାଇ ପ୍ରଶ୍ନ କଲେ ଆଗନ୍ତୁକ—

"ଚିହ୍ନି ପାରୁଛ ଅସୀମରଞ୍ଜନ ? ବହୁଦିନ ତଳେ ଦିନେ ତୁମେ ଯାଇଥିଲ ମୋର ସେଇ ଶାନ୍ତିକାନନ ଭିତରକୁ । ତୁମେ ସେତେବେଳେ ଖୁବ୍ ପିଲାଥିଲ, ଆଉ ମୁଁ ? ଠିକ୍ ଏଇମିତି ଜରାଜୀର୍ଣ୍ଣ ବୃଦ୍ଧ ଅବସ୍ଥାରେ ରୋଗ-ଶଯ୍ୟାରେ ଶୋଇ ଲେଖୁଥିଲି ମୋର ସେଇ କବିତାଗ୍ରନ୍ଥ—"ଅବସର ବାସରେ ।" ମନେଅଛି ମୁଁ

Digitized by PPRACHIN, SOA

କିଏ କହିଥିଲା ତୁମକୁ ? ତୁମେ ଦିନେ ଜଣେ ଲବ୍‌ଧପ୍ରତିଷ୍ଠ ଲେଖକ ହେବ । ନୁହେଁ ? ମନେ ପଡ଼ୁନି ?”

ଅସୀମରଞ୍ଜନ ପୁଲକଭରା କଣ୍ଠରେ କହିଲେ—“ଅହୋ ଆପଣ ? ବ୍ୟାସକବି । ଓଡ଼ିଆ ଗଳ୍ପ-ଉପନ୍ୟାସର ଆଦ୍ୟ ଜନକ ସେନାପତି ଆପଣେ ? ଆପଣଙ୍କୁ ନ ଚିହ୍ନେ କିଏ ?”

“କିନ୍ତୁ ଜାଣ କି ଅସୀମ ରଞ୍ଜନ ! କେବେ ମୋର ସାହିତ୍ୟ-ପ୍ରତିଭା ପୂର୍ଣ୍ଣ ବିକାଶ ଲାଭ କରିଥିଲା ? ଷାଠିଏ ବର୍ଷ ପରେ । ମୁଁ ସେତେବେଳେକୁ ବୃଦ୍ଧ ହୋଇ ଯାଇଥାଏଁ ସତ । କର୍ମଜଞ୍ଜାଳରୁ ଅବସର ନେଇଥାଏଁ କିନ୍ତୁ ସେତିକବେଳେ ମୋର ପ୍ରାଣରେ ଫୁଟିଉଠିଥିଲା ଏକ ଅଦମ୍ୟ ସୃଜନୀଶକ୍ତିର ଅସରନ୍ତି ଉତ୍ସ । ମୁଁ ମୋର ସୁଦୀର୍ଘ ଷାଠିଏ ବର୍ଷର କର୍ମଜଞ୍ଜାଳପୂର୍ଣ୍ଣ ଜୀବନରେ ଯେଉଁ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିଥିଲି ତାହା ହିଁ ଆତ୍ମପ୍ରକାଶ କରିଥିଲା ମୋର ଗଳ୍ପ ଉପନ୍ୟାସଗୁଡ଼ିକରେ । ସେପରି ଅନୁଭୂତିର ସ୍ପର୍ଶ ପାଇ ନ ଥିଲେ, ମୁଁ କିଣ ଏଡ଼େ ସୁନ୍ଦର ଭାବରେ ଚରିତ୍ରଚିତ୍ରଣ କରି ପାରିଥାନ୍ତି ?

ଅସୀମରଞ୍ଜନ ମୁଗ୍ଧ ପ୍ରାଣରେ କହିଲେ—“ହଁ ତା ସତ୍ୟ ! ଆପଣ ହିଁ ତ ମୋପରି ଶତ ଶତ ତରୁଣ ଲେଖକର ପ୍ରାଣରେ ଜଗାଇ ଦେଇଥିଲେ ସୃଜନର ମୋହ ।”

“ତେବେ ଅସୀମରଞ୍ଜନ ! ବ୍ୟସ୍ତ କାହିଁକି ? ଆତ୍ମଗ୍ଲାନି କାହିଁକି ? ବନ୍ଧୁ, ଅବସର ପାଇବ ତୁମେ ତୁମର କର୍ମକ୍ଳାନ୍ତ ଜୀବନର ଅନୁଭୂତିଗୁଡ଼ିକୁ ସାହିତ୍ୟର ରୂପ ଦେଇ ପ୍ରକାଶ କରିବାପାଇଁ । ସେତେବେଳେ ଦେଖିବ, ତୁମର ଲେଖନୀ କି ଅପରୂପ ସାହିତ୍ୟ ସମ୍ଭାର ସୃଷ୍ଟି କରିବ ।”

Digitized by PPRACHIN, SOA

ଅସୀମରଞ୍ଜନଙ୍କର ଆଖି ପୁଣି ବୁଜିହୋଇପଡ଼ିଲା । ପୁଣି ଯେତେବେଳେ ସେ ଆଖି ଖୋଲି ଗୃହାନ୍ତ ପୂର୍ବ ଦିଗରୁ ନବୋଦିତ ସୂର୍ଯ୍ୟଙ୍କର ସୁନେଲି କିରଣ ଝଡ଼ିପଡ଼ୁଥିଲା ଝରକାର ଫାଙ୍କ ବାଟେ ।

Digitized by PPRACHIN, SOA

କେଉଁ ବାଟଟି ଠିକ୍ ?

ରଖାମିଆଁ, କଂସେଇ । ଛେଳି ମାରି ମାଂସ ବିକିବା ତା'ର କାମ । ବୟସ ସୂରିକୋଡ଼ି ଦଶ ଟପି ଗଲାଣି । ତଥାପି ବୁଢ଼ା ଖୁବ୍ ଦମ୍ଭ ଅଛି । ଦି ପାଟିରେ ଭଗ୍ରଦାନ୍ତ—ଗୋଟିଏ ବି ପଡ଼ିନାହିଁ । ମୁଣ୍ଡର ବାଳ କେରାଏ ବି ପାଚି ନାହିଁ । ତେବେ ଥୋଡ଼ିର ଦାଢ଼ିଟା ଅଧାଅଧି ପାଚି ଗଲାଣି । ତଥାପି ବୁଢ଼ାର ଖାସ ସଉକ୍ ସେଇ ଦାଢ଼ିଟା ଉପରେ । ନାକତଳ ନିଶ ମଝିଟା ବୁଢ଼ା ଛିଅର ହୋଇ ପକେଇ, କିନ୍ତୁ ନିଶର ଦି ପାଖରେ ଦି କେରା ଅଧା ଧଳା, ଅଧା କଳା ନିଶ ତଳକୁ ଓହଳି ପଡ଼ିଥାଏ । ବୁଢ଼ା ଟିକିଏ ସମୟ ପାଇଲେ ବାଁ ହାତରେ ଦାଢ଼ିଟିକୁ ସାଉଁଳୁ ଥାଏ । ଦାଢ଼ିରେ ଅତର ଟୋପାଏ ମାରିବାକୁ ବି ବୁଢ଼ା ଭୁଲେ ନାହିଁ । ଆଖିରେ ବି ସୁରୁମା ଗାରଟିଏ ବରାବର ଲାଗିଥାଏ । ବୁଢ଼ାର ମୁହଁରୁ ସବୁବେଳେ ଝରୁଥାଏ ହସର ଅସରନ୍ତି ସୁଅ ।

କଟକଚଣ୍ଡୀ ସଡ଼କ ପାଖରେ ବୁଢ଼ାର ମାଉଁସ ଦୋକାନ । ମାଉଁସ ଦୋକାନୀ ଭାବରେ ରଖାମିଆଁର ନାମ ଡାକ । ଏମିତିକି ଗୁଡ଼ଉଳିଆଗଞ୍ଜଠାରୁ ବି ଲୋକେ ସାଇକେଲ୍ ମାରି ଧାଇଁ ଆସନ୍ତି ରଖାମିଆଁର ମାଉଁସ ଦୋକାନକୁ । ସମସ୍ତଙ୍କର ବିଶ୍ୱାସ ରଖାମିଆଁର ମାଉଁସ କେବେ ଖରାପ ହେବ ନାହିଁ । କେତେ ମାଉଁସ ଦୋକାନୀ ଉତ୍କୃଷ୍ଟ ଶ୍ରେଣୀର ମାଉଁସ ଉପରେ ପ୍ରଥମ

Digitized by PPRACHIN, SOA

ଶ୍ରେଣୀର ଗ୍ରୁପ ମସ୍ଜିଦ ଦେଇ ବକେଇ ଦଅନ୍ତ ଚଡ଼ା ଦରରେ । କିନ୍ତୁ ରଖାମିଆଁ କେବେହେଲେ ଏପରି ଅମାନ୍ତ କରିନାହାନ୍ତି ।

ଆଜକୁ ଷାଠିଏ କି ସତୁରି ବର୍ଷ ହେଲାଣି ରଖାମିଆଁର ଏଇ ବେଉସା । ଭୋର୍ ଚାରିଟା ବାଜିଲାବେଳକୁ ଯେତେବେଳେ ପାଖ ମସ୍ଜିଦ୍‌ରୁ ମୋଲ୍ଲାଙ୍କର ଉଚ୍ଚ ଆବାଜ ପବନରେ ଭାସି ଆସେ, ଆଉ ଘରେ ଥିବା କୁକୁଡ଼ାଗୁଡ଼ାକ ଡାକ ଉଠନ୍ତି, ଠିକ୍ ସେତିକିବେଳେ ରଖାମିଆଁର ନିଦ ଯାଏ ଭାଙ୍ଗି । ବୁଢ଼ା ଉଠି ମୁହଁ, ଆଖି, କାନ ଧୋଇ ଦେଇ ନମାଜ ପଢ଼ି ବସେ । ତା'ପରେ ଆଜନ୍ମ ସାଥୀ ଲମ୍ବା ଦାଡ଼ୁଆ ଛୁରିଟିକୁ ଶିଳ ଦେହରେ ଦି ଘଣ୍ଟା ଘଷେଇ ନିଏ । ଛେଳି ଗୁହାଳକୁ ଯାଇ ଅଗରୁ ବାଛି ରଖିଥିବା ଛେଳି ଦୁଇ ତିନିଟାକୁ ଧରି ଟାଣିଯାଏ କଂସେଇଖାନାକୁ । ତା'ପରେ ଆଲ୍ଲାଙ୍କୁ ସ୍ମରଣ କରି ନିର୍ବିକାର ଚିତ୍ତରେ ଛେଳି-ଗୁଡ଼ିକର କଣ୍ଠନଳୀ ଉପରେ ଦାଡ଼ୁଆ ଛୁରିଟିକୁ ଚଳାଇ ଦିଏ କଚ୍‌କଚ୍ କଚ୍‌କଚ୍ । ଛେଳିଗୁଡ଼ାକ ଦି ଚାରିଥର ମେଁ ମା କରି ଚୁପ୍ ହୋଇ ଯାଆନ୍ତି । ମୁଣ୍ଡଟା ଗଣ୍ଡିରୁ ଛିଣ୍ଡିଯାଏ । ତା'ପରେ ରଖାମିଆଁ ଚାଲେ ଆପଣା ଦୋକାନକୁ ।

କଟାମୁଣ୍ଡ ଛେଳିଗୁଡ଼ିକୁ ଦୋକାନ ଆଗରେ ଓହଳାଇ ଦେଇ ରଖାମିଆଁ ଆପଣା କାଠ ଖଟିଆଟି ଉପରେ ବସି ଆଗରେ ଥୁଆ ଯାଇଥିବା ଗୋଟିଏ ଗୋଲ କାଠମୁଣ୍ଡିଆ ଉପରେ ମାଂସ ରଖି କାଟି ବସେ । କେତେ ଗରାଖ ଆସନ୍ତି—ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନ୍ । ରଖାମିଆଁ ସବୁ ଗରାଖଙ୍କ ସଙ୍ଗରେ ହସି ହସି ଗପ କରୁଥାଏ, କିନ୍ତୁ ହାତର ଛୁରି ବନ୍ଦ ନ ଥାଏ । ପୁରୁଣା ଗରାଖ ଦେଖିଲେ ପଚାରେ, ମାଉଁସ ତରକାରିଟା ସେଦିନ କେମିତି ହୋଇଥିଲା ? ଗରାଖମାନଙ୍କ ମୁହଁରୁ ଆପଣା ମାଲର ତାରିଫ୍ ଶୁଣି

Digitized by PPRACHIN, SOA

ମିଆଁ ର ମନ ଆନନ୍ଦରେ ଭରିଉଠେ । ପୁଣି ହସି ହସି କହେ—"ବାବୁ, ବାନକଥା କଥା ତ ନୁହେଁ, ଆଜ କ ତିନକୋଡ଼ି ବଣ କ ପନ୍ଦର ବର୍ଷ ହେଲାଣି ମୋର ଏଇ ବେଉସା । କୁହ ତ ଭଲ କେହ୍ନି, ଯେ ରଖାମିଆଁ ର ମାଉଁସ କେଉଁଦିନ ହେଲେ ଖରାପ ହୋଇଛି ? ବାବୁ, ଆଜକାଲି ତ ଆଉ ଦୟା ଧର୍ମ ନାହିଁ । ଦେଖୁନାହାନ୍ତି ତ ଏଇ ପେଟୁଆ ବେପାରି ଗୁଡ଼ାକ କ ମନ୍ତଛଡ଼ା କାମ କରୁଛନ୍ତି ? ଅଟା ସଙ୍ଗରେ ପଥରଗୁଣ୍ଡା ମିଶାଇ ଦେଉଛନ୍ତି, ସୁଜ ସଙ୍ଗରେ ବାଲି ମିଶାଇ ଦେଉଛନ୍ତି, ପୁଣି ସୋରିଷ ତେଲ ସଙ୍ଗରେ ଅଗର ମଞ୍ଜି ମିଶାଇ ଦେଉଛନ୍ତି, ତୋବା, ତୋବା, ତୋବା ! ଏଗୁଡ଼ାକ କେଡ଼େ ଅଧର୍ମ କଥା ।"

ବୁଢ଼ା ମୁହଁରୁ ଯେତେବେଳେ ଏମିତି ବକ୍ତୃତା ଅନର୍ଗଳ ଛୁଟି ଯାଉଥାଏ ସେତେବେଳେ ତା ହାତର ଦାଉ଼ଆ ଛୁରିଟା କଚ୍‌କଚ୍ ଉଠୁଥାଏ ପଡୁଥାଏ କଟା ଛେଳିର ପଞ୍ଜରାହାଡ଼ ଉପରେ ।

ଠିକ୍ ଏତିକିବେଳେ ଜଣେ ପେଟୁଆ ବେପାରି ମହାଜନ ମହାନଦୀରେ ସ୍ନାନ ସାରି ଚଣ୍ଡୀ ଦର୍ଶନ କରି ଗୋମାତାଙ୍କ ସେବାପାଇଁ କେତେ ଦୂବ ଘାସ ଓ ପିମ୍ପୁଡ଼ିମାନଙ୍କୁ ଆଧାର ଯୋଗାଇବା ପାଇଁ ମେଞ୍ଚାଏ ଚିନି ଧରି ପିମ୍ପୁଡ଼ି ଗାତ ଖୋଜିଖୋଜି ଯାଉଥାଆନ୍ତି । ମୁହଁରୁ ଅନର୍ଗଳ ଛୁଟୁଥାଏ—ରାମ ରାମ ରାମ, ରାମ ରାମ ରାମ । ରଖାମିଆଁ ର ମାଉଁସ ଦୋକାନ ଉପରେ ଯେମିତି ତାଙ୍କ ଦୃଷ୍ଟି ପଡ଼ିଛି, ତାଙ୍କ ନାକଟା ଟିକିଏ ଉପରକୁ ଉଠିଗଲା । ଘୃଣାରେ ଇସ୍ ଇସ୍ ଇସ୍ କହି ସେ ରଖାମିଆଁ ଆଡ଼କୁ ଟିକିଏ ଘୃଣାବ୍ୟଞ୍ଜକ ଦୃଷ୍ଟିରେ ଚାହିଁଲେ । ରଖାମିଆଁ ର ବକ୍ତୃତା ତାଙ୍କ କାନରେ ବି ପଡ଼ିଲା । ଦମ୍ କିନା ତାଙ୍କ ଛାତି ଭିତରଟା ଦମକି ଉଠିଲା । ମନେ ପଡ଼ିଲା—ସତେ ତ ! କାଲି ରାତିରେ ସେଇ ତ

Digitized by PPRACHIN, SOA

ପୁଣି ଦୋକାନରେ ଦଶମହଣ ଗହମ ଥିଲେ ସୁଦ୍ଧା ଗହମ ନାହିଁ ବୋଲି କେତେ ଗରାଖଙ୍କୁ ଫେରାଇ ଦେଇଥିଲେ । ଖାଲି ସେତିକି ନୁହେଁ ଯେ, ରାତାରାତି ଦଶମହଣ ଗହମକୁ ପେଷାଇ ଅଣି ପନ୍ଦର ମହଣ କରି ସାଇତି ରଖି ଦେଇଛନ୍ତି, ଟଙ୍କାକ ଉପରେ ଦଶ ଟଙ୍କା ଲାଭ ଉଠାଇବା ପାଇଁ । ପେଟୁଆ ଶେଠଜୀଙ୍କ ଗୋଡ଼ ଅଟକି ଗଲା । ମୁଣ୍ଡରୁ ଗମ୍ ଗମ୍ ଝାଳ ବୋହି ପଡ଼ିଲା ।

ରଖାମିଆଁ ର କଥା ଶୁଣି ଜଣେ ଗରାଖ କହିଲା—"ମିଆଁ, ସେ କଥା କାହିଁକି କହୁଛ । କାହା କିଭରେ ହାଡ଼ ଅଛି ଯେ କହିବ ତୁମ ମାଉଁସ କେବେ ଖରାପ ହୋଇଛି ବୋଲି । ତା ପରେ ସେ ରାସ୍ତାରେ ଯାଉଥିବା ଶେଠଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇ ତାଙ୍କୁ ଶୁଣାଇଲା ପରି ସ୍ୱରରେ କହିଲା—ଆଉ ଏ ଯୋଉ ବଡ଼ ବଇଷମ ସବୁ ନାହାନ୍ତି ଏମାନଙ୍କ କାଣ୍ଡ ଶୁଣିଲେ ତ ଆଶ୍ଚର୍ଯ୍ୟ ହେବ । କାଲି ଖବର କାଗଜରେ ପଢ଼ିଥିଲି ପରା ଓକିଲ ରଘୁନାଥ ବାବୁଙ୍କ ଘରେ ବଜାରରୁ ଅଟା କିଣି ନେଇ ଖାଇ କପରି ସର୍ବଂଶ ହଇଜାରେ ପଡ଼ିଛନ୍ତି । ଆଜ ସକାଳେ ଶୁଣିଲି, ତାଙ୍କ ସାନ ପୁଅଟି କୁଆଡ଼େ ସେଇଥିରେ ଚାଲିଗଲେ । ଆଉ ଜଣେ ଦୁଇଜଣଙ୍କର ବି ଅବସ୍ଥା ମର୍ ମର୍ ।

ଶେଠଙ୍କ କାନରେ ଏ କଥାଗୁଡ଼ାକ ବି ଯାଇ ପଡ଼ିଲା । ମନେ ପଡ଼ିଲା, ଓକିଲ ରଘୁନାଥ ବାବୁ ତ ତାଙ୍କର ନାଗୁଆ ଗରାଖ । ଦୁଇଦିନ ତଳେ ତାଙ୍କର ଚାକର ତ ଆସି ତାଙ୍କର ଦୋକାନରେ ଗହମ ଖୋଜୁଥିଲା । ସେ ନାହିଁ କରି ଦେବାରୁ ପାଞ୍ଚ ସେର ଅଟା ତାଙ୍କର ଦୋକାନରୁ କିଣି ନେଇଥିଲା ? ତେବେ ତାଙ୍କର ଅଟା ଖାଇ କ'ଣ ସେମାନଙ୍କର ଏ ଅବସ୍ଥା ହୋଇଛି ?

Digitized by PPRACHIN, SOA

ଭିଖାରିଆଁ ଗରାଖଙ୍କ କଥା ଶୁଣି ହସି ହସି କହିଲା— ବାବୁ, ଆମେ ତ କଂସେଇ ଲୋକ । ନିତିପ୍ରତି ଆମେ ଗୋଟେ ହଂ'ଟା ଛେଳି ମାରୁଛୁ, କିନ୍ତୁ ଆମ ମାଉଁସ ଖାଇ କେତେ ଲୋକ କେତେ ଖୁସି ନ ହେଉଛନ୍ତି ? କେତେ ରୋଗୀ ମୋରଠାରୁ କଲିଜା ନେଇ ରୋଗ ଭଲ କରୁଛନ୍ତି କିନ୍ତୁ ଏଇ ଶେଠ ସାହୁକାରମାନେ— ଯେଉଁମାନେ କି ପିମ୍ପୁଡ଼ି ଗାତ ଖୋଜି ଆଧାର ଦିଅନ୍ତି— ପ୍ରତିଦିନ କେତେ ଲୋକଙ୍କୁ ତିଳ ତିଳ କରି ମାରି ଦେଉ ନାହାନ୍ତି ? କିଏ ବା ସାଙ୍ଗେ ସାଙ୍ଗେ ବେମାରରେ ପଡ଼ି ମରି ଯାଉଛି, ନ ହେଲେ କିଏ ବା ହକ୍ ପଇସା ଦେଇ ଅଖାଦ୍ୟ ଖାଇ ରୋଗରେ ପଡ଼ି ପଡ଼ି ମରି ଯାଉଛନ୍ତି । ଏଟା କ'ଣ ଧର୍ମ କଥା ?

ଭିଖାରିଆଁର କଥା ଶୁଣି ଶେଠଜୀଙ୍କ ମୁଣ୍ଡ ଘୂରେଇ ଦେଲା । ଆଖି ଆଗରେ ସବୁ ଅନ୍ଧାର ଦିଶିଲା । ମନେ ହେଲା ଯେପରି ଦୁନିଆଁଟାଯାକ ଘୂରି ଘୂରି ପାତାଳପୁରୀକୁ ପଶିଯାଉଛି— ଆଉ ତାରି ଭିତରେ ଶେଠଜୀ ବୁଡ଼ି ବୁଡ଼ି ଚାଲି ଯାଉଛନ୍ତି କେଉଁ ଅତଳ ସ୍ପର୍ଶ ନରକ ରାଜ୍ୟ ଭିତରକୁ । ଆଉ ଏଇ ମାଉଁସ ବିକାଳି କଂସେଇ ଭିଖାରିଆଁ ହସି ହସି ସ୍ୱର୍ଗର ନନ୍ଦନ କାନନକୁ ଚାଲି ଯାଉଛି ।

ଶେଠଜୀ ଦୁଲକିନା କଚାଡ଼ି ପଡ଼ିଲେ ।

Digitized by PPRACHIN, SOA

"ଯେଉଁ ତ ହୋଇଥାନ୍ତା ଆଜି ମୋ ପୁଅ"

ଜୀବନର ସାତ୍ୱାହ୍ନ ! ଯୌବନ ସୂର୍ଯ୍ୟ ମୁଣ୍ଡ ଉପରୁ ଢଳି ପଡ଼ିଲେଣି କେତେ ଦିନୁଁ । ବର୍ତ୍ତମାନ ମୋର ଭୁଲି ଚାଲି ଯିବା ଫେରିବାରେ ଆଉ ନାହିଁ କିଛି କଟକଣା । ସମାଜ କାରାର ମେଘନାଦ ପ୍ରାଚୀର ଯେପରି ଭାଙ୍ଗି ପଡ଼ିଛି । ମୁଁ ହୋଇଛି ମୁକ୍ତ ଆକାଶର ବିହଙ୍ଗ । ଅବାଧରେ ଉଡ଼ି ବୁଲି ଯେଉଁ ଆଡ଼େ ଇଚ୍ଛା ସେ ଆଡ଼େ ଯାଇ ପାରେଁ । କିନ୍ତୁ ଦିନେ ଥିଲି ମୁଁ ବନ୍ଦିନୀ ଗୃହର ଚତୁଃସୀମା ମଧ୍ୟରେ । କାରଣ ସେତେବେଳେ ମୋର କୈଶୋର ଯାଇ ଯୌବନର ମହୁଆ ନିଶା ଦେହ ମନକୁ ଏକବାରେ ଗ୍ରାସି ପକାଇ ଥିଲା । ଅବାଧ ଚଞ୍ଚଳ ମନଟା ମୋଟେ ଆୟତ୍ତରେ ରହୁ ନ ଥିଲା । ସେ ଖୋଜୁଥିଲା ଜଣେ ଦରଦୀ ସାଥୀ—ଯାହା ସହିତ ମନ ଖୋଲି କଥା ହିପଦ କରି ପ୍ରାଣଟା ଶାନ୍ତ ପା'ନ୍ତା । କିନ୍ତୁ ତା ବଦଳରେ ମୁଁ ପାଇଥିଲି କ'ଣ ? ଠିକ୍ ଓଲଟା ମଣିଷଟିଏ ଯାହାର କଠୋର କର୍ତ୍ତବ୍ୟନିଷ୍ଠା ଓ କର୍ମ ପ୍ରବଣତା ନିକଟରେ ପ୍ରେମ ସ୍ନେହ ସୋହାଗ ପ୍ରଭୃତି ହୃଦୟର କୋମଳ ବୃତ୍ତି ଗୁଡ଼ିକ ଏକବାରେ ନିଷ୍ପ୍ରଭ ହୋଇ ପଡ଼ିଥିଲା ।

ଏବେ ବୁଝିପାରୁଛି ମୁଁ ତାଙ୍କର ସେହି କଠୋର ବହିରାବରଣ ଭିତରେ କେଡ଼େ ଉଚ୍ଚ-ହୃଦୟ ଓ କର୍ତ୍ତବ୍ୟନିଷ୍ଠା ଲୁକ୍କାୟିତ ଥିଲା ଯାହା କ୍ୱଚିତ୍ ସାଧାରଣ ମନୁଷ୍ୟ ଠାରେ ଦେଖାଯାଇ ଥାଏ । କିନ୍ତୁ ସେତେବେଳେ ମୋର ସେତେ ଦୂରଦୃଷ୍ଟି ବା ଅନ୍ତର୍ଦୃଷ୍ଟି ନଥିଲା କିମ୍ବା କୌଣସି ଲୋକର ବହିରାବରଣ ଭେଦ କରି ଭିତରର ସୌନ୍ଦର୍ଯ୍ୟ ଦେଖିବାର ଇଚ୍ଛା ବା ଧୈର୍ଯ୍ୟ ବି ନଥିଲା—

Digitized by PPRACHIN, SOA

ସେତେବେଳେ ଥିଲା ଦେହ ଓ ମନରେ ଗୋଟାଏ ପ୍ରବଳ ମହୁଆ ନିଶା; ମନ ଖୁଜୁଁଥିଲା ଗୋଟିଏ ଦରଦୀ ସାଥିର ପ୍ରେମପ୍ରବଣ ହୃଦୟ । ଦେହ ଖୁଜୁଁଥିଲା ଗୋଟିଏ ପ୍ରେମସିକ୍ତ ଅଙ୍ଗର ସ୍ପର୍ଶ । ସେଇଟା ଥିଲା ମୋର ଗୋଟାଏ ସହଜାତ ପ୍ରବୃତ୍ତି । ଦୁନିଆ ଆଗରେ, ସମାଜ ଆଖିରେ ମୁଁ ଦୋଷୀ ବୋଲି ସାବ୍ୟସ୍ତ ହୋଇ ପାରିଥାଏଁ କିନ୍ତୁ ମୋର ଅନ୍ତରର ଦେବତା ଆଗରେ ମୁଁ ଶପଥ କରି କହିପାରେଁ ସେଥିପାଇଁ ମୁଁ ଆଦୌ ଦୋଷୀ ନୁହେଁ, କାରଣ ସେଇଟା ଥିଲା ତାଙ୍କର ଦାନ—ତାଙ୍କର ଇଙ୍ଗିତ ।

କଳ୍ପନା ଚକ୍ଷୁରେ ମୁଁ ଦେଖିଲି କେତେ ରଙ୍ଗୀନ ସ୍ୱପ୍ନ । ନବ ବସନ୍ତର ଗୁହଳୀ ରାତି ! ଆମ୍ର ବକୁଳର ମଧୁର ପ୍ରାଣ-ମତାଣିଆ ଗନ୍ଧ । କୋକିଳର ଉନ୍ମାଦକର କୁହୁ କୂଜନ ! ଏସବୁ ମୋର କିଶୋରୀ ପ୍ରାଣକୁ ପୁଲକମୟ କରି ପକାଉଥିଲା । ପ୍ରଥମେ ଯାହା ସହିତ ମୋର ସମ୍ବନ୍ଧ ହେବାର କଥା ଉଠିଲା ସେ ଥିଲେ ଜଣେ ସୁନ୍ଦର ସୁଠାମ ଯୁବକ । ସେତେବେଳେ ସେ ଥିଲେ ସାତ ସମୁଦ୍ର ପରପାରିରେ ଅଧ୍ୟୟନ ରତ । ମଝିରେ ମଝିରେ ଚିଠି ଦିଅନ୍ତି—କୁହନ୍ତି ଆଉ ମାସ କେଇଟା ପରେ ଫେରିବେ । ତାପରେ ହେବ ଆମର ବିବାହ । ସେ ଦେଶରେ କିପରି ବିବାହ ପରେ ମଧୁଚନ୍ଦ୍ରିକା ଯାପନ କରନ୍ତି—ସେ କାହାଣୀ ଲେଖନ୍ତି । ମୋର ପ୍ରେମ ବିହ୍ୱଳ କିଶୋରୀ ପ୍ରାଣ ଆନନ୍ଦରେ ନାଚି ଉଠେ । ମନ ସାତ ସମୁଦ୍ର ଡେଇଁ ଉଡ଼ିଯାଏ ସେଇ ସେ ଦେଶରେ ଅଧ୍ୟୟନରତ ସେଇ ସୁଠାମ ଯୁବକଙ୍କ ପାଖକୁ ।

ମନୁଷ୍ୟର କଳ୍ପନା ! ବିଧିର ବିଧାନ ! କିଏ ଜାଣେ କେତେବେଳେ ଠିକ୍ ଓଲଟା ହୋଇଯାଏ ? ମୋର ଭାଗ୍ୟକୁ ହେଲା ସେୟା । ବାପ ମା ଧରି ବସିଲେ—ଝିଅର ବୟସ ଚଉଦ ଟପିଲା

Digitized by PPRACHIN, SOA

ଆଉ ଅପେକ୍ଷା କରି ଲାଭ କଣ ? ସେ ତ ଯାଇ ରହିଲେ କେଉଁ ବିଦେଶରେ କେବେ ଆସିବ ଜଣା ନାହିଁ । ଆମେ ଆଉ ଘରେ ବସିଥିବା କେତେ କାଳ ? ଗାଁର ମୁଖିଆ ଦରଘା ଭାଇବନ୍ଧୁ ସବୁ ଜୁଟିଯାଇ କହିଲେ— ହଁ, ଠିକ୍ କଥା ଏକା । ଟୋକା ମନ— ବିଲାତ ଦେଶରେ ଅଛି । କିଏ ଜାଣେ କଣ ହୋଇ ସାରିବଣି ଏତେବେଳକୁ ? ହୁଏତ ଦେଖିବ ସେ ସାହାବାଣୀଟିଏ ଧରି ଫେରିବ । ସେତେବେଳକୁ ଆମ ଝିଅ ଖାଲି ହଟହଟା ହେବ ସିନା ! ଅକାରଣ ବୟସ ଗଡ଼ାଇ ଦେଇ ଲାଭ କଣ ? ବାପ ମା ହଁ ଭରିଲେ । ବର ଖୋଜା ଲାଗିଲା । ଘର ଦ୍ୱାର ଧନ ମଧ୍ୟରେ ସବୁ ଠିକ୍ ଠାକ୍ । ସୁଯୋଗ୍ୟ ବର— ସରକାରୀ ଚାକିରି ପାଇଛି—ଭଲ ଜାତି । ଆଉ ଚିନ୍ତା କଣ ? ସବୁ ଠିକ୍ ଠାକ୍ । ବାହାଘର ଠିକ୍ ହେଲା—ବର ଆସିଲା ଖୁବ୍ ଜାକ ଜମକ କରି—ହାତଗଣ୍ଠି ପଡ଼ିଲା । ଡାକରେ ଆସିଥିଲା ଖଣ୍ଡିଏ ମାତ୍ର ବିଲାତି ଚିଠି । ସେ ମୋ ବାହାଘର କଥା ଶୁଣି ଲେଖିଥିଲେ—ହେଉ, ଭଲ ହେଲା । ମୋର ଆଶୀର୍ବାଦ ଗ୍ରହଣ କର—ଜୀବନରେ ସୁଖୀ ହୁଅ । ଏବେ ଆଉ ମୋର ତରତରରେ ଫେରିବାର ଆବଶ୍ୟକତା କଣ ? ମୁଁ ଆଉ ବର୍ଷକ ପାଇଁ ରହିଯାଉଛି—ଶେଷ ପରୀକ୍ଷାଟା ଦେଇସାରି ଫେରିବ । ସେତେବେଳେ ଛାତିଟା ମୋର କାପରି ଦମ୍ ଦମ୍ ହୋଇଗଲା । ଦେହ ଗୋଟାଯାକ ଝାଳରେ ବୁଡ଼ିଗଲା । ଆହା ସେ ହୋଇଥିଲେ···

······ଜଉଟା କାମୁଡ଼ି ପକାଇ ମନେ ମନେ କହିଲା ଆଃ କି ଅଲକ୍ଷଣୀଟାଏ ମୁଁ । ହିନ୍ଦୁ ଘରର କୁଳବଧୂ ହୋଇ ବିବାହ ପରେ ପୁଣି ପର ପୁରୁଷ ଉପରେ ଆଖି ! ଉପର ମନଟା ବୁଝୁଥିଲା ସିନା କିନ୍ତୁ ଭିତର ମନଟା ଏକବାରେ ମାନିଲା ନାହିଁ—ଖାଲି

Digitized by PPRACHIN, SOA

ଗୋଳେଇ ଘାଣ୍ଟି ହେବାକୁ ଲଗିଲା—ରାତିରେ ସ୍ୱପ୍ନ ଦେଖିଲି—ସେ ଜାହାଜରେ ଚଢ଼ି ଆସୁଛନ୍ତି । ହଠାତ୍ ଝଡ଼ ଉଠିଲା—ଜାହାଜ ବୁଡ଼ିଗଲା—ମୁଁ ନିଦ ବାଉଳାରେ ଚିତ୍କାର କରି ଉଠିଲି । ମୋ ପାଖରେ ଶୋଇଥିଲେ ମୋ ସ୍ୱାମୀ । ସେ ଉଠିପଡ଼ି କହିଲେ—କଣ ହେଲା କଣ ହେଲା ? ମୁଁ କହିଲି – ନା କିଛି ନା ।

ତାପରେ ପ୍ରାୟ ପଚିଶ ବର୍ଷ କି ତିରିଶି ବର୍ଷ ବିତି ଗଲାଣି । ସେ କଲିକତାରୁ ଫେରି ବାହାଶାଆ ହୋଇ ବହୁ ଦିନୁ ସଂସାର କଲେଣି । ବର୍ତ୍ତମାନ ପୁଅ ଝିଅ ନାତି ନାତୁଣୀ ହେଲେଣି । ମୁଣ୍ଡର ବାଳ ପାଚି ଗଲାଣି । ଆଉ ମୁଁ ?-ମୋର ବି ସେମିତି କେତେ ପରିବର୍ତ୍ତନ ହୋଇଗଲାଣି । ମନର ଆଶା ମନରେ ମାରି ମୁଁ ମୋର କର୍ମକୁ ଆଦରି ଯାହାର ହାତ ଧରିଥିଲି ତା ସହିତ ଘର କରି ଆସିଛି ଏତେକାଳ । ପୁଅ ଝିଅ ନାତି ନାତୁଣୀ ହେଲେଣି । ମୋ ମୁଣ୍ଡର ବାଳ ପାଚି ନ ଥିଲେ ସୁଦ୍ଧା ଗୋଟାଏ ଅଧେ କଅଁଳ ପଡ଼ିଗଲାଣି । ଦେହ ଚର୍ମ ଲୋଳିତ ହୋଇ ଆସିଲାଣି । ଏତେ ଦିନ ତାଙ୍କ ସହିତ ମୋର ଆଉ ଭେଟ ନାହିଁ । ସେ ବର୍ତ୍ତମାନ ଗୋଟିଏ ସରକାରୀ ବିଭାଗର ବଡ଼ କର୍ତ୍ତା ।

ଦିନେ ମୋ ବଡ଼ ପୁଅ ସମ୍ବନ୍ଧେ ଟିକିଏ ସାହାଯ୍ୟ ପାଇବା ପାଇଁ ମୁଁ ଗଲି ତାଙ୍କ ଘରଆଡ଼େ । ଦୁ'ଜଣଙ୍କର ଦେଖା ହେଲା ନବେଳାରେ ତାଙ୍କ ଅଫିସ ଘର ଭିତରେ । ଦୁ'ଜଣଙ୍କର ଅନ୍ତର ଭିତରେ ଉଠିଲା ଝଡ଼ । ଚଞ୍ଚଳ ମନଟା ଦେହର ଆବରଣ ଗୁଡ଼ ଉଡ଼ି ବୁଲିଗଲା ମୂହୂର୍ତ୍ତକ ମଧ୍ୟରେ ସେଇ ସୁଦୂର ଅତୀତ ଜୀବନର ପହିଲି ସ୍ୱପ୍ନର ସାଇକେଲ । ସେଇ କିଶୋର କିଶୋରୀ ଜୀବନର ପ୍ରଥମ ସାକ୍ଷାତ୍ । ପରସ୍ପର ପ୍ରତି ହୃଦୟର ଆକର୍ଷଣ—ତାଙ୍କର

Digitized by PPRACHIN, SOA

ଝଲିତ ଯାହା ! ଯିବା ବେଳର ବିଦାୟ ଦୃଶ୍ୟ । ସେଇ ଛଳ ଛଳ ଚାହାଣି ଓ ଥର ଥର ଗଳାର କଥା—ଚାହିଁ ଚାହିଁ ବରଷ ତିନଟା କଟିଯିବ ନାହିଁ ଯେ—। ଦୁହେଁ ମୂକ ସ୍ଥାଣୁ ପରି ବସିଥାଉଁ । କାହାରି ପାଟିରେ କଥା ନାହିଁ ।

ବାହାରେ ଡ୍ରାଇଭରଟା ଗାଡିରେ ବସି ବସି ଥକି ଗଲାଣି । ବୋଧହୁଏ, ପେଁଏ ପେଁଏ କରି ହର୍ଣ୍ଣ ବଜାଇଲା । ମୋର ସ୍ୱପ୍ନ ଭାଙ୍ଗିଲା । ମୁଁ ଅନୁନୟ ସ୍ୱରରେ ମୋ ପୁଅର ନାଁ ଧରି କହିଲି—ଆଜ୍ଞା, ଟ୍ରେନା କଥା ଲାଗିଲା ଆପଣଙ୍କୁ । ମୁଁ ଆଉ କିଛି କହି ପାରିଲିନାହିଁ । ସେ ଛଳ ଛଳ ଆଖିରେ ଥର ଥର ଗଳାରେ କହିଲେ, ଏକଥା ପୁଣି କହିବାକୁ ଅଛି—ସେଇ ତ ହୋଇଥାନ୍ତା ଆଜି ମୋ ପୁଅ । ଏ କଥା ପଦକ ତାଙ୍କ ପାଟିରୁ ବାହାରିଲାକ୍ଷଣି ଗୋଟାଏ ଦମକା ପବନ ଯେପରି ତାଙ୍କର ଅନ୍ତସ୍ଥଳ ଥରାଇ ଦେଇ ବାହାରି ପଡ଼ିଲା, ଆଉ ଆଖିରୁ ତାଙ୍କର ଗଡ଼ି ପଡ଼ିଲା ଦୁଇ ଟୋପା ଲୁହ । ମୁଁ ଆଉ ସମ୍ଭାଳି ପାରିଲି ନାହିଁ । ରୁମାଲଟାରେ ଆଖି ପୋଛୁ ପୋଛୁ ବାହାରି ପଳାଇ ଆସିଲି— । ବାଟ ସାରା ମୋର କାନରେ ବାଜୁଥାଏ ତାଙ୍କର ବାଷ୍ପଜଡ଼ିତ କଣ୍ଠର ସେଇ ଅର୍ଦ୍ଧସ୍ଫୁଟ କଥା ପଦକ—ସେଇ ତ ଆଜି ହୋଇଥାନ୍ତା ମୋ ପୁଅ ।

Digitized by PPRACHIN, SOA

ରିକ୍ସା

କଟକ ସହରରେ ପ୍ରଥମେ ଯେତେବେଳେ ହାତଟଣା ରିକ୍ସା ଚାଲୁ ହେଲା ସେତିକିବେଳୁ ଚୁନିଁ ବେହେରା ରିକ୍ସା ଟଣା ଆରମ୍ଭ କଲାଣି । ସେତେବେଳେ ଚୁନିଁର ବୟସ ଥିଲା ମୋଟେ ଚବିଶି କି ପଚିଶି । ଗଜା ଟୋକା । ମୁଣ୍ଡରେ ଚାରିଖଣ୍ଡେ ଲମ୍ବର ବାବୁରି ବାଳ କପାଳ ଉପରେ ଉହୁଙ୍କି ପଡୁଥାଏ । କିନ୍ତୁ ମୁଣ୍ଡର ପଛପାଖଟା ଏକବାରେ ଚାଞ୍ଛା । ହାତଟଣା ରିକ୍ସା ଧରି କଟକ ସହରର ସେତେବେଳର ନାଳଧୂଳିଆ ରାସ୍ତା ଉପରେ ଚୁନିଁ ବେହେରା ଯେତେବେଳେ ଧାଇଁ ଧାଇଁ ଯାଉଥାଏ, ଆଉ ଗୋଟିଏ ହାତରେ ଘଣ୍ଟିଟାକୁ ଟଂ ଟଂ କରି ବଜାଇ ଦେଇ ଆଉ ହାତରେ ଆଖିପତା ଉପରୁ ବାବୁରି ବାଳଗୁଡ଼ାକୁ ଉପରକୁ ଟେକିଦେଇ ଝାଳ ପୋଛି ପକାଉଥାଏ, ସେତିକିବେଳେ ତା ପାଖ ଦେଇ ସାଇକେଲ ଚଢ଼ାଳୀ କଲେଜ ଟୋକାଏ ସାଇକେଲ୍ ଘଣ୍ଟି ବଜାଇ ପବନ ବେଗରେ ଧାଇଁଛନ୍ତି । ଚୁନିଁ ବେହେରା ସେମାନଙ୍କୁ ରାସ୍ତା ଛାଡ଼ିଦେଇ ରାସ୍ତାର ବାଁ ପାଖକୁ ଘୁଞ୍ଚିଯାଏ । ଟିକିଏ ଡେରି ହେଲେ ପଛରୁ ସାଇକେଲ୍ ଚଢ଼ାଳୀଟିଏ ଡାକ ପକାଏ, ଏ ରିକ୍ସାବାଲା ହଟୋ ହଟୋ । ଚଟପଟ ଚୁନିଁ ପୁଣି ରାସ୍ତା ପାଖକୁ ଘୁଞ୍ଚିଯାଏ । ସେତେବେଳେ ତା'ର ମନେହୁଏ ତା ହାତଟଣା ରିକ୍ସା ଦେହରେ ଯଦି ଏମିତିକା ଗୋଟାଏ ସାଇକେଲ୍ ଯୋଖି ଦେଇ ହୁଅନ୍ତା ତେବେ ସେ ଆଉ ଏଇ ସାଇକେଲ୍ ଚଢ଼ାଳୀଦଳଙ୍କ ଆଗରେ ଏତେ ହୀନସ୍ତା ହୁଅନ୍ତା ନାହିଁ । ସେ ବି ସେମାନଙ୍କ ସାଙ୍ଗରେ ଦୌଡ଼ ଆରମ୍ଭ କରିଦିଅନ୍ତା । ସେତେବେଳେ

Digitized by PPRACHIN, SOA

ସେ ହୁଏତ ବହୁତ ବେଶୀ ରୋଜଗାର କରିପାରନ୍ତା, କାରଣ ବୁଦ୍ଧମାଚୌକରୁ ରେଲ ଷ୍ଟେସନ ଯାଏ ଯିବାପାଇଁ ସାତଟଣା ରିକ୍ସା ଧରି ତାକୁ ପ୍ରାୟ ଘଣ୍ଟାଏ ଲାଗିଯାଉଛି—ସାଇକେଲ ଯୋଖା ରିକ୍ସା ହେଲେ ଅନ୍ତତଃ ଅଧଘଣ୍ଟାଏ ଭିତରେ ସେ ଯାଇ ଷ୍ଟେସନ ଧରି ପାରନ୍ତା । ତାହାହେଲେ ଯାହା ସେ ପାଉଛି ତାର ଦ୍ୱିଗୁଣ ଅନ୍ତତଃ ସେ ପାଇପାରନ୍ତା ଦିନକ ଭିତରେ । ସେତେବେଳେ ସେ ରିକ୍ସା ମାଲିକକୁ ଦିନକୁ ଦୁଇଟଙ୍କା ରିକ୍ସା ଭଡ଼ାଦେଇ ସୁଦ୍ଧା ଦିନକୁ ଆଉରି ଦୁଇ ତିନ ଟଙ୍କା ବଳକା କରି ପାରୁଥିଲା କାରଣ କଟକରେ ସେତେବେଳେ ରିକ୍ସା ସଂଖ୍ୟା ଥିଲା ବହୁତ କମ୍ । ସେଇ ଅନୁପାତରେ ଭଡ଼ା ବି ଥିଲା ଟିକିଏ ବେଶୀ । ଚୁଇଁ ବେହେରା ଭାବେ ଯଦି ସାଇକେଲ ରିକ୍ସାଟାଏ ହୁଅନ୍ତା ତେବେ ସେ ନିଶ୍ଚୟ ମାଲିକ ଭଡ଼ା ଦେଇସାରି ଦିନକୁ ଚାରି ପାଞ୍ଚ ଟଙ୍କାରୁ ଅଧିକ ଆୟ କରି ପାରନ୍ତା । ଚୁଇଁ ବେହେରାର କଳ୍ପନା ଡାପରେ ଉଡ଼ି ଉଡ଼ି ଯାଏ କେତେ ଉପରକୁ । ମନେ ମନେ ସେ କେତେ ଆକାଶ ସୌଧ ତୋଳି ପକାଏ । ଏତେ ଆୟ ହେଲେ ସେ କ'ଣ କରିବ ? ପହିଲେ ଯେଉଁ ଭଙ୍ଗାରୁଜିଆ ଖଣ୍ଡିକରେ ସେ ରହୁଛି ସେ ଖଣ୍ଡିକ ଭାଙ୍ଗି ଭଲ ଘର ଦି ବଖରା ତୋଳିବ । ତା ସ୍ତ୍ରୀ ଶାଶୁଆ ପାଇଁ ସୁନାରି ନାକଚଣା ଦିଖଣ୍ଡ ଗଢ଼ିଦେବ, ଆଉ ତା ପୁଅ ରଙ୍ଗିଆ—

ଠିକ୍ ଏତିକିବେଳେ ପେଁ ପେଁ ଶିଙ୍ଗା ବଜାଇ ଗୋଟାଏ ମୋଟର ଗାଡ଼ି ଧୂଳି ଉଡ଼ାଇ ସେଇ ରାସ୍ତାରେ ଧାଇଁଯାଏ । ବିଚରା ଚୁଇଁଆର ବାବୁରି ବାଳ ଉପରେ ଇଞ୍ଚେ ବହଳର ନାଲିଧୂଳି ମାଡ଼ିଯାଏ । ନାକରେ ପାଟିରେ ମେଞ୍ଚା ମେଞ୍ଚା ଧୂଳି ବି ପଶିଯାଏ । ବିରକ୍ତିରେ ଚୁଇଁଆର ନାକ ଉପରକୁ ଉଠିଯାଏ—ତାର ଭାବନା ଉପରେ ହଠାତ୍ ଲାଗେ ଗୋଟେ ଧକ୍କା । ଧେତ୍, ଏ ମୋଟର

Digitized by PPRACHIN, SOA

ଡ୍ରାଇଭର୍ ଗୁଡ଼ାକର ତ ବହପ କମ୍ ନୁହେଁ ? ମୋଟର୍ ଗାଡ଼ିଟାରେ ବସି ସେ ଚକଟାକୁ ଧରିଲେ ତ ତାଙ୍କ ଆଖିରେ ଆଉ ଇନ୍ଦ୍ର, ଚନ୍ଦ୍ର ଦେଖାଯାନ୍ତିନ । ଓଃ କ ଜୋରରେ ଧାଇଁ ଯାଉଛନ୍ତି ସେ ମୋଟର ଗୁଡ଼ାକ ! ଆଚ୍ଛା ହେଉ । କିଛି ପରବା ନାହିଁ । ପୁଅ ରଙ୍ଗିଆକୁ ହେଲା ପାଞ୍ଚ ବର୍ଷ । ଆଉ ବର୍ଷ କେଇଟା ଗଲେ ସେ ବେଶ୍ ଜୁଆନ୍ ହୋଇ ଉଠିବ । ସେତେବେଳକୁ ଚୁଇଁଆ ତାକୁ ନିଶ୍ଚୟ ଗୋଟିଏ ମୋଟର ଡ୍ରାଇଭର୍ କରାଇ ଦେବ । ତାହାହେଲେ·········

ଚୁଇଁ ବେହେରା ଆଉ ଭାବିପାରେ ନାହିଁ । ଆନନ୍ଦରେ ତା ମୁହଁରୁ ମୁଚୁକି ହସଟିଏ ବାହାରି ପଡ଼େ । ସେ ନାଲି ସଡ଼କର ତାତିଲା ଧୂଳିକୁ ଖିଆଲ ନ ରଖି ଧାଇଁ ଚାଲେ ତା'ର ଗନ୍ତବ୍ୟ ମାର୍ଗରେ ।

ଦିନ ଗଡ଼ିଯାଏ । କଟକ ସହରର ନାଲି ଧୂଳିଆ ରାସ୍ତା ବଦଳରେ ପିଚ ଦିଆ କଳାରାସ୍ତା ଗଢ଼ା ହୁଏ । ହାତଟଣା ରିକ୍ସା ବଦଳରେ ସାଇକେଲ୍ ରିକ୍ସା ଚାଲିବା ଆରମ୍ଭ ହୁଏ । ଚୁଇଁ ବେହେରା ହାତଟଣା ରିକ୍ସା ଛାଡ଼ି ସାଇକେଲ୍-ରିକ୍ସା ଟଣା ଆରମ୍ଭ କରିଦେଲା । ନୂଆ ହୋଇ ସାଇକେଲ ରିକ୍ସା ଚାଲୁଛି । ଲୋକେ ହାତଟଣା ରିକ୍ସାରେ ଯିବାକୁ ଆଉ ରାଜି ହେଉ ନାହାନ୍ତି । ଚାରଣା ଜାଗାରେ ଆଠଣା ଦଶଣା ଦେଇ ମଧ୍ୟ ସାଇକେଲ୍ ରିକ୍ସାରେ ଯିବାକୁ ଚାହୁଁଛନ୍ତି । ଚୁଇଁ ବେହେରା ପହିଲେ ପହିଲେ ବେଶ୍ ଦିପଇସା ରୋଜଗାର କଲା । କିନ୍ତୁ ହିସାବ କଲାବେଳକୁ ଚୁଇଁ ଦେଖେ ଯେ ଆୟ ବ୍ୟୟ ସମାନ । କାରଣ ଏ ମଧ୍ୟରେ ପୃଥିବୀବ୍ୟାପୀ ଲଢ଼େଇ ଆରମ୍ଭ ହୋଇଗଲା । ଧାନ ଚାଉଳର ଦର ହୁ ହୁ ବଢ଼ିଗଲା । ହାତଟଣା ରିକ୍ସା ଟାଣୁଥିବା

Digitized by PPRACHIN, SOA

ବେଳେ ଚୂଇଁଆ ଟଙ୍କାଟିଏ ଦେଲେ ଚାରିସେର ଚାଉଳ ପାଉଥିଲା କିନ୍ତୁ ଏବେ ସାଇକେଲ୍ ରିକ୍‌ସା ଚଳାଇଲା ପରେ ଚାଉଳ ଦର ବଢ଼ିଯାଇ ଟଙ୍କାରେ ହେଲା ମୋଟେ ଦୁଇସେର । ଫଳରେ ଚୂଇଁଆ ଦିଟଙ୍କା ଯାଗାରେ ଚାରି ଟଙ୍କା ଦିନକୁ ରୋଜଗାର କରି ସୁଦ୍ଧା କିଛି ବଳକା ରଖିପାରିଲା ନାହିଁ । ଖାଲି ସେତିକି ନୁହେଁ । ବେଳକୁ ବେଳ ଚୂଇଁଆର ବଅସ ବଢ଼ିବା ସଙ୍ଗେ ସଙ୍ଗେ ବଳ ବି ହଟି ହଟି ଆସିଲା । ତାପରେ ଦିନ ରାତି ସାଇକେଲ୍ ରିକ୍‌ସାକୁ ପେଲି ପେଲି ଗୋଡ଼ ପେଣ୍ଡ୍ରା ଦି'ଟାରେ ଶିରାଗୁଡ଼ାକ ଫୁଲି ଉଠି କେଞ୍ଚୁଡ଼ି ପଡ଼ିଗଲା । ଖରା, କାକର, ବର୍ଷାରେ ରିକ୍‌ସା ବାହି ବାହି ଆଣ୍ଠୁ ଗଣ୍ଠିଆ ବାତ ବି ଧରିଗଲା । ଅଣ୍ଟା ଦରଜ ହେଲା । ସେଥିପାଇଁ ଚୂଇଁଆ ପ୍ରଥମେ ଟିକିଏ ଟିକିଏ ଅଫିମ ଖାଇବାକୁ ଆରମ୍ଭ କଲା । ସେତେବେଳକୁ ଦୈବ ଦୁର୍ଯୋଗକୁ ଅଫିମଖିଆ ବନ୍ଦ କରିବା ପାଇଁ ସରକାରଙ୍କ ପକ୍ଷରୁ କେତେ କଟକଣା ଜାରିହେଲା । କିନ୍ତୁ ଅଫିମ ନ ହେଲେ ଯେ ଚୂଇଁଆର ନ ଚଳେ । ସେଥିପାଇଁ ସେ କଳାପୋଚେଇ ଦେଇ ଅଫିମ ଭେଣ୍ଡରର ପାଖରୁ ଚାରଣାର ଜିନିଷକୁ ଆଠଣା ଦେଇ କିଣିବାକୁ ଲାଗିଲା । ଫଳରେ ଚୂଇଁଆର ହାତଟଣା ରିକ୍‌ସା ଟାଣିବା ବେଳର ରଙ୍ଗୀନ ସ୍ୱପ୍ନମାନ ମଧ୍ୟରେ ମିଳାଇ ଯିବାକୁ ଲାଗିଲା ।

ଖାଲି ସେତିକି ନୁହେଁ । କଥାରେ କହନ୍ତି ଦୁର୍ଯୋଗ ଯେତେବେଳେ ଆସେ ନଈବଢ଼ି ପରି ମାଡ଼ି ମାଡ଼ି ଯାଏ । କଟକ ସହରରେ ସାଇକେଲ୍ ରିକ୍‌ସା ସଂଖ୍ୟା ଏତେ ବଢ଼ି ବଢ଼ି ଗଲା ଯେ ପ୍ରତି ଛକ ମୁଣ୍ଡରେ ଶହ ଶହ ରିକ୍‌ସା ଯାତ୍ରୀଙ୍କ ପାଇଁ ଅପେକ୍ଷା କରି ପଡ଼ି ରହିଲେ । ଫଳରେ ସାଇକେଲ୍ ରିକ୍‌ସାର ଭଡ଼ା ବହୁତ

Digitized by PPRACHIN, SOA

କମିଗଲା । ତଥାପି ତୁଳି ବେହେରାର ସାହସ କମି ନ ଥାଏ । ସେ କଷ୍ଟେ ମଷ୍ଟେ ତା ସଂସାରଟା ଚଳାଉ ଥାଏ ।

ଏତିକି ବେଳେ ଦକ୍ଷିଣରୁ ଶହ ଶହ ସଂଖ୍ୟାରେ ରିକ୍ସାଟଣାଳି କଟକ ସହରରେ ଆସି ପହଞ୍ଚିଗଲେ । ଏଇ ରିକ୍ସାବାଲା ଗୁଡ଼ାକ ଖୁବ ଶସ୍ତାରେ ରିକ୍ସା ଚଳାଇବାକୁ ରାଜି ହୋଇଗଲେ । କାରଣ ତାଙ୍କର ଖର୍ଚ୍ଚ କମ୍ । ସକାଳେ ଚାରି ପଇସାର ଇଡିଲି (ଏଣ୍ଡୁରି ପିଠା) ଆଉ ଟିକିଏ ଚଟଣୀ ହେଲେ ହେଲା । ସଂଧ୍ୟାବେଳା ମୁଠାଏ ଭାତ ଟିକିଏ ମାଣ୍ଡିଆ ଜାଉ ଆଉ ଗୁରୁପାଣି ଟିକିଏ ହେଲେ ତାଙ୍କର ଚଳିଯାଏ । ଏଇ ଦକ୍ଷିଣିଆ ରିକ୍ସାବାଲା ଗୁଡ଼ାକ ହୁହୁଁ ହୁହୁଁ ପଙ୍ଗପାଳ ପରି ମାଡ଼ି ଆସିଲେ । କଟକ ସହରରେ ଯେତେ ରିକ୍ସା ଥିଲେ ସେଥିରୁ ପ୍ରାୟ ତିନିପା ରିକ୍ସା ଏହି ଦକ୍ଷିଣିଆ ରିକ୍ସା ଟଣାଳି ଚଳାନ୍ତି । ଫଳରେ ତୁଳି ବେହେରା ପରି ବହୁ ପୁରୁଣା ସ୍ଥାନୀୟ ରିକ୍ସା ବାଲାମାନଙ୍କର ଆୟ ବହୁତ କମି ଆସିଲା ।

ଖାଲି ସେତିକି ନୁହେଁ, କଟକ ସହରର ରିକ୍ସା ଚଢ଼ାଳିମାନେ ବି ଏହି ଦକ୍ଷିଣିଆ ରିକ୍ସାବାଲାମାନଙ୍କୁ ବେଶୀ ପ୍ରଶ୍ରୟ ଦେବାକୁ ଲାଗିଲେ । କାରଣ ତାଙ୍କର ବ୍ୟବହାର ଭଲ । ଅଳ୍ପ ପଇସାରେ ସନ୍ତୁଷ୍ଟ ହୋଇଯାନ୍ତି । ସେଥିପାଇଁ ରାସ୍ତାକଡ଼ରେ ଯେତେ ଗୁଡ଼ିଏ ଖାଲି ରିକ୍ସା ଛିଡ଼ା ହୋଇଥାଏ ସେଥିମଧ୍ୟରୁ ରିକ୍ସା ଚଢ଼ାଳି-ମାନେ ପହିଲେ ଦକ୍ଷିଣିଆ ରିକ୍ସାବାଲାଙ୍କୁ ବାଛି ନଅନ୍ତି । ଫଳରେ ବହୁତ ଆଦର ସ୍ଥାନୀୟ ରିକ୍ସାବାଲା ମଜୁରି ପାଏ ନାହିଁ । ଘେନେକ ଉପାସରେ ଦିନ କଟେ ।

ପୁରୁଣା ରିକ୍ସାବାଲାଙ୍କର ଏ ଦୁର୍ଦ୍ଦଶା ଦେଖି ଦଳେ ଭାବପ୍ରବଣ ସ୍ଥାନୀୟ ଲୋକେ ଚିତ୍କାର କରିବାକୁ ଆରମ୍ଭ

Digitized by PPRACHIN, SOA

କରିଦେଲେ, ଏଇ ବିଦେଶୀ ରିକ୍‌ସାବାଲାଙ୍କୁ ତଡ଼ି ଦିଆଯାଉ । ଖବରକାଗଜରେ କେତେ ଲେଖା ବାହାରିଲା । ଏଇ ଆନ୍ଦୋଳନକାରୀମାନଙ୍କର ଅଗ୍ରଣୀ ହୋଇ ବାହାରିଲେ ଜଣେ ଯୁବକ ରାଜନୈତିକ ନେତା ଶ୍ରୀମାନ୍ ଜଗନ୍ନାଥ ଦଳବେହେରା । ସେ ସ୍ଥାନୀୟ ରିକ୍‌ସାବାଲାମାନଙ୍କୁ ମତାଇ ଧର୍ମଘଟ ମଧ୍ୟ ଆରମ୍ଭ କରିଦେଲେ କିନ୍ତୁ ଧର୍ମଘଟର ଫଳ ହେଲା ଠିକ୍ ଓଲଟା । କାରଣ ଅଧିକାଂଶ ସ୍ଥାନୀୟ ରିକ୍‌ସାବାଲା ରିକ୍‌ସାଟଣା ବନ୍ଦ କରି ଦେବାରୁ ରିକ୍‌ସା ମାଲିକମାନେ ତାଙ୍କ ସ୍ଥାନରେ ଦକ୍ଷିଣିଆ ରିକ୍‌ସାଟଣାଳିଙ୍କୁ ନିଯୁକ୍ତ କରିଦେଲେ । ଫଳରେ ଧର୍ମଘଟ ତ ସଫଳ ହେଲା ନାହିଁ ବରଂ ଅଧିକାଂଶ ସ୍ଥାନୀୟ ରିକ୍‌ସାଟଣାଳି ତାଙ୍କ ଜୀବିକା ହରାଇ ବସିଲେ । ଖବରକାଗଜ ଲେଖାଲେଖିରେ ମଧ୍ୟ ଫଳ କିଛି ହେଲା ନାହିଁ । କାରଣ ସରକାରଙ୍କର ଏପରି କୌଣସି ଆଇନ ନ ଥିଲା ଯାହା ବଳରେ କି ସେ ଦକ୍ଷିଣରୁ ଆସୁଥିବା ରିକ୍‌ସାଟଣାଳିମାନଙ୍କୁ ବନ୍ଦ କରିଦେଇ ପାରିବେ । ଶେଷରେ ଶ୍ରୀମାନ୍ ଦଳବେହେରା କଟକ ସହରରେ ସଭାସମିତି କରି ବକ୍ତୃତା ଦେବାକୁ ଆରମ୍ଭ କରିଦେଲେ । କିନ୍ତୁ ତାଙ୍କ ବକ୍ତୃତା ଶୁଣିବାକୁ କେହି ଆସିଲେ ନାହିଁ । ଦିନେ ଏପରି ଏକ ସଭାରୁ ଘରକୁ ଫେରିବା ବେଳେ ଶ୍ରୀମାନ୍ ଦଳବେହେରା ରାସ୍ତାକଡ଼ରେ ଛିଡ଼ା ହୋଇଥିବା କେତେଗୁଡ଼ିଏ ରିକ୍‌ସା ଦେଖି ଗୋଟିଏ ରିକ୍‌ସା ଭଡ଼ା କରିବାକୁ ଚାହିଁଲେ । ପଙ୍ଗପାଳଦଳ ଭଳି ରିକ୍‌ସାବାଲାଗୁଡ଼ାକ ଆସି ତାଙ୍କୁ ଘେରିଗଲେ । ଶ୍ରୀମାନ୍ ଦଳବେହେରା ପଚାରିଲେ, ଗୁଡ଼ଲଆଗଞ୍ଜିକୁ କେତେ ନେବ । ଜଣେ ସ୍ଥାନୀୟ ରିକ୍‌ସାବାଲା ପାଖେଇ ଆସି କହିଲା—ଆଜ୍ଞା ଆଠଅଣାରୁ କମ୍ ହେବ ନାହିଁ । ତା ପଛକୁ ଆଉ ଜଣେ ଦକ୍ଷିଣିଆ ରିକ୍‌ସାବାଲା ଠେଲି ପେଲି

Digitized by PPRACHIN, SOA

ଆସି କହିଲା, "ବାବୁ ଗାରୁ, ଆରୁ ଆନାଲୁମେ ଲେ ଯାଏଁ ଗେ" । ଅର୍ଥାତ୍ ଛଅ ଅଣାରେ ମୁଁ ନେଇଯିବ । ଶ୍ରୀମାନ୍ ଦଳବେହେରଙ୍କ ପାଟିରୁ ସଙ୍ଗେ ସଙ୍ଗେ ବାହାର ପଡ଼ିଲା—'ଆଚ୍ଛା ଆଓ ତୁମ୍ ଲେ ଚଲ୍,' ତାପରେ ଶ୍ରୀମାନ୍ ଦଳବେହେରା ଦକ୍ଷିଣିଆ ରିକ୍ସାବାଲାର ରିକ୍ସାରେ ବସି ଚାଲିଲେ ଘର ମୁହାଁ ।

ତାର କଣ୍ଟିଦିନ ପରେ । ଶ୍ରୀମାନ୍ ଦଳବେହେରା ଗୋଟିଏ ଦକ୍ଷିଣିଆ ରିକ୍ସାବାଲାର ରିକ୍ସାରେ ବସି କଟକଚଣ୍ଡୀ ଦର୍ଶନରେ ଆସିଲେ । ଚଣ୍ଡୀମନ୍ଦିର ଦୁଆର ମୁହଁରେ ପଶିଗଲାବେଳେ ଦେଖିଲେ ଧାଡ଼ି ଧାଡ଼ି ହୋଇ ବସିଛନ୍ତି ଦଳେ ଭିକାରି । ତା'ର ଭିତରୁ ଅସ୍ଥିଚର୍ମସାର ଜଣେ ଭିକାରି ଆଗକୁ ଆସି ହାତରେ ଧରିଥିବା ଟିଣ ଡବାଟିରେ ଦଳବେହେରା ବାବୁଙ୍କ ମୁଣ୍ଡରେ ଖୁବ୍ ଜୋର୍‌ରେ ଆଘାତ କଲା । ଦଳବେହେରା ବାବୁଙ୍କର ମୁଣ୍ଡ ଫାଟି ରକ୍ତ ବୋହିଲା । ସେ ଚିତ୍କାର କରି ଉଠିଲେ—ପୋଲିସ୍ ପୋଲିସ୍, ଏ ଶାଲା ଭିକାରି ହାମକୁ ମାରି ଡାଲା, ଇସକୋ ପକଡ଼ୋ ପକ୍‌ଡ଼ୋ । କଟକଚଣ୍ଡୀ ଛକରେ ଛିଡ଼ା ହୋଇଥିବା ପୋଲିସ୍ କନେଷ୍ଟବଳ ସଙ୍ଗେ ସଙ୍ଗେ ଧାଇଁ ଆସି ସେଇ ଭିକାରିଟାକୁ ଧରି ପକାଇ କହିଲେ— "କ୍ୟା ଶାଲା ତୁମ୍ କିଆ ପଗ୍‌ଲା ହୋ, ଏ ବାବୁ-ଲୋକକୁ ମାରି ଡାଲା ?" ସେଇ ଅସ୍ଥିଚର୍ମସାର ଭିକାରିଟି ପାଗଳଙ୍କ ପରି ଅଟ୍ଟହାସ କରି କହିଲା— "ମୁଁ ପାଗଳ ନୁହେଁ, ପାଗଳ ଏଇ ସବୁ ବାବୁଭୟା ଯେଉଁମାନେ ଆମକୁ ଆଜ ବାଟର ଭିକାରି କରି ଦେଇଛନ୍ତି ।" ଦଳବେହେରାଙ୍କ ପାଖକୁ ଆଉ ଟିକିଏ ପାଖେଇ ଯାଇ ସେ କହିଲା— "ବାବୁ ମୋତେ ଚିହ୍ନୁଛ ? ମୁଁ ସେଇ ଚୁଇଁ ବେହେରା । ତୁମର ମନେ ନାହିଁ ମୋତେ ତୁମେ ମତେଇ କହିଥିଲ ଧର୍ମଘଟ କର—ରିକ୍ସାଚଣା ବନ୍ଦ କରିଦିଅ, ଦେଖିବ କେମିତି

Digitized by PPRACHIN, SOA

ଦୁନିଆ ଅଚଳ ହୋଇଯିବ ଆଉ ସରକାର ମଧ୍ୟ ବାଧ୍ୟ ହୋଇ ଏଇ ଦକ୍ଷିଣିଆ ଗୁଣ୍ଡାଙ୍କୁ ଛାଡ଼ିଦେବେ । ତମ କଥା ମାନି ମୁଁ ମାଲିକଙ୍କ ରିକ୍ସା ଟାଣା ବନ୍ଦ କରିଦେଲି । ଫଳରେ ତା'ପର ଦିନ ଜଣେ ଦକ୍ଷିଣିଆ ମୋ ଜାଗା ଦଖଲ କରିନେଲା । ତାପରେ ମୁଁ ହେଲି ଭିକାରୀ—କାଠର ଭିକାରୀ । ପେଟକୁ ଦାନା ନାହିଁ—ପିଠିକୁ କନା ନାହିଁ"— । ତାପରେ ପୋଲିସ୍‌କୁ ଚାହିଁ କହିଲା—"ଆଜ୍ଞା ମୋତେ କ'ଣ ଧରୁଛନ୍ତି, ଧରିବେତ ଧରନ୍ତୁ ଏଇ ସବୁ ଧୋବଲା ଠକଙ୍କୁ, ଯେ ସବୁ ନିଜର ସ୍ୱାର୍ଥପାଇଁ ଆମଭଳି ନିରୀହ ଲୋକଙ୍କୁ ବଳି ଦେଇ ବାହାବା ନିଅନ୍ତି" । କିନ୍ତୁ ପୋଲିସ୍ ଚୁଇଁହେହେବାର ଯୁକ୍ତି ଶୁଣିବାକୁ ନାରାଜ । କାରଣ ସେଠା ଗୋଟେ ଭିକାରୀ ଆଉ ଶ୍ରୀମାନ ଦଳବେହେରା ଜଣେ ଦେଶପୂଜ୍ୟ ନେତା, ହୁଏତ ଆସନ୍ତା ନିର୍ବାଚନରେ ସେ ଲୋକ ପ୍ରତିନିଧି ଭାବେ ନିର୍ବାଚିତ ହୋଇ ମନ୍ତ୍ରୀ ଗାଦିରେ ବସି ପାରନ୍ତି । ସେଥିପାଇଁ ପୋଲିସ୍ ଚୁଇଁବେହେରାକୁ ଦଉଡ଼ିରେ ବାନ୍ଧି ଟିକ୍ ରାସ୍ତାରେ ଥାନା ହାଜତକୁ ନେଇଗଲା । ବେହେରା ମୁହଁରୁ ବାହାରୁ ଥାଏ ହେହିପରି ଠୋ ଠୋ ହସ ଆଉ ସେ କହୁଥାଏ 'ନହେଁ' ମୁଁ ପାଗଳା ନା ଏ ଦୁନିଆ ଯାକର ସମସ୍ତେ ପାଗଳା ।

Digitized by PPRACHIN, SOA

ମୋଟା ବାଉଁଶ

ଅତନୁ ବାବୁ ବଡ଼ଲୋକ । ହଁ, ବଡ଼ଲୋକ ନୁହେଁ ତ କଣ ? ଆମ ଦେଶରେ କେତେ ଜଣଙ୍କର ମୋଟରଗାଡ଼ି ଅଛି ? ଅତନୁବାବୁଙ୍କର ମୋଟରଗାଡ଼ି ଅଛି । ସେମିତ ଗ୍ରେଟିଆ ମୋଟିଆ ଗାଡ଼ି ବି ନୁହେଁ, ଏକବାରେ ଚେଭ୍ରୋଲେଟ କାର୍, ଯାହାର ନୂଆ ଦାମ୍ ଆଜକାଲ କୋଡ଼ିଏ ପଚିଶି ହଜାର ଟଙ୍କାରୁ କମ୍ ନୁହେଁ । ଅତନୁ ବାବୁ ଯେତେବେଳେ ତାଙ୍କ ମୋଟରଗାଡ଼ିରେ ବସି କଟକ ସହରର ସେଇ ଅଣଓସାରିଆ ଗଳିରାସ୍ତା ଉପରେ ବି ଘୂରିଥିବା ଧାଁ ଧଉଡ଼ କରିଯାନ୍ତି ସେତେବେଳେ ସାଙ୍ଗ ଲୋକଙ୍କ ମନରେ ମଧ୍ୟ କେତେ ପ୍ରକାର କଳ୍ପନା ଖେଳିଉଠେ । କିନ୍ତୁ ସେଇ ଗାଡ଼ିଟା ପାଇଁ ଯେ ଅତନୁବାବୁ କେତେ ହନ୍ତସନ୍ତ ହେଉଛନ୍ତି, କେତେ ସର୍ବସ୍ୱାନ୍ତ ହେଉଛନ୍ତି ସେ କଥା କେହି ବୁଝେ ନାହିଁ । ବଡ଼ ଗାଡ଼ିର ବଡ଼ ପେଟ । ଯେତିକି ପେଟ୍ରୋଲରେ ଗ୍ରେଟିଆ ଗାଡ଼ିଟିଏ ଯେତିକି ବାଟ ତିନଥର ଯାଇ ବୁଲି ଆସିପାରିବ ସେତିକି ବାଟ ଯିବାପାଇଁ ବଡ଼ ଗାଡ଼ିକୁ ଲାଗେ ତା'ର ତିନିଗୁଣ ପେଟ୍ରୋଲ ! ଖାଲି ସେତିକି ନୁହେଁ—ଅତନୁ ବାବୁ ଗାଡ଼ିଟା କିଣିଥିଲେ କେଉଁ କାଳରୁ ଗୃହସ୍ଥ ଜୀବନର ସୁବିଧା ଲାଗି । ଦିନକୁ ଦିନ ଅତନୁ ବାବୁ ଯେମିତି ବୁଢ଼ା ହୋଇ ଯାଉଛନ୍ତି, ତାଙ୍କ ଗାଡ଼ିଟା ମଧ୍ୟ ସେଇମିତି ବୁଢ଼ା ହୋଇ ଯାଉଛି । ଦିନ ଦିନକୁ ନଅବେଗ ବାହାରୁଛି ଓ ପୁଣି ସେ ବେଗର ଚିକିତ୍ସା ପାଇଁ ଖର୍ଚ୍ଚର ପରିମାଣ ବଢ଼ି ବଢ଼ି ଯାଉଛି । କିନ୍ତୁ ତଥାପି ଅତନୁ ବାବୁ ଗାଡ଼ିଟାର ମାୟା ଛାଡ଼ି ପାରୁ ନାହାନ୍ତି, କାରଣ ଏଇ ଗାଡ଼ିଟା ତାଙ୍କୁ କେତେ ଅସମୟରେ କେତେ ସାହାଯ୍ୟ

Digitized by PPRACHIN, SOA

ନ କରନ୍ତି ! କାର୍ଯ୍ୟ ଉପଲକ୍ଷେ ଅତନୁ ବାବୁ ଥାନ୍ତି ବିଦେଶରେ । ଦେହଟା ତାଙ୍କର ବିଦେଶରେ ଥାଏ ସିନା କିନ୍ତୁ ମନଟି ବରାବର ଲେଗି ରହିଥାଏ ତାଙ୍କର ସେଇ କଟକ ସହରର ଘରଟି ଭିତରେ, ଯେଉଁଠି ଥାନ୍ତି ତାଙ୍କର ଆଦରର ପିଲାପିଲି ପରିବାର ସମସ୍ତେ । ଅକାଳେ ସକାଳେ ପିଲାପିଲିଙ୍କ ଦେହପା ସମ୍ବାଦ ପାଇଲେ ଅତନୁ ବାବୁ ଘଣ୍ଟାକ ଭିତରେ ଆସି ପହଞ୍ଚଯାନ୍ତି ତାଙ୍କର ସେଇ କ୍ଷୁଦ୍ର ବସାଟିରେ । କାହାଯୋଗୁଁ ଏହା ସମ୍ଭବ ହୁଏ ? ଏଇ ତାଙ୍କର ଗାଡ଼ି ଟି ନୁହେଁ ? ଖାଲି ସେତିକି ନୁହେଁ । ମୁଣ୍ଡଫଟା ଖରାରେ ଯେତେବେଳେ ଆଖି କାନ ଝାଇଁ ମାରି ଯାଉଥାଏ ସେତେବେଳେ ଅତନୁବାବୁ ଗସ୍ତ କଲାବେଳେ ବେଶ୍ ଆରାମରେ ଏଇ ଗାଡ଼ିଟି ଭିତରେ ଢଳାଇ ପଡ଼ଯାନ୍ତି । କେତେ ଶୀତ କାକରରେ ଯେତେ-ବେଳେ ଦେହ କୋଲ୍ଲିମାରି ଯାଉଥାଏ ସେତେବେଳେ ବି ଅତନୁ ବାବୁ ଏଇ ଗାଡ଼ିଟି ଭିତରେ କାଚ ଠେକି ଦେଇ କେଡ଼େ ଆରାମରେ ଗସ୍ତ କରନ୍ତି । ଝୁ ଝୁ ବର୍ଷା ଢାଳୁଥାଏ । ତାରି ଭିତରେ ଗାଡ଼ିଟି ଧାଇଁଥାଏ ଅବିରାମ ଗତିରେ, ଅତନୁ ବାବୁଙ୍କୁ ବେଶ୍ ଆରାମରେ ଆପଣା କୋଳ ଭିତରେ ବସାଇ । କୋରାପୁଟର ଘାଟିରାସ୍ତା ଉପରେ ମଧ ବିନା କ୍ଲେଶରେ ଏଇ ଗାଡ଼ିଟି ଅତନୁ ବାବୁଙ୍କୁ ନେଇ ଯାଇଛି । ସେଥିପାଇଁ ଏଇ ଗାଡ଼ିଟି ଉପରେ ଅତନୁ ବାବୁଙ୍କର ବଡ଼ ମମତା ଲାଗିଯାଉଛି । ସେଥିପାଇଁ ଯେତେ ପଇସା ଖର୍ଚ୍ଚ ହେଲେ ସୁଦ୍ଧା ଅତନୁ ବାବୁ ଗାଡ଼ିଟି ଛାଡ଼ପାରି ନାହାନ୍ତି ଯଦିଓ ସେଥିପାଇଁ ସେ ସର୍ବସ୍ୱାନ୍ତ ହୋଇ ପଡ଼ଛନ୍ତି । କିନ୍ତୁ ଏକଥା କଣ ଜନତା ବୁଝେ ? ଜନତା ଆଖିରେ ସେ ବଡ଼ଲୋକ ।

ହଁ ବଡ଼ଲୋକ ନୁହେଁ ତ କ'ଣ ? ଅତନୁ ବାବୁଙ୍କର ଗୋଲ୍‌ଗାଲ୍ ଚେହେରାଟି ଦେଖିଲେ କିଏ କହିବ ସେ ବଡ଼ଲୋକ

Digitized by PPRACHIN, SOA

ନୁହନ୍ତି ? ବହୁଦିନ ତଳର କଥା ଏବେ ବି ଅତନୁବାବୁଙ୍କର ମନେ ପଡ଼ିଲେ ଅଜାଣତରେ ତାଙ୍କ ମୁହଁରୁ ମୁରୁକି ହସ ଉକୁଟି ଉଠେ । ସେତେବେଳେ ତାଙ୍କର ବୟସ ଥିଲା ଅଳ୍ପ । ତାଙ୍କର ପୂରିଲା ପୂରିଲା ଗାଲ ଉପରେ ରଜାପିଲାଙ୍କ ପରି ସେ ତାଙ୍କ କଲିଠାକୁ ବଢ଼ାଇ ଦେଇ ଗାଲମୁଛ ରଖିଥିଲେ । ଦିନେ ଜଣେ ପ୍ରସିଦ୍ଧ ଲୋକ ତାଙ୍କୁ ରେଳଷ୍ଟେସନରେ ଦେଖି କୌଣସି ଗଡ଼ଜାତ ରଜାପୁଅ ବୋଲି ଭୁଲରେ ଖାଲି—କହି ପକାଇଥିଲେ ଗୁମୁଁ କେଉଁଠାକୁ ବିଜେ କରୁଛନ୍ତି କି ? ଅତନୁ ବାବୁ ସଙ୍କୁଚିତ ହୋଇ କହିଥିଲେ— ଆଜ୍ଞା ନମସ୍କାର, ଆପଣ ବୋଧହୁଏ ଭୁଲ କରିଛନ୍ତି । ମୁଁ ତ କୌଣସି ରାଜରାଜୁଡ଼ା ନୁହେଁ, ନିହାତି ସାଧାରଣ ଲୋକଟିଏ— ମୋତେ 'ଗୁମୁଁ' ବୋଲି ସମ୍ବୋଧନ କରୁଛନ୍ତି କାହିଁକି ? ଏପରି ସ୍ଥଳେ ଅତନୁ ବାବୁଙ୍କ ଚେହେରା ଆଉ ତାଙ୍କ ମୋଟର ଗାଡ଼ି ଦେଖି ଯଦି କେହି ତାଙ୍କୁ ବଡ଼ଲୋକ ବୋଲି ଠଉରାଇ ନିଏ ତେବେ ଲୋକଙ୍କର ଦୋଷ କଣ ? କିନ୍ତୁ ଅତନୁ ବାବୁଙ୍କ ଆୟକୁ ବ୍ୟୟ ଯେ ବଳିପଡ଼େ ଏ କଥା ଲୋକେ ବୁଝିବେ କେମିତି ?

କଟକ ସହରରେ ଦଶହରା । ପ୍ରତି ସାହିରେ ବି ତିନିଟା କରି ମେଢ଼ । କେଉଁଠି ଦୁର୍ଗା ଠାକୁରାଣୀ ତ କେଉଁଠି ମହାଦେବ । କେଉଁଠି ବା କାଳୀୟଦଳନ ବା କେଉଁଠି ସମ୍ବରାସୁର ଯୁଦ୍ଧ । କଟକ କାରିଗରୀ କୌଶଳ ଏଇଠି ଫୁଟି ଉଠେ ବର୍ଷକର ଏଇ ତିନିଟା ଦିନ ଭିତରେ । ସେଥିପାଇଁ ପ୍ରାୟ ମାସକ ଆଗରୁ ଚାନ୍ଦା ଉଠାର ଧୂମ୍ ଲାଗେ । ଅତନୁ ବାବୁ ଯେଉଁ ପଡ଼ାରେ ଥାନ୍ତି ସେଇ ପଡ଼ାର ଚାନ୍ଦା ଉଠାଳିଦଳ ଦିନେ ସଞ୍ଜବେଳେ ଆସି ଅତନୁବାବୁଙ୍କ ଦୁଆରେ ହାଜର । ଚାନ୍ଦା ଦିଅ । ସାହି ବାଲାଙ୍କୁ ଚାନ୍ଦା ନ ଦେଲେ ନ ହୁଏ । କାରଣ ଏଇ ସାହିବାଲାଙ୍କୁ ସନ୍ତୁଷ୍ଟ ନ ରଖିଲେ ବିପଦର ସମ୍ଭାବନା

Digitized by PPRACHIN, SOA

ନିଶ୍ଚିତ । ସେଥିପାଇଁ ଅନନ୍ତ ବାବୁଙ୍କ ଗୃହିଣୀ ପୂର୍ବ ବର୍ଷ ପରି ଟଙ୍କାଟିଏ ଚାନ୍ଦା ପଠାଇଦେଲେ ଗ୍ରେଟ୍ ପୁଅଟି ହାତରେ । ଚାନ୍ଦା ଉଠାଳିଦଳ କହିଲେ—ନା ଏତିକି ହେବ ନାହିଁ । ଏ ବର୍ଷ ବଜାର ଦର ବଢ଼ି ଯାଇଛି—ସୁତରାଂ ମେଢ଼ ଖର୍ଚ୍ଚ ବ ବଢ଼ି ଯାଇଛି । ସେଥିପାଇଁ ପୂଜା କମିଟିରେ ସ୍ଥିର ହୋଇଛି ଯେ ଏ ବର୍ଷ ବେଶୀ ବେଶୀ ଚାନ୍ଦା ଉଠିବ । କିନ୍ତୁ ଗୃହିଣୀ ଶରତଚନ୍ଦ୍ରଙ୍କ ପନ୍ଥାକୁ ବ୍ୟତିକ୍ରମ କରିବାକୁ ନାରାଜ । କାରଣ ତାଙ୍କର ବଜେଟ୍ ଯେ ଧରାବନ୍ଧା । ତାଙ୍କ ହାତକୁ ଟଙ୍କା ଆସେ ସତ କିନ୍ତୁ ଆସିଲା ମାତ୍ରେ ପୁଣି ବାଟ ଖୋଜେ କପରି ଚାଲିଯିବ । ଏପରି ସ୍ଥଳେ ସେ ବେଶୀ ଚାନ୍ଦା ବା ଦେଇ ପାରିବେ କାହୁଁ ? ଏମିତି ଟଣା ଓଟରା ଚାଲିଥିବାବେଳେ ଅନନ୍ତ ବାବୁ ଆସି ପହଞ୍ଚିଲେ । ଚାନ୍ଦା ଉଠାଳିଦଳ ତାଙ୍କୁ ଘେରିଯାଇ କହିଲେ, "ଆଜ୍ଞା ଆପଣ ବଡ଼ଲୋକ, ଆପଣ ଯଦି ଟଙ୍କା ଦଶଟା ଚାନ୍ଦା ନ ଦେବେ ତ ଆଉ ଦେବ କିଏ ? ଅନନ୍ତବାବୁ ବହୁ ଚେଷ୍ଟାକରି ଆପଣାର ଅଭାବ ଅସୁବିଧା କଥା ବୁଝାଇବାକୁ ଲାଗିଲେ । କିନ୍ତୁ ଚାନ୍ଦା ଉଠାଳିଦଳ ନଛୋଡ଼ବନ୍ଧା । "ଆଜ୍ଞା ଆପଣ ବଡ଼ଲୋକ ଆପଣଙ୍କର ମୋଟର ଗାଡ଼ି ଅଛି । ଆପଣମାନେ ଯଦି ଚାନ୍ଦା ନ ଦେବେ ତ ହେବ କେମିତି ?" ଶେଷରେ ଅନନ୍ତବାବୁ ପାଞ୍ଚୋଟି ଟଙ୍କା ଦେଇ ଚାନ୍ଦା ଉଠାଳିଦଳଙ୍କୁ ବିଦାୟ ଦେଲେ । ତାପରେ ଘରେ ନ ପଶୁଣୁ ବାହାରୁ ଡାକ ଶୁଭିଲା—ଆଜ୍ଞା ଚାନ୍ଦା ? ପୁଣି କି ଚାନ୍ଦା । ଗୃହିଣୀ କହିଲେ—ଠାକୁରାଣୀ ବାଲି ସିନା ନେଲେ ଏମାନେ ଆସିଛନ୍ତି ମହାଦେବ ମେଢ଼ବାଲା । ପୁଣି ସେଇ ଓଣାଓଟରା । ସେଇ ଯୁକ୍ତି ଆପଣ ବଡ଼ଲୋକ । ଆପଣ ବେଶୀ ଚାନ୍ଦା ନ ଦେବେ ତ ହେବ କେମିତି ? ଅନନ୍ତବାବୁ ପୁଣି ବାଧ୍ୟ ହୋଇ ପାଞ୍ଚୋଟି ଟଙ୍କା ଚାନ୍ଦା ଦେଲେ ।

Digitized by PPRACHIN, SOA

ତାପରେ ଗୁହାରି କହିଲେ ଗାଁରୁ ଚିଠି ପାଇଛନ୍ତି । ଅତନୁବାବୁ ସିନା ବିଦେଶରେ ଚାକିରି କରି ଆଜୀବନ କଟାଇ ଦେଲେଣି କିନ୍ତୁ ଗାଁ ଟା ସହିତ ତ ସମ୍ପର୍କ ତୁଟି ନାହିଁ । କାରଣ ସେଇଟା ଯେ ତାଙ୍କର ଜନ୍ମମାଟି । ଗାଁରୁ ଚିଠି ଆସିଛି । ଏବର୍ଷ ଗାଁରେ ଦୁର୍ଭିକ୍ଷ । ଲୋକେ ଖାଇବାକୁ ପାଉ ନାହାନ୍ତି । ତଥାପି ପୂର୍ବ ପ୍ରଥାନୁସାରେ ଗାଁରେ ତ ଦୁର୍ଗା ପୂଜା ହେବ । ସେଥିପାଇଁ ଗାଁ ଲୋକଙ୍କର ଅନୁରୋଧ କିଛି ଚାନ୍ଦା ପଠାଇ ଦେବାକୁ ହେବ । ବିଶେଷତଃ ତାଙ୍କ ପରି ବଡ଼ଲୋକ ଚାନ୍ଦା ନ ଦେବେ ତ ଗାଁର ଯାନି ଯାତ୍ରା ପୂଜାପାର୍ବଣ ଚଳିବ କେମିତି ? ପୁଣି ସେଇ ଯୁକ୍ତି — ଅତନୁବାବୁ ବଡ଼ଲୋକ ସୁତରାଂ ଗାଁର ଯାନିଯାତ୍ରା ପାଇଁ ଚାନ୍ଦା ନ ଦେଲେ ନ ହୁଏ । ଚିଠିଟା ପଢ଼ିଲା ମାତ୍ରେ ଅତନୁବାବୁଙ୍କ ମନେ ପଡ଼ିଲା ଦି'ବର୍ଷ ତଳେ ସେ ଥରେ ଗାଁକୁ ଯାଇଥିଲେ । ଗାଁର ଜଣେ ବୁଢାଲୋକ ଆସି ତାଙ୍କୁ କେତେ ଦରମା ପାଉଛ ବୋଲି ପଚାରିଲା । ଅତନୁବାବୁ ଯେତେବେଳେ ତାଙ୍କ ଦରମା କଥା କହିଲେ ବୁଢ଼ାଟି ଆଙ୍ଗୁଳି ଅଗରେ କଣ ଗଣିପକାଇ କହିଲା, "ଆଜ୍ଞା ତା ହେଲେ ତ ଆପଣ ଲକ୍ଷେ ଖଣ୍ଡେ ଟଙ୍କା ଜମା ରଖିବେଣି ? ବୁଢ଼ାଟି କଥା ଶୁଣି ଅତନୁବାବୁ ହସି ହସି ବେଦମ୍ ହୋଇଥିଲେ । କାରଣ ବୁଢ଼ାଟି ତା ଗାଁର ଲୋକେ ଯେତିକି ଖର୍ଚ୍ଚରେ ଚଳୁଛନ୍ତି ସେଇ ମାନଦଣ୍ଡରେ ହିସାବ କରି ପକାଇ କହିଥିଲା ଯେ ଅତନୁବାବୁ ଲକ୍ଷପତି । ବୁଢ଼ାଙ୍କର ଗାଣିତିକ ହିସାବ ନିଶ୍ଚୟ ଠିକ୍ ।

ତା'ପର ଦିନ ସକାଳେ ଅତନୁବାବୁ ପୁଣି ତାଙ୍କ କର୍ମସ୍ଥଳକୁ ଫେରିଗଲେ । ନୂଆ ସହର ସେଟା । ସେଠାରେ ଖାଲି ରହିଛନ୍ତି ସରକାରୀ ଚାକିରିଆମାନେ । ଉପରୁ ତଳ ପର୍ଯ୍ୟନ୍ତ କେତେ ପାହାଚର କର୍ମଚାରୀ । ଚପରାସିଠାରୁ ଆରମ୍ଭ କରି ଆଇ. ଏ. ଏସ୍.

Digitized by PPRACHIN, SOA

ସେକ୍ରେଟାରି ପର୍ଯ୍ୟନ୍ତ । ନୂଆ ରାଜଧାନୀରେ ନୂଆକରି ପୂଜା-ପାର୍ବଣର ସୃଷ୍ଟି କରାଯାଉଛି—ଚାନ୍ଦା ଉଠୁଛି । ବିଭିନ୍ନ ଦଳ ଚାନ୍ଦା ଉଠାଇବାକୁ ବାହାରିଛନ୍ତି । ପ୍ରଥମେ ଆସିଲେ କିରାଣୀଦଳ । ତାଙ୍କ ଆଖିରେ ଅତନୁବାବୁ ବଡ଼ଲୋକ । କାରଣ ସେ ଯେଉଁ ଘରେ ରହିଛନ୍ତି ସେଇ ଘରଟା ବଡ଼ ସାହେବଙ୍କର ରହିବା ଘର । ସୁତରାଂ ସେଇ ଘର ଅନୁପାତରେ ସେ ଅତନୁବାବୁଙ୍କଠାରୁ ଚାନ୍ଦା ଉଠାଇବାକୁ ଚାହାନ୍ତି । ଅତନୁବାବୁ ବହୁ ଯୁକ୍ତିତର୍କ କରି କହିଲେ ତାଙ୍କ ପରିବାର କଟକରେ ରହୁଛନ୍ତି । ସେ ସେଠାରେ ଚାନ୍ଦାଦେଇ ଆସିଛନ୍ତି କିନ୍ତୁ ତାଙ୍କ କଥା କିଏ ଶୁଣେ ? ଯୁକ୍ତି ଚାଲିଲା—ଆପଣ ତ ବଡ଼ଲୋକ, ସେଥିପାଇଁ କଟକରେ ଘର କରିଛନ୍ତି, ପରିବାର ରଖିଛନ୍ତି । ତା ବୋଲି କଣ ଆମ ନୂଆ ସହରରେ ଚାନ୍ଦା ଦେବେ ନାହିଁ ? ହାୟରେ କପାଳ । ଅତନୁବାବୁ କଟକରେ ଯେଉଁ ଘରଟାରେ ରହୁଛନ୍ତି ସେଟା ତାଙ୍କ ନିଜଘର ନୁହେଁ ଭଡ଼ାଘର ଆଉ ବାଧ ହୋଇ ପିଲାପିଲାଙ୍କ ପାଠ ପଢ଼ା ଲାଗି ସେ ଦୁଇଟା ଘର ଭଡ଼ା ନେଇ ବହୁତ ହଇରାନ୍ତ ହୋଇ ସର୍ବସ୍ୱାନ୍ତ ହେଉଛନ୍ତି, ସେକଥା କେହି ବୁଝିଲେ ନାହିଁ । ଯେଉଁ କିରାଣୀଦଳ ଚାନ୍ଦା ଉଠାଇବା ପାଇଁ ଆସିଥିଲେ ସେମାନେ ଅତନୁବାବୁଙ୍କ ଠାରୁ ବହୁଗୁଣରେ କମ୍ ଦରମା ପାଉଥିଲେ ମଧ୍ୟ ପ୍ରାୟ ଅନେକ କଟକରେ ଘର ତିଆରି କରି ସାରିଛନ୍ତି । ଏପରି ସ୍ଥଳେ ଏତେ ଦରମା ପାଇ ଯେ ଅତନୁବାବୁ ଭଡ଼ା ଘରଟାରେ ପିଲାପିଲାଙ୍କୁ ରଖିଛନ୍ତି ଏକଥା ମାନିବାକୁ ନାରାଜ ସେମାନେ । ଚାନ୍ଦା ନେବେ । ପୁଣି ଅତନବାବୁ ବଡ଼ଲୋକ ତାଙ୍କ ଅନୁପାତରେ ଚାନ୍ଦା ନେବେ ।

କିରାଣୀଦଳ ଗଲାପରେ ଆସିଲେ ଚପ୍ରାସିଦଳ । ତାଙ୍କର ମହାଦେବ ମେଢ଼ । ନୂଆକରି କରୁଛନ୍ତି—ଆଜ୍ଞା ଚାନ୍ଦା । ଅଳ୍ପ ସଳ୍ପ

Digitized by PPRACHIN, SOA

ନୁହେଁ । ଆପଣ ତ ବଡ଼ଲୋକ, ଆପଣଙ୍କ ଅନୁରୂପ ଗୃହ ଦେବା ଦରକାର । ଚପ୍ରାସିଦଳର ଅଗ୍ରଣୀ ହୋଇଛନ୍ତି ଟ୍ରେଜେରି ପିଅନ ଯେ ଅତନୁବାବୁଙ୍କ ଦରମା ଓ ଗସ୍ତ ଖର୍ଚ୍ଚା ଇତ୍ୟାଦି ଟ୍ରେଜେରିରୁ ଆଣିଦିଏ । ଅତନୁବାବୁ ଯେତେବେଳେ କହିଲେ ଯେ ଟଙ୍କାକରୁ ବେଶୀ ଦେଇ ପାରିବେ ନାହିଁ ସେତେବେଳେ ଟ୍ରେଜେରି ପିଅନ କହିଲା, "ଆଜ୍ଞା ଦି ଦିନ ତଳେ ତ ଆପଣଙ୍କର ଗସ୍ତଖର୍ଚ୍ଚା ବିଲ୍ ତିନଶହ ଟଙ୍କା ଭଙ୍ଗାଇ ଆଣିଛି । ଦରମାରୁ ନ ଦେଲେ ନାହିଁ, ସେଇଥିରୁ କିଛି ଦିଅନ୍ତୁ ।" ହାୟରେ କପାଳ । ଟ୍ରେଜେରି ପିଅନ୍ ଦିନା ଟ୍ରେଜେରିରୁ ଗସ୍ତଖର୍ଚ୍ଚା ଆଣିଲା କିନ୍ତୁ ପେଟ୍ରୋଲବାଲାର ଯେ ଯେ ଚାରିଶହ ଟଙ୍କା ପେଟ୍ରୋଲ ବିଲ୍ ବାକି ଅଛି । ମୋଟର ମରାମତି କାରଖାନାର ଯେ ତିନିଶହଟଙ୍କା ବାକି, ମୋଟର ପାର୍ଟ ବିକ୍ରେତା କଲବାଲରଙ୍କର ଯେ ଦୁଇଶହ ବାକି ସେତକ ଦେଉଁ ଦେଉଁ ବାବୁଙ୍କର ଗସ୍ତଖର୍ଚ୍ଚା ସବୁ ଯାଇ ଥାହୁର ଯେ ଦରମାରୁ କେତେଟଙ୍କା ଯାଉଛି ମୋଟରଗାଡ଼ି ପିଛା; ଏକଥା ସେମାନେ ଜାଣିବେ କାହୁଁ ? ଅତନୁବାବୁ ବଡ଼ଲୋକ । ନିଶ୍ଚୟ ବଡ଼ଲୋକ । କାହିଁକି ନା ତାଙ୍କର ମୋଟରଗାଡ଼ି ଅଛି, ପୁଣି ଏମିତି ସେମିତି ଗ୍ଲେଟିଆ ମୋଟିଆ ଗାଡ଼ି ନୁହେ ଏକବାରେ ଟେଭ୍ରୋଲେଟ୍ ଗାଡ଼ି । ବଡ଼ ଗାଡ଼ି କିନ୍ତୁ ତା ପିଛେ ଯେ କେତେ ଖର୍ଚ୍ଚ ତା ତ କେହି ବୁଝନ୍ତି ନାହିଁ ? ପୁଣି ବଡ଼ ଟାଇପ୍ ଘରେ ରହନ୍ତି । କିନ୍ତୁ ସେଇ ବଡ଼ ଟାଇପ୍ ଘର ପାଇଁ ଯେ ତାଙ୍କ ଦରମାର ଦଶଭାଗରୁ ଭାଗେ କଟିଯାଏ, ସେ କଥା ତ କେହି ବୁଝନ୍ତି ନାହିଁ ? ଚପ୍ରାସିଦଳ ତାଙ୍କ ଦରମା ଅନୁସାରେ ହିସାବ କରି ବସନ୍ତି । ସେ ତ ସେତକରେ ଚଳୁଛନ୍ତି । ନ ହେଲା ବାବୁ ବଡ଼ଲୋକ ବୋଲି ତାଙ୍କ ଖର୍ଚ୍ଚ ଦୁଇଗୁଣ ହେଉ, ତିନିଗୁଣ ହେଉ ।

Digitized by PPRACHIN, SOA

ବାକୀ ଟଙ୍କାତକ କଣ କରୁଥିବେ ? ସବୁ ନଷ୍ଟପ୍ତ ଜମାକରି ରଖିଥିବେ । କିନ୍ତୁ ବାବୁଙ୍କର ଯେ ଆୟୁ ତାଙ୍କୁ ବ୍ୟୟ ସାର୍ ଏକଥା ଅନ୍ୟ କିଏ ଜାଣିବ କାହୁଁ ?

ଅଚ୍ଚନୁବାବୁ ବଡ଼ଲୋକ । ହଁ, ବଡ଼ଲୋକ ସତ କିନ୍ତୁ ଠିକ୍ ଗୋଟାଏ ମୋଟା ବାଉଁଶ ପରି ଉପରଟା ଯେତେବେଳେ ମାଟା ଭିତରଟା ସେତିକି ପୋଲ୍ ଏକଥା ଦୁନିଆ ବୁଝିବା ପାଇଁ ନାରାଜ । ପ୍ରତି ପହିଲରେ ଅଚ୍ଚନୁବାବୁ ଯାହାପାଆନ୍ତି ପନ୍ଦର ତାରିଖ ପୂର୍ବରୁ ସବୁ ସରିଯାଏ । ତେଣିକି ଗୁଲେ ଖାଲି ବଡ଼ଲୋକ ଖାତିରରେ ଧାର୍ । ପୁଣି ପହିଲା ପରେ ଆସେ ବିଲ୍ ଗୋଟାକୁ ଗୋଟା । ବିଲ୍ ସୁଝୁ ସୁଝୁ ସବୁ ଫାଙ୍କ୍ । ଉପରକୁ ଖାଲି ମୋଟା ବାଉଁଶଟାଏ ସିନା କିନ୍ତୁ ଭିତରଟା ଏକବାରେ ଫାଙ୍କ୍, ଶୂନ୍ ।

ମଣିଷ

ଚଇତର କଅଁଳ ପାହାନ୍ତ । ବାଡ଼ ଅଗଣାର ମଲ୍ଲି ବୁଦାଟିରେ ଅସଂଖ୍ୟ ଫୁଲ ଫୁଟି ଲଦି ହୋଇ ପଡ଼ିଛି । ଆଉ ତା'ର ସୁବାସ ଝଲକେ ଝଲକେ ଦକ୍ଷିଣା ପବନ ଖୋଲା ଝରକା ଭିତର ଦେଇ ବୋହିଆଣି ସୁରେଶର ଶେଯ ଉପରେ ଅଜାଡ଼ି ଦେଉଛି । ସୁରେଶ ଶୋଇଛି ବେଶ୍ ଆରାମରେ, ଅବଶ୍ୟ ନିଦ ତାର ଟିକିଏ—ହାଲୁକା ହୋଇ ଆସିଲାଣି । କିନ୍ତୁ ସମ୍ପୂର୍ଣ୍ଣ ଭାଙ୍ଗିଯାଇ ନାହିଁ । ତନ୍ଦ୍ରାର ଆବେଶରେ ସୁରେଶର ଆଖି ଯୋଡ଼ିକ ମୁଦି ଯାଉଛି, ଆଉ ମନ ତାର ଉଡ଼ି ବୁଲୁଛି କେଉଁ ଅଖାନ୍ଦ୍ରୟ ରାଇଜରେ, ସପନର କୁହୁକ କାଠି ସ୍ପର୍ଶରେ ।

ହଠାତ୍ ପଚ୍ଛପଟ ରୋମାନ୍‌କାଥଲିକ ଗୀର୍ଜାଟାର ବିଶାଳ ଘଣ୍ଟାଟା ଢଂ ଢଂ ଢଂ କରି ବାଜି ଉଠିଲା । ତା ପଛକୁ ଲାଗି ଲାଗି ମସ୍‌ଜିଦ୍‌ଟାର ମଞ୍ଚା ଉପରୁ ଦାଢ଼ିଆ ମୋଲ୍ଲା ଅତି ବଡ଼ ପାଟିରେ ଚିତ୍କାର କରି ଉଠିଲା—"ଆଲ୍ଲା ହୋ ଆକବର" । ଖାଲି ସେତିକି ନୁହେଁ—ଦକ୍ଷିଣ ଦିଗରେ ଥିବା ରସିକ ରାୟଙ୍କ ମନ୍ଦିରରେ ପ୍ରଭାତୀ କୀର୍ତ୍ତନ ଉଚ୍ଛୁଳି ପଡ଼ିଲା । ତା ସଙ୍ଗେ ସଙ୍ଗେ ପଡ଼ୋଶୀ ଘର ବୁଢ଼ା ରାମ ରଥେ ଦାଣ୍ଡ ପିଣ୍ଡାରେ ବସି 'ହରେ ମୁରାରେ ମଧୁକୈଟଭାରେ, ଗୋବିନ୍ଦ ଗୋପାଳ ମୁକୁନ୍ଦ ସୌରେ' ପ୍ରଭୃତି ପ୍ରଭାତୀ ସ୍ତୁତି ଖୁବ୍ ଜୋର ଗଳାରେ ଗାଇ ଉଠିଲେ । ବାଡ଼ପଟ ଘାଡ଼ ଉପରୁ

Digitized by PPRACHIN, SOA

ସେଭ଼ସ ଆଇଲଣ୍ଡ ଗଞ୍ଜାଟା ଚତ୍କାର କରି ଉଠିଲା 'ରଖ୍‌ଖ ଟୋ ଚକ୍‌କ ।'

ସୁରେଖାର ନିଦଟା ଭୁଜ଼ିଁକନା ଭାଙ୍ଗିଗଲା । ମନରେ ଗୋଟିଏ ବିରକ୍ତି ଭାବ ମଧ୍ୟ ଜାଗି ଉଠିଲା । ତାର ମନେହେଲା ସତେ ଯେପରି ଦୁନିଆଟା ସାରା ତାର ଏ ସୁଖ ନିଦ୍ରା ଭାଙ୍ଗି ଦେବାପାଇଁ ଗୋଟାଏ ମେଣ୍ଟ ବାନ୍ଧିଛନ୍ତି ।

ଠିକ୍ ଏତିକବେଳେ ଭୋର ଗାଡ଼ିକୁ ନେଇଯିବା ପାଇଁ କଣ୍ଟ ଦେଇଥିବା ରିକ୍‌ସାବାଲାଟା ଆସି ପଡ଼ୋଶୀ ଘରେ ଚିତ୍କାର କରି ଉଠିଲା—ବାବୁ ଉଠ, ଯିବ ପରା । ବେଳ ହୋଇଗଲା ଯେ । ଡାଣ୍ଡି ଆଗ ସଡ଼କରେ ଟାଉନବସ୍‌ଟା ମଧ୍ୟ ପେଁ ପେଁ ପେଁ ହର୍ଣ୍ଣ ବଜାଇ ଧାଇଁଗଲା । ସୁରେଖା ଆଉ ଶାନ୍ତିରେ ଶୋଇ ପାରିଲା ନାହିଁ । ମୁଣ୍ଡି ଟେକି ବାହାରକୁ ଚାହିଁଲା—ଏବେ ସୁଦ୍ଧା ଅନ୍ଧାର ସମ୍ପୂର୍ଣ୍ଣରୂପେ କଟି ଯାଇନାହିଁ । ରାସ୍ତାଘାଟ ଭଲ ଦିଶୁ ନାହିଁ । ଆକାଶରେ କୁଆଁ ତାରାଟି କେବଳ ଜକ୍‌ଜକ୍ ଜଳୁଛି । ଦାଣ୍ଡ ଆଗରେ ଠିଆ ହୋଇଥିବା ବୁଢ଼ା ଶିମିଳି ଗଛଟାରେ ଚଢ଼ିଇ କେତେଟା ଚେଁ ଚୁଁ କରିର ମଟର ଲଗାଇଛନ୍ତି । ରଥ ବୁଢ଼ା ଇତିମଧ୍ୟରେ ନିତ୍ୟକର୍ମ ସାରି ଦେଇ ଦାଣ୍ଡ ପିଣ୍ଡାରେ ବସି ଗଗନଭେଦୀ ସ୍ୱରରେ ଗୁଡ଼ ଦେଲେଣି ଶରୀରଭେଦ ଭଜନ—'କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟରେ, କି ହେବ ଯିବୁ ତୋର ଛୁଟିଲେ ଘଟ ରେ, ଖଟ ପଲଙ୍କେ ମନ ଶେଯାଇ ଶୋଉ, ଖଳ ଦୁର୍ଗନ୍ଧ ହେବ ଏ ତୋର ଦେହୁରେ—'

ରଥ ବୁଢ଼ାଙ୍କର ଏ ବୈରାଗ୍ୟବ୍ୟଞ୍ଜକ ଗୀତ ଶୁଣି ସୁରେଖାର ଶରୀର ଘୃଣାରେ ରୋମାଞ୍ଚିତ ହୋଇ ଉଠିଲା । ଯୌବନର ତଟ ଦେଶରେ ମାତ୍ର ପାଦ ଦେଇଛି ସେ । ଆଗରେ ରଙ୍ଗୀନ୍ ଜୀବନର ମଧୁର ସ୍ୱପ୍ନ । ଏତେବେଳେ କି ଏସବୁ ବୈରାଗ୍ୟବ୍ୟଞ୍ଜକ କବିତା

Digitized by PPRACHIN, SOA

ଭଲ ଲାଗେ ? ସୁରଖି ମନେ ମନେ ବୁଢ଼ା ଉପରେ ଖୁବ୍ ରାଗିଗଲା । ମନକୁ ମନ କହି ପକାଇଲା - ବାସ୍ତବିକ୍ କେଡ଼େ ସ୍ୱାର୍ଥପର ଏମାନେ । ନିଜର ଆତ୍ମ-ପ୍ରସାଦ ପାଇଁ ବା ପରମାର୍ଥ ଲାଭ ଆଶାରେ ଏପରି ଉତ୍କଟ ଉପଦ୍ରବର ସୃଷ୍ଟି କରୁଛନ୍ତି ଅଥଚ ତଦ୍ଦ୍ୱାରା ପ୍ରତି-ବେଶୀର ଯେ କି ଅସୁବିଧା ହେଉଛି ତାହା ଟିକିଏ ହେଲେ ଏମାନେ ଭାବୁନାହାନ୍ତି ।

ସୁରଖିର ଏ ସ୍ୱଗତୋକ୍ତି ଶୁଣି ପାଖ ଖଟରେ ଶୋଇଥିବା ସୁରଖିର ସ୍ୱାମୀ ସୁରେଶ ପଚାରିଲେ—ସୁରଖି, ଏତେ ଶୀଘ୍ର ଉଠି ପଡ଼ିଲ ଯେ ? ଦେଖୁନାହଁ ରାତ୍ରାଦ୍ଧାଟ ଏ ପର୍ଯ୍ୟନ୍ତ ସଫା ହୋଇ ହଶିନାହିଁ—କୁଆଁ ତାରା ଲୁଚି ନାହିଁ । ସୁରଭୀ ବିରକ୍ତିଭରା ସ୍ୱରରେ କହିଲା—ଏମାନେ କ'ଣ ମଣିଷକୁ ଟିକିଏ ଶାନ୍ତିରେ ଶୁଆଇ ଦେଉଛନ୍ତି ।

ସୁରଖି ଗୀର୍ଜା, ମସଜିଦ୍ ଓ ମନ୍ଦିରରେ ହେଉଥିବା ଲୋକ-ଦେଖାଣିଆ କଥା କହିଲା । ସୁରେଶ ସହାନୁଭୂତିସୂଚକ ଗଳାରେ କହିଲେ— ହଁ, ଠିକ୍ କହିଲ ସୁରଖି । ଯେ ପର୍ଯ୍ୟନ୍ତ ମନୁଷ୍ୟସମାଜ ଏ ସବୁ ଆତ୍ମପ୍ରତାରଣାରୁ ମୁକ୍ତି ନ ପାଇଛି ଓ ଯେ ପର୍ଯ୍ୟନ୍ତ ମନୁଷ୍ୟ ପ୍ରତି ମନୁଷ୍ୟର କର୍ତ୍ତବ୍ୟ ବୁଝି ନ ପାରିଛି ସେ ପର୍ଯ୍ୟନ୍ତ ଜଗତରେ ସୁଖ ଶାନ୍ତି ଆସି ପାରିବ ନାହିଁ । ହେଇ ଦେଖୁନା; ମନ୍ଦିର କହ, ମସ୍‌ଜିଦ କହ ବା ଗୀର୍ଜା କହ ଏ ସବୁ ତ ସେଇ ଏକ ପରମାତ୍ମା ବା ପରମେଶ୍ୱର ବା ବିଶ୍ୱସ୍ରଷ୍ଟାଙ୍କ ଆରାଧନା ପାଇଁ ସୃଷ୍ଟ । ସମଗ୍ର ମାନବ ସମାଜ ତ ସେଇ ପରମପିତାଙ୍କର ସନ୍ତାନ । ଏ ଭାବ ଯଦି ମନୁଷ୍ୟ ମନରେ ଜାଗି ଉଠନ୍ତା ତେବେ ପୃଥିବୀ ସିନା ସ୍ୱର୍ଗରେ ପରିଣତ ହୋଇ ପାରନ୍ତା, କିନ୍ତୁ ଦୁନିଆରେ ଦେଖୁଛି କିଏ ? ହେଇ କାଲି ସକାଳେ ପାକିସ୍ଥାନରୁ ପଳାଇ ଆସିଥିବା ସେଇ

Digitized by PPRACHIN, SOA

ବୁଢ଼ୀଟିକୁ ଦେଖିଲ ତ ? କଣ ପାଇଁ ଆଜ ସେ ସର୍ବହରା ହୋଇ ଭିକ ମାଗି ବୁଲୁଛି ? ମାନବର ଏହି ଧର୍ମାନ୍ଧତାଯୋଗୁ ନୁହେଁ କି ? ସେଇ ଧର୍ମାନ୍ଧତାର ମୂଳରେ ମାନବର ସଂକୀର୍ଣ୍ଣ ସ୍ୱାର୍ଥପରତା ମୂଳ ନାହିଁ କି ?

ସୁରଖି ଦୀର୍ଘଶ୍ୱାସ ପକାଇ କହିଲା—ହଁ ଠିକ୍ କହିଲ । ଆମ ଦେଶର ମନୁଷ୍ୟ ଯଦି ମନୁଷ୍ୟ ଭାବରେ ବଞ୍ଚିରହି ମନୁଷ୍ୟୋଚିତ କାର୍ଯ୍ୟ କରନ୍ତେ ତେବେ ଦୁନିଆଁଟା ସ୍ୱର୍ଗରେ ପରିଣତ ହୋଇପାରନ୍ତା ସିନା ! ସମାଜର ପ୍ରତ୍ୟେକ ଲୋକ ଯଦି ପରସ୍ପରର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସହଯୋଗ ସୂତ୍ରରେ ଆବଦ୍ଧ ହୁଅନ୍ତେ ତେବେ ଦୁନିଆରେ ଦୁଃଖ ଦୁର୍ଦ୍ଦଶା ରହନ୍ତା କାହିଁକି ? ସୁରଖିର ଆଖି ଛଳ ଛଳ ହୋଇ ଉଠିଲା । ଜୀବନରେ ବାଇଶିଟି ଋତୁ ଭୋଗ କରିଛି ସେ । କିନ୍ତୁ ଏଇ ଅଳ୍ପ ସମୟ ମଧ୍ୟରେ ତାର ଭାବପ୍ରବଣ ମନ ଦୁନିଆର ଦୁଃଖ ଦୁର୍ଦ୍ଦଶାରେ ତିକ୍ତ ହୋଇ ଉଠିଛି । ସେ ଦେଖିଛି ଏଇ ଧର୍ମାନ୍ଧତାର ସଂକୀର୍ଣ୍ଣତା କିପରି ଲକ୍ଷ ଲକ୍ଷ ମହାପ୍ରାଣୀଙ୍କୁ ଆଜ ସର୍ବହରା ପଥର ଭିକାରୀ କରି ବୁଲାଇଛି, ହଜାର ହଜାର ନିରୀହ ମାନବଶିଶୁର କଅଁଳ ଗୁଡ଼ିରେ କ୍ରୂର ରାକ୍ଷସର ଶାଣିତ ଛୁରିକା ଭୁଷି ଦେଇଛି – ଅସଂଖ୍ୟ ତରୁଣୀର ନଗ୍ନ ମାଂସ ଉପରେ ହିଂସ୍ର କ୍ଷୁଧିତ ବ୍ୟାଘ୍ର ପରି ଲମ୍ଫ ଦେଇ ଉଠିଛି । ଏସବୁ ଦେଖି ତାର ପ୍ରାଣ ହାହାକାର କରି ଉଠିଛି । ସେଥିପାଇଁ ସେ ଚାହେଁ ନାହିଁ କୌଣସି ସାମ୍ପ୍ରଦାୟିକତାର ଧାର ଧରିବା ପାଇଁ । ସେ ଚାହେଁ ସହଜ ସରଳ ସହାନୁଭୂତିଭରା ମାନବ ଜୀବନ ।

ଗୋଟିଏ ନୈଷ୍ଠିକ ଖ୍ରୀଷ୍ଟୀୟ ପରିବାରରେ ଜନ୍ମ ହୋଇଥିଲା ସୁରଖି । ପିଲାଦିନୁ ସେ ବାପ ମା'ଙ୍କ ସାଙ୍ଗରେ ପ୍ରତି ରବିବାରରେ ଯାଉଥିଲା ଗୀର୍ଜାକୁ । ସେଠାରେ ପାଦ୍ରି ସାହେବ ଧର୍ମଗ୍ରନ୍ଥ ପଢ଼ି

Digitized by PPRACHIN, SOA

ପ୍ରାର୍ଥନା କରୁଥିଲେ । ସୁରକ୍ଷା ସମସ୍ତଙ୍କ ସଙ୍ଗରେ ଆଣ୍ଠୁମାଡ଼ି ବସି ପ୍ରାର୍ଥନାରେ ଯୋଗ ଦେଉଥିଲା, ଗୀତ ଗାଉଥିଲା, କିନ୍ତୁ ତାର ଅର୍ଥ କିଛି ବୁଝି ନ ଥିଲା । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ସେ ବୁଝି ପାରିଲା ଯେ ଯେଉଁମାନେ ଗୀର୍ଜାକୁ ଯା'ନ୍ତି ସେମାନଙ୍କ ମଧ୍ୟରୁ ଅତି ଅଳ୍ପ ଲୋକେ ପ୍ରକୃତ ଧର୍ମରେ ଅନୁପ୍ରାଣିତ ହୋଇ ପ୍ରାର୍ଥନା କରନ୍ତି; କିନ୍ତୁ ଆଜ ଅଧିକାଂଶ ଗୀର୍ଜାକୁ ଯାଆନ୍ତି ଖାଲି ଗୋଟିଏ ମିଳାମିଶା ବା ଆସଙ୍ଗଲିପ୍ସା ନେଇ ।

ମେଡ଼ିକାଲ କଲେଜରେ ପଢ଼ୁଥିବା ବେଳେ ସୁରକ୍ଷାର ପରିଚୟ ହେଲା ତାର ପଢ଼ାସାଥୀ ସୁରେଶ ସଙ୍ଗରେ । ସୁରେଶ ଥିଲା ନୈଷ୍ଠିକ ହିନ୍ଦୁ ପରିବାରର ସନ୍ତାନ । ଉଭୟଙ୍କର ପରିଚୟ କ୍ରମଶଃ ଅନୁରାଗରେ ପରିଣତ ହେଲା । ଉଭୟେ ପରସ୍ପର ପ୍ରତି ପ୍ରଣୟାସକ୍ତ ହୋଇ ପଡ଼ିଲେ, କିନ୍ତୁ ଏ ଦୁଇଟି ପ୍ରେମାସକ୍ତ ପ୍ରାଣର ମଝିରେ ଏକ ଅଲଙ୍ଘ୍ୟ ମେଘନାଦ ପ୍ରାଚୀର ସୃଷ୍ଟିକଲା ଧର୍ମଗତ ପାର୍ଥକ୍ୟ ।

ସୁରକ୍ଷାର ପିତାମାତା ଯେତେବେଳେ ସୁରକ୍ଷାର ମନୋଭାବ ଜାଣିଲେ ସେତେବେଳେ ସହାନୁଭୂତିସୂଚକ କଣ୍ଠରେ କହିଲେ— ମା ତୋର ପସନ୍ଦରେ ଆମର ଅସମ୍ମତି ନାହିଁ, ତେବେ ସୁରେଶକୁ ଊର୍ବନ ନେଇ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ହେବ । ପିତାମାତାଙ୍କର ଏହି ସର୍ତ୍ତସମ୍ବଳିତ ସମ୍ମତି ସୁରକ୍ଷା କୌଣସିମତେ ଗ୍ରହଣ କରି ପାରିଲା ନାହିଁ । ସେ ଯୁକ୍ତି କରି କହିଲା— ତୁମେ ଯେପରି କହୁଛ ତାଙ୍କୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପାଇଁ, ତାଙ୍କର ପିତାମାତା ସେହିପରି ମୋତେ ହିନ୍ଦୁ ଧର୍ମ ଗ୍ରହଣ କରିବା ପାଇଁ ନ କହିବେ କାହିଁକି ? ଧର୍ମ ତ ହେଲା ମନର ଗୋଟିଏ ବିଶ୍ୱାସ । ଯେ

Digitized by PPRACHIN, SOA

ଯେପରି ପାରୁଛୁ ଭଗବାନଙ୍କୁ ପ୍ରାର୍ଥନା କରିପାରେ । ତା ଉପରେ ଏତେ ଜୋର ଦେବା କଣ ଉଚିତ ?

ସୁରଖିର ଏ ଯୁକ୍ତି ସମକ୍ଷରେ ତାର ପିତାମାତା କୌଣସି ଯୁକ୍ତି ଦେଖାଇ ପାରିଲେ ନାହିଁ ସିନା କିନ୍ତୁ ସେମାନଙ୍କର ଜନ୍ମଗତ

ସଂସ୍କାର ଧର୍ମାନ୍ତର ଗ୍ରହଣ ବିନା ଏ ବିବାହରେ ସମ୍ମତି ଦେଇ ପାରିଲା ନାହିଁ । ସୁରେଶର ପିତାମାତା ଏ ସମ୍ବାଦ ପାଇ ଏକବାରେ ଆତଙ୍କି ଉଠିଲେ । ସେମାନେ ଭାବିଥିଲେ ପୁଅକୁ ବିଭା କରାଇ ଘରକୁ ଆଣିବେ ଗୋଟିଏ ସାଲଙ୍କାର ସୁନାଖଡ଼ିକା ପରି ବୋହୂ । ବୋହୂ ଆସିଲେ ଘର ପୂରି ଉଠିବ । ବୁଢ଼ୀଙ୍କ ହାତରୁ କାମ ପାଇଟି ଛଡ଼େଇ ନେବ । ଏମିତି କେତେ କଣ । ତା ପରିବର୍ତ୍ତେ ପୁଅ ଯେତେବେଳେ ପ୍ରସ୍ତାବ କଲା ଯେ କଲେଜ ପଢ଼ୁଆ ଗୋଟାଏ ଖ୍ରୀଷ୍ଟାନ୍ ଝିଅକୁ ବିବାହ କରିବ ସେତେବେଳେ ସେମାନେ ଆତଙ୍କି ଉଠିଲେ । କିନ୍ତୁ ଗୋଟିଏ ବୋଲି ପୁଅ । କଣ କରିବେ ଆଉ ? ଶେଷରେ କେତେକ ସମାଜ ସଂସ୍କାରକ ପ୍ରସ୍ତାବ କଲେ ଯେ କନ୍ୟାକୁ ଶୁଦ୍ଧି କରାଇ ହିନ୍ଦୁ ଧର୍ମକୁ ନେଇ ଆସିଲେ ବିବାହ କରିବାରେ ଆଉ କୌଣସି ଅସୁବିଧା ନ ଥିବ । ସୁରେଶ ମନକୁ କିନ୍ତୁ ଏ କଥା ପାଇଲା ନାହିଁ । ସେ ଭାବିଲା ଏ ସବୁ ଶୁଦ୍ଧି ଫୁଦ୍ଧି କେବଳ ଆତ୍ମପ୍ରବଞ୍ଚନା ଛଡ଼ା ଆଉ କିଛି ନୁହେଁ । ସେ ଯୁକ୍ତି କରି କହିଲା—ମନୁଷ୍ୟ ସହିତ ମନୁଷ୍ୟର ସମ୍ବନ୍ଧ । ଏଟା ପ୍ରକୃତିର ଇଙ୍ଗିତ । ଏଥିରେ ଧର୍ମ ବା ସଂପ୍ରଦାୟର ସ୍ଥାନ କାହିଁ ?

ବହୁ ବାଧାବିଘ୍ନ ସତ୍ତ୍ୱେ ଉଭୟ ସଂପ୍ରଦାୟରେ ଧର୍ମଧ୍ୱଜୀ-ମାନଙ୍କର ଆପତ୍ତି ସତ୍ତ୍ୱେ ପ୍ରକୃତିହିଁ ଜିଣିଲା । ସୁରେଶ ଓ ସୁରଖିଙ୍କ ମଧ୍ୟରେ ଗୋଟିଏ ମାସ ପୂର୍ବମାନର ବିନମସ୍ଥରେ ବିବାହ ହୋଇଗଲା । ସେତେବେଳକୁ ସୁରେଶ ଓ ସୁରଖି ଦୁଇଜଣଯାକ

Digitized by PPRACHIN, SOA

ମେଡ଼ିକେଲ ଗ୍ରାଜୁଏଟ ହୋଇ ସାରିଥିଲେ । ସେମାନେ ଚାଲି ଆସିଥିଲେ ଏ ସୁଦୂର ସ୍ଥାନକୁ ଆପଣାର କର୍ମଜୀବନ କଟାଇବା ପାଇଁ ।

ସେମାନେ ଆଜି ହିନ୍ଦୁ ନୁହନ୍ତି କି ଖ୍ରୀଷ୍ଟାନ ନୁହନ୍ତି । ଯୋଡ଼ିଏ ଭାବଭିତ୍ତୋର ମାନବ ହୃଦୟର ମିଳନରେ କୌଣସି ସାଂପ୍ରଦାୟିକ ବିଭେଦର ସ୍ଥାନ ନାହିଁ । ସେମାନେ ସେବାଭାବକୁ ଆପଣାର ଧର୍ମ ରୂପେ ଗ୍ରହଣ କରିଛନ୍ତି । ଉଭୟେ ମିଳି ସ୍ଥାପନ କରିଛନ୍ତି ଏକ ଆଦର୍ଶ ସେବାସଦନ ଯେଉଁଠାରେ କି ଜାତି, ଧର୍ମ, ବର୍ଣ୍ଣ ସଂପ୍ରଦାୟ ନିର୍ବିଶେଷରେ ଆର୍ତ୍ତ ପୀଡ଼ିତର ଚିକିତ୍ସା କରାଯାଏ ।

ଆଦର୍ଶ ସେବାସଦନର ସୁନାମ ନାନା ସ୍ଥାନରେ ପରିବ୍ୟାପ୍ତ ହେବାକୁ ଲାଗିଲା । କାରଣ ସେଠାରେ ଯେଉଁ ଚିକିତ୍ସା କରାଯାଏ ତାହା ମାନବିକତା ଓ ଆନ୍ତରିକତା ଉପରେ ପ୍ରତିଷ୍ଠିତ ।

ସୁରେଶ ହଠାତ୍ ଖବର ପାଇଲା ଯେ ତାର ମା କଠିନ ରୋଗାକ୍ରାନ୍ତ ହୋଇ ପଡ଼ିଛନ୍ତି । ସେ କାଳ ବିଳମ୍ବ ନ କରି ଗାଁକୁ ଦୌଡ଼ିଯାଇ ଅଜ୍ଞାନ ଅବସ୍ଥାରେ ମା'ଙ୍କୁ ଚିକିତ୍ସା ପାଇଁ ନେଇ ଆସିଲା ସେବାସଦନକୁ । ସୁରେଶର ଚିକିତ୍ସା ଓ ସୁରଭିର ସେବାର ଫଳରେ ବୃଦ୍ଧା କ୍ରମଶଃ ରୋଗମୁକ୍ତ ହୋଇ ଉଠିଲେ । ଯେତେବେଳେ ତାଙ୍କ ଜ୍ଞାନର ସଞ୍ଚାର ହେଲା ସେତେବେଳେ ସେ ଦେଖିଲେ ଯେ ଜଣେ ନାରୀ ଅକ୍ଳାନ୍ତ ଭାବରେ ତାଙ୍କର ସେବା କରୁଛନ୍ତି । ବୃଦ୍ଧା ପ୍ରଥମେ କିଛି ବୁଝି ପାରି ନ ଥିଲେ । ତାପରେ ଯେତେବେଳେ ସେ ସୁରେଶଠାରୁ ବୁଝିଲେ ଯେ ଶୁଶ୍ରୂଷାକାରିଣୀ ତାଙ୍କର ପୁତ୍ରବଧୂ ସେତେବେଳେ ବୃଦ୍ଧାଙ୍କର ଜନ୍ମଗତ ଧର୍ମ ବିଶ୍ୱାସ ବା ସଂସ୍କାର କୁଆଡ଼େ ଉଭେଇଗଲା, ଜାଗି ଉଠିଲା ତାର ବଦଳରେ ମାତୃହୃଦୟର ସ୍ୱାଭାବିକ ବାତ୍ସଲ୍ୟ । ସେ ସୁରଭିକୁ କୁଣ୍ଢାଇ ପକାଇ

Digitized by PPRACHIN, SOA

କହିଲେ—ମା ତୋ ପରି ଲକ୍ଷ୍ମୀକୁ ପାଇ ସୁଦ୍ଧା ମୁଁ ଏପର୍ଯ୍ୟନ୍ତ କାଙ୍ଗାଳମା ହୋଇ ବସିଥିଲି ।

ତାପରେ ସୁରେଶକୁ ପାଖକୁ ଡାକି ବୁଢ଼ା କହିଲେ—ବାପ, ମୋର ଭ୍ରମ ଆଜି ତୁଟି ଯାଇଛି । ମୁଁ ଆଶୀର୍ବାଦ କରୁଛି, ଭଗବାନ ତୁମମାନଙ୍କର ମଙ୍ଗଳ କରନ୍ତୁ ।

Digitized by PPRACHIN, SOA

ଆଦର୍ଶ

ଦୀର୍ଘ କୋଡ଼ିଏ ବର୍ଷର ବିଶ୍ରାମବିହୀନ ବ୍ୟସ୍ତ ଜୀବନ ପରେ ଅଶେଷ କୁମାର ପ୍ରଥମଥର ପାଇଁ ଅନୁଭବ କଲେ ଅବସରର ଆବଶ୍ୟକତା । କାହିଁକି ?

ଅଶେଷ କୁମାର ଥିଲେ ଜଣେ ଅଖଣ୍ଡ ଆଶାବାଦୀ ଓ ଆଦର୍ଶବାଦୀ ମଧ୍ୟ । ଗୋଟାଏ ଆଦର୍ଶ ଉପରେ ଲକ୍ଷ୍ୟ ରଖି ସେ ଅବିଚଳିତ ଭାବରେ ଜୀବନର ଅର୍ଦ୍ଧଶତାବ୍ଦୀ ପାରହୋଇ ଆସିଛନ୍ତି । ଆଶାର ମୋହନବଂଶୀ ତାଙ୍କୁ ମନ୍ତ୍ରମୁଗ୍ଧ କରି ଟାଣି ନେଇ ଆସିଛି ଏତେଦୂର । ଜୀବନର ବହୁ ଝଡ଼ଝଞ୍ଜା ଭିତରେ ସେ ଗତିକରି ଆସିଛନ୍ତି ଏଇ ଆଶାର କୁହୁକ ମନ୍ତ୍ରରେ ମୁଗ୍ଧ ହୋଇ । କିନ୍ତୁ ହଠାତ୍ ଦିନେ ଅଶେଷକୁମାର ଅନୁଭବ କଲେ ଯେ ତାଙ୍କର ଆଶା ଚିରଦିନ ପାଇଁ ପ୍ରତିହତ ହୋଇଛି । ଆଉ ସେ ଆଗେଇ ପାରିବେ ନାହିଁ । କାହିଁକି ?

ଏଇ 'କାହିଁକି'ର ଉତ୍ତର ଅଶେଷ କୁମାର ବହୁ ଚେଷ୍ଟାକରି ଖୋଜି ପାଉନାହାନ୍ତି । ଆଗେଇଯିବା ପ୍ରତ୍ୟେକ ମାନବର ଆଜନ୍ମଗତ ଦାବୀ । ଏଇ ଦାବୀ ହିଁ ମନୁଷ୍ୟକୁ ଆଗେଇ ଯିବାରେ ଉତ୍ସାହିତ କରିଥାଏ । କିନ୍ତୁ ଅଶେଷକୁମାରଙ୍କ ପକ୍ଷରେ ଏଇ ଦାବୀ ପ୍ରତିହତ ହୋଇଛି । ତାଙ୍କର ଆଗେଇ ଯିବାର ବାଟ ଅବରୁଦ୍ଧ ହୋଇଛି । କେଉଁ ମତରେ ?

Digitized by PPRACHIN, SOA

ଅଶେଷ କୁମାର ପଛକୁ ଫେରି ଚାହିଁଲେ । ଆଖି ଆଗରେ ବିସ୍ମୃତିର ପରଦା ଭଳି ଉଙ୍କିମାରି ଚେଇଁ ଉଠିଲା ତାଙ୍କର ଛାତ୍ର ଜୀବନର ସ୍ମୃତି । ଜଣେ କୃତୀ ମେଧାବୀ ଛାତ୍ର ଭାବରେ ତାଙ୍କର ପ୍ରତିପତ୍ତି ଥିଲା ଯଥେଷ୍ଟ । ସେଥିପାଇଁ ସବୁ ଶିକ୍ଷକଙ୍କର ସୁଦୃଷ୍ଟି ଥିଲା ତାଙ୍କ ଉପରେ । ଫଳରେ ପ୍ରଥମ ଶ୍ରେଣୀରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଶେଷ କୁମାର ସ୍କଲାରସିପ୍ ମଧ୍ୟ ପାଇଥିଲେ । ତା ପରେ କଲେଜ ଜୀବନରେ ମଧ୍ୟ ଅନର୍ସର ସହିତ ପାଶ୍ କରିବାକୁ ସକ୍ଷମ ହୋଇଥିଲେ ଯାହାର ଫଳରେ ବି. ଏ. ପାଶକରିବା ପରେ ପରେ ମାତ୍ର କୋଡ଼ିଏ ବର୍ଷ ବୟସରେ ଅଶେଷ କୁମାର ସରକାରୀ ଚାକିରୀରେ ଭର୍ତ୍ତିହୋଇ ପାରିଥିଲେ । ସରକାରୀ ଚାକିର ପୁଣି ହାକିମି ଚାକିରୀ । ଖୋଦ୍ ମାଜିଷ୍ଟ୍ରେଟ ଚାକିରୀ । ଦଣ୍ଡମୁଣ୍ଡର ବିଧାତା । ତତ୍କାଳୀନ ଲୋକ ସମାଜରେ ଏ ପ୍ରକାର ଚାକିରୀର ଖାତିର ଥିଲା ଖୁବ୍ ବେଶୀ । କାରଣ ସେ ଚାକିରୀରେ ଥିଲା ବହୁତ କ୍ଷମତା ଓ ପ୍ରତିପତ୍ତି । କିନ୍ତୁ ତଥାପି ସେ ପ୍ରକାର ହାକିମୀ ଚାକିରୀ ଅଶେଷକୁମାରଙ୍କୁ ଶାନ୍ତି ଦେଇ ପାରି ନ ଥିଲା । କାରଣ ?

ଅଶେଷ କୁମାର ସରକାରୀ ଚାକିରୀ କରିଥିଲେ ସୁଦ୍ଧା ତାଙ୍କର ଦେଶାତ୍ମବୋଧ ଥିଲା ଖୁବ୍ ବେଶୀ । ସେ ଚାକିରୀ କରିଥିଲେ କେବଳ ପ୍ରଭାବ ପ୍ରତିପତ୍ତି ମୋହରେ ନୁହେ ଦେଶରେ କିଛି ଉପକାର କରିବା ମାନସରେ । ସେ ମଧ୍ୟ ଥିଲେ ଜଣେ ଉଚ୍ଚ ଧରଣର ଭାବୁକ, ଦାର୍ଶନିକ ଓ ଲେଖକ ମଧ୍ୟ । ବହୁ ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ଭିତର ଦେଇ ତାଙ୍କର ଅନ୍ତର୍ନିହିତ ଭାବଧାରା ଆତ୍ମପ୍ରକାଶ କରି ଉଠିଥିଲା । ଫଳରେ ବହୁ ପତ୍ର ପତ୍ରିକାରେ ଅଶେଷ କୁମାରଙ୍କର ବହୁ ଲେଖା ପ୍ରକାଶ ପାଇଥିଲା ଓ ସେ ଜଣେ କୃତୀ ସୁଲେଖକ ହିସାବରେ ଦେଶରେ ଖ୍ୟାତି ଲାଭ କରିଥିଲେ ।

Digitized by PPRACHIN, SOA

ଦେଶ ଓ ଦଶର ଉପକାର କରିବା ଥିଲା ତାଙ୍କର ଜୀବନର ବ୍ରତ । ସେଥିପାଇଁ ତାଙ୍କର ପ୍ରତ୍ୟେକ ଲେଖାରେ ଏହିପରି କେତେକ ଦେଶ ଗଠନ ଓ ସମାଜ ସଂସ୍କାରମୂଳକ ଲେଖା ଏତେ ଉତ୍କଟ ଭାବରେ ଆତ୍ମପ୍ରକାଶ କରି ପାରୁଥିଲା ଯେ ଅନେକ ସମୟରେ ତାଙ୍କର ଲେଖାର କଳାପାଠବ ତାଙ୍କର ଆଦର୍ଶର ପଛରେ ଲୁଚି ଯାଉଛି ବୋଲି ତାଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ୁଥିଲା । କିନ୍ତୁ ତଥାପି ଅଶେଷ କୁମାର ସେ ପ୍ରକାର ସମାଲୋଚନାକୁ ଭ୍ରୂକ୍ଷେପ ନ କରି ତାଙ୍କର ଆଦର୍ଶକୁ ମୁଖ୍ୟକରି ଲେଖାଲେଖି ଚଳାଇଥିଲେ କାରଣ ସେ ହୃଦୟରେ ଅନୁଭବ କରୁଥିଲେ ଯେ ସାହିତ୍ୟର ସୃଷ୍ଟି କେବଳ ଦେଶ ଓ ଦଶର ହିତ ଲାଗି । ଏ ପ୍ରକାର ଭାବନାର ମୂଳରେ ଥିଲା ଅଶେଷ କୁମାରଙ୍କର ଅଶେଷ ଲୋକପ୍ରୀତି ବା ଲୋକ ଉପକାର କରିବାର ଏକ ପ୍ରଚ୍ଛନ୍ନ ଇଚ୍ଛା ।

ଏହି ଆଦର୍ଶବାଦର ପଛରେ ଥାଇଁ ଅଶେଷ କୁମାର ହାକିମି ଚାକିରିର ମୋହଗୁଡ଼ି ଏପରି ଏକ ଲୋକସେବା ମୂଳକ ଚାକିରି ଧରିଥିଲେ ଯାହା ଫଳରେ କି ସେ ଭାବୁଥିଲେ ହୁଏତ ଦିନେ ସମାଜର ଶୋଷଣ ପେଷଣ ତାଙ୍କର କ୍ଷୁଦ୍ର ପ୍ରଚେଷ୍ଟାରେ କେତେକାଂଶରେ ଦୂର ହୋଇ ପାରିବ । ଏକ ସାମ୍ୟ ମୈତ୍ରୀ ଓ ପାରସ୍ପରିକ ସାହାଯ୍ୟ ମୂଳକ ସମାଜର ସୃଷ୍ଟିପାଇଁ ସେ ପ୍ରାଣପଣେ ଚେଷ୍ଟା କରି ଆସିଥିଲେ।

କ୍ରମଶଃ କର୍ମ ଜୀବନରେ ସେ ଯେତିକି ଅଗ୍ରସର ହେଉଥିଲେ ତାଙ୍କର ଆଦର୍ଶ ସେତିକି ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ତାଙ୍କ ଆଖି ଆଗରେ ଫୁଟି ଉଠୁଥିଲା । ସେ କିନ୍ତୁ ଅନୁଭବ କରୁଥିଲେ ଯେ ଯଦି ସେ ତାଙ୍କର କର୍ମ ସ୍ତରର ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ପାରନ୍ତେ ତେବେ ଯାଇ ତାଙ୍କର ଆଦର୍ଶକୁ ରୂପ ଦେବାରେ ସେ

Digitized by PPRACHIN, SOA

ସମର୍ଥ ହୋଇ ପାରନ୍ତେ । ତା ନ ହେଲେ ଯେ ତାଙ୍କର କଳ୍ପିତ ଆଦର୍ଶବାଦର ପ୍ରତିଷ୍ଠା ତାଙ୍କ ପକ୍ଷେ ସମ୍ଭବପର ହେବ ନାହିଁ ।

ଏଇ ଆକାଂକ୍ଷା ନେଇ ଅଶେଷ କୁମାର ଜୀବନର ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଏକ ମୁହାଁ ହୋଇ ଧାଇଁ ଆସିଛନ୍ତି ଏତେଦୂର । ବହୁ ଅସୁବିଧା ଭୋଗି ସାତସମୁଦ୍ର ତେର ନଈ ପାରହୋଇ ସାରା ପୃଥିବୀଟା ବୁଲି ଆସିଛନ୍ତି ଜୀବନରେ ଉତ୍ତରୋତ୍ତର ଜ୍ଞାନ ଓ ଅଭିଜ୍ଞତା ଲାଭ କରି ଏଇ ଆଦର୍ଶକୁ ରୂପ ଦେବାକୁ ସମର୍ଥ ହେବାଲାଗି । କିନ୍ତୁ ପ୍ରତି ପଦ କ୍ଷେତ୍ରରେ ତାଙ୍କୁ କେବଳ ବ୍ୟର୍ଥତାର ସମ୍ମୁଖୀନ ହେବାକୁ ପଡ଼ୁଛି କାରଣ ତାଙ୍କର ଆଦର୍ଶକୁ ରୂପ ଦେବାର ଉପଯୁକ୍ତ କ୍ଷେତ୍ର ସେ ପାଇପାରି ନାହାନ୍ତି । କେବେକେବେ ଯେତେବେଳେ ସେ ହତାଶ ହୋଇ ବସି ପଡ଼ନ୍ତି ତାଙ୍କର ବନ୍ଧୁବାନ୍ଧବମାନେ ତାଙ୍କୁ ପଚାରନ୍ତି—ବହୁତ ପରିଶ୍ରମ କରିବାକୁ ପଡ଼ୁଛି ନା ? ହଁ ବହୁତ କାମ । ନିଶ୍ଚୟ ହାଲିଆ ହୋଇ ପଡ଼ୁଥିବେ । କିନ୍ତୁ ଅଶେଷକୁମାର ପ୍ରକୃତରେ ହାଲିଆ ହୋଇ ପଡ଼ି ନ ଥିଲେ । ସେ କେବଳ ଆଘାତ ପାଉଥିଲେ ମନେ ମନେ କାରଣ ତାଙ୍କର ଆଦର୍ଶକୁ ରୂପ ଦେଇ ନ ପାରିବାର ବ୍ୟର୍ଥତା ତାଙ୍କୁ ଜୋରରେ ଧକ୍କା ଦେଉଥିଲା-ସେ ହସି ହସି ବନ୍ଧୁଙ୍କୁ ଉତ୍ତର ଦେଉଥିଲେ—

ସ୍କନ୍ଧଂ ନ ବାଧତେ ରାଜନ୍, ତବ 'ବାଧତି' ବାଧତେ ।

ଅର୍ଥାତ୍ କାୟିକ ପରିଶ୍ରମ ବାଧୁ ନାହିଁ ଯେ ଆଦର୍ଶର ବାହାର କାମ କରିବାକୁ ପଡ଼ୁଥିବାରୁ ମନ ଭିତରେ ଗୋଟାଏ ଗୁରୁ ଧକ୍କା ବାଜୁଛି ।

ସମୟର ଚକ୍ର ଘୂରିଗଲେ । ଦେଶର ପରାଧୀନତା ଯାଇ ସ୍ୱାଧୀନତା ଆସେ । ଅଶେଷ କୁମାରଙ୍କ ପ୍ରାଣରେ ନୂତନ ଆଶା ଜାଗିଉଠେ । କାରଣ ଦେଶର ନୂଆ ସମ୍ବିଧାନ ଉଚ୍ଚ ସ୍ୱରରେ ଜଣାଇଦିଏ ଯେ ପ୍ରତ୍ୟେକ ଦେଶବାସୀର ପୂର୍ଣ୍ଣ ଅଧିକାର ଅଛି

Digitized by PPRACHIN, SOA

ଦେଶର ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ପାରିବା ପାଇଁ ଓ ପ୍ରତ୍ୟେକ ଦେଶବାସୀଙ୍କୁ ଏଇ ଅଧିକାର ପୂର୍ଣ୍ଣଭାବରେ ଦିଆଯିବ । ସ୍ୱାଧୀନ ଦେଶର ନିର୍ମାତା ଜାତିର ପିତା କହନ୍ତି—ଗୋଟିଏ ହରିଜନ ବାଳକର ମଧ୍ୟ ସ୍ୱାଧୀନ ଅଧିକାର ଅଛି ରାଷ୍ଟ୍ରପତିର ଆସନରେ ଆରୂଢ଼ ହେବା ଲାଗି । ଅଶେଷ କୁମାରଙ୍କର ପ୍ରାଣରେ ଏକ ନୂତନ ଆଶାର ସଞ୍ଚାର ହୁଏ । ସେ ଆଗେଇ ଚାଲନ୍ତି ସେଇ ଆଶାର ପଛରେ ।

ଦେଶର ଲକ୍ଷ୍ୟ ସ୍ଥିରୀକୃତ ହୁଏ—ଏକ ଶ୍ରେଣୀହୀନ ସମାଜ, ଯେଉଁ ସମାଜରେ ପ୍ରତ୍ୟେକ ନାଗରିକର ପୂର୍ଣ୍ଣ ସ୍ୱାଧୀନତା ଅଛି ବିନା ବାଧାରେ ଅଗ୍ରସର ହେବା ପାଇଁ ।

ଶ୍ରେଣୀହୀନ ସମାଜ । ବାଃ, ଏ ତ ଠିକ୍ ସେଇ ଆଦର୍ଶ । ଯେଉଁ ଆଦର୍ଶର ପଛରେ ଅଶେଷ କୁମାର ଏ ପର୍ଯ୍ୟନ୍ତ ଧାଇଁ ଆସିଛନ୍ତି । ଯେଉଁ ଆଦର୍ଶର ପୀଠରେ ସେ ତାଙ୍କର ହାକିମୀ ଚାକିରୀ, ପ୍ରଭାବ ପ୍ରତିପତ୍ତି, କ୍ଷମତାର ମୋହକୁ ବଳି ଦେଇ ଆସିଛନ୍ତି । ପୁଣି ଏକ ନୂତନ ଆଶାର ରାଗିଣୀ ବାଜି ଉଠେ ଅଶେଷ କୁମାରଙ୍କ ପ୍ରାଣରେ । ସେ ଆଗେଇ ଚାଲନ୍ତି । ଆଗେଇ ଚାଲିଛନ୍ତି ଅଶେଷକୁମାର ଏକ ଆଶାଯୁକ୍ତ ପ୍ରାଣରେ । ହେଇ ତ ଦିଶୁଛି ଲକ୍ଷ୍ୟସ୍ଥଳ । ଆଉ ଗୋଟିଏ ଧାପ ମାତ୍ର । ଏଥର ଲକ୍ଷ୍ୟ ସ୍ଥଳରେ ନିଶ୍ଚୟ ସେ ପହଞ୍ଚି ପାରିବେ । ତାପରେ ? ବାସ୍, ଆଉ ଚିନ୍ତା ନାହିଁ । ଅବାଧରେ ସେ କାର୍ଯ୍ୟ କରିଯିବେ ତାଙ୍କର ଆଦର୍ଶକୁ ରୂପ ଦେବା ଲାଗି । ସେଇ ଆଦର୍ଶ । ଶ୍ରେଣୀହୀନ ସମାଜ । ପାରସ୍ପରିକ ସାହାଯ୍ୟକୃତ ସମାଜ । ଯେଉଁ ସମାଜର ମାଲିକ ହେଉଛି ଜନତା । ଆଉ ସେଇ ଜନତାର ସେବା ପାଇଁ ଉତ୍ପାଦକର ସୃଷ୍ଟି । ଦେଶର ଅଗଣିତ ନିରନ୍ନ ଜନତାର ମୁହଁରେ ମୁଠେ ଅନ୍ନର ସଂସ୍ଥାନ

Digitized by PPRACHIN, SOA

କରିବାକୁ ହେବ । ଭୂମିହୀନ କୃଷକଙ୍କୁ ସମଷ୍ଟିସୂତ୍ରେ ଭୂମିର ମାଲିକ କରିବାକୁ ହେବ । ପୁଞ୍ଜି, ସମ୍ବଳହୀନ କୁଟୀରଶିଳ୍ପୀଙ୍କୁ ତାର କ୍ଷମତା ଅବଲମ୍ବନରେ ସାହାଯ୍ୟ କରିବାକୁ ହେବ । ବିରାଟ ଆଦର୍ଶ ।

ଅଶେଷ କୁମାରଙ୍କ ଆଖିରେ ଦିଶେ ଏକ ଇନ୍ଦ୍ରଜାଲର ଛବି । ଏଇ ଦୁଃଖ ଦୈନ୍ୟ ଅଭାବ ଅନାଟନର ନଗ୍ନ ଦୁନିଆ । ପୁଣି ଆଗରେ ଦିଶୁଛି ଏକ ସାମ୍ୟ ମୈତ୍ରୀ ଓ ସମଷ୍ଟିଗତ ଉଦ୍ୟମର ସଦ୍ୟ ଫଳ । ଏକ ଶୋଷଣହୀନ ଶ୍ରେଣୀହୀନ ସମାଜ । ଯେଉଁ ସମାଜର ମୁଖ୍ୟ ମନ୍ତ୍ର ହେଉଛି—'ଜଣକ ପାଇଁ ସଭିଏଁ ଓ ସଭିଙ୍କ ପାଇଁ ଜଣେ'—ଯେଉଁ ସମାଜର ପ୍ରତୀକ ହେଉଛି—ହାତକୁ ହାତ ଛନ୍ଦି, କାନ୍ଧକୁ କାନ୍ଧ ମିଳାଇ ଚାଲିବେ ଅଗଣିତ ଜନତା, ଉନ୍ନତିର ପଥରେ ପ୍ରଗତିର ପଥରେ ।

ଅଶେଷ କୁମାର ଆଉ ଭାବି ପାରନ୍ତି ନାହିଁ । ଆନନ୍ଦ ଆତି-ଶଯ୍ୟରେ ଦେହ ରୋମାଞ୍ଚିତ ହୋଇ ଉଠେ । ବୁକୁ ଫୁଲି ଉଠେ । ପୁଣି ନିରାଶାର ଧକ୍କା ବାଜେ ଚିତ୍ତରେ । ଏତେ ଶୀଘ୍ର କଣ ଏହା ସମ୍ଭବ ?

ଅଶେଷକୁମାର ଟିକିଏ ଗୁମ୍ ମାରି ବସନ୍ତି । ପୁଣି ଆଶାର ରାଗିଣୀ ବାଜି ଉଠେ କାନରେ—ରୋମ୍ କ'ଣ ଏକାଦିନକେ ତିଆରି ହୋଇଥିଲା ? ଅଶେଷ କୁମାରଙ୍କ ଆଖିରେ ନାଚି ଉଠେ—ଡେନମାର୍କ ଦେଶର ଛବି । କେତେ ବର୍ଷ ତଳର କଥା । ଇଉରୋପର ସେଇ ଛୋଟିଆ ଦେଶ ଡେନ୍‌ମାର୍କର ସହର କୋପେନ୍ ହେଗେନ୍ । ଅଶେଷକୁମାର ସେଇ ସହରର ଗୋଟିଏ ଚଉଡ଼ା ରାସ୍ତା ଉପରେ ଛିଡ଼ା ହୋଇ ଚାହିଁଛନ୍ତି ଏକ ବିରାଟ ସୌଧକୁ । ଏକ ସମଷ୍ଟିଗତ ସମାଜର ପ୍ରଧାନ ପ୍ରତୀକ । ବୁଝି ଦେଖନ୍ତୁ—ଏଇ

Digitized by PPRACHIN, SOA

ସୌଧର ଇତିହାସ । ଶହେ ବର୍ଷର ଲହୁ ଲୁହରେ ତିଆରି । ଏଇ ସମଷ୍ଟିଗତ ସମାଜର ପ୍ରତ୍ୟେକ ନରନାରୀଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ ସେ ଦେଶର ଜନନାୟକମାନଙ୍କର ଆପ୍ରାଣ ଚେଷ୍ଟା ଗ୍ରାମେ ଗ୍ରାମେ ପଲ୍ଲୀପ୍ରୌଢ଼ ଶିକ୍ଷା କେନ୍ଦ୍ରର ସ୍ଥାପନ । ଜନତାର ଶିକ୍ଷା— ସମଷ୍ଟିଗତ ଜୀବନଯାପନ ପ୍ରଣାଳୀ—ସମଷ୍ଟିଗତ କାରବାରର ଆବଶ୍ୟକତା । ବାଃ, କି ଦୂର ଦୃଷ୍ଟି ! ଶହେ ବର୍ଷ ତଳେ ଯେଉଁମାନେ ଏଇ ପ୍ରକାର ସମାଜର ପରିକଳ୍ପନା କରିଥିଲେ, ହୁଏ ତ ତାଙ୍କ ଅସ୍ଥି ଚର୍ମ କେଉଁ କବରର ଅନ୍ଧକାରମୟ ଗର୍ଭରେ ମିଳାଇ ଗଲଣି, କିନ୍ତୁ ତାଙ୍କର ଭାବଧାରା ମରି ନାହିଁ—ଆଜି ତାହା ମୂର୍ତ୍ତି ହୋଇ ଉଠିଛି । ରୂପଧରି ବିଶ୍ୱବକ୍ଷରେ ଛିଡ଼ା କରିଛି ଏକ ନୂଆ ସମାଜ, ସମଷ୍ଟିଗତ ଜୀବନ ।

ଅଶେଷକୁମାରଙ୍କ ମନରେ ଆଶା ପୁଣି ଜାଗି ଉଠେ । ହୁଏତ ସେ ତାଙ୍କ ଜୀବନରେ ଏ ପ୍ରକାର ଏକ ସମାଜର ପୂର୍ଣ୍ଣାଙ୍ଗ ରୂପ ଦେଖିପାରିବେ ନାହିଁ କିନ୍ତୁ ସେ ତ ସେଥିର ମୂଳଦୁଆ ପକାଇବାରେ କିଞ୍ଚିତ ସାହାଯ୍ୟ କରିଯାଇ ପାରିବେ ? ବାସ୍, ସେଇ ଯଥେଷ୍ଟ । ସେତିକି ହିଁ ହେବ ତାଙ୍କ ଆଦର୍ଶର ପୂର୍ଣ୍ଣ ବିକାଶ ।

ଅଶେଷ କୁମାର ପୁଣି ଆଗେଇ ଚାଲନ୍ତି । ଆଉ ଅଳ୍ପ ଦୂର । ହେଇ, ହେଇ ତ ଲକ୍ଷ୍ୟ ଆଗରେ ଦିଶୁଛି ।

କିନ୍ତୁ ହଠାତ୍, ଅଶେଷ କୁମାରଙ୍କର ପଦ ପ୍ରତିହତ ହୁଏ । ଆଗେଇଯିବା ଆଉ ସମ୍ଭବ ନୁହେଁ । ଆଗରେ ଏକ ଅର୍ଗଳ । ପ୍ରହରୀର ତ କଡ଼ା ତାଗିଦ୍ । ବାସ୍ ସେତିକି । ରୁହ, ରୁହ, ରୁହ । ଆଉ ଯାଇ ପାରିବ ନାହିଁ । ଅଶେଷ କୁମାର ଚମକି ପଡ଼ି ଛିଡ଼ା ହେଲେ । ପ୍ରଥମଥର ପାଇଁ ଏକ ବ୍ୟର୍ଥତାର ଆଘାତ ତାଙ୍କ ପ୍ରାଣରେ

Digitized by PPRACHIN, SOA

ଖୁବ୍ ଜୋରରେ ଧକ୍କା ଦେଲା । ସେ କହିଲେ—"କାହିଁକି ? ଆଗରେ ଯେ ମୋର ଲକ୍ଷ୍ୟ । ମୋତେ ଯିବାକୁ ହେବ ।

ପ୍ରହରୀ ସଙ୍ଗୀନ ଦେଖାଇ କହିଲା ଏ ଅର୍ଗଳ ଡେଇଁ ଯିବାକୁ ତୁମର ଅଧିକାର ନାହିଁ ।

ଅଶେଷ କୁମାର ପଚାରିଲେ—କାହାର ଅଧିକାର ଅଛି ? ;

ପ୍ରହରୀ ଉତ୍ତର ଦେଲା ଯେଉଁମାନଙ୍କର 'ପାସ୍‌ପୋର୍ଟ' ଅଛି । ଅଶେଷ କୁମାର ପଚାରିଲେ—ସେ 'ପାସ୍‌ପୋର୍ଟ' କାହାର ଅଛି ? ପ୍ରହରୀ ଉତ୍ତର ଦେଲା—ସେ ଏକ ବିଶିଷ୍ଟ ଶ୍ରେଣୀର ବ୍ୟକ୍ତି । ତୁମର ନୁହେଁ ।

ଏକ ବିଶିଷ୍ଟ ଶ୍ରେଣୀ ? ଶ୍ରେଣୀହୀନ ସମାଜରେ ପୁଣି ଏକ ବିଶିଷ୍ଟ ଶ୍ରେଣୀ ଆସିଲା କାହୁଁ ?

ପ୍ରହରୀ କହିଲା—ମୁଁ ଜାଣେ ନା । ମୁ କେବଳ ପାସ୍‌ପୋର୍ଟ ଦେଖିବାକୁ ଚାହେଁ ।

ଅଶେଷ କୁମାର ପୁଣି ଥକ୍କା ହୋଇ ଛିଡ଼ା ହେଲେ । ପ୍ରଥମ ଥର ପାଇଁ ସେ ଅନୁଭବ କଲେ ଏକ ବ୍ୟର୍ଥତାର ଭୀଷଣ ଆଘାତ । ସମ୍ବିଧାନର ବାଣୀ ସ୍ୱାଧୀନ ଦେଶରେ ପ୍ରତ୍ୟେକ ମାନବର ଅଧିକାର ଅଛି ଜୀବନରେ ଚରମ ଉତ୍କର୍ଷ ଲାଭ କରିବ । ଅବାଧ ଅଧିକାର—ସବୁ ଖାଲି ମିଥ୍ୟା । ପ୍ରବଞ୍ଚନା ! ପୁଣି ଉତ୍କଟ ଭାବରେ ତାଙ୍କ ଆଖି ଆଗରେ ଫୁଟି ଉଠିଲା—ସେଇ ସୃଷ୍ଟିର ଆଦମ କାଳରୁ ଚଳି ଆସୁଛି ଯେଉଁ ମାତ—ଏକଛତ୍ର ନିରଙ୍କୁଶ ଅଧିକାର—କାହାର ? ଏକ ଶକ୍ତିଶାଳୀ ବ୍ୟକ୍ତି ବା ଗୋଷ୍ଠୀର । ଏଥିରେ କୃଷ୍ଟି ବା ହସ୍ତକ୍ଷେପ କରିବାର ନାହିଁ । ଗଣତନ୍ତ୍ର କେବଳ ଗୋଟାଏ ପ୍ରହସନ ମାତ୍ର । ସମ୍ବିଧାନର ବାଣୀ କେବଳ ଲେଖାର ବସ୍ତୁ ମାତ୍ର । ସମାଜ ସେଇ ମାନ୍ଧାତା ଅମଳରେ ଯାହା ଥିଲା ଏବେ ବି

Digitized by PPRACHIN, SOA

ସେମ୍ବା ଅଛି । ହୁଏ ତ ଚିରକାଳ ବି ସେଇଆ ଥିବ । ଇତିହାସର ପୁନରାବର୍ତ୍ତନ । ପଡ଼ୋଶୀ ଦେଶରେ ଜଣେ ସାମରିକ ଶକ୍ତି ସମ୍ପନ୍ନ ବ୍ୟକ୍ତିର ଏକଚ୍ଛତ୍ର ଅଧିକାର ଲାଭ ଦେଖି ବ୍ୟସ୍ତ ହୁଅ ନାହିଁ । ହୁଏତ ଜଣେ ବ୍ୟକ୍ତିବିଶେଷ ବଦଳରେ ଏକ ଗୋଷ୍ଠୀର ଏକଚ୍ଛତ୍ର ଅଧିକାର । ଏତିକି ତ ତଫାତ୍ । ବାଃ, ଚମତ୍କାର ବିବର୍ତ୍ତନ ।

ଅଶେଷ କୁମାର ଆଉ ଭାବି ପାରିଲେ ନାହିଁ । ହଠାତ୍ ଅନୁଭବ କଲେ ତାଙ୍କ ମୁଣ୍ଡ ଭିତରେ କପରି ସବୁ ଅଡ଼ୁଆ ହୋଇ ଯାଇଛି । ଯେମିତି ପୃଥିବୀଟା ଧୀରେ ଧୀରେ ତାଙ୍କ ପାଦତଳୁ ତଳକୁ ତଳକୁ ଖସି ଖସି ଯାଉଛି । ଆଉ ତାରି ଭିତରେ ରସାତଳକୁ ଖସି ଖସି ଯାଉଛି ତାଙ୍କର ଆଜନ୍ମର ଲକ୍ଷ୍ୟ ଆଦର୍ଶ ।

ଅଶେଷ କୁମାର ଭାରସାମ୍ୟ ସ୍ଥିର ରଖି ନ ପାରି ବସି ପଡ଼ିଲେ । ତାପରେ ଡାକ୍ତର ଡକାଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ । ଡାକ୍ତର କହିଲେ ରକ୍ତଚାପ ବୃଦ୍ଧି—ବ୍ଲଡ ପ୍ରେସର । ପୂର୍ଣ୍ଣ ବିଶ୍ରାମ ଲୋଡ଼ା ।

ଅଶେଷ କୁମାର ବିଶ୍ରାମ ନେଉଛନ୍ତି । ଦୀର୍ଘ ଅବସର । ଦିନ କଟେ ନାହିଁ ବସି ବସି । ଜୀବନସାରା କାମ କରି ଆସିଛନ୍ତି ସେ । ଆଳସ୍ୟ କ'ଣ କେବେ ବୁଝି ନାହାନ୍ତି । କିନ୍ତୁ ତଥାପି ବିଶ୍ରାମ ଦରକାର । ଡାକ୍ତର କହୁଛନ୍ତି ବିଶ୍ରାମ । ପୂର୍ଣ୍ଣ ବିଶ୍ରାମ ଲୋଡ଼ା ।

ଦେହଟା ବିଶ୍ରାମ ନେଇଛି ସତ । କିନ୍ତୁ ଅଶେଷ କୁମାର ବିଛଣାରେ ପଡ଼ି ମନେ ମନେ ଭାବୁଛନ୍ତି—କ୍ୱ ପନ୍ଥା ? ବାଟ କାହିଁ । ଆଗରେ ଅର୍ଗଳିଟା ଜକ୍ ଜକ୍ ଦିଶୁଛି—କାନରେ ବାଜୁଛି ପ୍ରହରୀର ସେଇ କଡ଼ା ଆବାଜ୍—ବାଟ ନାହିଁ ।

କିନ୍ତୁ ଅଶେଷ କୁମାର ଗୁଡ଼ିବାର ପାତ୍ର ନୁହନ୍ତି । ଭାବୁଛନ୍ତି—ଗୋଟାଏ ବାଟ ସିନା ବନ୍ଦ ? ଅନ୍ୟ ବାଟ କଣ ନାହିଁ ? ଆଶା

Digitized by PPRACHIN, SOA

କୁହୁକମ୍ମ କାନେ କାନେ କହୁଛି—ହଁ ଅଛି, ଅଛି ନିଶ୍ଚୟ—Where there is a will there is a way—ଅର୍ଥାତ୍ ଇଚ୍ଛା ଥିଲେ ବାଟ ନିଶ୍ଚୟ ମିଳିବ ।

ଅଶେଷ କୁମାର ଅଖଣ୍ଡ ଆଶାବାଦୀ । ଆଦର୍ଶଟା ଆସି ପୁଣି ଆଖି ଆଗରେ ଘୁରି ବୁଲୁଛି । ଅଶେଷ କୁମାର ମନେ ମନେ ଭାବୁଛନ୍ତି । ବର୍ତ୍ତମାନ ବାଟ କେଉଁଠି ? କାନରେ ଅହରହ ବାଜୁଛି—ସେଇ ବିରାଟ ଆଦର୍ଶର ଆହ୍ୱାନ ।



Digitized by PPRACHIN, SOA

ଆବର୍ତ୍ତ

ଅବଧୂତ ବାବୁ ଏକ ଅଦ୍ଭୁତ ଧରଣର ଲୋକ । କେଉଁକାଳୁ ଜଗନ୍ନାଥ ଦାସଙ୍କର ଏକାଦଶସ୍କନ୍ଧ ପଢ଼ିଥିଲେ କେଜାଣି କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କ ମୁହଁରୁ ସେଥିରେ ବର୍ଣ୍ଣିତ ଅବଧୂତଙ୍କ କାହାଣୀ ପଦେ ଦି-ପଦ ସେଇ ଅଭୁଲା ନବାକ୍ଷରୀ ଛନ୍ଦରେ ବାହାରି ପଡ଼େ - 'ଆହାରେ ଭଲମନ୍ଦ ନାହିଁ, ଯେ ସ୍ଥାନେ ଯେମନ୍ତ ମିଳଇ ।' କର୍ମୀ ଜୀବନର ଆରମ୍ଭଠାରୁ ଶେଷ ମାଇଲ ଖୁଣ୍ଟି ଦେଖାଯିବା ପର୍ଯ୍ୟନ୍ତ ଅବଧୂତ ବାବୁ ଠିକ୍ ସେଇ ପୁରାଣବର୍ଣ୍ଣିତ ଅବଧୂତଙ୍କ ପରି ଘୂରି ବୁଲିଛନ୍ତି ପୃଥିବୀର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ । ସୁତରାଂ ତାଙ୍କର ଜୀବନଯାତ୍ରା ସହିତ ତାଙ୍କ ନାମ ଓ ମତ ବେଶ୍ ଖାପ୍ ଖାଇ ଯାଇଥାଏ ।

କିନ୍ତୁ ଆଜି ଅବଧୂତ ବାବୁଙ୍କ ଜୀବନରେ ପ୍ରଥମ ଆଘାତ ବାଜିଲା ଯେଉଁଦିନ ଡାକ୍ତର କହିଦେଲେ ଯେ ଏଣିକି ଅବଧୂତ ବାବୁଙ୍କୁ ଜଗିରଖି ଚଳିବାକୁ ହେବ ବିଶେଷତଃ ଖାଇବା ପିଇବାରେ । ଏଣିକି କେବଳ ସିଝାସିଝି ଛଡ଼ା ଆଉ କିଛି ଖାଇବା ତାଙ୍କ ପକ୍ଷରେ ଗ୍ରହଣୀୟ ନୁହେଁ । ଅବଧୂତ ବାବୁଙ୍କୁ ଯେ ସିଝା ଭଲ ନ ଲାଗେ ତାହା ନୁହେଁ କାରଣ ନିଜ ଦେଶରୁ ବିଚ୍ଛିନ୍ନ ହୋଇ ଅବଧୂତ ବାବୁ ଯେତେବେଳେ ଆମେରିକା ଇଉରୋପ ପ୍ରଭୃତି ପାଶ୍ଚାତ୍ୟ ଦେଶରେ ବୁଲୁଥିଲେ ସେତେବେଳେ ଏଇ ସିଝାସିଝି ଛଡ଼ା ଆଉ କିଛି ତ ତାଙ୍କ ଭାଗ୍ୟରେ ଯୁଟୁ ନ ଥିଲା; ଅଥଚ ସେଇଥିରେ ସେ ପାଉଥିଲେ ପରମତୃପ୍ତି କାରଣ ତାଙ୍କର ସେଇ ଅବଧୂତ ମତରେ ସେ ଧରି ନେଇଥିଲେ—ଯେ ଦେଶ ଯାଇ

Digitized by PPRACHIN, SOA

ସେ ଫଳ ଖାଇ । ସୁତରାଂ ସେ ଯେ ଦେଶକୁ ଯାଉଛନ୍ତି ସେ ଦେଶର ଅସଂଖ୍ୟ ନରନାରୀ ଯେତେବେଳେ ଏଇ ସିଝାସିଝି ଖାଇ ବେଶ୍ ଚଳିଯାଇ ପାରୁଛନ୍ତି ସେ ବା ଚଳିଯାଇ ପାରିବେ ନାହିଁ କାହିଁକି ? ସେଥିପାଇଁ ସେ ଯେଉଁ କେତେଟା ଦିନ ବିଦେଶରେ ବୁଲୁଥିଲେ ସେତେବେଳେ କେବଳ ସିଝା ଖାଇ ଚଳିଯିବାରେ ସେ କୌଣସି ଅସୁବିଧା ଭୋଗ କରି ନାହାନ୍ତି । କାରଣ ତାଙ୍କର ମତ ଥିଲା—ମନର ମୂଳେ ଏ ଜଗତ, ମନକୁ କେବା ସମରଥ । ପୁଣି ସେଇ ଭଗବତର ଅମର ବାଣୀ । ମନ କଲେ ମନୁଷ୍ୟ ସବୁ କିଛି କରିପାଇପାରେ । ତେବେ ସେ ସମୟର ସିଝା ଖିଆ ଓ ଆଜିକାଲିର ସିଝାଖିଆ ମଧ୍ୟରେ ଯେ ପ୍ରଭେଦ ଅନେକ । ସେ ସମୟରେ ଅବଧୂତ ବାବୁ ସିଝା ଖାଇ ଚଳି ଯାଉଥିଲେ ନିଜର ମନ ଅନୁସାରେ, ସ୍ୱେଚ୍ଛାକୃତ ଭାବରେ, କିନ୍ତୁ ଆଜି ସେ ସିଝା ଖାଇବାକୁ ବାଧ୍ୟ ହେଉଛନ୍ତି ବାଧ୍ୟବାଧକତାରେ ପଡ଼ି ଡାକ୍ତରଙ୍କର ପରାମର୍ଶ ଅନୁସାରେ । ପ୍ରଭେଦ ନିଶ୍ଚୟ ଖୁବ୍ ବେଶି ଅବଧୂତ ବାବୁଙ୍କ ପକ୍ଷରେ ।

ଖାଇବା ପିଇବାରେ ଏଇ କଟକଣା ଆଜି ଅବଧୂତ ବାବୁଙ୍କର ବେପରୁଆ ଜୀବନରେ ସୃଷ୍ଟି କରିଦେଇଛି ଏକ ବିରାଟ ବ୍ୟବଧାନ । ସେ ଯେପରି ଗୋଟାଏ ଅନ୍ଧକୂପ ମଧ୍ୟରେ ନିବଦ୍ଧ ହୋଇ ପଡ଼ିଛନ୍ତି । ସେଇ ରୁଦ୍ଧ କକ୍ଷ ମଧ୍ୟରେ ବସି ଅବଧୂତ ବାବୁ ଯେପରି ଆଜି ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି । ଆଜି ତାଙ୍କର ମନେ ପଡ଼ୁଛି ସେଇ କେତେ ଦିନର କଥା, ଯାହା ଆଜି ବିସ୍ମୃତିର କଳା ପରଦା ଭିତରେ ଲୁଚି ଯାଇଥିଲା କିନ୍ତୁ ଆଜି କାହିଁକି ତାଙ୍କର ଇଚ୍ଛା ହେଉଛି ସେଇ କଳା ପରଦା ଆଡ଼େଇ ଦେଇ

Digitized by PPRACHIN, SOA

ଟିକଏ ଫାଙ୍କ କରି ଦେଖନ୍ତେ ତାଙ୍କର ବଗିଚା ଖୋଲି ଦେଇଥିଲା ଜୀବନର ମଧୁର ଅନୁଭୂତିର ଆସ୍ୱାଦ ଟିକଏ ଚାଖିବା ପାଇଁ ।

ଡାକ୍ତରଙ୍କର ପରାମର୍ଶ କ୍ରମେ ଅବଧୂତଙ୍କ ବାରବୁଲା ଜୀବନରେ ମଧ୍ୟ ଆଜି ବାଧା ପଡ଼ିଛି । ଡାକ୍ତର କହିଛନ୍ତି ଖାଲି ପିଇ ଖାଇବ ଆଉ ଖଟ ଉପରେ ଶୋଇ ରହିବ । ସେଥିପାଇଁ ଅବଧୂତ ବାବୁ ଚରକି ପରି ଘୂରୁଥିବା ତାଙ୍କର କର୍ମିଷ୍ଠପୂର୍ଣ୍ଣ ଜୀବନରେ ଗୋଟିଏ ଆଣ୍ଠ 'ବ୍ରେକ୍' ଦେଇ ଦେଇଛନ୍ତି । ଫଳରେ ସଦାବେଳେ ଘୂରୁଥିବା ଚକଟା ଅଟକି ଯାଇ ଏକ ଅବ୍ୟକ୍ତ ସ୍ୱରରେ ଆର୍ତ୍ତନାଦ କରି ଉଠୁଛି—କିନ୍ତୁ ଉପାୟ ନାହିଁ ଛିଲେ ମାତ୍ର ଅଗ୍ରସର ହେବା ପାଇଁ । ଏମିତି ଗୋଟାଏ ପରିସ୍ଥିତିର ଚାପରେ ପଡ଼ି ଅବଧୂତ ବାବୁ ଆଜି ତାଙ୍କ ବସା ଘରଟିର ଖଟଟି ଉପରେ ପଡ଼ି ଖବରକାଗଜରେ ଆଖି ବୁଲାଇ ନେଉଛନ୍ତି ।

ଖବର କାଗଜ । ଦୁନିଆର କେତେ ଦେଶବିଦେଶର ଖବର ବୋହି ଆଣୁଛି । ସ୍ୱଦେଶର ଖବର ବିଦେଶର ଖବର । ଅବଧୂତ ବାବୁ ଖବର କାଗଜ ଉପରେ ଆଖି ପକାଇଲାକ୍ଷଣି ତାଙ୍କର ଅବାଧ ମନଟା ପୁଣି 'ବ୍ରେକ୍'ରୁ ଫିଟିଯାଇ ବୁଲି ଆସୁଛି ଚଉଦ ବ୍ରହ୍ମାଣ୍ଡରେ । ହେଇ, ଆଜିକାର ଖବର କାଗଜ ଲେଖିଛି ମହାକାଶ ଅଭିଯାନରେ ରୁଷିଆ ଆମେରିକାକୁ ଟପିଗଲା । ରୁଷିଆର ମହାଜାଗତିକ ରକେଟ୍ ଚନ୍ଦ୍ରମଣ୍ଡଳକୁ ଭେଦକରି ପାଞ୍ଚଲକ୍ଷ ମାଇଲ ଉପରକୁ ଉଠି ସୌରମଣ୍ଡଳରେ ଘୂରି ବୁଲୁଛି ସୂର୍ଯ୍ୟଙ୍କର ଏକ ମଣିଷଗଢ଼ା ଉପଗ୍ରହ ଭାବରେ । ସେମିତି ଅବଧୂତ ବାବୁଙ୍କ ମନ ଡାକ୍ତରଙ୍କ ଶତ ବାଧାବିଘ୍ନ ନ ମାନି ରକେଟ୍ ଗତିରେ ଉଡ଼ି ବୁଲୁଛି । ଦୁନିଆର ଯେତେବେଳେ ସମସ୍ତେ ଗତିଶୀଳ, ଘୂର୍ଣ୍ଣାୟମାନ, କେବଳ ଅବଧୂତ ବାବୁ ସ୍ଥିତିଶୀଳ ହୋଇ ପାରିବେ କିପରି ?

Digitized by PPRACHIN, SOA

ଅବଧୂତ ବାବୁ ପୁଣି ଖବରକାଗଜ ଉପରେ ଆଖି ପକାଇଲେ । ବଡ଼ ବଡ଼ ଅକ୍ଷରରେ ବାହାରିଛି ଭାରତୀୟ କଂଗ୍ରେସର ଚଉଷଷ୍ଟି ଅଧିବେଶନର ବିବରଣୀ ବଡ଼ ବଡ଼ ଅକ୍ଷରରେ । ଦେଶପ୍ରତି ନୂଆ ନିର୍ଦ୍ଦେଶ । ଆସନ୍ତା ତିନି ବର୍ଷ ମଧ୍ୟରେ ପାଞ୍ଚ ଲକ୍ଷ ସମବାୟ କୃଷି ସମିତି ଗଢ଼ିବାକୁ ହେବ । ଭୂମି ସଂସ୍କାର ଆଇନ ପ୍ରଚଳନ କରି ବ୍ୟକ୍ତିଗତ ଭୂମ୍ୟଧିକାର ସୀମା ନିର୍ଦ୍ଧାରଣ କରିବାକୁ ହେବ । ବଳକା ଜମିରେ ଭୂମିହୀନ କୃଷକମାନଙ୍କୁ ନେଇ ସମବାୟ କୋଠ-କୃଷି ପ୍ରବର୍ତ୍ତନ କରିବାକୁ ହେବ । ଭାରତର ସାତ ପଛରେ ଚୀନ ତା'ର ଭୂମିସଂସ୍କାର ଓ କୋଠକୃଷି ନୀତି ପ୍ରୟୋଗ କରି ଆଜି ଦୁନିଆକୁ ଚମକାଇ ଦେଇଛି । ଭାରତ ପାରିବ ନାହିଁ କାହିଁକି ?

ଠିକ୍ କଥା ଏକା । ଅବଧୂତ ବାବୁଙ୍କ ମସ୍ତିଷ୍କ ଭିତରେ ଗୋଟାଏ ବିଦ୍ୟୁତ୍ ତରଙ୍ଗ ଖେଳିଗଲା । ଠିକ୍ କଥା ତ । ଏଇତ ଏକ ଚରମ ଆଦର୍ଶ । ଏଇ ଆଦର୍ଶ ପାଇଁ ଅବଧୂତ ବାବୁ ତାଙ୍କର ଜୀବନର କାମ୍ୟ କ୍ଷମତାମୋହ ପ୍ରତିପତ୍ତି ଇତ୍ୟାଦି ବହୁତ କିଛି ବଳିଦେଇ ଆସିଛନ୍ତି । ଏଇ ଆଦର୍ଶର ପରିପୂରଣ ପାଇଁ ସେ ତାଙ୍କର ନାମର ସାମଞ୍ଜସ୍ୟ ରଖି ଏକବାରବୁଲା ଜୀବନକୁ ବରଣ କରି ନେଇଥିଲେ ଓ ଏଇ ଆଦର୍ଶ ପାଇଁ ସେ ଯେ କେବଳ ସ୍ୱଦେଶର ପୁରପଲ୍ଲୀରେ ଘୂରି ବୁଲୁଥିଲେ ତାହା ନୁହେଁ ସୁଦୂର ଇଉରୋପ୍ ଆମେରିକାରେ ମଧ୍ୟ ବୁଲି ଆସିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ତାଙ୍କ ଆଦର୍ଶକୁ ରୂପ ଦେବାର ସୁବିଧା ସୁଯୋଗ ତାଙ୍କୁ ମିଳି ନ ଥିଲା । କିନ୍ତୁ ଆଜି ସେ ଚରମ ସୁଯୋଗ ଉପସ୍ଥିତ । ଦେଶ ଓ ଦେଶର ଆହ୍ୱାନ । ନା ଅବଧୂତ ବାବୁ ନୀରବରେ ବସି ରହି ପାରିବେ ନାହିଁ । କାଗଜ କଲମ ଧରି କେତେ କଣ ପରିକଳ୍ପନା ଲେଖିଗଲେ କିପରି ସେ ଦେଶର ଏ ଆହ୍ୱାନକୁ କାର୍ଯ୍ୟରେ ପରିଣତ

Digitized by PPRACHIN, SOA

କର ପାରବେ । କନ୍ତୁ ପରକ୍ଷଣରେ ଯେତେବେଳେ ସେ ତାଙ୍କର କଳ୍ପନା ରାଇଜରୁ ବାସ୍ତବ ରାଜ୍ୟକୁ ଫେର ଆସିଲେ ମନ ମଧ୍ୟରେ ପୁଣି ଏକ ଦ୍ୱିଧା ଦେଖାଦେଲା—ହଁ ତାଙ୍କର ପରକଳ୍ପନାକୁ କାର୍ଯ୍ୟରେ ପରଣତ କରବାର ସୁବଧା ତାଙ୍କୁ ମିଳିଲେ ତ ?

ଗୃହିଣୀ ଡାକଲେ, କଣ ଏଣୁ ତେଣୁ ଗୁଡ଼ାଏ ଭାବି ଯାଉଛ ? ଡାକ୍ତର କହୁଛନ୍ତି ପରା ଚୁପକର ଶୋଇବା ପାଇଁ । ହଁ, ଡାକ୍ତର କହୁଛନ୍ତି—ଦେହଟା ଉପରେ ଡାକ୍ତରର ଅଧିକାର । ସେ ଦେହଟାକୁ ବଧାଇ ରଖିବାକୁ ଚାହେଁ । କନ୍ତୁ ମନଟା ? ମନଟା ଯେ ଅବାଧ । ତାକୁ ଅଟକାଇବା କଣ ସହଜ ? ଅବଧୂତବାବୁ ମନେ ମନେ ହସି ଉଠିଲେ ।

ଅବଧୂତ ବାବୁଙ୍କ ଅଶୀତିବର୍ଷୀୟା ବୁଢ଼ୀ ମା ଆସି ଡାକଲେ—ଆ ଖାଇବୁ ଆ । ଦନ ବାରଟା ବାଜଲାଣି । ଅବଧୂତବାବୁ ପୁଣି ଚମକ ପଡ଼ିଲେ । ମା । ହଁ ମା' ଆକାଶଠୁଁ ବଡ଼ ପିତା ମାତା ବଡ଼ ପୃଥିବୀ ଅପେକ୍ଷା । ମାଙ୍କ ଆଗରେ ଅବଧୂତବାବୁ ଚରଦନ ପିଲା ଯଦିଓ ତାଙ୍କର ମୁଣ୍ଡର ବାଳ ପାଚ କଅଁଳ ଧରଲାଣି ଓ ସେ ତାଙ୍କ ଜୀବନର ଅର୍ଦ୍ଧ ଶତାବ୍ଦୀ କେତେଦନୁଁ ଟପି ଆସିଲେଣି । ଡାକ୍ତର କହନ୍ତି—ପୁଅ ସିଝା ଖାଇବ । ସେଥିପାଇଁ ମା ପୁଅ ପାଇଁ ସିଝାଇ ଦଅନ୍ତି ପ୍ରାୟ ଅଧ ଟୋକେଇ ପରବା । ଡାକନ୍ତି--ଆ, ପୁଅ ଖାଇବୁ ଆ । ଅବଧୂତବାବୁ ଆସି ଥାଳ ପାଖରେ ବସି ଦେଖନ୍ତି ତ ତାଙ୍କ ଥାଳ ଚାରିପାଖରେ ପୂରି ରହିଛି କେତେ ପ୍ରକାରର ସିଝା, କଞ୍ଚା କଦଳୀ, ବାଇଗଣ, ଅମୃତଭଣ୍ଡା, ଫୁଲକୋବି, ବନ୍ଧାକୋବି କେତେ କ'ଣ ?

ଅବଧୂତ ବାବୁ ମନକୁ ମନ ହସନ୍ତି, କହନ୍ତି—ମା,ଏତେଗୁଡ଼ାଏ ଖାଇବ କେମିତି ? ମା କହନ୍ତି, ଏଁ ଏତେ ଗୁଡ଼ାକ ? କାହିଁରେ କାହିଁ,

Digitized by PPRACHIN, SOA

ଦନ୍ତା ଫଳ ମୂଳ ସିଝାଇ ଦେଇଛୁ ନା ଖାଇଦେଲେ ଯାଣିପତ୍ର କୁଆଡ଼େ ମିଳେଇ ଯିବ । ଅବଧୂତ ବାବୁ ପୁଣି ଫେରିଯାନ୍ତି ତାଙ୍କର ସେଇ ଶିଶୁ ଜୀବନକୁ ।

ସେ ସେତେବେଳେ ଖୁବ୍ ପାଞ୍ଚ ବର୍ଷର ପିଲା । ନିପଟ ମଫସଲ ଗାଁରେ ତାଙ୍କର ଜନ୍ମ । ସେତେବେଳେ ମଫସଲ ଗାଁରେ ଆଜିକାଲିକାର ଶିଶୁ ଖାଦ୍ୟ ସପନ ପରି । ସେଥିପାଇଁ ମା ତାଙ୍କର ତାଙ୍କୁ ଖୁଆଇ ଦେଉଥିଲେ ଦିନ ଦି'ଘଡ଼ି ହେବା ବେଳକୁ ପେଜମିଶା ଅଗାଧିଆ ଭାତ ପୁଞ୍ଜାଏ ଆଉ ତା ସଙ୍ଗେ ସେଇ ଭାତରେ ପଡ଼ି ସିଝିଯାଇଥିବା ବାଇଗଣ ଚକଟା ଗୋଟାଏ ଦନ୍ତା । ବାସ୍ ସେତିକରେ ପେଟପୂରା । ପିଲାଟିଦିନୁ ଅବଧୂତଙ୍କ ରୂପ ଥିଲା ଠିକ୍ ଗୋଟିଏ ପେଟୁଆ ଗଣେଶ । ଗଣେଶଙ୍କ ପରି ସେ ଅବଶ୍ୟ ପାଠ ପଢୁଥିଲେ କିନ୍ତୁ ଖେଳାବୁଲା କରୁଥିଲେ କ୍ୱଚିତ୍ । କାରଣ ସବୁରି ମୁହଁରୁ ସେ ତାଙ୍କର ପଢ଼ାପଢ଼ି ପାଇଁ ପ୍ରଶଂସା ପାଉଥିଲେ । ଆଉ ମା ତାଙ୍କର ବରାବର ଗର୍ବକରି କହୁଥିଲେ ମୋ ପୁଅ ପରି କାହା ପୁଅ ହେବ ଯେଉଁଠି ବସାଇଦେଇ ଯାଇଥିବ ସେଇଠି ବସିଥିବ ବଣ୍ଟା ଖଣ୍ଡିକ ଧରି । ହଁ, ସେତେବେଳେ ତାହାହିଁ ଥିଲା ଆଦର୍ଶ । କିନ୍ତୁ ଅବଧୂତ ବାବୁ ପରି ଜୀବନରେ ତାଙ୍କର ପିଲାଦିନର ଅଭ୍ୟାସକୁ ବଦଳାଇ ଦେଇ ପାରିଥିଲେ ସୁଦ୍ଧା ତାଙ୍କର ଶାରୀରିକ ଗଠନକୁ ବଦଳାଇ ପାରି ନ ଥିଲେ ।

ଏମିତି ମୋଟାସୋଟା ଲୋକଟିଏ ହୋଇଥିଲେ ସୁଦ୍ଧା ମା'ଙ୍କ ଆଖିରେ ଏବେ ବୁଢ଼ା ଅବଧୂତ ବାବୁ ଦେଖାଯାନ୍ତି ଯେପରି ଅତି ରୋଗା ମଣିଷଟିଏ । ସେଥିପାଇଁ ମା'ଙ୍କ ଜିଦରି ପୁଅ କପରି ବେଶୀକରି ଖାଇବ । ଡାକ୍ତର କହିଛନ୍ତି ସିଝା ଖାଇବ ତ; ଖାଉ, ସିଝା ଖାଉ କିନ୍ତୁ ବାର ରକମର

Digitized by PPRACHIN, SOA

ସିଝା ଖାଇ ପେଟଟା ଭର୍ତ୍ତି ନ କଲେ ପିଲାଟା ଶୁଖି ଯିବ ନାହିଁ ? ଡାକ୍ତର ଯେ କହୁଛନ୍ତି ଅବଧୂତ ବାବୁଙ୍କୁ ଟିକିଏ ଶୁଖିଯିବାକୁ ପଡ଼ିବ। ପେଟଟି ଟିକିଏ କମାଇବାକୁ ହେବ । ଏକଥା ମା ଶୁଣିବାକୁ ନାରାଜ । ଏକଥା ଶୁଣିଲେ ସେ ଜିଭ କାମୁଡ଼ି ପକାଇ କହନ୍ତି— ମାଲୋ ମା ଏ କି କଥା ! ପିଲାଟାର କୋଉ ପେଟ ଏମିତି ବଢ଼ିଛି ଯେ ସମସ୍ତଙ୍କ ଆଖି ପଡ଼ୁଛି ତା'ର ଉପରେ ?

ମା'ଙ୍କ ସାଙ୍ଗକୁ ଯୁଟିଛନ୍ତି ସେମିତି ନଗ୍ଭେଉବନ୍ଧା ଗୃହିଣୀ ଜ । ଡାଲି ଟିକିଏ ଆଣେ, ବାଇଗଣ ଝୋଳ ଟିକିଏ ଖାଅ, ଦୁଧ ଗିଲାସେ ପିଇଦିଅ ଏମିତି ଏମିତି କେତେ ଜଗର କରନ୍ତି ସ୍ୱାମୀଙ୍କୁ ବଳେଇ ବଳେଇ ଖୁଆଇବା ପାଇଁ । ଏଟା ଯେ ଆମ ଦେଶର ଗୃହିଣୀଙ୍କର ସ୍ୱଭାବସିଦ୍ଧ ପ୍ରବୃତ୍ତି । ଫଳରେ ଡାକ୍ତରଙ୍କ ଶତ ସତର୍କ ସତ୍ତ୍ୱେ ଅବଧୂତ ବାବୁଙ୍କର ଖାଦ୍ୟର ପରିମାଣ କମେ ନା ।

ଖାଲି ଖାଇବାର କଟକଣା ନୁହେଁ ଯେ ଅବଧୂତ ବାବୁ ଜୀବନରେ ଅନୁଭବ କରନ୍ତି ଯେପରି ସେ ଗୋଟାଏ ଘୂର୍ଣ୍ଣାୟମାନ ଆବର୍ତ୍ତ ମଧ୍ୟରେ ପଡ଼ି ଉବୁଟୁବୁ ହେଉଛନ୍ତି । ଏଇ ଆବର୍ତ୍ତର ସୃଷ୍ଟି କରୁଛି ତାଙ୍କର ପାରିପାର୍ଶ୍ୱିକ ଅବସ୍ଥା । ସେ ଗୋଟାଏ ଚିକିତ୍ସା ବିଭ୍ରାଟର ସମ୍ମୁଖୀନ ହୋଇଛନ୍ତି ।

ଅବଧୂତ ବାବୁ ନିଜେ ଜଣେ ହୋମିଓପାଥ । ପ୍ରାୟ କୋଡ଼ିଏ ବର୍ଷ ହେଲା ସେ ହୋମିଓପାଥି ଚର୍ଚ୍ଚା କରି ଆସିଛନ୍ତି ଓ ସଫଳ ଭାବରେ ପ୍ରୟୋଗ କରି କୃତକାର୍ଯ୍ୟ ହୋଇଛନ୍ତି ମଧ୍ୟ । ଏହି ସ୍ୱଳ୍ପବ୍ୟୟ ହୋମିଓପାଥି ଚିକିତ୍ସା ଫଳରେ ସେ ନିଜର ପିଲାପିଲିଙ୍କର ଚିକିତ୍ସା ପାଇଁ ଗତ କୋଡ଼ିଏ ବର୍ଷ ଧରି କୌଣସି ଡାକ୍ତର କବିରାଜଙ୍କର ଦ୍ୱାରସ୍ଥ ହୋଇ ନ ଥିଲେ । କିନ୍ତୁ ଏବେ ନିଜ ଉପରେ ନିଜେ ଚିକିତ୍ସକ ହେବା ସମ୍ଭବ ନୁହେଁ । ତା'ପରେ ପୁଣି ଏଥିମଧ୍ୟରେ

Digitized by PPRACHIN, SOA

ତାଙ୍କର ଆତ୍ମୀୟସ୍ୱଜନ ଡାକ୍ତର ହୋଇଗଲେଣି । ସୁତରାଂ ତାଙ୍କୁ ତାଙ୍କର ନିଜ ଆଦର୍ଶ ଗୁଡ଼ ଡାକ୍ତରି ଚିକିତ୍ସା କରିବାକୁ ସେ ବାଧ୍ୟ ହେଉଛନ୍ତି । ଖାଲି ସେତିକି ନୁହେଁ, ତାଙ୍କର ଆତ୍ମୀୟସ୍ୱଜନ ମଧ୍ୟରେ ମଧ୍ୟ ଖୁବ୍ ବଡ଼ କବିରାଜ ଅଛନ୍ତି । ସୁତରାଂ ମଝିରେ ମଝିରେ କବିରାଜି ଚିକିତ୍ସା ମଧ୍ୟ କରନ୍ତି । ତା ଛଡ଼ା ତାଙ୍କର ଅସଂଖ୍ୟ ହିତାକାଂକ୍ଷୀମାନଙ୍କଠାରୁ ଅସଂଖ୍ୟ ଉପଦେଶ ମିଳେ—କିଏ କହନ୍ତି ମଦ୍ଯପାଣି ପିଅ, କିଏ କହନ୍ତି ପେଟରେ ଓଦାକନା ଦେଇ ବସ, କିଏ କହନ୍ତି ମୁଣ୍ଡରେ ହିମସାଗର ତେଲ ମାଖ, କିଏ କହନ୍ତି ଅମୁକ ପଥ ସହିତ ଅଡ଼େଇଟା ଗୋଲମରିଚ ବାଟି ପିଅ । ଏମିତି କେତେ କେତେ ଉପଦେଶ । ଖାଲି ସେତିକିରେ ମଧ୍ୟ ଅବଧୂତ ବାବୁଙ୍କୁ ଶାନ୍ତି ମିଳେ ନାହିଁ । ତାଙ୍କର ବନ୍ଧୁବାନ୍ଧବମାନଙ୍କ ମଧ୍ୟରୁ କେତେକ ସେ କାଳର ଲୋକ କହନ୍ତି—ଗୁଣି ଗାରଡ଼ି କରିବା ପାଇଁ କିମ୍ବା ମନ୍ତ୍ରା ଡେଉଁରିଆଟିଏ ବାହାରେ ବାନ୍ଧିଦେବା ପାଇଁ । ଆଉ କେତେ ହିତାକାଂକ୍ଷୀ କହନ୍ତି—ଗ୍ରହ ଅବଳ ହୋଇଛି—ଗ୍ରହପୂଜାଟିଏ କରିଦେଇ ଗ୍ରହବିପ୍ରଙ୍କୁ ଗୋଟାଏ କାଳିଆ ଗଞ୍ଜା କୁକୁଡ଼ା ଦେଇ ଦେଲେ ଅବଳଟା କଟିଯିବ ନିଶ୍ଚୟ ।

ଏମିତି ଏମିତି ଅସଂଖ୍ୟ ଅଯାଚିତ ଉପଦେଶ ଆସି ଅବଧୂତ ବାବୁଙ୍କ ଉପରେ ଅଜାଡ଼ି ପଡ଼େ । କାରଣ ଚିରଦିନ ଅବଧୂତବାବୁ ଜଣେ ପରୋପକାରୀ ବ୍ୟକ୍ତି ଭାବରେ ପରିଚିତ ହୋଇ ଆସିଛନ୍ତି ଓ ବହୁତ ଲୋକଙ୍କର ଅଯାଚିତ ଉପକାର କରିଛନ୍ତି ମଧ୍ୟ, ଯଦିଓ ପ୍ରତ୍ୟୁପକାର ପାଇଛନ୍ତି ଖୁବ୍ କମ୍ ଲୋକଙ୍କଠାରୁ । ତଥାପି ଅବଧୂତ ବାବୁ ଜଣେ ଲୋକପ୍ରିୟ ଲୋକ । ବହୁ ଲୋକଙ୍କ ସହିତ ତାଙ୍କର ସମ୍ପର୍କ । ସେଥିପାଇଁ ବହୁଲୋକଙ୍କଠାରୁ ବହୁ ଅଯାଚିତ ଉପଦେଶ ଆସି ଅବଧୂତ ବାବୁଙ୍କ ଉପରେ ଅଜାଡ଼ି ପଡ଼େ ।

Digitized by PPRACHIN, SOA

ଫଳରେ ଅବଧୂତବାବୁ ଅଧିକ ବିବ୍ରତ ହୋଇ ପଡ଼ନ୍ତି । କଣ କରିବେ ?

ଅବଧୂତ ବାବୁଙ୍କ ମନରେ ଯେତେବେଳେ ଏଇ ପ୍ରଶ୍ନ ଅତି ତୀବ୍ର ଭାବରେ ଆଲୋଡ଼ିତ ହେଉଥାଏ ଓ ତାର ସମାଧାନ ସେ ଖୋଜି ପାଉ ନ ଥାନ୍ତି ସେତେବେଳେ ତାଙ୍କର ଟିକି ନାତୁଣୀଟି ତାର ଗୁଲୁଗୁଲିଆ କଥାରେ ଗାଉଥାଏ—

"ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ ।"

ଅବଧୂତ ବାବୁ ଅନୁଭବ କରନ୍ତି ଯେ ବାସ୍ତବିକ ଜୀବନଟା ଖାଲି ଗୋଟାଏ ଚକାଭଉଁରୀ—ଗୋଟାଏ ଚିର ଘୂର୍ଣ୍ଣାୟମାନ ଆବର୍ତ୍ତ ।

— ସ ମା ପ୍ତ —

ପ୍ରିଣ୍ଟର—ଶ୍ରୀ ଜୟନ୍ତ ଷାଡ଼ଙ୍ଗୀ,
ଶ୍ରୀ ରାଧାନାଥ କୋ-ଅପରେଟିଭ ପ୍ରେସ, କଟକ—୧୯୫୯ ।

Digitized by PPRACHIN, SOA